# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, March 26/2026 | Page 14 | ₹ 7.00

୫୨ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 120 | ମୂଲ୍ୟ ₹୭/-





**ଭାରତୀୟ କୋଚିଂ କ୍ୟାମ୍ପରେ ଅବନୀତ**

ଭାରତୀୟ ସିନିୟର ପୁରୁଷ ଫୁଟବଲ ଦଳର ଏକ କୋଚିଂ କ୍ୟାମ୍ପରେ ଯୋଗ ଦେଇଛନ୍ତି ନେପାଳ ଡିଫେଣ୍ଡର ଅବନୀତ ଭାରତୀ।

୧୪

୧୩

**ମଡେଲିଂରୁ ଅଭିନୟ**

ଅଭିନେତ୍ରୀ ୟାମି ଗୌତମ ପ୍ରଥମେ ମଡେଲିଂ ଏବଂ ପରେ ଅଭିନୟ ଜଗତରେ ପାଦ ଥାପିଥିଲେ। ୨୦୧୨ରେ ତାଙ୍କୁ ହିନ୍ଦୀ ଫିଲ୍ମ 'ଭିକି ଡୋନର'ରେ ପ୍ରଥମେ ବ୍ରେକ୍ ମିଳିଥିଲା।






ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଘରୋଇ ରନ୍ଧନ ଗ୍ୟାସ ଅଭାବ ଲାଗି ରହିଥିବାବେଳେ ରାଞ୍ଚିର ଏକ ଏଲ୍‌ପିଜି ଏଜେନ୍ସି ବାହାରେ ବୁଧବାର ମହିଳାମାନେ ଖାଲି ସିଲିଣ୍ଡର ରଖି ଖରାରେ ଅପେକ୍ଷା କରି ରହିଛନ୍ତି।

# ରାଜ୍ୟରେ ଦୈନିକ ୪ ହତ୍ୟା, ୮ ବଳାତ୍କାର

## ଶ୍ୱେତପତ୍ର -୨୦୨୫

**ବିଧାନସଭାରେ ବୁଧବାର ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଗୃହ ବିଭାଗ ପକ୍ଷରୁ ୨୦୨୫ ବର୍ଷ ପାଇଁ ଶ୍ୱେତପତ୍ର ଜାରି କରାଯାଇଛି। ୨୦୨୫ରେ ରାଜ୍ୟରେ ୨,୨୯,୮୮୧ଟି ଧର୍ତ୍ତବ୍ୟ ଆପରାଧିକ ମାମଲା ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ବର୍ଷ ଶେଷ ସୁଦ୍ଧା ୧ଲକ୍ଷ ୫୫ ହଜାର ୨୨୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ବା ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ଧର୍ତ୍ତବ୍ୟ ଅପରାଧ ତାଲିକାରେ ମୋଟ ୧,୩୦୪ଟି ହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୧,୨୧୮ ହତ୍ୟା ମାମଲା ସତ୍ୟ ଘଟଣା ଥିଲା ବୋଲି ଜଣାପଡ଼ିଛି। ୨୦୨୫ ଶ୍ୱେତପତ୍ର ରିପୋର୍ଟରେ ଯେଉଁ ତଥ୍ୟ ଦିଆଯାଇଛି ସେଥିରୁ ଜଣାପଡ଼ିଛି ପ୍ରତିଦିନ ରାଜ୍ୟରେ ପ୍ରାୟ ୪ଜଣ ହତ୍ୟାର ଶିକାର ହେଉଛନ୍ତି। ସେହିପରି ଏହି ବର୍ଷ ରାଜ୍ୟରେ ମୋଟ ୨,୯୯୪ଟି ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୨,୯୨୯ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅର୍ଥାତ୍ ଦୈନିକ ୮ଜଣ ରାଜ୍ୟରେ ବଳାତ୍କାରର ଶିକାର ହେଉଥିବା ଗୃହ ବିଭାଗର ତଥ୍ୟ ସୂଚାଉଛି। ସଦ୍ୟ ପ୍ରକାଶିତ ଆପରାଧିକ ତଥ୍ୟ ୨୦୨୪ ଅପେକ୍ଷା ଅଧିକ ବୋଲି ଜଣାପଡ଼ିଛି। ୨୦୨୪ରେ ୧୨୫୮ଟି ହତ୍ୟା ଓ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିଲା। ୨୦୨୪ରେ ୨,୧୪,୧୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରୁଜୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି।**

ଭୁବନେଶ୍ୱର, ୨୫।୩(ସୁନୀତ ମିଶ୍ର)

୨୦୨୪ ଶ୍ୱେତପତ୍ରକୁ ୨୦୨୫ ସହିତ ତୁଳନା କଲେ ପୂର୍ବବର୍ଷ ଅପେକ୍ଷା ମୋଟ ଆପରାଧିକ ମାମଲା ପଞ୍ଜୀକରଣ ସଂଖ୍ୟାରେ ବୃଦ୍ଧି ପାଇଛି। ୨୦୨୪ରେ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୩୦୪ରେ ପହଞ୍ଚିଛି। ତେବେ ବଳାତ୍କାର ମାମଲା ପୂର୍ବ ବର୍ଷ ଅପେକ୍ଷା କମ୍ ହୋଇଥିବା ଜଣାପଡ଼ିଛି। ପୂର୍ବ ବର୍ଷରେ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିବାବେଳେ ଏବେ ଏହା ୨୯୯୪କୁ ହ୍ରାସ ପାଇଛି। ସେହିପରି ୨୦୨୫ ବର୍ଷରେ ମୋଟ ୩୫୩ଟି ଡକାୟତି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୩୩୪ଟି ମାମଲା ସତ୍ୟ ବୋଲି ଦର୍ଶାଯାଇଥିବାବେଳେ ସେଥିରୁ ୯୧ଟି ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇଛି। ୨୪୫ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୧୩୩ଟି ମାମଲାରେ ଚାର୍ଜଶିଟ ଦାଖଲ ହେବା ସମ୍ଭାବନା ରହିଛି। ସେହିପରି ୧୮୦୨ ଲୁଣ୍ଠନ ମାମଲା ରୁଜୁ କରାଯାଇଛି। ସେଥିରୁ ୧,୭୨୧ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ଏହି ଲୁଣ୍ଠନ ଘଟଣା ମଧ୍ୟରୁ ୧୭୩ଟି ବାସସ୍ଥାନରେ, ୨୭୧ଟି ରାସ୍ତାଘାଟରେ, ୧୧ଟି ଟ୍ରେନ୍‌ରେ ୧୬୫ଟି ବାଣିଜ୍ୟ ପ୍ରତିଷ୍ଠାନରେ ଏବଂ ୧୧୩୦ଟି ଅନ୍ୟାନ୍ୟ ସ୍ଥାନରେ ସଙ୍ଗଠିତ ହୋଇଥିଲା। ଅବଶିଷ୍ଟ ୨୧ଟି ଘଟଣାରେ ଅପରାଧ ଘଟିବା ପୂର୍ବରୁ ଅଭିଯୁକ୍ତ ଧରାପଡ଼ିଛନ୍ତି। ଏହି ମାମଲାଗୁଡ଼ିକରେ ୭୭ଜଣ ଆନ୍ତଃରାଜ୍ୟ ଲୁଟେରା ସହ ମୋଟ ୧୭୬୪ଜଣ ଗିରଫ ହୋଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ଏମାନଙ୍କ ଦ୍ୱାରା ଲୁଟ୍ କରାଯାଇଥିବା ୧୮କୋଟି ୧୪ଲକ୍ଷ ୫୧ହଜାର ୫୨୫ ଟଙ୍କାର ସମ୍ପତ୍ତି ମଧ୍ୟରୁ ମାତ୍ର ୪କୋଟି ୧୨ଲକ୍ଷ ୯୦ହଜାର ୭୭୫ଟଙ୍କାର ସମ୍ପତ୍ତି ଉଦ୍ଧାର ହୋଇପାରିଛି। ରାଜ୍ୟରେ ୨୦୨୫ ବର୍ଷରେ ମୋଟ ୬୨୮୨ଟି ସିନ୍ଧିଚୋରି ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୬,୨୨୦ଟି ଘଟଣା ସତ୍ୟଭିତ୍ତିକ ଥିଲା। ରିପୋର୍ଟ ମୁତାବକ ୧,୪୧୭ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ସେଥିରୁ ୨୭୪୪ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୬୨୧ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ମାମଲାଗୁଡ଼ିକରେ ୨୬୬୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଦ୍ୱାରା ଚୋରି କରାଯାଇଥିବା ୧୧୮ କୋଟି ଟଙ୍କାର ସମ୍ପତ୍ତି ମଧ୍ୟରୁ ପ୍ରାୟ ସାଢ଼େ ୧୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଉଦ୍ଧାର ହୋଇଛି। ସେହିପରି ୨୦୨୫ରେ ସମୁଦାୟ ୨୧ହଜାର୧୯୨ଟି ଚୋରି ମାମଲା ପଞ୍ଜୀକରଣ କରାଯାଇଛି। ସେଥିରୁ ୨୦,୪୭୦ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ରିପୋର୍ଟ ମୁତାବକ ବର୍ଷ ଶେଷ ସୁଦ୍ଧା ୮୨୦୭ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ୬,୪୨୭ଟି ତଦନ୍ତାଧୀନ ମାମଲା ମଧ୍ୟରୁ ୨,୪୩୫ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ଚୋରି ମାମଲାଗୁଡ଼ିକରେ ୭,୮୦୭ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେହିପରି ରାଜ୍ୟରେ ମୋଟ ୬୦୫୩ ପ୍ରତାରଣା ମାମଲା ରୁଜୁ ହୋଇଛି। ୨୦୨୫ରେ ସମୁଦାୟ ୧,୦୨୫ ଦଙ୍ଗା ମାମଲା ରାଜ୍ୟରେ ପଞ୍ଜୀକରଣ ହୋଇଥିଲା, ଯେଉଁଥିରୁ ୧୦୮୦ ସତ୍ୟ ଘଟଣା ଭିତ୍ତିକ ଥିଲା ବୋଲି କୁହାଯିବା ସହ ସେଥିରୁ ବର୍ଷ ଶେଷ ସୁଦ୍ଧା ୪୯୮ ମାମଲାରେ ଚାର୍ଜଶିଟ ଦାଖଲ କରାଯାଇଛି। ସେହିବର୍ଷ ରାଜ୍ୟରେ ୧୨,୭୮୨ ମୋଟର ଯାନ ଦୁର୍ଘଟଣା ମାମଲା ☞ପୃଷ୍ଠା-୪

# ନାଲ୍‌କୋ ଡ୍ରାଫ୍ଟ ପଲିସି ଜାଳି ପ୍ରତିବାଦ

## ପୁନର୍ବାସ ଓ ଥଇଥାନ ବୈଠକ ପୂର୍ବରୁ ତାତିଲେ ଲୋକେ

ଅନୁଗୋଳ, ୨୫।୩ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ନାଲ୍‌କୋର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ନେଇ ପୁନର୍ବାସ ଓ ଥଇଥାନ ବୈଠକ ଗୁରୁବାର ୨୬ ତାରିଖରେ ସ୍ମେଲଟର ପ୍ଲାଣ୍ଟ ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ହେବ। ହେଲେ ଏହା ପୂର୍ବରୁ ଉକ୍ତ ପ୍ରକଳ୍ପ ପାଇଁ ଜମି ହରାଇବାକୁ ଥିବା କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ସମସ୍ତ ପ୍ରଜା ଏକଜୁଟ ହୋଇ ବୁଧବାର ପ୍ରତିବାଦ କରିଛନ୍ତି। ନାଲ୍‌କୋ ଡ୍ରାଫ୍ଟ ପଲିସିକୁ ସେମାନେ ବିରୋଧ କରିବା ସହ ତାହାକୁ ନିଆଁ ଲଗାଇ ପୋଡ଼ି ବିରୋଧ ପ୍ରଦର୍ଶନ କରିଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଅଭିଯୋଗ କରିଛନ୍ତି, ନାଲ୍‌କୋ ଓ ଜିଲା ପ୍ରଶାସନ ପକ୍ଷରୁ ଏହି ଡ୍ରାଫ୍ଟ ପଲିସି ପ୍ରସ୍ତୁତ କରାଯାଇଥିବାବେଳେ ଏଥିରେ ଜଣେ ହେଲେ ଜମିହରା ପ୍ରଜା ସ୍ଥାୟୀ ନିଯୁକ୍ତି ପାଇବାକୁ ଯୋଗ୍ୟ ହେଉନାହାନ୍ତି। ଗ୍ରାମବାସୀ, ନାଲ୍‌କୋ ଓ ଜିଲା ପ୍ରଶାସନ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ପ୍ରତ୍ୟେକ ଜମିହରା ପ୍ରଜାଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ନାଲ୍‌କୋ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଉପରୋକ୍ତ ୩ ଗ୍ରାମର ପ୍ରଜାମାନେ ପ୍ରାଥମିକ ସର୍ଭେ କାର୍ଯ୍ୟରେ ସହଯୋଗ କରିଥିଲେ। ଏହା ପରଠାରୁ ଏଯାବତ ପ୍ରଶାସନ ଅନେକ ସର୍ଭେ କରି ସାରିଥିବାବେଳେ ଲୋକଙ୍କ ହିତରେ କୌଣସି ପଲିସି ପ୍ରଣୟନ କରାଯାଇ ନାହିଁ। ପୁନର୍ବାସ ଓ ଥଇଥାନ ବୈଠକର କିଛି ଘଣ୍ଟା ପୂର୍ବରୁ ଡ୍ରାଫ୍ଟ ପଲିସି ଲୋକମାନଙ୍କୁ ଦିଆଯାଇଛି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଏହାକୁ ଯେପରି ବିରୋଧ କରିବାକୁ ସମୟ ନ ପାଇବେ ସେଥିପାଇଁ ଏପରି କରାଯାଇଛି। ତେବେ ଗୁରୁବାର ହେବାକୁ ଥିବା ପୁନର୍ବାସ ଓ ଥଇଥାନ ବୈଠକକୁ ସାମୂହିକ ଭାବେ ବର୍ଜନ କରାଯିବ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ନିଷ୍ପତ୍ତି କରିଥିବା କହିଛନ୍ତି। ଏଥିସହ ସେମାନେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ନାଲ୍‌କୋ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର କହିଛନ୍ତି, କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଉକ୍ତ ବୈଠକରେ ଯୋଗଦେଇ ସମସ୍ୟା ସମ୍ପର୍କରେ ମତ ରଖନ୍ତୁ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ବୁଧବାର ଅନୁଷ୍ଠିତ ମହିଳା ହାଇଜମ୍ପ ଇଭେଣ୍ଟରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ। **(ଫଟୋ: ବିକାଶ ନାୟକ)**

# ୧ ଡଲାର= ୯୩.୯୬ ଟଙ୍କା

ମୁମ୍ବାଇ, ୨୫।୩(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ବୁଧବାର ୨୦ ପଇସା ହ୍ରାସ ପାଇ ୯୩.୯୬ରେ ପହଞ୍ଚିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ୯୩ ଟଙ୍କା ୯୬ ପଇସା ହୋଇଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ପ୍ରଚୁର ପରିମାଣରେ ଅଂଶଧନ ବିକ୍ରି କରିଦେବା ଏବଂ ପଶ୍ଚିମ ଏସିଆ ଉତ୍ତେଜନା ଲାଗିରହିଥିବାରୁ ନିବେଶକମାନେ ଚିନ୍ତିତ ଅଛନ୍ତି। ଏପରିକି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ, ଡଲାର ଦୁର୍ବଳ ହେବା ଏବଂ ଘରୋଇ ପୁଞ୍ଜିବଜାରରେ ସକାରାତ୍ମକ ଭାବାବେଗ ସତ୍ତ୍ୱେ ସ୍ଥାନୀୟ ଷ୍ଟକ୍ ମାର୍କେଟକୁ କୌଣସି ନିସ୍ତାର ମିଳିପାରୁ ନାହିଁ ବୋଲି ଫରେକ୍ସ ଟ୍ରେଡରମାନେ କହିଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ବୁଧବାର ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୩.୯୪ ରହିଥିବାବେଳେ ପରେ ଏହା ୯୩.୮୬ରୁ ୯୪.୧୩ ମଧ୍ୟରେ ଅସ୍ଥିର ରହି କାରବାର ଶେଷ ସୁଦ୍ଧା ସର୍ବକାଳୀନ ନିମ୍ନସ୍ତର ୯୩.୯୬ରେ ପହଞ୍ଚିଥିଲା, ଯାହାକି ପୂର୍ବ ଦିନର କାରବାର ଶେଷ ସୁଦ୍ଧା ମୂଲ୍ୟଠାରୁ ୨୦ ପଇସା କମ୍। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୨୩ ପଇସା ହ୍ରାସ ପାଇ ୯୩.୭୬ ରହିଥିଲା।

# 'ନାଭିକ୍' ସଙ୍କଟ: ଭାରତର ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ

**ଭାରତର ନିଜସ୍ୱ ସାଟେଲାଇଟ୍ ନାଭିଗେଶନ ସିଷ୍ଟମ୍ ବା ଦେଶୀ ଜିପିଏସ୍ 'ନାଭିକ୍' (ନାଭିଗେଶନ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେଶନ) ଡାଉନ୍ ହୋଇଯାଇଛି। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଦେଶର ସାମରିକ ଓ ରଣନୈତିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ବୈଷୟିକ ତ୍ରୁଟି କାରଣରୁ ଭାରତ ବର୍ତ୍ତମାନ ଏହି ସିଷ୍ଟମ୍‌କୁ ସୁରକ୍ଷା କାର୍ଯ୍ୟରେ ବ୍ୟବହାର କରିବାକୁ ଅସମର୍ଥ। ସାଧାରଣ ଲୋକଙ୍କ ପାଇଁ ଥିବା ସିଗ୍‌ନାଲ ତୁଳନାରେ ସେନା ପାଇଁ ଥିବା ସିଗ୍‌ନାଲ ୧୦ ଗୁଣ ଅଧିକ ଠିକ୍ ହୋଇଥାଏ, ଯାହା ଏବେ ବାଧାପ୍ରାପ୍ତ ହୋଇଛି।**



ନୂଆଦିଲ୍ଲୀ, ୨୫।୩ (ପି.ଟି.)

'ନାଭିକ୍'ର ୪ଟି ସାଟେଲାଇଟ୍ ମଧ୍ୟରୁ ଗତ ମାର୍ଚ୍ଚ ୧୦ ତାରିଖରେ 'ଇଣ୍ଡିଆନ୍ ରିଜିଓନାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଆଇଆର୍‌ଏନ୍‌ଏସ୍‌ଏସ୍)-୧ଏଫ୍'ର ପରମାଣୁ ଘଣ୍ଟା (ଆଟମିକ୍ କ୍ଲକ୍) ଅଚଳ ହୋଇଯାଇଛି। କୌଣସି ବି ନାଭିଗେଶନ ସିଷ୍ଟମ୍ ଠିକ୍ ଭାବେ କାମ କରିବା ପାଇଁ ଅତିକମ୍‌ରେ ୪ଟି ସକ୍ରିୟ ସାଟେଲାଇଟ୍ ଆବଶ୍ୟକ ହେଉଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩କୁ ଖସି ଆସିଛି। ଫଳରେ 'ପୋଜିସନ, ନାଭିଗେଶନ ଏବଂ ଟାଇମିଂ' (ପିଏନ୍‌ଟି) ସେବା ବାଧାପ୍ରାପ୍ତ ହୋଇଛି। ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ପୂର୍ବତନ ବୈଜ୍ଞାନିକ ଅନନ୍ୟା ରାୟ କହିଛନ୍ତି, ଯୁଦ୍ଧ ସମୟରେ ଅନ୍ୟ ଦେଶର ନାଭିଗେଶନ ସିଷ୍ଟମ (ଯେପରିକି ଆମେରିକାର ଜିପିଏସ୍) ଉପରେ ନିର୍ଭର କରିବା ଭୟଙ୍କର ହୋଇପାରେ। ଯଦି ଯୁଦ୍ଧ ସମୟରେ ଅନ୍ୟର ସିଷ୍ଟମ୍ ବ୍ୟବହାର କରାଯାଏ, ତେବେ ସେମାନେ ସିଗ୍‌ନାଲରେ ତ୍ରୁଟି ସୃଷ୍ଟି କରିପାରନ୍ତି କିମ୍ବା ଭୁଲ୍ ସ୍ଥାନର ସୂଚନା ଦେଇ ବିଭ୍ରାନ୍ତ କରିପାରନ୍ତି। ୧୯୯୯ କାର୍ଗିଲ ଯୁଦ୍ଧ ସମୟରେ ଆମେରିକା ଜିପିଏସ୍ ଡାଟା ଦେବାକୁ ମନା କରିବା ପରେ ହିଁ ଭାରତ 'ନାଭିକ୍'ର ବିକାଶ ଆରମ୍ଭ କରିଥିଲା ବୋଲି ରାୟ କହିଛନ୍ତି।

ସୂଚନାନୁଯାୟୀ, ଭାରତ ୨୦୧୩ରୁ ୨୦୧୮ ମଧ୍ୟରେ ପ୍ରଥମ ପିଢ଼ିର (ଆଇଆର୍‌ଏନ୍‌ଏସ୍‌ଏସ୍) ସାଟେଲାଇଟ୍ ଲଞ୍ଚ୍ କରିଥିଲା। କିନ୍ତୁ ଏହାର ଆଟମିକ୍ କ୍ଲକ୍‌ଗୁଡ଼ିକ ବାରମ୍ବାର ଖରାପ ହେବା ଫଳରେ ସମସ୍ୟା ବଢ଼ିଲା। ୨୦୧୭ 'ଆଇଆର୍‌ଏନ୍‌ଏସ୍‌ଏସ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅହିଂସା ଓ ଅସ୍ପୃଶ୍ୟତା**

# ସରିଲା ଚଳନ୍ତି ରତ୍ନଭଣ୍ଡାର ଗଣତି

## ୪୮ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ଆରମ୍ଭ

ପୁରୀ, ୨୫।୩ (ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି। ୪୮ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ରତ୍ନଭଣ୍ଡାରର ଗଣତି ଶେଷ ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ବୁଧବାର ଅମୃତବେଳା ସମୟରେ ରତ୍ନଭଣ୍ଡାର ଗଣତି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଏନେଇ ସରକାରଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର, ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆରମ୍ଭ ହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।



> 'ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣନ୍ତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ।'
>
> **- ଡ. ଅରବିନ୍ଦ ପାଢ଼ୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅଧିକୃତ ଅଧିକାରୀ, ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବୈଠକ ପରେ ସମସ୍ତ ସଦସ୍ୟ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ ସିଂହଦ୍ୱାରଠାରେ ଜଷ୍ଟିସ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅଧିକାରୀଙ୍କ ସହ ସୁପରଭାଇଜର୍ ଟିମ୍ ଓ ହ୍ୟାଣ୍ଡଲିଂ ଟିମ୍ ସଦସ୍ୟ ମୁଣ୍ଡିଆ ମାରିଥିଲେ। ଶ୍ରୀମନ୍ଦିର ପରିସରକୁ ଯାଇ ପାରମ୍ପରିକ ପୋଷାକ ପିନ୍ଧି ପୂର୍ବ ନିର୍ଦ୍ଧାରିତ ଅମୃତବେଳା ମଧ୍ୟାହ୍ନ ୧୨ଟା ୯ରେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରି କାର୍ଯ୍ୟ ☞ପୃଷ୍ଠା-୪




ସୀମା ସଡ଼କ ସଂଗଠନ ସମ୍ପର୍କିତ ପ୍ରସଙ୍ଗ ଉପରେ ବୁଧବାର ଅନୁଷ୍ଠିତ ସଂସଦୀୟ ପରାମର୍ଶଦାତା କମିଟି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରୁଛନ୍ତି।

# ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ରହିଛି

- ଆମେ ପାକିସ୍ତାନ ଭଳି ଦଲାଲ ରାଷ୍ଟ୍ର ନୋହୁଁ
- ସର୍ବଦଳୀୟ ବୈଠକରେ କହିଲେ ସରକାର

ନୂଆଦିଲ୍ଲୀ,୨୫।୩(ପି.ଟି.)

ଭାରତରେ ଶକ୍ତି ନିରାପତ୍ତା ବଜାୟ ରହିଛି ଓ ଅଧିକ ସଂଖ୍ୟାରେ ଜାହାଜରେ ଇନ୍ଧନ ଆସୁଥିବା କେନ୍ଦ୍ର ସରକାର ବୁଧବାର ସବୁ ଦଳର ନେତାଙ୍କୁ ଅବଗତ କରାଇଛନ୍ତି। ପଶ୍ଚିମ ଏସିଆ ସ୍ଥିତିକୁ ନେଇ ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଯୋଗ ଦେଇଥିବାବେଳେ ସେମାନେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଭାରତ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବିରୋଧୀ ସଦସ୍ୟମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ସରକାର ଯାହା ନିଷ୍ପତ୍ତି ନେବେ, ସମସ୍ତେ ମିଳିତ ଭାବେ ତାହାକୁ ସମର୍ଥନ କରିବେ ବୋଲି କହିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ସୂଚନା ଦେଇଛନ୍ତି।

ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆମେରିକା ରାଷ୍ଟ୍ରପତିଙ୍କ ସହ କଥା ହୋଇଥିଲେ। ଏହି ଯୁଦ୍ଧ ପ୍ରତ୍ୟେକଙ୍କୁ କ୍ଷତି ପହଞ୍ଚାଉଥିବାରୁ ଏହାର ତୁରନ୍ତ ଅବସାନ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ଜଣାଇଥିଲେ। ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରିବାକୁ ପାକିସ୍ତାନ ଉଦ୍ୟମ ଚଳାଇବାରେ କିଛି ନୂତନତ୍ୱ ନାହିଁ। ୧୯୮୧ରୁ ଏହି ଦେଶ ଆମେରିକା ଦ୍ୱାରା ବ୍ୟବହୃତ ହୋଇଆସୁଛି। ଆମେ ଦଲାଲ ରାଷ୍ଟ୍ର ନୋହୁଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସର୍ବଦଳୀୟ ବୈଠକରେ କହିଛନ୍ତି। ପଶ୍ଚିମ ଏସିଆ ସ୍ଥିତି ଉପରେ ଭାରତ ନୀରବ ରହିଥିବା ବିରୋଧୀ ଅଭିଯୋଗ କରିବାରୁ ସରକାର ଏହାକୁ ଖଣ୍ଡନ କରିଥିଲେ। ଆମେ ମନ୍ତବ୍ୟ ଓ ଜବାବ ଦେଉଛୁ। ଇରାନ ଦୂତାବାସ ଖୋଲିବା ମାତ୍ରେ ବହିର୍ବ୍ୟାପାର ସଚିବ ତୁରନ୍ତ ସେଠାକୁ ଯାଇ ସମବେଦନା ପୁସ୍ତକରେ ସ୍ୱାକ୍ଷର କରିଥିଲେ ବୋଲି ସରକାର ବୈଠକରେ କହିଛନ୍ତି। ଭାରତ ଅସୁବିଧାଜନକ ସ୍ଥିତିରେ ନୁହେଁ, ଭୂରାଜନୀତିରେ ଶୀର୍ଷସ୍ଥାନରେ ରହିଛି। ତେଣୁ ବିବ୍ରତ କିମ୍ବା ଭୟଭୀତ ହେବା ଆବଶ୍ୟକ ନାହିଁ। ବିରୋଧୀଙ୍କ ସହ ସବୁ ସମୟରେ ଆଲୋଚନା ପାଇଁ ଦ୍ୱାର ଖୋଲା ରହିଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଯୁଦ୍ଧ ବନ୍ଦ ଆଶା କ୍ଷୀଣ

## କେହି କାହାର ସର୍ତ୍ତ ମାନିବାକୁ ପ୍ରସ୍ତୁତ ନାହାନ୍ତି

**ଇରାନ୍- ଆମେରିକା ଯୁଦ୍ଧ ବୁଧବାର ସୁଦ୍ଧା ୨୬ ଦିନ ଅତିକ୍ରମ କରିଛି। ଏହି ଯୁଦ୍ଧ ଯୋଗୁ ସମଗ୍ର ପଶ୍ଚିମ ଏସିଆ ଅଶାନ୍ତ ହୋଇପଡ଼ିଥିଲାବେଳେ ଇନ୍ଧନ ସମସ୍ୟାକୁ ନେଇ ସାରା ବିଶ୍ୱ ଏକ ବଡ଼ ବିପଦ ଆଡ଼କୁ ମୁହାଁଇଛି। ଯୁଦ୍ଧ ବନ୍ଦକରି ସ୍ଥିତି ସ୍ୱାଭାବିକ କରିବାକୁ ତୁର୍କୀ, ଇଜିପ୍ଟ ଏବଂ ପାକିସ୍ତାନ ଭଳି କେତେକ ରାଷ୍ଟ୍ର ଉଦ୍ୟମ କରୁଥିଲେ ହେଁ ଆମେରିକା ଓ ଇରାନ୍ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଯୁଦ୍ଧ ବନ୍ଦ ହେବା ଆଶା କ୍ଷୀଣ ହେବାରେ ଲାଗିଛି। ଏବେ କେହି କାହାର ସର୍ତ୍ତ ମାନିବାକୁ ପ୍ରସ୍ତୁତ ନ ଥିବାରୁ ଯୁଦ୍ଧ ବନ୍ଦ ହେବା ସମ୍ଭାବନା ଆହୁରି ସନ୍ଦେହ ଘେରକୁ ଠେଲି ହୋଇଯାଇଛି।**

ୱାଶିଂଟନ୍/ତେହରାନ୍ ,୨୫।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ ଦିନ ତଳେ ଇରାନ୍ ସହ ବୁଝାମଣା କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହାର କୌଣସି ସୁଫଳ ମିଳିପାରି ନାହିଁ। କାରଣ ଟ୍ରମ୍ପଙ୍କ ୫ ଦିନିଆ ଯୁଦ୍ଧ ବିରତି ସତ୍ତ୍ୱେ ଆକ୍ରମଣ- ପ୍ରତ୍ୟାକ୍ରମଣ କମି ନାହିଁ। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଜାରି ରହିଥିଲାବେଳେ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡ଼ିକ ଉପରେ ଇରାନ୍‌ର ଆକ୍ରମଣ ମଧ୍ୟ ଚାଲୁ ରହିଛି। ଏହାମଧ୍ୟରେ ଇସ୍‌ଲାମାବାଦରେ ଇରାନ୍ ଓ ଆମେରିକା ମଧ୍ୟରେ ଆଲୋଚନା କରିବାକୁ ଉଦ୍ୟମ କରାଯାଇ ଆମେରିକା ପାକିସ୍ତାନ ମାଧ୍ୟମରେ ଇରାନ୍‌କୁ ୧୫ ଦଫା ସମ୍ବଳିତ ଯୁଦ୍ଧ ବିରତି ପ୍ରସ୍ତାବ ଦେଇଛି। ଏହାକୁ ନେଇ ଇରାନ୍ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇ ନ ଥିଲାବେଳେ ପରୋକ୍ଷରେ ଏହାକୁ ଅଗ୍ରାହ୍ୟ କରି ଦେଇଛି। ନିଜ ପୂର୍ବ ସ୍ଥିତିକୁ ଜାହିର କରି ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ଆଲୋଚନା ହୋଇନାହିଁ ବୋଲି ଇରାନ୍ ସ୍ପଷ୍ଟ କରିଛି। ପାକିସ୍ତାନରେ ଅବସ୍ଥାପିତ ଇରାନ୍ ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଏହି ଟିପ୍ପଣୀ ଦେବା ସହ ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, କେତେକ ବନ୍ଧୁ ରାଷ୍ଟ୍ର ଯୁଦ୍ଧ ବିରତି ପାଇଁ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା କରାଇବାକୁ ଉଦ୍ୟମ କରୁଛନ୍ତି ସତ। ହେଲେ ଆମେରିକା ଯେଉଁ ସ୍ଥିତିରେ ଇରାନ୍ ଉପରେ ଆକ୍ରମଣ କଲା ତାହାକୁ ବୁଝିବା ଦରକାର। ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଥିଲାବେଳେ ଆମେରିକା ଇରାନ୍ ଉପରେ ଆକ୍ରମଣ କଲା। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯେଭଳି ସ୍ଥିତି ଉପୁଜିଛି ତାହା କେବଳ ଆମେରିକାର ବିଶ୍ୱାସଘାତକୁ ସୂଚାଉଛି ବୋଲି ରେଜା ଅମିରି କହିଛନ୍ତି। ସବୁଠୁ ବଡ଼ କଥା ହେଲା, ଆମେରିକା ପକ୍ଷରୁ ଇରାନ୍‌କୁ ୧୫ ଦଫା ଦାବିପତ୍ର ଦିଆଯିବା ପରେ ଇରାନ୍ ମଧ୍ୟ ନିଜର କିଛି ସର୍ତ୍ତ ଆମେରିକା ନିକଟରେ ରଖିଛି। ଯାହାକି ଏକଦମ୍ ବିପରୀତମୁଖୀ ଏବଂ ସେଗୁଡ଼ିକୁ ଆମେରିକା କଦାପି ମାନିବାକୁ ପ୍ରସ୍ତୁତ ହେବ ନାହିଁ। କେବଳ ଆମେରିକା ନୁହେଁ, ଇରାନ୍‌ର ଦାବିକୁ ଇସ୍ରାଏଲ ମଧ୍ୟ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଛି। ତେଣୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଥମିବା ନେଇ ସନ୍ଦେହ ବଢ଼ିବାରେ ଲାଗିଛି।



ଇସ୍‌ଲାମାବାଦଠାରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ ସହ ଇରାନର ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଆଲୋଚନା କରୁଛନ୍ତି।

### କ'ଣ ରହିଛି ଆମେରିକାର ସର୍ତ୍ତ

ତୁରନ୍ତ ବୁଝାମଣା କରି ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମାଧ୍ୟମରେ ଆମେରିକା ବୁଧବାର ଇରାନ୍‌କୁ ଦେଇଥିବା ୧୫ ଦଫା ସର୍ତ୍ତାବଳୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରି ନାହିଁ। ତେବେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁସାରେ ଇରାନ୍ ନିଜର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଉପରେ ଆମେରିକା ଗୁରୁତ୍ୱାରୋପ କରିଛି। ଇରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବାଲିଷ୍ଟିକ୍ ମିଶାଇଲ ଉତ୍ପାଦନ ମଧ୍ୟ ବନ୍ଦ କରି ଏହାର ଉତ୍ପାଦନ ସୀମିତ ରଖିବାକୁ ଆମେରିକା ସର୍ତ୍ତ ରଖିଛି। ଏଥିସହ ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରି ସ୍ୱାଭାବିକ କରିବା ଏବଂ ଆଞ୍ଚଳିକ ସ୍ତରରେ କଟ୍ଟରବାଦୀ ସଂଗଠନଗୁଡ଼ିକୁ ଇରାନ୍ ସହାୟତା ବନ୍ଦ କରିବାକୁ ଆମେରିକା ସର୍ତ୍ତ ରଖିଛି।

### ଇରାନ୍‌ର ସର୍ତ୍ତ

ପରୋକ୍ଷରେ ଇରାନ୍ ପକ୍ଷରୁ ଯେଉଁ ଦାବି କରାଯାଇଛି ସେଗୁଡ଼ିକ ମଧ୍ୟରେ ଉପସାଗରୀୟ ଅଞ୍ଚଳରେ ରହିଥିବା ସବୁ ଆମେରିକୀୟ ସାମରିକ ଘାଟିକୁ ବନ୍ଦ କରିବା, ଯୁଦ୍ଧ ପାଇଁ ଇରାନ୍‌କୁ କ୍ଷତିପୂରଣ ଦେବା, ଇରାନ୍ ଉପରୁ ସମସ୍ତ ଆର୍ଥିକ କଟକଣା ଉଠାଇବା ସହ ପୁଣି ଆକ୍ରମଣ ନ ହେବାକୁ ନିଶ୍ଚିତ କରିବା, ହର୍ମୁଜ୍ ଷ୍ଟ୍ରେଟ୍ ପାଇଁ ନୂଆ ନିୟମ ଆଣି ଟ୍ରାଞ୍ଜିଟ୍ ଫି ଲାଗୁ କରିବା , କୌଣସି ସୀମା ଏବଂ ବୁଝାମଣା ବିନା ଇରାନ୍‌ର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଜାରି ପାଇଁ ଅନୁମତି ଦେବା, ହିଜ୍‌ବୁଲ୍ଲା ସମେତ ଇରାନ୍‌ର ଅନ୍ୟ ସହଯୋଗୀ କଟ୍ଟରବାଦୀ ସଂଗଠନ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ଆଦି ସର୍ତ୍ତ ରହିଛି।

# ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ ,୨୫।୩

ବିଶ୍ୱର ଲୋକପ୍ରିୟ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ସବୁଠୁ ଆଗରେ ରହିଛନ୍ତି। ଗତ ବର୍ଷ ତୁଳନାରେ ତାଙ୍କର ଲୋକପ୍ରିୟତା ହ୍ରାସ ପାଇଥିଲେ ମଧ୍ୟ ଚଳିତ ବର୍ଷ ବିଶ୍ୱ ନେତାଙ୍କ ମଧ୍ୟରେ ତାଙ୍କ ସ୍ଥାନ ୧ ନମ୍ବରରେ ରହିଛି। ଆମେରିକାର ମର୍ନିଂ କନ୍‌ସଲ୍ଟ ସଂସ୍ଥା ରିପୋର୍ଟ ଅନୁସାରେ ଗତ ବର୍ଷ ମୋଦିଙ୍କ ଲୋକପ୍ରିୟତା ହାର ୭୫ ପ୍ରତିଶତ ରହିଥିଲାବେଳେ ସେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପ୍ରଥମ ସ୍ଥାନରେ ରହିଥିଲେ। ଚଳିତବର୍ଷ ଏହି ହାର ୬୮ ପ୍ରତିଶତକୁ ହ୍ରାସ ପାଇଛି। ଏହାସତ୍ତ୍ୱେ ସେ ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ବିଶ୍ୱସ୍ତରରେ ୬୮ ପ୍ରତିଶତ ଲୋକ ମୋଦିଙ୍କ ପ୍ରତି ସମର୍ଥନ ଜଣାଇଥିଲାବେଳେ ୨୬ ପ୍ରତିଶତ ଲୋକ ତାଙ୍କ ବିରୋଧରେ ମତ ଦେଇଛନ୍ତି। ଅନ୍ୟ ୬ ପ୍ରତିଶତ ଲୋକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ମୋଦିଙ୍କ ପଛରେ ଦ୍ୱିତୀୟ ଲୋକପ୍ରିୟ ନେତା ଭାବେ ସୁଇଜରଲାଣ୍ଡର ଗେ ପାର୍ମେଲିନ୍ ରହିଛନ୍ତି। ତାଙ୍କ ପ୍ରତି ୬୨ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ବିଶ୍ୱର ଅନ୍ୟତମ ପ୍ରମୁଖ ନେତାଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ୩୯ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିଲାବେଳେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି.ଜେ. ମିୟୁଙ୍ଗଙ୍କ ପ୍ରତି ସମର୍ଥନ ୩୦ ପ୍ରତିଶତ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଟ୍ରମ୍ପଙ୍କ ବିରୋଧରେ ୫୫ ପ୍ରତିଶତ ଲୋକ ମତ ଦେଇଛନ୍ତି। ଅନ୍ୟପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ପ୍ରତି ୫୫ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିବାବେଳେ ସେ ଏହି ତାଲିକାରେ ୭ମ ସ୍ଥାନରେ ରହିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକରଁଙ୍କ ପ୍ରତି ମାତ୍ର ୧୭ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି।

# ଗୁଜରାଟ ବିଧାନସଭାରେ ସମାନ ନାଗରିକ ସଂହିତା ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୫।୩

ଗୁଜରାଟ ବିଧାନସଭାରେ ବୁଧବାର ସମାନ ନାଗରିକ ସଂହିତା (ୟୁସିସି) ବିଲ୍, ୨୦୨୬ ଗୃହୀତ ହୋଇଛି। ଏହି ବିଲ୍ ଗୃହୀତ କରାଇବାରେ ଉତ୍ତରାଖଣ୍ଡ ପରେ ଗୁଜରାଟ ଭାରତର ଦ୍ୱିତୀୟ ରାଜ୍ୟ। ବିଲ୍ ଗୃହୀତ ହୋଇଥିବାରୁ ରାଜ୍ୟରେ ସବୁ ସମ୍ପ୍ରଦାୟ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଏବଂ ପୋଷ୍ୟଗ୍ରହଣ ସମ୍ପର୍କିତ ସମାନ ଆଇନ ଲାଗୁ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁଜରାଟ ସରକାରଙ୍କ ପଦକ୍ଷେପକୁ ଐତିହାସିକ କହି ସ୍ୱାଗତ କରିଛନ୍ତି। ଭାଜପା ଆରମ୍ଭରୁ ଦେଶର ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଚଳନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ରହିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ରାଜ୍ୟ ସରକାରମାନେ ଏଦିଗରେ ପଦକ୍ଷେପ ନେଉଥିବା ଶାହା କହିଛନ୍ତି।

# ଅଗ୍ନିବୀରଙ୍କ ପାଇଁ ୨୦% ନିଯୁକ୍ତି ସଂରକ୍ଷିତ ରଖ

## ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପତ୍ର

ହମିରପୁର,୨୫।୩

ଆସନ୍ତା ବର୍ଷ ୪ ବର୍ଷିଆ ନିଯୁକ୍ତି ଅବଧି ଶେଷ କରିବାକୁ ଯାଉଥିବା ଅଗ୍ନିବୀରଙ୍କ ପାଇଁ ପୁନର୍ବାସନ ନୀତି ଅନୁଯାୟୀ ୨୦ ପ୍ରତିଶତ ନିଯୁକ୍ତି ସଂରକ୍ଷିତ ରଖିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମସ୍ତ ରାଜ୍ୟକୁ ପତ୍ର ଲେଖି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କୁ ସମ୍ବୋଧନ କରି ଚିଠି ଲେଖାଯାଇଥିବା ସୈନିକ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବ୍ରିଗେଡିଅର ମଦନଶୀଳ ଶର୍ମା କହିଛନ୍ତି। ବନରକ୍ଷୀ, ଖଣି ସୁରକ୍ଷା କର୍ମୀ, ପୋଲିସ କନଷ୍ଟେବଲ୍, ଅଗ୍ନିଶମ କର୍ମଚାରୀ, ଅଶ୍ୱାରୋହୀ ପୋଲିସ, ଜେଲ୍ ୱାର୍ଡେନ୍, ସ୍ୱତନ୍ତ୍ର ପୋଲିସ ଅଫିସର ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳରେ ୨୦% ନିଯୁକ୍ତି ସଂରକ୍ଷଣ ରଖିବାକୁ କୁହାଯାଇଛି। ହରିୟାଣା ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ଲାଗୁ କରିଥିବାବେଳେ ଉତ୍ତରାଖଣ୍ଡ ମଧ୍ୟ ସେମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଛି।

# ଆମେରିକୀୟ ଯୁଦ୍ଧ ଜାହାଜ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼



ତେହରାନ୍ ,୨୫।୩

ଇରାନ ଯୁଦ୍ଧ ୨୬ ଦିନରେ ପହଞ୍ଚିଥିଲାବେଳେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ବୁଧବାର ଇରାନ୍ ନୌସେନା ଆରବ ସାଗରରେ ମୁତୟନ ହୋଇଥିବା ଆମେରିକୀୟ ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ୍ ନୌସେନା କୋଷ୍ଟାଲ କ୍ରୁଜ୍ ମିଶାଇଲ ମାଡ଼ କରିଥିବା ରିଅର୍ ଆଡ୍‌ମିରାଲ ସାହାରାମ୍ ଇରାନୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆବ୍ରାହମ୍ ଲିଙ୍କନ୍‌ର ଗତିବିଧି ଉପରେ ଇରାନ୍ ସେନା ନଜର ରଖିଛି। ଯଦି ଏହି ଯୁଦ୍ଧଜାହାଜ ନିର୍ଦ୍ଦିଷ୍ଟ ଜଳସୀମା ଅତିକ୍ରମ କରି ଆଗକୁ ଆସେ ତେବେ ଜୋର୍‌ଦାର ଆକ୍ରମଣ କରାଯିବ। ଆମେରିକାର ଅନ୍ୟତମ ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ୨୨୦୦ ମେରିନ୍‌ଙ୍କୁ ନେଇ ଇରାନ ଉପକୂଳ ନିକଟବର୍ତ୍ତୀ ହୋଇଥିବା କୁହାଯାଉଛି। ଆବଶ୍ୟକ ପଡ଼ିଲେ ଆମେରିକା ସେମାନଙ୍କୁ ସ୍ଥଳଭାଗରେ ପ୍ରବେଶ କରିବାକୁ ଅନୁମତି ଦେଇପାରେ। ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରିବାକୁ ଆମେରିକା ଏହି ପଦକ୍ଷେପ ନେଇପାରେ ବୋଲି କୁହାଯାଉଥିବାବେଳେ ସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା ବଢ଼ିଛି।

# ପାକିସ୍ତାନ ଯାଉଥିବା ଜାହାଜକୁ ଅନୁମତି ଦେଲାନି ଇରାନ୍

ତେହରାନ୍ ,୨୫।୩

ଆମେରିକା ଓ ଇରାନ୍ ମଧ୍ୟରେ ବୁଝାମଣା କରାଇବାକୁ ପାକିସ୍ତାନ ମଧ୍ୟସ୍ଥତା କରିବାକୁ ଆଗଭର ହୋଇଛି। ଏପରିକି ଇସ୍‌ଲାମାବାଦରେ ଦୁଇ ପକ୍ଷଙ୍କ ମଧ୍ୟରେ ବୈଠକ କରାଇବାକୁ ପାକିସ୍ତାନ ପ୍ରସ୍ତାବ ଦେଇଛି। ହେଲେ ପାକିସ୍ତାନ ଯାଉଥିବା ଏକ ଜାହାଜକୁ ଇରାନ୍ ମଙ୍ଗଳବାର ଫେରାଇ ଦେବା ଘଟଣା ପାକିସ୍ତାନର ମୁରବୀପଣିଆକୁ ନେଇ ପ୍ରଶ୍ନ ଉଠାଇଛି। କରାଚୀ ଅଭିମୁଖେ ଯାଉଥିବା ଜାହାଜ 'ସେଲେନ୍' ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯିବାବେଳେ ଏହାକୁ ଇରାନ୍‌ର ଆଇଆର୍‌ଜିସି ଆଗକୁ ଯିବାକୁ ଅନୁମତି ଦେଇ ନ ଥିଲା। ଆଇନଗତ ଅନୁମତି ନ ଥିବାରୁ ଜାହାଜଟିକୁ ହର୍ମୁଜ୍ ଷ୍ଟ୍ରେଟ୍ ଠାରୁ ପଛକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଆଇଆର୍‌ଜିସି କମାଣ୍ଡର 'X'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

# ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ

ସିଙ୍ଗାପୁର,୨୫।୩(ପି.ଟି.)

ଭାରତୀୟ ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ। ଏଥିରେ କୌଣସି ଆପରାଧିକ ଷଡ଼ଯନ୍ତ୍ର କରାଯାଇ ନ ଥିବା ସିଙ୍ଗାପୁର ପୋଲିସ ତଟସୁରକ୍ଷା ବାହିନୀ (ପିସିଜି) ପ୍ରକାଶ କରିଥିବାବେଳେ ଦେଶର ଅପମୃତ୍ୟୁ ତଦନ୍ତକାରୀ ଅଧିକାରୀ ଆଦାମ ନଖୋଦା ଏହାକୁ କାଏମ୍ ରଖିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଏକ ଦ୍ୱୀପ ନିକଟରେ ଦୁର୍ଘଟଣାବଶତଃ ବୁଡ଼ିଯାଇ ଜୁବିନ୍ ପ୍ରାଣ ହରାଇଥିଲେ ବୋଲି ସେ କହିଛନ୍ତି। ମୃତ୍ୟୁ ପଛରେ କୌଣସି ଆପରାଧିକ କାର୍ଯ୍ୟର ପ୍ରମାଣ ନାହିଁ ବୋଲି ପିସିଜି ରିପୋର୍ଟକୁ ନେଇ ଜୁବିନ୍‌ଙ୍କ ସ୍ତ୍ରୀ ଚିନ୍ତାବ୍ୟକ୍ତ କରିଥିଲେ। ପିସିବି ମାମଲାର ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲା। ଜୁବିନ୍‌ଙ୍କୁ କେହି ବଳ ପ୍ରୟୋଗ କରି ନ ଥିଲେ କିମ୍ବା ପାଣିକୁ ଠେଲିଦେଇ ନ ଥିଲେ ବୋଲି ଆଦାମ କହିଛନ୍ତି।



# ୩୨ ସଂଶୋଧନ ସହ ଅର୍ଥ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୫।୩(ପି.ଟି.)

ଅର୍ଥ ବିଲ୍, ୨୦୨୬ ବୁଧବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଦ୍ୱାରା ବିଶ୍ୱାସ ଆଧାରିତ ଟିକସ ବ୍ୟବସ୍ଥା, ଜୀବନ ଧାରଣ ମାନରେ ଉନ୍ନତି ଏବଂ ଅଧିକ ବ୍ୟବସାୟ ଅନୁକୂଳ ପରିବେଶକୁ କେନ୍ଦ୍ରିତ କରି ନୀତି ନିର୍ଦ୍ଧାରଣ କରାଯାଇଛି। ଭାରତ ବାଧ୍ୟବାଧକତାରେ ନୁହେଁ ବରଂ ନିଜର ଦୃଢ଼ ବିଶ୍ୱାସ ଆଧାରରେ ସଂସ୍କାର ପଦକ୍ଷେପ ନେଇ ଆଗକୁ ବଢ଼ୁଥିବା ସୀତାରାମନ୍ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ କହିଛନ୍ତି। ଅତ୍ୟଧିକ ଯାଞ୍ଚ ବଦଳରେ ଟିକସଦାତାଙ୍କ ବିଶ୍ୱାସ ଉପରେ ଭରସା କରି ଟିକସ ବ୍ୟବସ୍ଥା କରାଯାଇଥିବା ଗୃହରେ ବିତର୍କର ଉତ୍ତର ରଖି ସୀତାରାମନ୍ କହିଥିଲେ। ଆସନ୍ତା ଶୁକ୍ରବାର ଅର୍ଥ ବିଲ୍ ଉପରେ ରାଜ୍ୟ ସଭାରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ଗୁରୁବାର ଛୁଟି ପଡ଼ୁଥିବାରୁ ପାର୍ଲାମେଣ୍ଟ ବନ୍ଦ ରହିବ। ଶୁକ୍ରବାର ସଦସ୍ୟମାନେ ପ୍ରାଇଭେଟ ବିଲ୍ ଆଣିବେ। କିନ୍ତୁ ଅର୍ଥବିଲ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଶୁକ୍ରବାର ଆଲୋଚନା କରାଯିବ। ଶନିବାର ଓ ରବିବାର ଅଧିବେଶନ ଜାରି ରଖିବା ପାଇଁ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ତେବେ ବର୍ତ୍ତମାନର ସ୍ଥିତିକୁ ବିଚାର କରି ସପ୍ତାହାନ୍ତ ଛୁଟି ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ରିଜିଜୁ କହିଛନ୍ତି।



ଇଚ୍ଛାମୃତ୍ୟୁ ଅନୁମତି ପରେ ଆଖି ବୁଜିଥିବା ୩୧ ବର୍ଷୀୟ ହରିଶ ରାଣାଙ୍କ ଶେଷକୃତ୍ୟ ବୁଧବାର ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ପ୍ରଥମ ଭାରତୀୟ ଭାବେ ହରିଶ ସୁପ୍ରିମକୋର୍ଟରୁ ଇଚ୍ଛାମୃତ୍ୟୁ ଅନୁମତି ପାଇଥିଲେ ଓ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। (ଫଟୋ- ଚମନ ଗୌତମ)



କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହିଥିବା ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ କଳାପୋଷାକ ପିନ୍ଧି ବୁଧବାର ପ୍ରଥମେ ବିଧାନସଭା ଭିତରେ ଏବଂ ପରେ ବାହାରେ ପ୍ରତିବାଦ କରୁଛନ୍ତି।

# କଳାପୋଷାକ ପିନ୍ଧି ବିରୋଧୀଙ୍କ ହଟ୍ଟଗୋଳ

## ଏସ୍‌ସିବି ଅଗ୍ନିକାଣ୍ଡ ପ୍ରସଙ୍ଗ

ଭୁବନେଶ୍ୱର,୨୫।୩
(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି। ଏହି ଗୋଟିଏ ଘଟଣାରେ ବିଧାନସଭା ୭ଦିନ ଧରି ଅଚଳ ରହିଛି। ବିରୋଧୀ ବିଜେଡି ଓ କଂଗ୍ରେସ ପୂର୍ବରୁ ଶବସତ୍କାର ଓ କୋକେଇ ଶୋଭାଯାତ୍ରା ଭଳି ବିଭିନ୍ନ ଅଭିନବ ରଣନୀତି ବିଧାନସଭା ଭିତରେ ଏବଂ ବାହାରେ ଆପଣାଇଥିବାବେଳେ ବୁଧବାର ଅନୁରୂପ ଭାବେ କଳାପୋଷାକ ପିନ୍ଧି ପ୍ରବଳ ହଟ୍ଟଗୋଳ କରିଛନ୍ତି। ପରିସ୍ଥିତି ଏପରି ହୋଇଥିଲା ଯେ ପ୍ରଶ୍ନକାଳ ୪ ମିନିଟ୍ ଚାଲିପାରି ନ ଥିଲା। ଶୂନ୍ୟକାଳରେ ବିରୋଧୀ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ବିଭିନ୍ନ ନାରାବାଜିକରି କକ୍ଷ୍ୟତ୍ୟାଗ କରିଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବାପାଇଁ ବିରୋଧୀଙ୍କୁ ଅନୁରୋଧ କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ତାହା ସଫଳ ହୋଇ ନ ଥିଲା।

ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ବିଜେଡିର ଏତାଦୃଶ କାର୍ଯ୍ୟକୁ ନେଇ ତୀବ୍ର ନିନ୍ଦା କରାଯାଇଥିଲା। ଶାସକଦଳର ସଦସ୍ୟମାନେ ହାତରେ ପୋଷ୍ଟର, ବ୍ୟାନର ଧରି ବିଜେଡି, କଂଗ୍ରେସ ଏବଂ ନବୀନଙ୍କୁ କଟାକ୍ଷ କରିଥିଲେ। ବିଜୁ-ନବୀନ ଟ୍ରଷ୍ଟ ଲୁଚାଇବାକୁ ବିରୋଧୀଙ୍କ ଏ ନାଟକ ଚଳିବ ନାହିଁ ବୋଲି କହିବା ସହିତ ବିଜେଡି ଛି ଛି କହି ଭର୍ତ୍ସନା କରିଥିଲେ। ହଟ୍ଟଗୋଳ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ଆଗତ କରିଥିଲେ। ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଏବଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଖର୍ଚ୍ଚଦାବି ଆଲୋଚନାକୁ ସ୍ୱାଗତକରି ସରକାରଙ୍କ ପକ୍ଷରୁ ଚଳିତବର୍ଷ ପୋଲିସ ବଳକୁ ସୁଦୃଢ଼ କରିବାପାଇଁ ଗ୍ରହଣ କରାଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପରେ ଅପରାହ୍ଣ ୧.୩୨ ମିନିଟ୍‌ରୁ ଅପରାହ୍ଣ ୪ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବୁଧବାର ଗୃହକାର୍ଯ୍ୟ ଆରମ୍ଭ ☞ପୃଷ୍ଠା-୭

# ପିଏନ୍‌ଜି ନେବାକୁ ମନାକଲେ ଏଲ୍‌ପିଜି ଯୋଗାଣ ବନ୍ଦ

**ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ପ୍ରମୁଖ ଉତ୍ସଗୁଡ଼ିକରୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଭାରତରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଅଭାବ ଦେଖାଦେଇଛି। ତେଣୁ ପରିବାର ଏବଂ ବ୍ୟବସାୟିକ ଉପଭୋକ୍ତାମାନେ ପାଇପ୍‌ଯୋଗେ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ନେବା ଲାଗି ସରକାର ଚାପ ପକାଉଛନ୍ତି। ଯେଉଁଠାରେ ପିଏନ୍‌ଜି ସଂଯୋଗ ଉପଲବ୍ଧ ଥାଇ ଗ୍ରାହକ ଏହାକୁ ନେବା ପାଇଁ ମନାକରିବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗ ବନ୍ଦ କରିଦିଆଯିବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ଗ୍ୟାସ୍ ନେଟ୍‌ୱର୍କ ବଢ଼ାଇବା ଏବଂ ଏକକ ଇନ୍ଧନ ଉପରୁ ନିର୍ଭରଶୀଳତା ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପିଏନ୍‌ଜି ଘରୋଇ ଭାବେ ଉତ୍ପାଦନ ହେବା ସହ ବିବିଧୀକରଣ ଯୋଗାଣ ଜରିଆରେ ସଂଗ୍ରହ କରାଯାଉଥିବାରୁ ଏହା ଅଧିକ ସୁବିଧାଜନକ ବିକଳ୍ପ। ପାଇପ୍‌ଲାଇନ ଜରିଆରେ ଏହାକୁ ସିଧା ରୋଷେଇଘର ବର୍ନରକୁ ନିରନ୍ତର ଯୋଗାଣ ହୋଇପାରିବ ଏବଂ ରିଫିଲିଂ ପାଇଁ ବୁକିଂ କରିବା ଆବଶ୍ୟକ ପଡ଼ିବ ନାହିଁ।**

ନୂଆଦିଲ୍ଲୀ,୨୫।୩(ପି.ଟି.)

ପାଇପ୍‌ଲାଇନ ଭିତ୍ତିଭୂମି ବଢ଼ାଇବା, ଅନୁମୋଦନକୁ ସହଜ କରିବା ଏବଂ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏଲ୍‌ପିଜିରୁ ପିଏନ୍‌ଜିକୁ ପରିବର୍ତ୍ତନ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ନ୍ୟାଚୁରାଲ ଗ୍ୟାସ୍ ଆଣ୍ଡ୍ ପେଟ୍ରୋଲିୟମ୍ ପ୍ରଡକ୍ଟସ୍ ଡିଷ୍ଟ୍ରିବ୍ୟୁଶନ ଅର୍ଡର, ୨୦୨୬ ଜାରି କରାଯାଇଛି। କୌଣସି ଅଞ୍ଚଳରେ ଉପଲବ୍ଧ ଥାଇ ମଧ୍ୟ ପିଏନ୍‌ଜି ସଂଯୋଗ ନେବାକୁ ଗ୍ରାହକ ଯଦି ମନା କରନ୍ତି, ତେବେ ୩ ମାସ ପରେ ସେମାନଙ୍କ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ଯେଉଁଠାରେ ପାଇପ୍ ସଂଯୋଗ ପ୍ରଦାନ କରିବା ବୈଷୟିକ ଦୃଷ୍ଟିରୁ ଅସମ୍ଭବ, ସେଠାରେ ଏଲ୍‌ପିଜି ଯୋଗାଣ ଜାରି ରହିବା ଅନୁମତି ରହିଛି। ଏଥିପାଇଁ କର୍ତ୍ତୃପକ୍ଷଙ୍କଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଆବଶ୍ୟକ। ଯେଉଁଠାରେ ପାଇପ୍‌ଲାଇନ ସଂଯୋଗ ରହିଛି, ସେହି ଅଞ୍ଚଳକୁ ଏଲ୍‌ପିଜି ଯୋଗାଣରୁ ମୁକ୍ତ କରିବା ଏହି ନିର୍ଦ୍ଦେଶନାମାର ଲକ୍ଷ୍ୟ। ଯେଉଁଠାରେ ପାଇପ୍‌ଲାଇନ ଭିତ୍ତିଭୂମି ନାହିଁ, କେବଳ ସେହି ଅଞ୍ଚଳଗୁଡ଼ିକରେ ଏଲ୍‌ପିଜି ଯୋଗାଣ ଜାରି ରହିବ।

ବ୍ୟବସାୟକୁ ସହଜ କରିବା ସଂସ୍କାର ଜରିଆରେ ଏକ ସଙ୍କଟକୁ ସୁଯୋଗରେ ପରିଣତ କରାଯାଇଛି ବୋଲି ପେଟ୍ରୋଲିୟମ୍ ସଚିବ ନୀରଜ ମିତ୍ତଲ Xରେ ଲେଖିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶନାମା ବଳରେ ଅନୁମୋଦନକୁ ସହଜ କରିବା ସହ ନିରପେକ୍ଷ ଦେୟ ଧାର୍ଯ୍ୟ କରିବା ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ସୁନିଶ୍ଚିତ କରିବା ଦ୍ୱାରା ପାଇପ୍‌ଲାଇନ୍ ଭିତ୍ତିଭୂମି ତ୍ୱରାନ୍ୱିତ କରାଯାଇପାରିବ। ପିଏନ୍‌ଜି ସଂଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ପ୍ରଦାନ କରିବେ, ନଚେତ୍ ତାହା ଅନୁମୋଦନ ହୋଇଥିବା ଧରାଯିବ। ନିର୍ଦ୍ଧାରିତ ଦେୟ ବାହାରେ କର୍ତ୍ତୃପକ୍ଷ ଅଧିକ ଦେୟ ଧାର୍ଯ୍ୟ କରିପାରିବେ ନାହିଁ। ହାଉସିଂ ଅଞ୍ଚଳରେ ୩ଟି କାର୍ଯ୍ୟଦିବସ ମଧ୍ୟରେ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିବେ ଏବଂ ଆବେଦନର ୪୮ ଘଣ୍ଟା ମଧ୍ୟରେ ଘର ପର୍ଯ୍ୟନ୍ତ ପାଇପ୍ ଯୋଗେ ପିଏନ୍‌ଜି ଯୋଗାଇ ଦିଆଯିବ।

ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର ଅଭାବ ନାହିଁ ବୋଲି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ବୁଧବାର କହିଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବରେ ବିଶ୍ୱାସ ନ କରିବାକୁ ଏବଂ ଭୟଭୀତ ହୋଇ ନ କିଣିବାକୁ ତୈଳ କମ୍ପାନୀଗୁଡ଼ିକ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଦେଶର ସର୍ବବୃହତ୍ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସି)କହିଛି, ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ। ଏହାର ଆଉଟ୍‌ଲେଟ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ତୈଳ ଗଚ୍ଛିତ ରହିଛି ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ବୋଲି କମ୍ପାନୀ କହିଛି। କେତେକ ଅଞ୍ଚଳରେ ଇନ୍ଧନ ଅଭାବ ଦେଖାଦେଇଥିବା ନେଇ ପ୍ରକାଶିତ ଖବର ସମ୍ପୂର୍ଣ୍ଣ ☞ପୃଷ୍ଠା-୭

## ଏଲ୍‌ପିଜି ବୁକିଂ ସମୟରେ ପରିବର୍ତ୍ତନ ହୋଇନାହିଁ

ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ସମୟସୀମାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ସରକାର ବୁଧବାର ସ୍ପଷ୍ଟୀକରଣ ଦେଇଛନ୍ତି। ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ଏଲ୍‌ପିଜି ବୁକିଂ ପାଇଁ ପ୍ରତୀକ୍ଷା ସମୟସୀମାରେ ପରିବର୍ତ୍ତନ ହୋଇଥିବା ନେଇ ସୋସିଆଲ ମିଡ଼ିଆରେ ଦାବି ଓ ଅନ୍ୟ କେତେକ ରିପୋର୍ଟକୁ କେନ୍ଦ୍ର ଅଗ୍ରାହ୍ୟ କରିଦେଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ବ୍ୟବଧାନ ୪୫ ଦିନ କରାଯାଇଥିବା କେତେକ ଖବରକାଗଜରେ ଭୁଲ୍ ରିପୋର୍ଟ ହୋଇଥିଲା। ସେହିପରି ଅଣପିଏମ୍‌ୟୁୱାଇ ସିଙ୍ଗଲ୍ ସିଲିଣ୍ଡର ଉପଭୋକ୍ତାଙ୍କ ପାଇଁ ୨୫ ଦିନ ଓ ଡବଲ ସିଲିଣ୍ଡର ସଂଯୋଗ ପାଇଁ ବୁକିଂ ବ୍ୟବଧାନ ୩୫ ଦିନ ରଖାଯାଇଥିବା ଖବର ପ୍ରକାଶ ପାଇଥିଲା। ଏଭଳି ଖବରକୁ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଗ୍ରାହକ ନିର୍ବିଶେଷରେ ସହରାଞ୍ଚଳ ପାଇଁ ବୁକିଂ ବ୍ୟବଧାନ ୨୫ ଦିନ ଏବଂ ଗ୍ରାମାଞ୍ଚଳ ପାଇଁ ୪୫ ଦିନ ନିୟମରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ମନ୍ତ୍ରଣାଳୟ କହିଛି।

# ମେ' ୫ରୁ ସିପିଇଟି

ଭୁବନେଶ୍ୱର,୨୫।୩
(ସୁଚିସ୍ମିତା ସାହୁ)

ଆସନ୍ତା ମେ' ୫ ତାରିଖରୁ କମନପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ଆରମ୍ଭ ହେବ। ଏହି ପରୀକ୍ଷା ମେ' ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ରହିଥିବା ୩୧,୯୧୫ ସିଟ୍ ନିମନ୍ତେ ସର୍ବମୋଟ ୫୮,୭୦୮ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଫେବୃଆରୀ ୨୭ରୁ ମାର୍ଚ୍ଚ ୨୨ ତାରିଖ ☞ପୃଷ୍ଠା-୭

# ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବ ସ୍ମାର୍ଟ ସିଷ୍ଟମ୍

## ଏନ୍‌ଆଇଟି ଗବେଷକଙ୍କ କୃତିତ୍ୱ

ରାଉରକେଲା, ୨୫।୩
(ସଙ୍ଗୀତା ଜେନା)




ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନେ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ଏକ ସ୍ମାର୍ଟ ସିଷ୍ଟମ୍ ବିକଶିତ କରିଛନ୍ତି। ଏନେଇ ଏକ ଇଣ୍ଟେଲିଜେଣ୍ଟ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟା ପାଇଁ ସେମାନେ ପେଟେଣ୍ଟ (ସଂଖ୍ୟା: ୫୮୦୭୪୮) ହାସଲ କରିଛନ୍ତି। ଉକ୍ତ ସିଷ୍ଟମ୍‌କୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ୍ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ସମିତ ଆଡ଼ି, ଏନ୍‌ଆଇଟି ରିସର୍ଚ୍ଚ ସ୍କଲାର ମହମ୍ମଦ୍ ଇମାନ ଜୁନୈଦ, ଏମ୍‌ଟେକ୍‌ଗ୍ରାଜୁଏଟ୍‌ନାରାୟଣ ପ୍ରସାଦ ଶର୍ମା ଓ ଇର୍ସାଦ ଅଲ୍ଲୀଙ୍କ ଦ୍ୱାରା ବିକଶିତ କରାଯାଇଛି। ଏହି ସିଷ୍ଟମ୍ ବଡ଼ ତଥା ଜଟିଳ କୋଠାଘର ଆଦି ପରିବେଶରେ ଅନଧିକୃତ ପ୍ରବେଶ ଉପରେ ନଜର ରଖିବାଭଳି ମୁକାବିଲା ପାଇଁ ଆଗାମୀପିଢ଼ିର ସମାଧାନ ପ୍ରଦାନ କରିଥାଏ। ପାରମ୍ପରିକ ସିସିଟିଭି କ୍ୟାମେରା ଆଧାରିତ ନିରୀକ୍ଷଣ ପ୍ରଣାଳୀ ପାଇଁ ବ୍ୟାପକ ମାନୁଆଲ ତଦାରଖ ଓ ବିଶ୍ଳେଷଣ ଆବଶ୍ୟକ, ଯାହା ସେଗୁଡ଼ିକ ମାନବ ତ୍ରୁଟିର ଶିକାର ହୋଇଥାଏ। ବଡ଼ବଡ଼ ସେଟ୍‌ଅପ୍‌ଗୁଡ଼ିକରେ ବିଭିନ୍ନ କ୍ୟାମେରା ମଧ୍ୟରେ ବିଶେଷକରି ଭିନ୍ନ ଆଲୋକ ପରିସ୍ଥିତି ଓ ଅବରୋଧ ପରିସ୍ଥିତିରେ ବ୍ୟକ୍ତିବିଶେଷଙ୍କୁ ☞ପୃଷ୍ଠା-୭




# ରାଜ୍ୟରେ ବର୍ଷକରେ ବଢ଼ିଛି ୫,୭୨୧ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୫।୩
(ରବିନାରାୟଣ ଜେନା)

ରାଜ୍ୟରେ ୨୦୨୪ ତୁଳନାରେ ୨୦୨୫ ବର୍ଷରେ ଅଗ୍ନିକାଣ୍ଡ ଓ ଅନ୍ୟ ଦୁର୍ଘଟଣା ପ୍ରାୟ ୯,୪୦୦ ଅଧିକ ହୋଇଛି ବୋଲି ଗୃହ ବିଭାଗର ଶ୍ୱେତପତ୍ରରୁ ଜଣାପଡ଼ିଛି। ରାଜ୍ୟ ସରକାରଙ୍କୁ ୨୦୨୪ ବର୍ଷରେ ୧୮,୯୭୩ଟି ଅଗ୍ନିକାଣ୍ଡ ଡାକରା (କଲ୍) ମିଳିଥିବାବେଳେ ୨୦୨୫ରେ ଏହା ୨୪,୬୯୪କୁ ବୃଦ୍ଧି ପାଇଥିଲା। ଫଳରେ ୫,୭୨୧ ଅଗ୍ନିକାଣ୍ଡ ଡାକରା ଅଧିକ ରହିଥିଲା। ସେହିପରି ୨୦୨୪ରେ ୨୭,୭୯୫ ଗୋଟି ସ୍ୱତନ୍ତ୍ରସେବା ଡାକରା ମିଳିଥିବାବେଳେ ୨୦୨୫ରେ ଏହା ୩୧ ହଜାର ୪୭୪କୁ ବୃଦ୍ଧି ପାଇଛି। ତେବେ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ବର୍ଷକ ମଧ୍ୟରେ ଗୋଟିଏ ନୂତନ ଦମକଳ କେନ୍ଦ୍ର ସ୍ଥାପନ କରାଯାଇଛି। ୨୦୨୪ରେ ରାଜ୍ୟରେ ୩୪୫ଟି ଦମକଳ କେନ୍ଦ୍ର ରହିଥିବାବେଳେ ଏହି ସଂଖ୍ୟା ୨୦୨୫ରେ ୩୪୬କୁ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ୨୦୨୪ ବର୍ଷ ୬,୫୮୯ ଲୋକଙ୍କ ସହିତ ୧୪,୫୭୬ ପ୍ରାଣୀଙ୍କୁ ଦୁର୍ଘଟଣାରୁ ରକ୍ଷା କରାଯାଇଥିବାବେଳେ ୪୬୩.୩୧ କୋଟି ଟଙ୍କାର ସମ୍ପତ୍ତି ଅଗ୍ନିକାଣ୍ଡରୁ ରକ୍ଷା କରାଯାଇଥିଲା। ମାତ୍ର ୨୦୨୫ରେ ୮,୩୮୦ ଲୋକଙ୍କ ସହ ୧୭,୪୫୨ଟି ପ୍ରାଣୀଙ୍କୁ ଅଗ୍ନିକାଣ୍ଡ ଓ ନଦୀ ପୋଖରୀରେ ବୁଡ଼ିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଛି। ଏଥିସହିତ ୬୨୨.୭୫ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା ପାଇଯାଇଛି।

୨୦୨୫ରେ ଘୂର୍ଣ୍ଣିଝଡ଼ 'ମୋନ୍ଥା' ସମୟରେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବାର ୯୬୬ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ୧୨୫ଟି ଦଳ ପ୍ରଭାବିତ ଜିଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ଫୁଲବାଣୀରେ ଉଦ୍ଧାର, ରିଲିଫ୍ ଏବଂ ରାସ୍ତାସଫା କାର୍ଯ୍ୟ କରିଥିଲା। ଏହି ସମୟରେ ତିନିଜଣଙ୍କ ଜୀବନ ରକ୍ଷା କରାଯାଇଥିଲା, ଯାହା ରାଜ୍ୟ ସରକାରଙ୍କ 'ଶୂନ୍ୟ ଦୁର୍ଘଟଣା' ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ-୨୦୧୭ ଏବଂ ☞ପୃଷ୍ଠା-୭



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଉଦ୍ୟୋଗୀ ପରିବାର ୫ମ ବାର୍ଷିକ ସମାରୋହ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ସକାଳ ୯ଟା।
- ସମ୍ରାଟ ଅଶୋକଙ୍କ ଜୟନ୍ତୀ ଉପଲକ୍ଷେ ଆମ୍ବେଦକର ବିଚାରକଙ୍କ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ପ୍ରଫେସର କୃଷ୍ଣଚରଣ ସାହୁଙ୍କ ୯୭ତମ ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ସକ୍ସେଶ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିଜୟ ପ୍ରଭା ପ୍ରତିଭା ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ:ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଫୁଲାଡ଼ି ବାସନ୍ତୀ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୮ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ସଚେତନତା କର୍ମଶାଳା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତଃଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମୁଁ ସାମ୍ବାଦିକ ହେବି, ଅଭିନବ ଶିକ୍ଷକ କର୍ମଶାଳା, ସ୍ଥାନ: ବେଲଗଡିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ମହୋତ୍ସବର ୬ଷ୍ଠ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଇଞ୍ଜୋଳ, ଭାଟିଆଶୁଣି, ଗଡ଼ଚଣ୍ଡୀ, ଢ଼ୁଅଁର, ହାଟଡ଼ିହୀ, ସମୟ : ପ୍ରାତଃ ୬ ଟା।
- ଶ୍ରୀଦକ୍ଷିଣ ମୁଖୀ ହନୁମାନ ମନ୍ଦିରରେ ସଙ୍କୀର୍ତ୍ତନ, ନଗର ପରିକ୍ରମା,ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ ଟା।
- ରାମ ନବମୀ ଉପଲକ୍ଷେ ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ: ଢ଼ୁଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବାସନ୍ତିକ ଦୁର୍ଗାଙ୍କ ମହାଷ୍ଟମୀ ପୂଜା,ସ୍ଥାନ: ଉଦଳା ମୁଖ୍ୟ ବଜାର ବାସନ୍ତୀ ମଣ୍ଡପ,ସମୟ:ସକାଳ ୬ଟା।
- ମା'ଭୈରବୀଙ୍କ ପୀଠରେ ବାସନ୍ତିକ ମହାନବମୀ ପୂଜା, ସ୍ଥାନ:ମଧୁବନ, ବାରିପଦା, ସମୟ: ସକାଳ ୮ଟା।
- ମହାଷ୍ଟମୀ ବାସନ୍ତିକ ପୂଜା, ସ୍ଥାନ:ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୮ଟା।
- ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର,ସ୍ଥାନ:ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସର, ଉଦଳା,ସମୟ:ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ଭଜନ ସମାରୋହ, ସ୍ଥାନ:ଅମ୍ବିକାସାହି, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଶ୍ରୀରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା,କଦମ୍ବମଠ,ସମୟ: ସକାଳ ୭ଟା।

## କନ୍ଧମାଳ

- ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଓ ସଫେଇ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ, ସମୟ: ସକାଳ ୭ଟା।
- ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ

- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ସକାଳ ୬ଟା।
- ବୁଢ଼ାବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା, ସ୍ଥାନ: ଛେଣ୍ଡିପଦା ଜେରଙ୍ଗ ଦେହୁରୀସାହି, ସମୟ: ସକାଳ ୮ଟାରୁ ଆରମ୍ଭ।
- ପୁନର୍ବାସ ଓ ଥଇଥାନ ନୀତି ନେଇ ଜନ ଶୁଣାଣି, ସ୍ଥାନ: ନାଲ୍‌କୋ ସ୍ମେଲଟର ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସମସ୍ତ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ : ଅପରାହ୍ନ ୨ଟା।
- ଚଣ୍ଡୀ ଯଜ୍ଞ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ଅପରାହ୍ନ ୨ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ସାମୁହିକ ହନୁମାନ ଚାଳିଶା ପାଠ, ସ୍ଥାନ: ମହୁଲିଆ ରାମନବମୀ ପୀଠ, ରାଜନଗର, ସମୟ: ସକାଳ ୮ଟା।
- ଶ୍ରୀବାସନ୍ତୀ ଦୁର୍ଗାଙ୍କ ପୂଜାତ୍ସୋବ, ସ୍ଥାନ: ଆଳି ବ୍ଲକର ଚଣ୍ଡିଆଗଡି ବଡତୋଟା, ଗରଦପୁର ବ୍ଲକର ବେଡାରୀ, ଚାଡଲିଆ, ଶୀତଳପାଟଣା, ବଙ୍ଗଳପୁର, ଭାଟପଡା, ନୈନ୍ଦିପୁର, ମହାକାଳପଡ଼ା ବ୍ଲକର ବାବର, ବିଜୟନଗର, କିଆରବାଙ୍କ, ନନ୍ଦାର, ପାତ୍ରଗଡ, ଖରିନାଶୀ, ସମୟ: ସକାଳ ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଶ୍ରୀମହାବୀର ହନୁମାନ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ନିଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଓ ଔଷଧ ବଣ୍ଟନ ଶିବିର, ସ୍ଥାନ: କୁସୁନପୁର, ବଡବେତରା, ଗରଦପୁର, ସମୟ: ସକାଳ ୯ଟା।
- ବିଜିଜିରାମଜିର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ହଳଧର କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ବାର୍ଷିକ ସାଧାରଣ ସଭା, ସ୍ଥାନ: ବାରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତକାଳୀନ ଦୁର୍ଗାପୂଜା, ସ୍ଥାନ: ମା' ବାସୁଲେଇ ପୀଠ, ଚାଟରାଚକଡା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ବିଂଶ ବାର୍ଷିକୀ କଳିକଳୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଳରାମପୁର କଚେରୀପଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମପୁର, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ବ୍ଲକସ୍ତରୀୟ ଆଇନ ସେବା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଆଶାଙ୍କୁ ନେଇ ସମ୍ମିଳନୀ, ସ୍ଥାନ: ମହାରାଜ ଯଯାତି କେଶରୀ ମେଡିକାଲ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଦିବସ-୨୦୨୬ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ବିଚାରାଧୀନ କୋର୍ଟ କେଶ ସଂକ୍ରାନ୍ତରେ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୩ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ବାସନ୍ତିକ ଦୁର୍ଗାପୂଜା ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ଦରଦା ମହିଷାଶୁଣୀ ପୀଠ, ସମୟ:ସକାଳ ୭ଟା ୩୦ ।
- ଅଷ୍ଟ ପ୍ରହର ଓ ଗୀତାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ନବମ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା ।
- ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରର ୩ୟ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ମାଛିପଡା ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ।
- ଅଷ୍ଟ ପ୍ରହର ଓ ନାମଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବଡବାଣପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସିମିତିର ସମ୍ମିଳନୀ, ସ୍ଥାନ: ପଠାଣି ସାମନ୍ତ ଅଡିଟୋରିୟମ, ସମୟ ;ପୂର୍ବାହ୍ନ ୧୧ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ନବମ ଦିବସରେ ପାରାୟଣରେ ଅଙ୍ଗଦ ଚିଟାଉ ଓ ରାବଣ ବଦ୍ଧ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ମାସିକ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ପୌର ପରିଷଦ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ, ସ୍ଥାନ: ସେମିଳିଗୁଡ଼ା ଭେଣ୍ଡିଂ ଜୋନ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବାବା ବିଶାସହେ କୁଲତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରାସ୍ଥିତ ଶ୍ରୀଶ୍ରୀରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ସକାଳ ୮ଟା।
- ସମ୍ବଲପୁର ନାଟ୍ୟାନୁଷ୍ଠାନ ସମନ୍ୱୟ ସମିତି ପକ୍ଷରୁ ପକ୍ଷରୁ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡୀପାଠ ଓ ସନ୍ଧିପୂଜା, ସ୍ଥାନ : ଭୁତାପଡା, ସମୟ : ମଧ୍ୟାହ୍ନ ୧୨ଟା ୧୫।
- କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ ଚଣ୍ଡୀହୋମ ଓ ସିଦ୍ଧିଦାତ୍ରୀ ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ରାତ୍ରି ୧୦ଟା ୧୫।

## ବଲାଙ୍ଗୀର

- ଶ୍ରୀରାମ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ତାଲପାଲିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟାରୁ ।

## ରାଉରକେଲା

- ସେକ୍ଟର-୩ ବାସନ୍ତିକ ପୂଜା, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୭ଟା।
- ସେକ୍ଟର-୬ରେ ବାସନ୍ତିକ ପୂଜା ଓ ସନ୍ଧ୍ୟାରେ ବାଦିପଲା,ସ୍ଥାନ: ସେକ୍ଟର-୬, ସାରଳା ମନ୍ଦିର, ସମୟ: ସକାଳ ୭ଟା।
- ଚୈତ୍ର ନବରାତ୍ରୀ, ୮ମ ଦିବସ, ସ୍ଥାନ: ଜଗଦା ମା'ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା ପୀଠେ ସପ୍ତମୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୮ଟା।
- ହମୀରପୁର କଣ୍ଟ୍ରାକ୍ଟର କଲୋନୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: କଣ୍ଟ୍ରାକ୍ଟର କଲୋନୀ, ସମୟ: ସକାଳ ୯ଟା।
- ସାଇରାମ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦ ବୈକୁଣ୍ଠ ଘାଟ, ସମୟ : ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଟେନସା ଘାଟିରେ ମା' ବନଦୁର୍ଗା ମନ୍ଦିରରେ ମହା ଅଷ୍ଟମୀ ପୂଜା, ସ୍ଥାନ: ଟେନସା, ସମୟ: ସକାଳ ୧୦ଟା।

## ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା,ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୬ଟା।
- ବାସନ୍ତୀକ ନବରାତ୍ର ପୂଜା,ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ:ସକାଳ ୬ଟା।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ସନ୍ଧିବାହାଲ, ଗାଇସିଲେଟ,ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ:ଦୁର୍ଗା ମନ୍ଦିର, ସୋହେଲା,ସମୟ: ସକାଳ ୭ଟା।
- ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗାଇସୀମା, ବରଗଡ଼,ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ, ରାମଜୀ ମଠ, ଗାଇସିଲେଟ, ସମୟ:ସକାଳ ୯ଟା।
- ମାଁ ବହଲତଲିଏନ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ, ସମୟ:ସନ୍ଧ୍ୟା ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ-୨୦୨୬, ସ୍ଥାନ:ଚେତନା ମଣ୍ଡପ, ସୋହେଲା, ସମୟ:ରାତି ୮ଟା ୩୦।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବସ୍ତ୍ରରେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରଭାଟି, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ର ପୂଜାର ଅଷ୍ଟମ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ଚାଷୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର କ୍ରାଇମ୍‌ର ତଦନ୍ତ ଓ ଡିଜିଟାଲ ଫୋରେନସିକ ସମ୍ପର୍କିତ କାର୍ଯ୍ୟଦକ୍ଷତା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଖିମୁ ଯାତ୍ରା, ସ୍ଥାନ: ସାହାଜଲଥା,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଗୁଦଗୁଦା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ବିନୋପୁର, ସମୟ: ପ୍ରାତଃ ୫ଟା ୧୫।
- ଚବିଶ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଜାମଗାଁ, ସମୟ: ସକାଳ ୭ଟା ୩୫।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଳେଇ ଗଲା,**
**ମାଳେଇ ଗଲା ।**

ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡିଆ ଘରର ଖଟ ବିଛଣା**
**ଖପରାରେ ଚିନି ନବାତ ପଣା**
**ଖାଉଅଛି ବୁଢ଼ା ବସି**
**ଖେଚର ଖେଚର ସବୁବେଳେ ହୁଏ**
**କ୍ଷଣେ ନ ହୁଅଇ ଖୁସି।**

ବୟସ ଅତ୍ୟଧିକ ହୋଇଗଲେ ବ୍ୟକ୍ତି ସାଧାରଣତଃ ଚିଡ଼ିଚିଡ଼ା ପ୍ରକୃତିର ହୋଇଯାନ୍ତି। ସବୁବେଳେ ପାଟିସୁଆଦ ଖାଦ୍ୟ ଖାଇବା ନେଇ ମନ ବଳାଇଥାନ୍ତି। ସେହିପରି ପ୍ରତ୍ୟେକ କଥାରେ ଖୁଣ ବାହାର କରିବା ସହ ନିଜର ଅସନ୍ତୋଷ ଭାବ ପ୍ରକାଶ କରିଥାନ୍ତି। ଅତ୍ୟଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଏଭଳି ଗୁଣ ପରିଲକ୍ଷିତ ହେଉଥିବା ଅର୍ଥରେ ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଜ୍ୟରେ ଦୈନିକ ...

ରୁଜୁ ହୋଇଛି। ରାଜ୍ୟରେ ସାଇବର ଅପରାଧ, ଯୌତୁକଜନିତ ହତ୍ୟା, ଯୌତୁକଜନିତ ଆତ୍ମହତ୍ୟା ଏବଂ ଯୌତୁକଜନିତ ନିର୍ଯାତନା ସମ୍ପର୍କିତ ତଥ୍ୟ ଯାହା ଗୃହ ବିଭାଗର ଶ୍ୱେତପତ୍ର ଜରିଆରେ ଦର୍ଶାଇଛି ତାହା ମଧ୍ୟ ଅନେକଙ୍କ ମନରେ ଚିନ୍ତା ସୃଷ୍ଟି କରାଇଥିବା ଜଣାପଡ଼ିଛି। ୨୦୨୫ରେ ରାଜ୍ୟରେ ମୋଟ ୨୮୦୩ ସାଇବର ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ଅର୍ଥନୈତିକ ସାଇବର ଅପରାଧରେ ୧୮୬୯, ସୋସିଆଲ ମିଡିଆ ସମ୍ପର୍କିତ ଅପରାଧରେ ୧,୧୮୩, ହ୍ୟାକିଂ ମାମଲାରେ ୮ ଏବଂ ଅନ୍ୟାନ୍ୟ ସାଇବର ଅପରାଧରେ ୪୩ ମାମଲା ପଞ୍ଜୀକୃତ ହୋଇଛି। ୨୦୨୫ରେ ରାଜ୍ୟରେ ୧୪୫ ଯୌତୁକଜନିତ ହତ୍ୟା ମାମଲା ରୁଜୁହୋଇଥିବା ବେଳେ ୭୭ଟି ଯୌତୁକଜନିତ ଆତ୍ମହତ୍ୟା ମାମଲା ରୁଜୁହୋଇଛି। ସେହିଭଳି ୪୩୬୧ ଯୌତୁକଜନିତ ନିର୍ଯାତନା ଏବଂ ୫୪୧୯ ଅଣଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ସେହିବର୍ଷ ମହିଳା ଚାଲାଣ ଅପରାଧରେ ୧୬୪ ଏବଂ ପୁରୁଷ ଚାଲାଣ ଅପରାଧରେ ୫୩ ମାମଲା ରୁଜୁ ହୋଇଛି। ଗୃହବିଭାଗ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍‌ଭାବେ ବିବେଚନା କରିଥାଏ। ୨୦୨୫ରେ ରାଜ୍ୟରେ ୨୯୩ ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀରେ ରଖାଯାଇଛି। ୨୦୨୫ରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଶିଶୁ ଅଶ୍ଳୀଳତା, ବଳାତ୍କାର ଓ ଗଣବଳାତ୍କାର ସମ୍ବନ୍ଧୀୟ ୧୭୮୧ ଅଭିଯୋଗ ଗ୍ରହଣ କରାଯାଇଛି। ୨୦୨୪ରେ ଏହି ସଂଖ୍ୟା ୧୦୨୩ ଥିବାବେଳେ ୨୦୨୩ରେ ୫୬୯ ରହିଥିଲା।

## 'ନାଭିକ୍' ସଙ୍କଟ: ...

-୧ଏଚ୍‌'ର ଲଞ୍ଚ୍ ବିଫଳ ହୋଇଥିଲା। ସେହିପରି ନୂଆ ପିଢ଼ିର ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ 'ଏନ୍‌ଭିଏସ୍-୦୨'ର ଲଞ୍ଚ୍ ମଧ୍ୟ ବିଫଳ ହେଲା। ଏହି କାରଣରୁ ଆଗାମୀ ମିଶନ ଏନ୍‌ଭିଏସ୍-୦୩, ୦୪ ଏବଂ ୦୫ ବିଳମ୍ବିତ ହେଉଛି, ଯାହା ଭାରତକୁ ଏବେ ବି ଆମେରିକାର ଜିପିଏସ୍ ଉପରେ ନିର୍ଭରଶୀଳ କରି ରଖିଛି। କେନ୍ଦ୍ର ସରକାରଙ୍କ ପୂର୍ବତନ ସଚିବ ଇ.ଏ.ଏସ୍. ଶର୍ମାଙ୍କ କହିବା ଅନୁଯାୟୀ, ସରକାର ଓ ଇସ୍ରୋ ବର୍ତ୍ତମାନ 'ଗଗନଯାନ' ଏବଂ 'ଆକ୍ସିଅମ ମିଶନ-୪' (ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା) ଭଳି ହାଇ-ପ୍ରୋଫାଇଲ୍ ମିଶନରେ ଅଧିକ ବ୍ୟସ୍ତ ରହୁଛନ୍ତି। ସେ ମତ ଦେଇଛନ୍ତି ଯେ, ରାଜନୈତିକ ସଫଳତା ଅପେକ୍ଷା ଦେଶର ସୁରକ୍ଷା ଓ ରଣନୈତିକ ଆବଶ୍ୟକତାକୁ ପ୍ରଥମ ପ୍ରାଧାନ୍ୟ ଦେବା ଉଚିତ।

## ସରିଲା ଚଳନ୍ତି ...

ଆରମ୍ଭ କରିଥିଲେ। ଗଣତିମଣତି କାର୍ଯ୍ୟରେ ସୁପରଭାଇଜିଂ ଟିମ୍ ସହଯୋଗ କରିଥିବା ବେଳେ କେବଳ ହ୍ୟାଣ୍ଡଲିଂ ଟିମ୍ ସଦସ୍ୟ ରତ୍ନଭଣ୍ଡାର ମଧ୍ୟକୁ ପ୍ରବେଶ କରି ଗଣତି କରିଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଉଛି। ଦାନ ଅର୍ଥରେ ମିଳୁଥିବା ଅଳଙ୍କାର ମଧ୍ୟ ଗଣତି କରାଯାଇଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗଣତି ଆରମ୍ଭ ହୋଇଛି।

## ଅବଶିଷ୍ଟାଂଶ

ରତ୍ନଭଣ୍ଡାରକୁ ୩ ଭାଗରେ ବିଭକ୍ତ କରାଯାଇଛି। ଯଥା- ଚଳନ୍ତି, ପ୍ରଥମ ଏବଂ ଦ୍ୱିତୀୟ ରତ୍ନଭଣ୍ଡାର। ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣନ୍ତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ। ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଛି। ମଧ୍ୟାହ୍ନ ୧୨ଟା ୯ରୁ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ୬ ଘଣ୍ଟାଧରି ଗଣତି କାର୍ଯ୍ୟ କରାଯାଇଛି। ସମସ୍ତ ଅଳଙ୍କାରର ଓଜନ କରାଯାଇଥିଲା। ବିଶେଷଜ୍ଞମାନେ ଯନ୍ତ୍ର ସାହାଯ୍ୟରେ ମାପ କରିଛନ୍ତି। ଫଟୋଗ୍ରାଫି ଓ ଥ୍ରିଡି ମ୍ୟାପିଂ କରାଯାଇଛି। ଗଣତି ପରେ ସମସ୍ତ ଅଳଙ୍କାର ଭଣ୍ଡାର ମେକାପଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟ ସମୟରେ ଭକ୍ତମାନେ ବାହାର କାଠ ନିକଟରେ ଦର୍ଶନ କରିଥିଲେ। ତିଥି, ବାର ଦେଖି ପରବର୍ତ୍ତୀ ଗଣତି କରାଯିବ। ତେବେ କ'ଣ କ'ଣ ଗଣତି କରାଯାଇଛି, ସେ ସମ୍ପର୍କରେ ଆଜି ସୂଚନା ପ୍ରଦାନ କରିହେବ ନାହିଁ। ସମସ୍ତ ଅଳଙ୍କାର ଗଣତି ପରେ ତଥ୍ୟ ପ୍ରଦାନ କରାଯିବ। ୩ଟି ଭଣ୍ଡାରର ଅଳଙ୍କାର ଗଣତି ପରେ ତାଲିକା ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରାଯିବ। ଏହାର ଏକ ନକଲ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି। ଗଣତିମଣତିକୁ ନେଇ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିବା ବେଳେ ଡାକ୍ତରୀଦଳ, ଓଡ୍ରାଫ୍, ଅଗ୍ନିଶମ କର୍ମଚାରୀ ପ୍ରମୁଖ ମୁତୟନ ରହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗୁରୁଚାନ୍ଦ୍ରୀ ଯୋଗ ଭାଗ୍ୟସ୍ଥାନ ପ୍ରତି ଦୃଷ୍ଟିସମ୍ବନ୍ଧ ଯୋଗୁ ନୂତନ କର୍ମାରମ୍ଭ ସହ ପାରିବାରିକ ସୁଖଶାନ୍ତି ଅନୁଭବ କରିବେ। ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ମଧ୍ୟ ରହିଛି। କେତୁ କୋଣଭାବ ମଣ୍ଡନ କରିଥିବାରୁ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ସୁସମ୍ପର୍କରେ ବ୍ୟାଘାତ ଘଟିବ।

**ବୃଷ**
ରବିଙ୍କ ଦୃଷ୍ଟି ପ୍ରଭାବଜନିତ ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶରୁ ପରିବାରକୁ ନିର୍ଦ୍ଦେଶ କରୁଥିବା ଗ୍ରହ ନିଜସ୍ଥାନରୁ ଦୁଃସ୍ଥାନସ୍ଥ ହେତୁ ପାରିବାରିକ ସୌଖ୍ୟ ରହି ନ ପାରେ। ଲୋକ ସମ୍ପର୍କ, ରାଜନୀତି, ଆନୁଷ୍ଠାନିକ ସ୍ଥିତି ସମସ୍ୟାବହୁଳ ରହିବ। ରାଶିରେ ମଙ୍ଗଳ ଯେକୌଣସି ପରିସ୍ଥିତିର ସାମ୍ନା କରି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର କରାଇପାରନ୍ତି।

**ମିଥୁନ**
ପୂର୍ବ ସଂକଳ୍ପିତ କାର୍ଯ୍ୟ କରିବାରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ଉଚ୍ଚବାଚ ଘଟିବାର ସମ୍ୟକ୍ ସୂଚନା ମଧ୍ୟ ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରର ଆଶଙ୍କା ଦେଖାଦେବ। କିନ୍ତୁ ସର୍ବୋପରି ପୁନର୍ବସୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରି ଖୁସି ରହିବେ।

**କର୍କଟ**
କର୍ମାଧିପଙ୍କ ଲକ୍ଷ୍ମୀଯୋଗ ପ୍ରଭାବରେ ପଦସ୍ଥଙ୍କ ଛତ୍ରଛାୟା ତଳେ ରହି କର୍ମକ୍ଷେତ୍ରରେ ସୁଯୋଗ ଲାଭକରିବେ। ସହକର୍ମୀଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ। ଦୂରଯାତ୍ରା, ବାଣିଜ୍ୟ, ଆଲୋଚନା, ସଂଗଠନ ଓ ଆନୁଷ୍ଠାନିକ କାମ ସକାଶେ ଦିନଟି ଭଲ । ବନ୍ଧୁମାନଙ୍କ ପରାମର୍ଶରେ ମାଙ୍ଗଳିକ କାମର ଯୋଜନା ପ୍ରସ୍ତୁତ କରିପାରନ୍ତି।

**ସିଂହ**
ଶୁକ୍ରଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ସହଯୋଗରେ ଅଯାଚିତ ସାହାଯ୍ୟ ପାଇବେ। ଯେକୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ଯାତ୍ରା କାଳରେ ସତର୍କ ନ ହେଲେ ବ୍ୟସ୍ତତା ବଢ଼ିବା ସାଙ୍ଗକୁ କୌଣସି ଜିନିଷ ଘରେ ରହିଯାଇପାରେ । ପରିବାରର ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ୍ ଦେବାକୁ ପଡ଼ିବ।

**କନ୍ୟା**
ଭାଗ୍ୟସ୍ଥାନକୁ ଶୁଭଗ୍ରହ ଦେଖୁଥିବାରୁ ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ପରିବାର ସ୍ଥାନରେ ଶନି ଅଶାନ୍ତିର ମାତ୍ରା ବଢ଼ାଇପାରେ। କୋଣଭାବରେ ଶୁକ୍ରଥିବାରୁ ବାକି ରଖିଥିବା ଲୋକଟି ହଠାତ୍ ଟଙ୍କା ଦେଇଯିବ। ପ୍ରଶାସନ, ରାଜନୀତି, ଗବେଷଣାରେ ସମସ୍ୟା ସମାଧାନରେ ରାସ୍ତା ବାହାର କରିନେବେ।

**ତୁଳା**
ସପ୍ତମଭାବସ୍ଥ ରବି ଓ ଶନିଙ୍କ ସ୍ଥିତିରୁ ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାରେ ଅସମର୍ଥ ହୋଇପାରନ୍ତି। ଲୋକସମ୍ପର୍କ ଭଲ ରହିଥିବାରୁ ସମ୍ମାନ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ନେବାର ପରିକଳ୍ପନା କରିପାରନ୍ତି। ନିଜ ପରିସରରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ଆନୁଷଙ୍ଗିକ ସହଯୋଗ ମିଳିବ।

**ବିଛା**
କେନ୍ଦ୍ରକୋଣସ୍ଥ ପାପଗ୍ରହ ପ୍ରଭାବରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିର କାମ ସାମାନ୍ୟ ବିଳମ୍ବରେ ଶେଷ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟ ସମାଧାନର ଆଶା ରହିଛି।

**ଧନୁ**
ଶୁକ୍ରଙ୍କ ଶୁଭଦୃଷ୍ଟିରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ନୂତନ ବନ୍ଧୁସମ୍ପର୍କ କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ ସ୍ତରରେ ସହମତିରେ କାମ କଲେ ସଫଳତା ପାଇବେ। ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡିବେ।

**ମକର**
କର୍ମାଧିପଙ୍କ ଶୁଭତ୍ୱ କାରଣରୁ ପ୍ରତିବନ୍ଧକ ଦୂରେଇଯିବ। ପିଲାଙ୍କ ସ୍ୱାସ୍ଥ୍ୟ ଏବଂ ଉଚ୍ଚଶିକ୍ଷାରେ ସମସ୍ୟାଜନିତ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାଧାରଣ କଥାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ**
ରାଶିରେ ଗ୍ରହମାନଙ୍କ ସୁପ୍ରଭାବରେ ବିବାଦରେ ଜୟଲାଭ ସହ ପ୍ରତ୍ୟେକ କାମରେ ସଫଳତା ହାସଲ କରିପାରିବେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବାରୁ କାମ ସ୍ଥଗିତ ରହିଯିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବା ଯୋଗୁ ଶାନ୍ତି ପାଇବେ। ପୂର୍ବଶତ୍ରୁତାରୁ ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି।

**ମୀନ**
ରାଶିସ୍ଥ ପାପଗ୍ରହଙ୍କ କୁପ୍ରଭାବରୁ ବିଶେଷ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ଆଳାପର ସମୟ କଟିଯିବ । ବନ୍ଧୁଙ୍କ ପରାମର୍ଶରେ ଉଚ୍ଚଶିକ୍ଷା ଲାଗି ବିଦେଶ ଯାତ୍ରା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହଯୋଗ ପାଇବାରେ ସମସ୍ୟା ଦେଖାଦେଇପାରେ।

ଆଜି ମାର୍ଚ୍ଚ ୨୬ ତାରିଖ ଗୁରୁବାର। ଅଶୋକାଷ୍ଟମୀ, ଶ୍ରୀମନ୍ଦିରରେ ଗର୍ଭୋଦକ ବନ୍ଦାପନା ଓ ଜେଉଟ ଭୋଗ, ଶ୍ରୀଲିଙ୍ଗରାଜଦେବଙ୍କ ରୁକୁଣା ରଥଯାତ୍ରା, ବାସନ୍ତିକ ମୃଣ୍ମୟୀଦେବୀଙ୍କ ମହାଷ୍ଟମୀ ପୂଜା, ଗୃହଦେବୀଙ୍କ ମହାନବମୀ ପୂଜା, ପୀଠେ ମହାନବମୀ ପୂଜା। ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୯ ଗତେ ଘ.୦୭।୨୬ ମଧ୍ୟେ, ଘ.୧୦।୩୯ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ ।

## ବଜ୍ରପାତ: ଜଣେ ମୃତ, ଜଣେ ବଧିର

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ବୁଧବାର ଅପରାହ୍ନ ସମୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ବଧିର ହୋଇଥିବା ଜଣାପଡ଼ିଛି। ନୀଳଗିରି ଏନ୍ଏସି ୧ ନମ୍ବର ୱାର୍ଡ ଘାଟଘରସାହି ଗ୍ରାମର ଗଣେଶ୍ୱର ବେହେରା (୪୦) ଡାହିସାହି ବିଶ୍ୱାଳସାହିରେ ଜଣଙ୍କ ଘରେ ଛାତ ପକାଇ ଜରି ଢାଙ୍କୁଥିଲେ। ହଠାତ୍ ପ୍ରବଳ ବିଜୁଳି ସହ ବଜ୍ରପାତ ହେବାରୁ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସିଆଡ଼ିମାଳ ଗ୍ରାମର ବାବୁ ଦାସ ମଧ ବଧିର ହୋଇଥିବା ବେଳେ ଡାହାଣ କାନକୁ କିଛି ଶୁଭୁ ନ ଥିବା ଜଣାପଡ଼ିଛି। ତୁରନ୍ତ ଦୁଇଜଣଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲା। ଗଣେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।




# ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ

## ମଣ୍ଡି ସମସ୍ୟା ନେଇ ତାତିଲା କଂଗ୍ରେସ

ମାଲକାନଗିରି,୨୫।୩
(ଦୁର୍ଯ୍ୟୋଧନ ପାତ୍ର)


ବନ୍ଦ ପାଳନ ଯୋଗୁ ମାଲକାନଗିରି ମୁଖ୍ୟ ରାସ୍ତା ଶୂନଶାନ।

ଧାନ ମଣ୍ଡିରେ ଅବ୍ୟବସ୍ଥା ସହ ୪ ଦଫା ଦାବି ନେଇ ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ ପାଳନ କରାଯାଇଛି। ବୁଧବାର ସକାଳୁ ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କାଲିମେଳା ମୁଖ୍ୟ ବଜାର ଦେଇ ରାଞ୍ଚି-ବିଜୟୱାଡା ୩୨୬ ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ଆନ୍ଧ୍ର ଓ ତେଲଙ୍ଗାନାରୁ ଆସୁଥିବା ଅନେକ ବସ୍ ଓ ଟ୍ରକ୍ ଉଭୟ ପଟେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ବନ୍ଦ ପାଳନ ଯୋଗୁ ଅନ୍ତଃରାଜ୍ୟ ଯୋଗାଯୋଗ ଠପ୍ ହେବା ସହ ଏମ୍ଭି ୭୯, ମୋଟୁ ଏବଂ ପଡିଆ ବ୍ଲକକୁ ମଧ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲା ସଦର ମହକୁମା ସହ ସମସ୍ତ ବ୍ଲକରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଛି।

ସମସ୍ତ ମଣ୍ଡିରୁ ଧାନ ଉଠାଇବା, ଅଖା ବସ୍ତା ଟଙ୍କା ଫେରସ୍ତ କରିବା, ଖାଉଟିମାନଙ୍କୁ ଠିକ୍ ସମୟରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବା ସହ କାଳବୈଶାଖୀରେ ନଷ୍ଟ ହୋଇଥିବା ଧାନର କ୍ଷତିପୂରଣ ଦେବା ପରି ୪ ଦଫା ଦାବିରେ କଂଗ୍ରେସ ତରଫରୁ ଏହି ବନ୍ଦ ପାଳନ କରାଯାଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଧାନମଣ୍ଡି ଆରମ୍ଭ ହେବାର ୩ ମାସ ପରେ ବିବହୁ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡିରହିଛି। ଏହାବ୍ୟତୀତ ବହୁ ଚାଷୀଙ୍କ ଟୋକନ ଆସିଥିବା ସତ୍ତ୍ୱେ ସରକାର ଧାନ ଖରିଦ କରି ନ ଥିବାରୁ ଉକ୍ତ ଟୋକନର ସମୟସୀମା ମଧ ସରିଗଲାଣି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏବେ ଅଦିନିଆ ବର୍ଷା ଯୋଗୁ ବହୁ ଚାଷୀଙ୍କ ଧାନ ନଷ୍ଟହେବାରେ ଲାଗିଛି। ତେଣୁ ଚାଷୀଙ୍କୁ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତି ପ୍ରଦାନ କରାଯାଉ, ମଣ୍ଡିରୁ ସମସ୍ତ ଧାନ ଖରିଦ କରାଯାଉ ଏବଂ ୩ ବର୍ଷର ଖାଲିବସ୍ତା ବାବଦକୁ ବକେୟା ଟଙ୍କା ଯୋଗାଇଦେବାକୁ ଦାବି ହୋଇଛି। ଅନ୍ୟପକ୍ଷେ ଏବେ ଜିଲାରେ ପେଟ୍ରୋଲ, ଗ୍ୟାସ୍ ସିଲିଣ୍ଡରର ଅଭାବ ଦେଖିବାକୁ ମିଳିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବାକୁ ଦାବି ହୋଇଛି। ଏହି ବନ୍ଦ ପାଳନରେ ଜିଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓ, ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, କଂଗ୍ରେସ ବରିଷ୍ଠ କର୍ମୀ ପ୍ରଭାକର ପାଳ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳା ବିରୋଧୀ ଦଣ୍ଡବିଧାନ ହାରରେ ଓଡ଼ିଶା ଅଗ୍ରଣୀ: ମୁଖ୍ୟମନ୍ତ୍ରୀ

## 'ସୁଧୁରିଯାଅ, ନଚେତ୍ ସୁଧାରିଦେବୁ'

ଭୁବନେଶ୍ୱର, ୨୫।୩(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ହିଂସାକୁ ନେଇ ନମ୍ବର ଗେମ୍ ଖେଳିବାକୁ ଚାହୁଁନାହିଁ। କିନ୍ତୁ ବିରୋଧୀଙ୍କ ଅପ୍ରଚାରର ଉତ୍ତର ଦେବାକୁ ପଡ଼ିବ। ରାଜ୍ୟରେ ମହିଳା ବିରୋଧୀ ହିଂସା ପୂର୍ବାପେକ୍ଷା ହ୍ରାସ ପାଇଛି ଏବଂ ଦଣ୍ଡବିଧାନ କ୍ଷେତ୍ରରେ ଦେଶରେ ଓଡ଼ିଶାର ହାର ସବୁଠୁ ଅଧିକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ କହିଛନ୍ତି।

ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୨ରେ ମହିଳା ହିଂସା ବିରୋଧରେ ଦଣ୍ଡବିଧାନ ହାର ମାତ୍ର ୯.୨ପ୍ରତିଶତ ଥିଲା, ପରେ ଏହା ୨୦୨୩ରେ ୬.୭ ପ୍ରତିଶତକୁ ଖସିଥିଲା। ଏହି ସମୟ ମଧ୍ୟରେ ମହିଳା ହିଂସା ବିରୋଧରେ ଦଣ୍ଡ ବିଧାନ ହାର ସାରା ଦେଶରେ ଓଡ଼ିଶାର ସବୁଠାରୁ କମ୍ ଥିଲା। ସୁଶାସନର ଡିଣ୍ଡିମ ପିଟୁଥିବା ୨୪ ବର୍ଷୀୟ ସରକାର ମହିଳାଙ୍କୁ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ମାତ୍ର ଆମ ସରକାର ସମୟ ୨୦୨୫ର ପ୍ରଥମ ୬ ମାସରେ ମହିଳା ହିଂସା ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହାର ୪୧ ପ୍ରତିଶତ ହୋଇଛି। ଜୁନ୍ ମାସରେ ଏହା ୬୨ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଦଣ୍ଡବିଧାନ ହାର ସାରା ଦେଶରେ ସବୁଠାରୁ ଅଧିକ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଆମ ସରକାର ଶାସନକୁ ଆସିବାର ୧୮ ମାସ ଅର୍ଥାତ୍ ୨୦୨୪ ଜୁଲାଇ ପହିଲାରୁ ୨୦୨୫ ଡିସେମ୍ବର ଶେଷସୁଦ୍ଧା ବଳାତ୍କାର ମାମଲା ୩.୫% ହ୍ରାସ ପାଇଛି। ସେହିପରି ମହିଳା ଅସଦାଚରଣ ମାମଲା ୨.୨% ହ୍ରାସ ପାଇଥିବାବେଳେ ସର୍ବସାଧାରଣରେ ନିବସ୍ତ୍ର ମାମଲା ୨୬.୮% ହ୍ରାସ ଘଟିଛି। ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲା ୭୩.୩% ହ୍ରାସ ପାଇଥିବାବେଳେ ଯୌତୁକଜନିତ ହତ୍ୟା ମାମଲା ୨୬.୧%, ଯୌତୁକ ନିର୍ଯାତନା ମାମଲା ୮.୩%, ଅଣଯୌତୁକ ନିର୍ଯାତନା ମାମଲା ୧.୬% ହ୍ରାସ ପାଇଛି। ସେହିଭଳି ହତ୍ୟା ମାମଲାରେ ୭.୪% ହ୍ରାସ ହୋଇଥିବାବେଳେ ୧୨.୮% ଡକାୟତି, ୩୪.୪% ଲୁଣ୍ଠନ, ୨୫.୭% ଦଙ୍ଗା ହ୍ରାସ ପାଇଛି। ନିକଟରେ ଓଡ଼ିଶା ପୋଲିସ ପକ୍ଷରୁ ଅପରେଶନ ଅନ୍ୱେଷଣ-୨ କରାଯାଇଥିଲା। ମାତ୍ର ୧୦ ଦିନ ମଧ୍ୟରେ ପରିବାରରୁ ବିଚ୍ଛିନ୍ନ ହୋଇଯାଇଥିବା ୫ ହଜାର ୪୫୧ ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ବିଧାନସଭାରେ ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍‌ବୋଧନ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଦେଶ ପାଇଁ ସବୁଠାରୁ ବଡ଼ ଆନ୍ତରିକ ସୁରକ୍ଷା କ୍ଷେତ୍ରରେ ନକ୍ସଲ ଓ ମାଓବାଦୀ ହିଂସା ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଯୋଗୁ ଭାରତ ମାଓବାଦୀମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି, ମାତ୍ର ଆଉ ସାତଦିନ ପରେ ଡବଲ-ଇଞ୍ଜିନ ସରକାର ଭାବେ ଓଡ଼ିଶା ବି ଏହି ଅଭିଯାନରେ ସାମିଲ ହୋଇଛି। ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ପ୍ରୟାସରେ ଓଡ଼ିଶା ଖୁବ୍‌ଶୀଘ୍ର ଗୃହ ମନ୍ତ୍ରଣାଳୟର ମାଓବାଦୀ ତାଲିକାରୁ ବାଦ୍ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିଶୁ ଓ ମହିଳାଙ୍କ ପ୍ରତି ହେଉଥିବା ଅନଲାଇନ୍ ନିର୍ଯାତନାକୁ ପ୍ରତିହତ କରିବା ପାଇଁ ସାଇବର କମ୍ପ୍ଲେକ୍ସ ଭୁବନେଶ୍ୱରଠାରେ ଶିଶୁ ଓ ମହିଳା ଅନ୍‌ଲାଇନ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଂଗଠିତ ସାଇବର ଅପରାଧ ନେଟ୍‌ୱର୍କକୁ ମୂଳପୋଛ କରିବା ଦିଗରେ ଓଡ଼ିଶା ପୋଲିସ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ୧୩ ଫେବୃଆରୀ ୨୦୨୬ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ସାଇବର କବଚ' ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ୩୯ ହଜାର ୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ୧,୪୨୨ଟି ନୂତନ ମାମଲା ପଞ୍ଜୀକୃତ କରାଯାଇଛି। ତନ୍ମଧ୍ୟରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ୧ ହଜାର ୩୧୫ ମାମଲା, ନକଲି ସିମ୍‌କାର୍ଡ ସମ୍ବନ୍ଧୀୟ ୨୪ ମାମଲା, ଏଟିଏମ୍ ଉଠାଣ ସମ୍ବନ୍ଧୀୟ ୩୬ ମାମଲା ଓ ଚେକ୍ ଉଠାଣ ସମ୍ବନ୍ଧୀୟ ୪୭ ମାମଲା ରୁଜୁ କରାଯାଇଛି। ଏହା ବ୍ୟତୀତ ସାଇବର ଠକେଇରେ ସମ୍ପୃକ୍ତ ଥିବା ସମୁଦାୟ ୩୭୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତଦନ୍ତ ପ୍ରକ୍ରିୟାକୁ ଆଗକୁ କ୍ରିୟାଶୀଳ କରିବା ପାଇଁ ପ୍ରାୟ ୭ ହଜାର ୫୪୯ରୁ ଅଧିକ ଆକାଉଣ୍ଟଧାରୀ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ସାଇବର ଅପରାଧ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ସବୁପ୍ରକାର ଉଦ୍ୟମ ଜାରି ରହିଛି। ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଆମ ସରକାର ଆସିଲା ପରେ ଅପରାଧୀଙ୍କ ପ୍ରତି ପୂର୍ବ ସରକାର ସମୟରେ ଥିବା କୋହଳ ମନୋଭାବ, ପ୍ରେମ ଏବଂ ରାଜନୈତିକ ସୁରକ୍ଷାର ଏକ୍ସପାଏରି ହୋଇସାରିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ପ୍ରତିଶତ ବୃଦ୍ଧି ପାଇଛି ।

ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ସୁଧୁରି ଯାଅ, ନ ହେଲେ ସରକାର ଓ ପୋଲିସ ପ୍ରଶାସନ ସୁଧାରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ଏକ ଶାନ୍ତ, ଅପରାଧମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଯୋଜନା କରିଛନ୍ତି। ଏହାର ସଫଳ ରୂପାନ୍ତରୀକରଣ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଗୃହ ବିଭାଗ ପାଇଁ ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିବା ଲାଗି ସମସ୍ତ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।



# ଅହିଂସା ଓ ଅସ୍ପୃଶ୍ୟତା



ଦେବଦତ୍ତ ପଟ୍ଟନାୟକ

ଅହିଂସାକୁ ହିନ୍ଦୁଧର୍ମରେ ଶ୍ରେଷ୍ଠ ସଦାଚାର ବା ଗୁଣ ବୋଲି ବିବେଚନା କରାଯାଏ। ଏହା ସଦାଚାରୀ ସନ୍ନ୍ୟାସୀ, ଦୟାଶୀଳ ଋଷି ତଥା ଶ୍ରେଷ୍ଠ ନୈତିକ ଜୀବନର ଭାବମୂର୍ତ୍ତିକୁ ପରିପ୍ରକାଶକରେ। କିନ୍ତୁ ଏହି ସକାରାତ୍ମକ ଭାବନା ପ୍ରଚ୍ଛଦରେ ବି ଅନେକ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଅସ୍ପୃଶ୍ୟତାକୁ ଦୃଢ଼ କରିବା ପାଇଁ ଅନୁମତି ଦେଇଛି। ଲୋକେ ଅନେକ ସମୟରେ ଜାତି ଓ ଅସ୍ପୃଶ୍ୟତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯେତେବେଳେ ସେମାନେ ସାମାଜିକ ସ୍ତରରେ ରହିଥିବା ଜାତି ସମ୍ପର୍କରେ କହନ୍ତି ସେତେବେଳେ ଉଚ୍ଚବର୍ଗ କଥା ହିଁ ବଖାଣିଥାନ୍ତି। ତେବେ ସମ୍ପ୍ରତି ଭାରତରେ ଅହିଂସାର ୨ ପ୍ରକାର ପ୍ରଭାବଶାଳୀ ରୂପ ରହିଛି। ପ୍ରଥମଟି ହେଉଛି ଗାନ୍ଧିଜୀଙ୍କ ଅହିଂସା, ଯାହା ରାଜନୈତିକ ରଣନୀତିର ମୂଳରେ ଅଛି। ଏହା ଅସ୍ତ୍ର ତ୍ୟାଗକରି ଅସହଯୋଗକୁ ପ୍ରୋତ୍ସାହିତ କରେ। ଏହା ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଶାରୀରିକ ଶକ୍ତି ବଦଳରେ ନୈତିକ ଚାପ ପ୍ରୟୋଗ କରିଥାଏ। ଏହି ପ୍ରକାର ଅହିଂସା ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିଲା। କିନ୍ତୁ ଏବେ ସନାତନୀ ହିନ୍ଦୁତ୍ୱବାଦୀ ଗୋଷ୍ଠୀ ଏହାକୁ ଅସ୍ୱୀକାର କରୁଛନ୍ତି। କାରଣ ସେମାନେ ବିଶ୍ୱାସ କରୁଛନ୍ତି, ଦେଶକୁ ସୁରକ୍ଷା ଦେବା ଏବଂ ଧର୍ମୀୟ ପରିଚୟକୁ ରକ୍ଷାକରିବା ପାଇଁ ହିଂସା ଆବଶ୍ୟକ। ସେମାନେ ଭାବନ୍ତି, ଅହିଂସା ହେଉଛି ଦୁର୍ବଳତା।

ଦ୍ୱିତୀୟ ପ୍ରକାର ଅହିଂସା ହେଉଛି ଆହାର ସମ୍ପର୍କିତ ଅହିଂସା। ଏହି ଅହିଂସା ବିଚାରରେ ମାଛ, ମାଂସ କିମ୍ବା ଅଣ୍ଡା ଖାଉଥିବା ଲୋକଙ୍କ ତୁଳନାରେ ଉଦ୍ଭିଦଜ ଖାଦ୍ୟାହାରୀ ବ୍ୟକ୍ତି ନୈତିକ ଦୃଷ୍ଟିରୁ ଶ୍ରେଷ୍ଠ। ଏହି ବିଶ୍ୱାସ ସାମାଜିକ ସ୍ତରରେ ଅତ୍ୟଧିକ ବଳବତ୍ତର ରହିଛି । ଦୈନନ୍ଦିନ ପରମ୍ପରା, ସଂସ୍ଥାଗତ ନିୟମ, ମନ୍ଦିର ନୀତିନିୟମ, କର୍ପୋରେଟ ସଂସ୍କୃତି ଏବଂ ରାଜନୈତିକ ପ୍ରତୀକାତ୍ମକ ସିଦ୍ଧାନ୍ତରେ ମଧ୍ୟ ଏହା ଦୃଢ଼ ରହିଆସିଛି। ଏହି ପ୍ରକାର ଅହିଂସା ଅସ୍ପୃଶ୍ୟତାର ଧାରଣା ଏବଂ ପବିତ୍ରତାର ସାମାଜିକ ଶ୍ରେଣୀବାଦକୁ ଆରମ୍ଭ କରିଛି। ଉଲ୍ଲେଖନୀୟ, ଆହାର ସମ୍ବନ୍ଧୀୟ ଅହିଂସାକୁ ଉଭୟ ଗାନ୍ଧିବାଦୀ ଏବଂ ସନାତନୀମାନେ ପାଳନ କରୁଛନ୍ତି। ଖାଦ୍ୟ ପ୍ରାଥମିକତା ଏବଂ ଖାଦ୍ୟ ପସନ୍ଦ ନାମରେ ଏହାକୁ ପାଳନ କରାଯାଉଛି।

ଶାକାହାରବାଦ ସମ୍ପୂର୍ଣ୍ଣ ଭାବେ ଜୈନ ସିଦ୍ଧାନ୍ତରୁ ଆସିଛି। ଏହା ସ୍ୱଷ୍ଟକରେ ଯେ,ଉଦ୍ଭିଦ କୌଣସି ଯନ୍ତ୍ରଣା ଅନୁଭବ କରେନାହିଁ ଏବଂ ସେଥିପାଇଁ ଉଦ୍ଭିଦଜ ଖାଦ୍ୟ ଖାଇବା ହିଂସା ନୁହେଁ। କିନ୍ତୁ ଏହି ତର୍କ ବିଜ୍ଞାନ ଓ ବୈଦିକ ବ୍ୟାଖ୍ୟାନ ମଧ୍ୟରେ ବିରୋଧାଭାସ ସୃଷ୍ଟିକରେ। ଶତପଥ ବ୍ରାହ୍ମଣରେ କୁହାଯାଇଛି ଯେ, ଏପରିକି ଉଦ୍ଭିଦଜ ଖାଦ୍ୟ ଖାଉଥିବା ଲୋକ ପରଜୀବନରେ ମଧ୍ୟ ତାହାର ଫଳ ଭୋଗ କରିବ, ଯେଉଁଠି ତାଙ୍କୁ ଉଦ୍ଭିଦ ଖାଦ୍ୟ ଭାବେ ଗ୍ରହଣ କରିବ ଏବଂ ସେ ଯନ୍ତ୍ରଣା ଭୋଗ କରିବେ। ପୁରାତନ ଜୈନ ବିଚାରରେ, ଆମରଣ ଅନଶନ ଅର୍ଥ ହେଉଛି ପ୍ରକୃତ ଅହିଂସା। ଅର୍ଥାତ୍ କିଛି ନ ଖାଇଲେ କୌଣସି ହିଂସା ହେବନାହିଁ। କୃଷି ସହି ଜଡ଼ିତ ବ୍ୟକ୍ତିମାନେ ଜାଣନ୍ତି ଯେ, ଶାକାହାର ଖାଦ୍ୟ ଯନ୍ତ୍ରଣାମୁକ୍ତ ନୁହେଁ। କୃଷି ହିଂସା ମଧ୍ୟରେ ବୁଡିରହିଛି। ଫସଲର ସୁରକ୍ଷା ପାଇଁ କୀଟପତଙ୍ଗ, ମୂଷା ଏବଂ ପକ୍ଷୀଙ୍କୁ ମାରିଦିଆଯାଏ। ଷଣ୍ଢକୁ ଅସ୍ତ୍ରୋପଚାର ମାଧ୍ୟମରେ ବଳଦ କରି ହଳ ଓ ପରିବହନରେ ବ୍ୟବହାର କରାଯାଏ। ଏହି କାର୍ଯ୍ୟକୁ ଶାକାହାରବାଦ ଗୁପ୍ତ ରଖିଛି ଏବଂ ସହରାଞ୍ଚଳରେ ରହୁଥିବା ପ୍ରତିଷ୍ଠିତ ବ୍ୟକ୍ତିମାନେ ଶୁଦ୍ଧ ଓ ଅହିଂସକ ଖାଦ୍ୟ ଖାଉଛନ୍ତି ବୋଲି ଧାରଣା ସୃଷ୍ଟି କରିଛି।



ପ୍ରକୃତରେ କୃଷିକାର୍ଯ୍ୟରେ ଶୂଦ୍ର, ସେବକମାନେ ଜଡ଼ିତ ଥିଲେ ଏବଂ ସେମାନଙ୍କ ହିଂସାତ୍ମକ କାର୍ଯ୍ୟ ସାମ୍ନାକୁ ଆସିପାରୁ ନ ଥିଲା। କାରଣ ସେମାନଙ୍କ ସହ ବହୁ କମ୍ ଯୋଗାଯୋଗ ରହୁଥିଲା। ଯାଯାବର ଗୋଷ୍ଠୀର ପଶୁପାଳକ, ମରୁଭୂମିରେ ରହୁଥିବା ସମ୍ପ୍ରଦାୟ, ବନବାସୀ ଏବଂ ଉପକୂଳରେ ବସବାସ କରୁଥିବା ଲୋକେ ଭାବନ୍ତି ଯେ, ମାଂସ ଓ ମାଛ ହେଉଛି ଜୀବନର ଆବଶ୍ୟକତା। ଭିଲ୍, ଗୋଣ୍ଡ, କୋଲି, ଶବରଙ୍କ ସମେତ ଉତ୍ତରପୂର୍ବାଞ୍ଚଳର ଆଦିବାସୀ ସମୁଦାୟଗୁଡ଼ିକ ଶିକାର ଓ ଭୋଜନ ପାଇଁ ସେମାନଙ୍କ ପରିସଂସ୍ଥାକୁ କ୍ଷୟ ନ କରି ସ୍ଥାୟୀ ଭାବରେ ବସବାସ କରିଆସିଛନ୍ତି। ତଥାପି ସେମାନଙ୍କ ଉପରେ ହିଂସକ ଓ ଅପବିତ୍ର ମୋହର ଲଗାଇ ଦିଆଯାଉଛି। ଖଣି ଓ ଭିତ୍ତିଭୂମି ପାଇଁ ଶିଳ୍ପପତିମାନେ ଜଙ୍ଗଲ ଧ୍ୱଂସ କରୁଥିଲେ ମଧ୍ୟ ସେମାନଙ୍କୁ ସାତ୍ତ୍ୱିକ ଓ ପବିତ୍ର ବୋଲି କୁହାଯାଉଛି। ଏହା ହେଉଛି ନୈତିକତାର ବିପରୀତ ସ୍ଥିତି ଏବଂ ଆମ ହିଂସା ସମ୍ପର୍କିତ ଗଭୀର ବିଚାରଧାରାକୁ ଜାତି ଓ ବର୍ଗ କିଭଳି ଗଢ଼ିଛି ତାହା ଏହା ପ୍ରକାଶ କରେ।

ସାମାଜିକ ବିଚାରଧାରାରେ ପବିତ୍ରତା ତଥା ଶୁଦ୍ଧତା ପ୍ରମୁଖ ବିଷୟ ହୋଇରହିଛି। ଭାରତର ସାର୍ବଜନୀନ ସଂସ୍ଥାଗୁଡ଼ିକ ଉପରେ ଶାକାହାର ଧାରଣାର ପ୍ରଭାବ ବିସ୍ତାର କରିଛି। ଗାନ୍ଧିଜୀଙ୍କ ସାବରମତି ଆଶ୍ରମରେ ଶାକାହାର ରୋଷଘର ଅଛି ଏବଂ ଆର୍‌ଏସ୍‌ଏସ୍‌ର ସେହିଭଳି କ୍ୟାଣ୍ଟିନ ସବୁ ଅଛି। କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକ ଜୈନ କିଚେନ୍‌କୁ ନେଇ ଗର୍ବ କରନ୍ତି। କେବଳ ଶାକାହାର ଖାଦ୍ୟ ଦେବା ପାଇଁ ଏୟାଲାଇନ୍ସକୁ ବାଧ୍ୟ କରାଯାଉଛି। ତୀର୍ଥସ୍ଥଳୀ ଥିବା ସହରଗୁଡ଼ିକୁ ଶୁଦ୍ଧ ଶାକାହାର ଅଞ୍ଚଳ ଭାବେ ଘୋଷଣା କରାଯାଉଛି । 'ଶୁଦ୍ଧ' ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂଚିତ କରେ ଯେ, ମାଂସାହାରୀମାନେ ପରିବେଶକୁ ଦୂଷିତ କରନ୍ତି ଏବଂ ସେମାନଙ୍କ ଉପସ୍ଥିତି, ଗନ୍ଧ ଏବଂ ଅଭ୍ୟାସ ପ୍ରଦୂଷଣକାରକ। ଶୁଦ୍ଧତା ବ୍ୟବସ୍ଥା ଯୋଗୁ ଟିଫିନ ବକ୍ସରେ ଆମିଷ ଖାଦ୍ୟ ଆଣିବା ପାଇଁ କର୍ମଚାରୀଙ୍କୁ ବାରଣ କରାଯାଉଛି। ଯେଉଁମାନେ ମାଂସ ରୋଷେଇ କରୁଛନ୍ତି, ସେମାନଙ୍କୁ ହାଉସିଂ ସୋସାଇଟିଗୁଡ଼ିକ ଘର ଭଡ଼ା ଦେଉନାହାନ୍ତି। ଯାହା ଦିନେ ଜାତିଗତ ପୃଥକୀକରଣ କିମ୍ବା ବାଛବିଚାର ଥିଲା ତାହା ଏବେ ଜୀବନଶୈଳୀ ପସନ୍ଦ ହୋଇଯାଇଥିବା ଜଣାପଡୁଛି। ପରିଭାଷା ବଦଳିଯାଇଥିଲେ ବି ବ୍ୟବସ୍ଥା ସେହିଭଳି ରହିଛି। ବ୍ରାହ୍ମଣ ଓ ଶୁଦ୍ର ବଦଳରେ ଏବେ ଆମ ମଧ୍ୟରେ ପବିତ୍ର ଓ ଅପବିତ୍ର କିମ୍ବା ଶୁଦ୍ଧ ଓ ଅଶୁଦ୍ଧ ହିନ୍ଦୁ ଭାବନା ରହିଛି।

ସାମାଜିକ ସ୍ତରରେ ଥିବା ଏଭଳି ଉଚ୍ଚନୀଚ ଭାବନାକୁ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଯାଇ ଗୁରୁମାନେ ସାତ୍ତ୍ୱିକ, ରାଜସିକ, ତାମସିକ ଖାଦ୍ୟ ସିଦ୍ଧାନ୍ତ ସାମ୍ନାକୁ ଆଣିଛନ୍ତି, ଯାହାକୁ ଏବେ ପୋଷକ ବିଜ୍ଞାନର ଅସ୍ତ୍ର ଭାବେ ଦର୍ଶାଯାଉଛି। ଏହାସହ ନୈତିକତାର ବିଷୟ ରୂପେ ଉପସ୍ଥାପନ କରାଯାଉଛି। ତଥାପି କୌଣସି ହିନ୍ଦୁ ଗ୍ରନ୍ଥ ଶାକାହାରବାଦକୁ ଏକ ବୈଶ୍ୱିକ ନିୟମ ଭାବେ ଗ୍ରହଣ କରିନାହିଁ। ମହାଭାରତ, ରାମାୟଣ ଏବଂ ପୁରାଣରେ ଶିକାରୀ, ମାଛ ଭକ୍ଷକ ଏବଂ ମାଂସାହାରୀ ଋଷିଙ୍କ ସମ୍ପର୍କିତ ବର୍ଣ୍ଣନା ଭରିରହିଛି। ଏ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଆଧୁନିକ ପ୍ରକାଶନ ସଂସ୍ଥାଗୁଡ଼ିକ ଭୁଲ୍ ଅନୁବାଦ କରୁଛନ୍ତି। ହିନ୍ଦୁଧର୍ମ ବିପଦରେ ଅଛି ବୋଲି ଲୋକେ ଦାବି କରୁଥିବାବେଳେ ଏଥିପାଇଁ ସେମାନେ ବାହ୍ୟଶତ୍ରୁକୁ ଦାୟୀ କରୁଛନ୍ତି। ହେଲେ ବଡ଼ ବିପଦ ଦେଶ ଭିତରେ ରହିଛି। ଶୁଦ୍ଧ ଓ ଅଶୁଦ୍ଧ ବ୍ରାହ୍ମଣୀୟ ବିଚାରଠାରୁ ଆରମ୍ଭ କରି ବୌଦ୍ଧ ଓ ଜୈନଧର୍ମର ଦାର୍ଶନିକ ସିଦ୍ଧାନ୍ତରେ ଏହା ଥିଲା ଏବଂ ଏବେ ଏହାକୁ ନୈତିକ ଜୀବନଶୈଳୀ ଭାବେ ପୁନଃ ନାମକରଣ କରାଯାଇଛି। ସେମାନେ ମିଳିତ ଭାବେ ଏକ ସାମାଜିକ ଉଚ୍ଚନୀଚ ସ୍ତର ଗଢ଼ିଛନ୍ତି, ଯେଉଁଠି ଅଭିଜାତ୍ୟ ବର୍ଗଙ୍କ ଅଭ୍ୟାସକୁ ବିଶ୍ୱସ୍ତରରେ ସଦ୍‌ଗୁଣ ଆଖ୍ୟା ଦିଆଯାଇଛି ଏବଂ ନୀଚବର୍ଗର ଲୋକଙ୍କ ଜୀବନରକ୍ଷାର ରଣନୀତିକୁ ତୁଚ୍ଛ କହି ସେମାନଙ୍କୁ ତିରସ୍କାର କରାଯାଉଛି। ଏହି ପ୍ରକାରେ ଅହିଂସା ହିଂସାର ସମାଧାନ କରେ ନାହିଁ। ବରଂ ଏହା ହିଂସାକୁ ଆଡୁଆଳରେ ରଖେ। ଜାତିକୁ ଅସ୍ୱୀକାର କରାଯାଉଛି , ହେଲେ ଅସ୍ପୃଶ୍ୟତାକୁ ସତର୍କତାର ସହ ଉଲ୍ଲେଖ କରାଯାଉଛି। ଏଭଳି କରିବା ଯୋଗୁ ଏହା ସାମାଜିକ ପ୍ରାଧାନ୍ୟକୁ ଆଧ୍ୟାତ୍ମିକ ଶୁଦ୍ଧତା କିମ୍ବା ସଂସ୍କାର ଭାବେ ତ୍ରୁଟିପୂର୍ଣ୍ଣଭାବେ ଉପସ୍ଥାପନ କରିବା ପାଇଁ ଅନୁମତି ଦେଇଛି, ଯେତେବେଳେ କି ପବିତ୍ରତା ତଥା ଶୁଦ୍ଧତାର ପରିବେଶରେ ନିର୍ବିରୋଧରେ ଅସାମାନତା ଜାରି ରହିଛି।

–devduttofficial@gmail.com

# ଆମ ପରିବେଶ ଆମ ହାତରେ



ଅରିଜିତ ମିଶ୍ର

ପରିବେଶ ବଞ୍ଚିଲେ ଜୀବଜଗତ ବଞ୍ଚିବ। ସେଥି ନିମିତ୍ତ ଏକାଧିକ ସ୍ଲୋଗାନ ରହିଛି, 'ପରିବେଶ ସୁରକ୍ଷା ଜୀବନ ରକ୍ଷା'। ମଣିଷର କର୍ତ୍ତବ୍ୟ ଯେତିକି ମାତ୍ରାରେ ପରିବେଶକୁ ସୁରକ୍ଷା ଦେଇପାରିବ, ସେହିଭଳି ନିଜର ଅମୂଲ୍ୟ ଜୀବନକୁ ବଞ୍ଚାଇପାରିବ। ପରିବେଶକୁ ମଣିଷ ଜୀବନର ମୂଳ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ। ପୃଥିବୀ ମଣିଷ ବଞ୍ଚିବା ନିମନ୍ତେ ମୃତ୍ତିକା, ଜଳ, ବାୟୁ, ଜଙ୍ଗଲ, ପର୍ବତ ଆଦି ପ୍ରଦାନ କରିଛି, ଯାହାଦ୍ୱାରା ପ୍ରାଣିଜଗତ ସୁନ୍ଦର ଭାବରେ ଜୀବନ ଅତିବାହିତ କରିପାରିବେ। ପୂରା କାଳରେ ମଣିଷ ପ୍ରକୃତିକୁ ଉପାସନା କରୁଥିଲା। ବୃକ୍ଷକୁ ପୂଜାକରିବା ବା ପର୍ବତର ଶିଖର ଦେଶରେ ଈଶ୍ୱର ଉପାସନା କରୁଥିଲା। ସେହି ସମୟରେ ମଣିଷ ପ୍ରକୃତିକୁ ବଞ୍ଚାଇବାକୁ ଯାଇ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିଲା। ସାଧାରଣତଃ ପରିବେଶକୁ ଆୟତ୍ତ କରିବାର ସାମର୍ଥ୍ୟ ମଣିଷ ହାତରେ ରହିଛି। କିନ୍ତୁ ମଣିଷ ଏବେ ନିଜର ସ୍ୱାର୍ଥ ସିଦ୍ଧି ନିମନ୍ତେ ପରିବେଶକୁ ନଷ୍ଟକରିବାକୁ ଉଦ୍ୟତ।

ମଣିଷ ପରିବେଶକୁ ପ୍ରଦୂଷିତ କରିବା ନିମନ୍ତେ ପଛାଉନାହିଁ। ଫଳରେ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ୍ ଆଦି ଅନେକ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଉଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍' ରେ ଭାରତର ପରିବେଶ ଉତ୍ତମ ଜଳ ବା ନଦୀରେ ପରିପୂର୍ଣ୍ଣ, ଫଳ ଉତ୍ପାଦନରେ ସମୃଦ୍ଧ, ମୃଦୁ ମଳୟ ପବନର ଶୀତଳତା, ଚାଷ ଜମିଗୁଡ଼ିକ ଶସ୍ୟ ଦ୍ୱାରା ପରିପୂର୍ଣ୍ଣ । କିନ୍ତୁ ବର୍ତ୍ତମାନ ସମୟକୁ ଦେଖିଲେ ଉକ୍ତ ପରିବେଶର ଶୋଭାରେ ଅନେକ ପରିବର୍ତ୍ତନ ହୋଇଛି। ପୃଥିବୀରେ ପ୍ରତିବର୍ଷ ପ୍ରାୟ ୭୦ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୧୭ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁର ଶିକାର ହୁଅନ୍ତି। ପୃଥିବୀରେ ଦିଲ୍ଲୀ, ଲାହୋର, ଢାକା, ବେଜିଂ, କରାଚୀ, କାବୁଲ, ଜାକର୍ତ୍ତା ଆଦି ଅନେକ ସହର ସବୁବେଳେ ବାୟୁ ପ୍ରଦୂଷଣ ସୃଷ୍ଟି କରିବାରେ ପ୍ରଥମ ସ୍ଥାନରେ ରହୁଛନ୍ତି। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣର ମାତ୍ରା ୨% ବଢୁଥିବା ବେଳେ ଭାରତରେ ପ୍ରତିବର୍ଷ ୩% ବଢ଼ିଥାଏ। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣ ଯୋଗୁ ୮ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୨ ଲକ୍ଷ ମୃତ୍ୟୁବରଣ କରନ୍ତି। ଭାରତରେ ଅନେକ କାରଖାନା ଏବଂ ସହରରୁ ନିର୍ଗତ ବର୍ଜ୍ୟଜଳ ନାଳ ଦ୍ୱାରା ଛୋଟ ବଡ଼ ନଦୀରେ ମିଶୁଛନ୍ତି। ଓଡ଼ିଶାରେ କଟକ ସହରର ବର୍ଜ୍ୟଜଳ ପ୍ରତିଦିନ କାଠଯୋଡ଼ି ନଦୀରେ ମିଶୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ପୃଥିବୀରେ ୩୩% ମୃତ୍ତିକା ପ୍ରଦୂଷିତ ହେଉଥିବା ବେଳେ ଭାରତର କୃଷି ଉପଯୋଗୀ ମୃତ୍ତିକା ୩୦% ପ୍ରଦୂଷଣର ଶିକାର ହେଉଛି। ପୃଥିବୀରେ ପ୍ରାୟ ୨୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଭାରତର ସହରାଞ୍ଚଳରେ ୩୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୁଅନ୍ତି। ଠିକ୍ ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣର ବୃଦ୍ଧି ଘଟୁଛି।

ଆମ ପରିବେଶ ଆମ ହାତରେ। ତେଣୁ ବେଳହୁଁ ସାବଧାନ ହେଲେ ଆମ ପରିବେଶ ସୁରକ୍ଷା ପାଇପାରିବ। ଯେପରିକି ବୃକ୍ଷରୋପଣ କରିବା ଆବଶ୍ୟକ, ଯାହା ଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ଠିକ୍ ରହିବା ସହ ଶୁଦ୍ଧ ବାୟୁ ସୃଷ୍ଟିହେବ। ନବୀକରଣଯୋଗ୍ୟ ସମ୍ବଳ ଯଥା ସୌରଶକ୍ତି, ପବନ ଶକ୍ତି, ଜୁଆର ଶକ୍ତିର ବ୍ୟବହାର କରିବା ଦ୍ୱାରା କୋଇଲା ଏବଂ ଖଣିଜ ତୈଳର ବ୍ୟବହାର କମିଯିବ ଏବଂ ବାୟୁ ପ୍ରଦୂଷଣକୁ ମଧ୍ୟ ପ୍ରତିହତ କରିହେବ। ସରକାର ବୈଦ୍ୟୁତିକ ଗାଡ଼ି ଚଳାଇବା ନିମନ୍ତେ ପ୍ରୋତ୍ସାହନ ଦେଉଛନ୍ତି, ଆମେ ମଧ୍ୟ ଏହି ବୈଦ୍ୟୁତିକ ଯାନବାହନର ବ୍ୟବହାରକୁ ବିଶେଷ ପ୍ରାଥମିକତା ଦେବା ଆମ ପରିବେଶ ପାଇଁ ହିତକାରକ। ନଦୀ, ପୋଖରୀ ବା ଝରଣା ଆଦିର ଜଳକୁ ପରିଷ୍କାର ରଖିବା ଦରକାର । ଫଳରେ ମଣିଷ ନିଜର ଜୀବନ ବଞ୍ଚାଇପାରିବ। ଜୈବଇନ୍ଧନ ଚାଳିତ ଯାନବାହନର ବ୍ୟବହାର କମାଇବା ଆବଶ୍ୟକ। ପ୍ଲାଷ୍ଟିକ୍ ପଦାର୍ଥକୁ ପୁନଃ ପ୍ରକ୍ରିୟାକରଣ କରିବା ଲାଭଦାୟକ । କୃଷିଯୋଗ୍ୟ ଜମିରେ ରାସାୟନିକ ସାରର ବ୍ୟବହାର ମାତ୍ରା କମାଇ ଜୈବିକ ପଦ୍ଧତିରେ ଚାଷକରିବା ଭଲ। ସାଟେଲାଇଟ ଦ୍ୱାରା ବର୍ତ୍ତମାନ ବନ ନାଶନ, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଆଦି ପ୍ରତି ସରକାରୀ ସ୍ତରରେ ଲକ୍ଷ୍ୟ ରଖାଯାଉଛି। ତେଣୁ ଏହି ସମସ୍ତ ପଦ୍ଧତି ଅବଲମ୍ବନ କରିବା ସହ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଆବଶ୍ୟକ। ଫଳରେ ମଣିଷ ନିଜ ହାତରେ ନିଜ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଅଗ୍ରସର ହେବ। ସରକାରୀ ସ୍ତରରେ ମଧ୍ୟ ଅନେକ ଯୋଜନା ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଛି। କିନ୍ତୁ କିଛି ଯୋଜନା ବ୍ୟର୍ଥହେବା ଆଶଙ୍କା ସୃଷ୍ଟି ହେଉଛି। ତେଣୁ ମଣିଷ ନିଜେ ସଂଯତ ଭାବ ରଖି ସରକାରଙ୍କୁ ସହଯୋଗର ହାତ ବଢ଼ାଇବାକୁ ପଡ଼ିବ ଏବଂ ପରସ୍ପର ମଧ୍ୟରେ ଏକତା ରକ୍ଷା କରିପାରିଲେ ନିଶ୍ଚିତ ଭାବରେ ପରିବେଶ ସୁରକ୍ଷିତ ରହିବ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୯୦୪୦୩୫୦୦୮୯

## ଏଇ ଭାରତରେ

ପୋଲିସରେ ନିଯୁକ୍ତି ପାଇବା ପାଇଁ ଆଶାୟୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ସଫଳତା ମିଳିଥାଏ। ତେବେ ଅନେକେ ମଧ୍ୟ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ୍ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଟ୍ରାଫିକ୍ ପୋଲିସ ହେବାର ସୁଯୋଗ ଦେଉଛି ଏବଂ ଆଶାୟୀ ବ୍ୟକ୍ତିମାନେ ଏହା ଲାଭ ଉଠାଉଛନ୍ତି। ହେଲେ ସ୍ୱେଚ୍ଛାସେବୀ ଭାବେ ସେମାନେ କାମ କରୁଛନ୍ତି। ବିଟିପି ତରଫରୁ 'ଦିନକ ପାଇଁ ଟ୍ରାଫିକ୍ ପୋଲିସ ହୁଅନ୍ତୁ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍ ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ପରେ ସେମାଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ଏହାପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ୍ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ଶିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ଦିଆଯାଉଛି। ଏଭଳି ଏକ ସମ୍ମିଳିତ ପ୍ରୟାସ ଟ୍ରାଫିକ୍ ବ୍ୟବସ୍ଥାକୁ ମଜଭୁତ କରିପାରିଛି। ପ୍ରକୃତ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମାର୍ଚ୍ଚ ୧୯୭୭

- ଯୁବକଂଗ୍ରେସ କାର୍ଯ୍ୟକଳାପ ପାଇଁ ନିଜକୁ ଦାୟୀ ମନେକରି ଅମ୍ବିକା ସୋନୀ ନିଖିଳ ଭାରତ ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।
- ଗୁଜରାଟର କଂଗ୍ରେସ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଜନତା ଦଳ ପକ୍ଷରୁ ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ଆଗତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 9 | 6 |
| 6 | 9 | | | | | | | |
| 1 | | | 8 | | | | 3 | |
| 5 | 8 | | | | 2 | | | |
| | | 7 | 3 | 8 | | | | |
| | | | 9 | 1 | | | | 3 |
| | | | | | | | | |
| | | | | | 6 | | | 4 |
| | | 8 | | 3 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 4 | 2 | 8 | 7 | 9 | 1 |
| 9 | 1 | 2 | 3 | 7 | 5 | 4 | 8 | 6 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 7 | 3 | 2 | 5 | 6 | 8 | 4 | 9 |
| 2 | 5 | 9 | 7 | 8 | 4 | 6 | 1 | 3 |
| 8 | 6 | 4 | 1 | 3 | 9 | 2 | 5 | 7 |
| 6 | 2 | 1 | 5 | 4 | 7 | 9 | 3 | 8 |
| 4 | 8 | 5 | 9 | 6 | 3 | 1 | 7 | 2 |
| 3 | 9 | 7 | 8 | 1 | 2 | 5 | 6 | 4 |

ଗତକାଲିର ଉତ୍ତର

# ପ୍ରତିରୋଧ ଅପରିହାର୍ଯ୍ୟ



ଜନାର୍ଦ୍ଦନ ବନ୍ଦୋପାଧ୍ୟାୟ

ମାନବ ସଭ୍ୟତାର ଆଦିମ ଅବସ୍ଥାରେ ଯେଉଁ ଅସୁରକ୍ଷିତ ପରିବେଶ ଥିଲା ତାହାକୁ 'ଜଙ୍ଗଲ-ରାଜ୍' କୁହାଯାଏ, ଯାହାର ନୀତି ଥିଲା 'ମାଇଟ ଇଜ୍ ରାଇଟ' ବା ''ଜୋର୍ ଯାର୍ ମୁଲକ ତାର୍'', ଏହି ଅବସ୍ଥାରେ ସାମାଜିକ ଶୃଙ୍ଖଳା ଏବଂ ନ୍ୟାୟ ନ ଥିଲା। ସମସ୍ତେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। କ୍ରମେ ମଣିଷ ଅନୁଭବକଲା ଯେ ଜୀବନର ନିରାପତ୍ତା ଓ ସମୃଦ୍ଧି ପାଇଁ ପାରସ୍ପରିକ ସହାନୁଭୂତି, ସହଯୋଗ ଏବଂ ସହାବସ୍ଥାନର ବାତାବରଣ ଆବଶ୍ୟକ। ଏହିପରି ଭାବେ ଗଢ଼ିଉଠିଲା ଶୃଙ୍ଖଳିତ ସମାଜ ବ୍ୟବସ୍ଥା ଜଣେ ଯୋଗ୍ୟ, ସମର୍ଥ ଏବଂ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ କେନ୍ଦ୍ରକରି, ଯାହାଙ୍କୁ ସମାଜପତି, ରାଜା ବା ଶାସକ କୁହାଯାଏ। ସମୟକ୍ରମେ ରାଜତନ୍ତ୍ରରୁ ଗଣତନ୍ତ୍ର, ସମାଜତନ୍ତ୍ର, ପୁଞ୍ଜିବାଦ, ଏକଛତ୍ରବାଦ ପ୍ରଭୃତି ନାନାପ୍ରକାର ଶାସନ ବ୍ୟବସ୍ଥାର ଉଦ୍ଭବ ଘଟିଛି। ମାତ୍ର ଶାସକ ଗୋଷ୍ଠୀଙ୍କ କ୍ଷମତା, ପ୍ରତିପତ୍ତି ତଥା ରାଜ୍ୟ ଜୟର ଆକାଂକ୍ଷା ଯୋଗୁ ଶତାବ୍ଦୀ ପରେ ଶତାବ୍ଦୀ ଭୟାବହ ଯୁଦ୍ଧ-ବିଗ୍ରହ ଘଟି ବିନାଶର କାରଣ ହୋଇଛି। ଏହାର ଚରମ ପରିଣତି ଦେଖିବାକୁ ମିଳିଲା ବିଗତ ଶତାବ୍ଦୀର ଦୁଇଟି ବିଶ୍ୱଯୁଦ୍ଧରେ।

ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଲା, କେତେ ସମୃଦ୍ଧ ଜନପଦ ଧ୍ୱଂସ ସ୍ତୁପରେ ପରିଣତ ହେଲା। ବିଶ୍ୱଯୁଦ୍ଧର ଭୟାବହତା ଏବଂ ବିପୁଳ ଧନ-ଜନ କ୍ଷୟରେ ଆତଙ୍କିତ ହୋଇ ଭବିଷ୍ୟତରେ ଏଭଳି ବିନାଶକାରୀ ଯୁଦ୍ଧରୁ ମାନବ ସମାଜକୁ ଦୂରେଇରଖିବା ସହିତ ପାରସ୍ପରିକ ଶାନ୍ତି, ସୁରକ୍ଷା ଏବଂ ମାନବାଧିକାରକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୃଥିବୀର ୫୧ଟି ରାଷ୍ଟ୍ର ଏକତ୍ର ହୋଇ ୧୯୪୫ ଅକ୍ଟୋବର ୨୪ରେ ସଂଯୁକ୍ତ ଜାତିସଂଘ ଗଠନ କଲେ। ଏହାର ସଭ୍ୟ ସଂଖ୍ୟା ୧୯୩ରେ ପହଞ୍ଚିଛି। ମାତ୍ର ୫ଟି ମୁଖ୍ୟ ରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଏବଂ ଚାଇନା ହାତରେ ଅଗଣତାନ୍ତ୍ରିକ ଭିଟୋ କ୍ଷମତା ଥିବାରୁ ଜାତିସଂଘ ନିରପେକ୍ଷ ଭାବରେ କାର୍ଯ୍ୟକରି ପାରେନାହିଁ। ତା' ଛଡା ଏହାର କୌଣସି ସାମରିକ କ୍ଷମତା ନ ଥିବାରୁ କେବଳ ଉପଦେଶ ଦେବାରେ ହିଁ ଏହାର କାର୍ଯ୍ୟ ପରିସର ସୀମିତ ରହିଆସିଛି। ତଥାପି ନାହିଁ ମାମୁ ଠାରୁ କଣା ମାମୁ ଭଲ – ଭଳି ଏହି ସଂସ୍ଥା ଏଯାବତ ବଞ୍ଚିରହିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷଭାଗରେ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ବୋମା ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପକାଇଥିଲା। ଯୁଦ୍ଧ ପରେ ସୋଭିଏଟ ରୁଷ୍ ସମେତ ବ୍ରିଟେନ, ଫ୍ରାନ୍ସ ପ୍ରଭୃତି ଦେଶ ପରମାଣୁ କ୍ଷମତାର ଅଧିକାରୀ ହୋଇଗଲେ, ଯାହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଗୋଟିଏ କ୍ଷମତାର ସମୀକରଣ ସୃଷ୍ଟି ହେଲା। ପରମାଣୁ ବୋମାର ସମୂହ ଧ୍ୱଂସକାରୀ ଭୟାବହତା ହିଁ ଏଯାବତ ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧରୁ ଦୂରେଇ ରଖିଛି। ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଆମେରିକା ଭାରତ ସହିତ ପ୍ରଚ୍ଛନ୍ନ ଶତ୍ରୁଭାବ ପୋଷଣକରି ପାକିସ୍ତାନ ମାଧ୍ୟମରେ କଶ୍ମୀରରେ ଆକ୍ରମଣ ଏବଂ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇ ଆସିଛି। ହନୁ ମଲାବେଳେ ସତ କହିଲା ପରି କଶ୍ମୀରର ପହଲ ଗ୍ରାମରେ ସନ୍ତ୍ରାସବାଦୀ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଭାରତର 'ଅପରେଶନ ସିନ୍ଦୂର' ପ୍ରହାରରେ ବ୍ୟତିବ୍ୟସ୍ତ ହୋଇ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଥିଲେ – ଆମେ ସନ୍ତ୍ରାସବାଦୀ ରାଷ୍ଟ୍ର ହୋଇଛୁ କେବଳ ଆମେରିକା ଏବଂ ବ୍ରିଟେନର ସ୍ୱାର୍ଥରେ। ପ୍ରକୃତରେ ଆଜି ପୃଥିବୀରେ ଯେଉଁଠି ବି ଯୁଦ୍ଧବିଗ୍ରହ ଏବଂ ସନ୍ତ୍ରାସବାଦୀ ଆକ୍ରମଣ ହେଉଛି ତାହା ମୂଳରେ ରହିଛି ଆମେରିକା ଏବଂ ତାହାର ଏଜେଣ୍ଟ କୁଖ୍ୟାତ ସିଆଇଏ।



ଆମେରିକା ଏବଂ ନାଟୋ ରାଷ୍ଟ୍ରଙ୍କ ଚକ୍ରାନ୍ତରେ ସୋଭିଏଟ ରୁଷ୍ ଖଣ୍ଡ ଖଣ୍ଡ ହୋଇଗଲା। ଫଳରେ ଆମେରିକା ବର୍ତ୍ତମାନ ସମଗ୍ର ପୃଥିବୀ ଉପରେ ରାଜତ୍ୱ କରିବାକୁ ଚାହୁଁଛି। ଆମେରିକାର ପ୍ରତ୍ୟକ୍ଷ ସମର୍ଥନରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପାଲେଷ୍ଟାଇନବାସୀଙ୍କୁ ହତ୍ୟାକରି ଚାଲିଛନ୍ତି। ସମ୍ପ୍ରତି ଆମେରିକା ଏବଂ ଇସ୍ରାଏଲ ଏକତ୍ର ହୋଇ ଇରାନ ଉପରେ ଆକ୍ରମଣ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ସାମରିକ କ୍ଷମତା ବଳରେ ଜାତିସଂଘ ତଥା ଆନ୍ତର୍ଜାତିକ ନୀତିନିୟମକୁ ଅଗ୍ରାହ୍ୟ କରି ଏକଛତ୍ରବାଦୀ ସାଜିଛନ୍ତି। ଗୋଟିଏ ପ୍ରଶ୍ନ ଉଠେ – ଇସ୍ରାଏଲ ସମେତ ଅନେକ ରାଷ୍ଟ୍ର ପରମାଣୁ କ୍ଷମତାର ଅଧିକାରୀ ହୋଇଥିଲେ ମଧ୍ୟ କାହିଁକି କେବଳ ଇରାନକୁ ପରମାଣୁ ଶକ୍ତିର ଗବେଷଣାରୁ ନିବୃତ୍ତ କରିବାପାଇଁ ତାହା ଉପରେ ଆକ୍ରମଣ କରାଯାଉଛି ? କୌଣସି ଦେଶର ସରକାର-ବିରୋଧୀ ଗୋଷ୍ଠୀକୁ ହାତକରି ସେଠାକାର ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିବାର ଅପଚେଷ୍ଟା ସମ୍ପୂର୍ଣ୍ଣ ନୀତିବିରୁଦ୍ଧ କାର୍ଯ୍ୟ। ଭବିଷ୍ୟତରେ ସେ ଅନ୍ୟାନ୍ୟ ଦେଶ ଉପରେ ବଳପ୍ରୟୋଗ କରିବାର ସମ୍ଭାବନା ରହିଛି। ପ୍ରକୃତରେ ଇସ୍ରାଏଲର ସ୍ୱାର୍ଥରକ୍ଷା ପାଇଁ ଇରାନ ଉପରେ ଆକ୍ରମଣ କରିଛନ୍ତି ଏବଂ ସେଠାକାର ବିପୁଳ ତୈଳସମ୍ପଦକୁ କବ୍ଜା କରିବାକୁ ଚାହୁଁଛନ୍ତି।

ନିକଟ ଅତୀତରେ ସେ ଡ୍ରଗ୍-ଟ୍ରାଫିକିଙ୍ଗର ଆଳ ଦେଖାଇ ଭେନେଜୁଏଲା ଉପରେ ଆକ୍ରମଣ କରି ସେଠାକାର ରାଷ୍ଟ୍ରପତି ନିକୋଲାସ ମୋଦୁରା ଏବଂ ତାଙ୍କ ସ୍ତ୍ରୀଙ୍କୁ ବନ୍ଦୀ କରି ଆମେରିକା ନେଇଆସିଛନ୍ତି। ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ରାଷ୍ଟ୍ରକୁ ଅଧିକାର କରି ଆମେରିକା ସହିତ ମିଶାଇଦେବାକୁ ଚାହୁଁଥିଲେ। ଏସବୁ ଦେଖି ମନେହେଉଛି ନିଜକୁ ଶାନ୍ତି ପ୍ରତିଷ୍ଠାତା ବୋଲି ଡିଣ୍ଡିମ ପିଟୁଥିବା ଟ୍ରମ୍ପ ଏବେ ଧ୍ୱଂସର ଦୂତ ସାଜିଛନ୍ତି। ପୂର୍ବରୁ ସେ ଆନ୍ତର୍ଜାତିକ ବାଣିଜ୍ୟର ଉଦାରୀକରଣ ନୀତିକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଅନ୍ୟାୟ ଭାବରେ ବିଭିନ୍ନ ଦେଶ ଉପରେ ମାତ୍ରାତିରିକ୍ତ ଟାରିଫ ଲାଗୁ କରିଛନ୍ତି। ତାଙ୍କର ଏହି ସ୍ୱେଚ୍ଛାଚାରୀ ନୀତି ଯୋଗୁ ପୃଥିବୀର ଅର୍ଥନୈତିକ ଶୃଙ୍ଖଳା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ଧୂଳିସାତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆମେରିକାର ବିପୁଳ ସାମରିକ ଏବଂ ଅର୍ଥନୈତିକ କ୍ଷମତା ବଳରେ ଟ୍ରମ୍ପ ସମଗ୍ର ପୃଥିବୀରେ ଆମେରିକୀୟ ଏକଚ୍ଛତ୍ରବାଦ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। ମନେହେଉଛି ଟ୍ରମ୍ପଙ୍କ 'ମାଗା' ନୀତି ହିଟଲରଙ୍କ 'ନାଜି' ନୀତିଠାରୁ କୌଣସି ଗୁଣରେ ଊଣା ନୁହେଁ। ତେଣୁ ସମୟ ଆସିଛି ପୃଥିବୀର ସମସ୍ତ ଶାନ୍ତିକାମୀ ସଭ୍ୟ ରାଷ୍ଟ୍ର ଏକତ୍ରିତ ହୋଇ ଟ୍ରମ୍ପଙ୍କ ବିରୋଧରେ ଅର୍ଥନୈତିକ ଏବଂ ସାମରିକ ପ୍ରତିରୋଧ ସୃଷ୍ଟି କରିବାକୁ ପଡ଼ିବ। ନଚେତ ପୃଥିବୀରେ ଆଦିମ ଯୁଗ ଭଳି ଗୋଟିଏ ଜଙ୍ଗଲ – ରାଜ୍ ଚାଲିବ, ଯାହାର ନୀତି ହେବ '' ଜୋର୍ ଯାର୍ ମୁଲକ ତାର୍'' ଏବଂ ଅନ୍ୟ ଦେଶଗୁଡ଼ିକ ପକ୍ଷରେ ନିଜର ଆତ୍ମସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷାକରି ତିଷ୍ଠି ରହିବା ଅସମ୍ଭବ ହେବ।

ମୋ: ୯୪୩୭୨୮୭୯୬୪

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଉପରେ ନିଷେଧ କେବେ

ମହାଶୟ,

ବିବାହ, ପର୍ବପର୍ବାଣି, ଶୋଭାଯାତ୍ରା ହେଉ ବା ରାଜନୈତିକ ସଭା ସବୁଠି ଡିଜେର ଭୟଙ୍କର ଗର୍ଜନ ଆକାଶ ଫାଟିବା ଭଳି ପ୍ରତିଧ୍ୱନିତ ହେଉଛି। ଏହା ଉଚ୍ଚ ରକ୍ତଚାପ, ଅନିଦ୍ରା ଏବଂ ମାନସିକ ଅବସାଦର କାରଣ ସାଜିଛି। ବିଶେଷ କରି ଶିଶୁ ଏବଂ ବୃଦ୍ଧମାନେ ଏହାର ଶିକାର ହେଉଛନ୍ତି। କୋମଳମତି ଶିଶୁମାନଙ୍କର ଶ୍ରବଣ ସ୍ନାୟୁ ଏତେ ଶକ୍ତିଶାଳୀ ତରଙ୍ଗ ସହ୍ୟ କରିବାକୁ ଅସମର୍ଥ। ଚିକିତ୍ସା ବିଜ୍ଞାନ ଅନୁଯାୟୀ, ଗର୍ଭବତୀଙ୍କ କ୍ଷେତ୍ରରେ ଡିଜେ କମ୍ପନ ଗର୍ଭସ୍ଥ ଶିଶୁର ହୃଦ୍‌ସ୍ପନ୍ଦନ ଓ ସ୍ନାୟୁ ସଂସ୍ଥାନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହୃଦ୍‌ରୋଗୀଙ୍କ ପାଇଁ ଡିଜେର କମ୍ପନ ଏକ ନୀରବ ହତ୍ୟାକାରୀ ଭଳି କାମକରେ। ପରିବେଶବିତ୍‌ଙ୍କ ମତରେ, ଧ୍ୱନି ପ୍ରଦୂଷଣ ଯୋଗ ପକ୍ଷୀ ବଂଶବୃଦ୍ଧି ପ୍ରକ୍ରିୟା ହରାଇ ବସୁଛନ୍ତି। ଡିଜେ ସମସ୍ୟାର ସମାଧାନ ପାଇଁ ପାରମ୍ପରିକ ବାଦ୍ୟଦଳକୁ ଉତ୍ସବମାନଙ୍କରେ ନିୟୋଜିତ କରାଯାଉ ଏବଂ ଏହି କଳାକାରଙ୍କୁ ଆର୍ଥିକ ସହାୟତା ଦିଆଯାଉ।

–ଅଖିଳ ତରାଇ, ଗଞ୍ଜାମ

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଳାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଙ୍କୀର୍ତ୍ତନପ୍ରେମୀଙ୍କ ପରଲୋକ

ପାଣିକୋଇଲି,୨୫।୩ (ବିକାଶ ଚନ୍ଦ୍ର ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ରାଣୀଗୋଡ଼ା ଗ୍ରାମର ସଙ୍କୀର୍ତ୍ତନ ପ୍ରେମୀ ପୂର୍ଣ୍ଣଚନ୍ଦ୍ର ଓଝା(୭୦)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଗତ ସପ୍ତାହେ ପୂର୍ବରୁ ଯାଜପୁର ଅଞ୍ଚଳରେ କୀର୍ତ୍ତନ କରୁଥିବାବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଦୀର୍ଘ ଦିନହେଲା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଯାଜପୁରସ୍ଥିତ ମହାବାରୁଣୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପଦ୍ମଲାଭ ମୁଖାଗ୍ନି ଦେଇଥିଲେ।

# ୧୦.୭୨ ଲକ୍ଷ ନଗଦ ହସ୍ତଜମା ରାଶି ଆତ୍ମସାତ୍

■ ଦଶରଥପୁର ବ୍ଲକର ଗ୍ରାମନନ୍ଦିପୁର ପଞ୍ଚାୟତ
■ ଲୋକାଲ ଫଣ୍ଡ ଅଡିଟରେ ପର୍ଦ୍ଦାଫାଶ

ଯାଜପୁର,୨୫।୩(ହର୍ଷବର୍ଦ୍ଧନ ବେହେରା):

ଗ୍ରାମ ପଞ୍ଚାୟତଗୁଡିକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କ ବଦଳି କିମ୍ବା ଚାକିରିରୁ ଅବସର ସମୟରେ ସେମାନଙ୍କ ପାଖରେ ଥିବା ନଗଦ ହସ୍ତଜମା ରାଶି ସହ ଅନ୍ୟ ନଥିପତ୍ରଗୁଡ଼ିକୁ ସେମାନେ ନୂଆ ଅଧିକାରୀଙ୍କୁ ହସ୍ତାନ୍ତର କରିବା କଥା। ଏହାବାଦ ସରପଞ୍ଚ, କୋଷାଧ୍ୟକ୍ଷ, ଗ୍ରାମ ରୋଜଗାର ସେବକ ପ୍ରମୁଖ ମଧ୍ୟ ଏହିସବୁକୁ ଅନୁରୂପ ଭାବେ ପଞ୍ଚାୟତ ଟ୍ରେଜେରିରେ ରଖିବାର ପ୍ରାବଧାନ ରହିଛି। କିନ୍ତୁ ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଗ୍ରାମନନ୍ଦିପୁର ପଞ୍ଚାୟତରେ ଏହାର ଉଲ୍ଲଂଘନ କରାଯାଇ ୧୦ ଲକ୍ଷ ୭୨ ହଜାର ଟଙ୍କା ଆତ୍ମସାତ କରାଯାଇଛି। ଏହା କୌଣସି ଅଭିଯୋଗ ନୁହେଁ, ଲୋକାଲ ଫଣ୍ଡ ଅଡିଟ(ଏଲ୍‌ଏଫ୍‌ଏ)୨୦୨୪-୨୫ ବର୍ଷ ରିପୋର୍ଟରୁ ସ୍ପଷ୍ଟ ହୋଇଛି।

ଏଲଏଫ୍‌ଏ ରିପୋର୍ଟ ଅନୁସାରେ ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମାବଳୀ-୨୦୧୪ର ନିୟମ ୫୭(ଗ)ରେ ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ-୧୯୬୪ର ଧାରା ୧୨୩ର ବ୍ୟବସ୍ଥାରେ ପଞ୍ଚାୟତର ନଗଦ ଅର୍ଥ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ହେପାଜତରେ ରହିବା କଥା। ସେହି ଅଧିନିୟମର ଧାରା ୯୪ର ପ୍ରାଧିକାର ବଳରେ ସରପଞ୍ଚଙ୍କ ହେପାଜତରେ ଥିବା ନଗଦ ଅର୍ଥ ମଧ୍ୟ ଦ୍ୱିତାଲା ଯୁକ୍ତ ଟ୍ରେଜେରିରେ ରଖାଯିବ। ଗ୍ରାମନନ୍ଦିପୁର ପଞ୍ଚାୟତର ୨୦୨୩-୨୪ର ଆର୍ଥିକ ବର୍ଷର ଏଲ୍‌ଏଫ୍‌ଏ ସମୀକ୍ଷା ଆରମ୍ଭ ଦିନ ଅର୍ଥାତ ୨୯।୧।୨୦୨୫ରେ କୌଣସି ନଗଦ ଅର୍ଥ ପଞ୍ଚାୟତ ଟ୍ରେଜେରିରେ ଉପଲବ୍ଧ ନଥିଲା। ସେହିଦିନ ବିଭିନ୍ନ ଖାତାରେ ୧୦,୭୨,୧୦୦ ଟଙ୍କା ନଗଦ ଅବଶେଷ ଥିଲା। ଆହୁରି ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ, ମୋଟ ହାତଜମା ୧୦,୭୨,୧୦୦ ଟଙ୍କା ମଧ୍ୟରୁ ୧୪,୦୦୦ ଟଙ୍କା ଭୁଲବଶତଃ ଅଗ୍ରୀମରେ ପରିଣତ କରାଯାଇଛି। ୨୯।୧।୨୦୨୫ର ରେକର୍ଡ ବହି ଅନୁଯାୟୀ ନଗଦ ହାତ ଜମା ଜିଆର୍‌ଏସ୍ ବାସନ୍ତୀ ମହାନ୍ତିଙ୍କ ନିକଟରେ ୩୯,୦୦୦ ଟଙ୍କା, ପୂର୍ବତନ କୋଷାଧ୍ୟକ୍ଷ ଦେବଦତ୍ତ ସନ୍ଧିବିଗ୍ରହଙ୍କ ନିକଟରେ ୩୨,୫୦୦ ଟଙ୍କା, ପୂର୍ବତନ ପିଇଓ ଚୈତନ୍ୟ ହାଁସଦା ୨,୧୯,୮୦୦ ଟଙ୍କା, ପୂର୍ବତନ ସରପଞ୍ଚ ନବ ମଲ୍ଲିକ ୨,୨୮,୯୦୦ ଟଙ୍କା, ପୂର୍ବତନ ପିଇଓ ରଞ୍ଜନ ବେହେରା ୧,୩୨,୧୦୦ ଟଙ୍କା, ପୂର୍ବତନ ପିଇଓ ବିଷ୍ଣୁ ଚରଣ ସାମଲ ୨,୬୩,୦୦୦ ଟଙ୍କା ଏବଂ ସରପଞ୍ଚ ସଞ୍ଜୁକ୍ତା ମହାନ୍ତିଙ୍କ ନିକଟରେ ୧,୫୬,୮୦୦ ଟଙ୍କା ରହିଥିବା ସମୀକ୍ଷାରେ ଧରପଡିଥିଲା। ସମୀକ୍ଷା ଆପତ୍ତି ନୋଟିସ ଜାରି କରିବା ପରେ ବର୍ତ୍ତମାନର ପିଇଓ କୌଣସି ଉତ୍ତର ନ ଦେଇ ନୀରବ ରହିଥିଲେ। ତଥାପି ସରପଞ୍ଚଙ୍କୁ ତାଙ୍କ ହାତରେ ନଗଦ ଆକାରରେ ଥିବା ୧,୫୬,୮୦୦ ଟଙ୍କା ଜମା କରିବାକୁ ପରାମର୍ଶ ଦିଆଯାଇଥିଲା। ବାକି ଅର୍ଥ ଯଥାଶୀଘ୍ର ଆଦାୟ କରିବା ନିମନ୍ତେ ପଦକ୍ଷେପ ନେବାକୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରା ପଞ୍ଚାୟତର ରୋକଡ ବହି ଏବଂ ନଗଦ ରାଶି ପ୍ରତିମାସରେ ଅନ୍ୟୁନ ଥରେ ଯାଞ୍ଚ ହେବା କଥା। ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରା ନିୟମିତ ଭାବେ ଏହି ଯାଞ୍ଚ ଯଦି ହୋଇଥାନ୍ତା ତେବେ ଅର୍ଥ ଆତ୍ମସାତ ବହୁ ପୂର୍ବରୁ ଲୋକଲୋଚନକୁ ଆସ ପାରିଥାନ୍ତା। ପୂର୍ବତନ ପିଇଓଙ୍କଠାରୁ ଭାରଗ୍ରହଣ କରିଥିବା ପିଇଓ ଏଭଳି ଅନିୟମିତତା ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାର ଥିଲା। କିନ୍ତୁ ଏହାର ଖିଲାପ ହେବାରୁ ଅର୍ଥ ଆତ୍ମସାତ ପାଇଁ ସୁଯୋଗ ସୃଷ୍ଟି ହେଲା ବୋଲି ଏଲ୍‌ଏଫ୍‌ଏରେ ଦର୍ଶାଯାଇଛି। ତେବେ ଏହି ଅନିୟମିତତାରେ ସଂପୃକ୍ତ ସରପଞ୍ଚ ଓ କର୍ମଚାରୀଙ୍କ ବିରୋଧରେ ଏଯାଏ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ସୂଚନା ମିଳିଛି।

# ଗୁମ୍ଭାଛକରେ ବାସନ୍ତିକ ଦୁର୍ଗାପୂଜା



ବିଞ୍ଝାରପୁର,୨୫।୩ (ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ା ପଞ୍ଚାୟତ ଗୁମ୍ଭାଛକ ବଜାର କମିଟି ପକ୍ଷରୁ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଚୈତ୍ର ଶୁକ୍ଳ ଷଷ୍ଠୀ ତିଥିରେ ମା'ଙ୍କ ବିଲ୍ୱବରଣ, ସପ୍ତମୀରେ କଳସ ଯାତ୍ରା, ପ୍ରାଣ ପ୍ରତିଷ୍ଠା ପରେ ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା, ଆବାହିତ ମଣ୍ଡଳ ଦେବତା ପୂଜା ହୋଇଥିଲା। ପରେ ମା'ଙ୍କ ଶୋଡ଼ଷ ଉପଚାର ପୂଜା, ଚଣ୍ଡି ପାଠ ଓ ହୋମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୂଜାରେ କମିଟି ସମ୍ପାଦକ ସୁରଥ କର ସଙ୍କଳ୍ପ କରିଛନ୍ତି। ପୀଠର ମୁଖ୍ୟ ପୂଜକ ଚନ୍ଦନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରାହ୍ମଣ ଗଜାନନ ପତି, ପର୍ଶୁରାମ ପଣ୍ଡା ଓ ପ୍ରକାଶ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି। ଏହି କାର୍ଯ୍ୟକ୍ରମ ୪ ଦିନ ବ୍ୟାପି ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହେବବୋଲି ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବଜାର କମିଟି ଉପଦେଷ୍ଟା ଦିଲୀପ ରାଉଳଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଅକ୍ଷୟ ବିଶ୍ୱାଳ, ଅନନ୍ତ ସାହୁ, ଜୟପ୍ରକାଶ ପଣ୍ଡା, ଆଲୋକ ବାରିକ, ଲୋକନାଥ ଦାଶ, ଅମରେଶ ପଣ୍ଡା, ସୁବାସ ସାହୁ, ନକୁଳ ପଣ୍ଡା, ସତ୍ୟାନନ୍ଦ ଦାଶ, କମଳଲୋଚନ ପଣ୍ଡା, ସୁବାସ ପଣ୍ଡା, ସଞ୍ଜୟ ଦାସ, ଲକ୍ଷ୍ମୀଧର ସାହୁ, ମଧୁସୂଦନ ସାହୁ ଓ ଗୋବିନ୍ଦ ରଣା ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି।

# ୩୦ରେ ଜବରଦଖଲ ମୁକ୍ତ ହେବ ପାଣିକୋଇଲି ବଜାର

ପାଣିକୋଇଲି,୨୫।୩(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲି ବଜାରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏଥିପାଇଁ ଆସନ୍ତା ୩୦ ତାରିଖରେ ପାଣିକୋଇଲି ବଜାର ଜବରଦଖଲ ମୁକ୍ତ କରାଯିବ। ଜବରଦଖଲକାରୀ ଏହି ତାରିଖ ମଧ୍ୟରେ ନିଜେ ନ ହଟିଲେ ପ୍ରଶାସନିକସ୍ତରରେ ପଦକ୍ଷେପ ନିଆଯାଇ ଜବରଦଖଲ ମୁକ୍ତ କରାଯିବ ବୋଲି ସୂଚନା ମିଳିଛି।

ଏଠାରେ ପ୍ରତ୍ୟେହ ଛୋଟ ବଡ ଦୁର୍ଘଟଣା ଘଟିବା ସହ ରାସ୍ତା ଜାମ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଯାହାକୁ ନିୟନ୍ତ୍ରଣ କରିବା ପୋଲିସ ପକ୍ଷେ ସମ୍ଭବ ହେଉନାହିଁ। ନିକଟରେ ଟ୍ରାଫିକ ସମସ୍ୟାର ସୁଧାର ଆଣିବା ପାଇଁ କୋରେଇ ବିଧାୟକ ଆକଶ ଦାସନାୟକଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀ ପାଣିକୋଇଲି ଅଞ୍ଚଳ ପରିଦର୍ଶନ କରି କିପରି ଏହାର ସୁଧାର ଆସିବ ସେ ନେଇ ଆଲୋଚନା କରିଥିଲେ। ରାଜପଥ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ, ପୂର୍ତ୍ତ ବିଭାଗ, ପୋଲିସ, ରାଜସ୍ୱ ବିଭାଗ ଓ ବ୍ଲକ୍ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ରାଜପଥ କର୍ତ୍ତୃପକ୍ଷ ଓ ରାଜସ୍ୱ ବିଭାଗର କେତେ ଜମି ଜବରଦଖଲରେ ରହିଛି ତାର ମଧ୍ୟ ମାପଚୁପ କରାଯାଇଥିଲା। ପରେ ରାଜସ୍ୱ ବିଭାଗ ପକ୍ଷରୁ ଦୁଇଟି ଘର ଜବରଦଖଲ ମୁକ୍ତ କରାଯାଇଥିବାବେଳେ ରାଜପଥ ବିଭାଗ ନୋଟିସ ଦେଇ ବସିରହିଥିଲା।

# ରସୁଲପୁର ବ୍ଲକର ୧୨ ସରପଞ୍ଚ ଜିଲାସ୍ତରରେ ସମ୍ମାନିତ



ଜିଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ସରପଞ୍ଚମାନେ।

## ଯକ୍ଷ୍ମା ସଚେତନତାରେ ସଫଳ

ରସୁଲପୁର,୨୫।୩(ରଞ୍ଜିତ ରାଉତ):

ବିଶ୍ୱ ଯକ୍ଷ୍ମା ଦିବସ ମଙ୍ଗଳବାର ସମଗ୍ର ଦେଶରେ ପାଳିତ ହୋଇଯାଇଛି। ୨୦୩୦ ସୁଧା ଭାରତକୁ ଯକ୍ଷ୍ମାରୋଗ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଦିଗରେ ପଞ୍ଚାୟତସ୍ତରରେ ପଦକ୍ଷେପ ନିଆଯାଇ ଜନସଚେତନତା ସୃଷ୍ଟି କରାଯାଉଛି। ଯକ୍ଷ୍ମା ନିରାକରଣ ଦିଗରେ ଉନ୍ନତ କାର୍ଯ୍ୟ କରିଥିବା ସରପଞ୍ଚ ଓ ଆଶାଙ୍କୁ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଜିଲାସ୍ତରୀୟ ସମ୍ମିଳନୀ ଜରିଆରେ ସମ୍ମାନିତ କରାଯାଇଛି। ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଉତ୍ସବରେ ଜିଲାର ମୋଟ ୩୧୧ ପଞ୍ଚାୟତ ମଧ୍ୟରୁ ୫୫ ସରପଞ୍ଚଙ୍କୁ ସମ୍ମାନିତ କରାଯାଇଛି। ସେଥିମଧ୍ୟରୁ ରସୁଲପୁର ବ୍ଲକରୁ ୧୨ ସରପଞ୍ଚ ସେମାନଙ୍କ ପଞ୍ଚାୟତରେ ଯକ୍ଷ୍ମା ନିରାକରଣ ଦିଗରେ ଜନସଚେତନତା, ଯକ୍ଷ୍ମାରୋଗୀ ଚିହ୍ନଟ, ଚିକିତ୍ସା ପ୍ରଦାନ, ଆକ୍ରାନ୍ତଙ୍କୁ ରୋଗ ଓ ତାର ଚିକିତ୍ସା ଆଦି ପ୍ରଣାଳୀ ସମ୍ପର୍କରେ ଅବଗତ କରି ସଫଳ ହୋଇଥିବାରୁ ସେମାନଙ୍କୁ ଜିଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଅତଲାପୁର ଓ ଗନ୍ଧଣ ପଞ୍ଚାୟତକୁ ମହାତ୍ମା ଗାନ୍ଧୀଙ୍କ ରୌପ୍ୟ ସ୍ମାରକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ଅନ୍ୟ ୧୦ ସରପଞ୍ଚଙ୍କୁ ମହାତ୍ମା ଗାନ୍ଧୀଙ୍କ ବ୍ରୋଞ୍ଜ ସ୍ମାରକ ଓ ପ୍ରମାଣପତ୍ର ଆଦି ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଛି। ଆଗକୁ ଆହୁରି ଭଲ କାର୍ଯ୍ୟକରି ରୌପ୍ୟ ଓ ସ୍ୱର୍ଣ୍ଣ ସୋପାନରେ ପହଁଚିବା ଦିଗରେ ପ୍ରୟାସ ଜାରି ରଖିବାକୁ ପ୍ରବର୍ତ୍ତାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ବାହାଦଲାପୁରରୁ ମହେନ୍ଦ୍ର ଦାସ, ନରସିଂହପୁରରୁ ପ୍ରଶାନ୍ତ ଦାସ, ରସୁଲପୁରରୁ ସୁରେନ୍ଦ୍ର ତିଆଡି, ଅତଲାପୁରରୁ ଅନ୍ୱେଷା କସର, ମଙ୍ଗରାଜପୁରରୁ ଜୟନ୍ତୀ ଦାସ, ମହେଶ୍ୱରପୁରରୁ ଝରଣା ପାତ୍ର, ଗନ୍ଧଣରୁ ରୁଦ୍ରନାରାୟଣ ମହାନ୍ତି, ଅର୍ଥଗାଁରୁ ପ୍ରତିଭା ମଲିକ, ଓଡ଼ିଶୋରୁ ଜିତେନ୍ଦ୍ର ନାୟକ, ବନ୍ଧଡ଼ିହରୁ ବିକ୍ରମ ବେହେରା ପ୍ରମୁଖ ଜିଲାସ୍ତରୀୟ ସମ୍ମିଳନୀରୁ ସମ୍ମାନପତ୍ର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ ସାହୁଙ୍କ ସମେତ ଜିଲାସ୍ତରୀୟ ଅନ୍ୟ ପଦାଧିକାରୀ ଯୋଗଦେଇ ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ୧୦୦ଦିନିଆ କ୍ୟାମ୍ପେନ ଜାରି ରହିବ ବୋଲି କହିଥିଲେ। ଏଥିପାଇଁ ସ୍ୱାସ୍ଥ୍ୟକର୍ମୀ, ଜନପ୍ରତିନିଧି, ସ୍ୱାସ୍ଥ୍ୟ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଗାଁକୁ ଯକ୍ଷ୍ମାମୁକ୍ତ କରିବାକୁ ପଦକ୍ଷେପ ନେଇ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ।

# ୨୦୨୭ ଜନଗଣନା ପାଇଁ ପ୍ରଶିକ୍ଷଣ ଆରମ୍ଭ



ଜନଗଣନା ପାଇଁ ପ୍ରଶିକ୍ଷଣ ନେଉଥିବା ଅଧିକାରୀ।

ଚଣ୍ଡିଖୋଲ,୨୫।୩ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ଦର୍ପଣ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ୨୦୨୭ ମସିହା ଜନଗଣନା ପାଇଁ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବଡ଼ଚଣା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ୯ ଦିନ ଧରି ଚାଲିବ। ଏପ୍ରିଲ ୪ରେ ପ୍ରଶିକ୍ଷଣ ଶିବିର ଶେଷହେବ। ଘରକୁ ଘର ବୁଲି ଘର ତାଲିକା ସଂଗ୍ରହ ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ଶିବିରରେ ୩ଟି ବ୍ୟାଚ କରାଯାଇଛି। ପ୍ରତ୍ୟେକ ବ୍ୟାଚ ୩ ଦିନ ଲେଖାଏ ପ୍ରଶିକ୍ଷଣ ନେବେ। ସେଥିପାଇଁ ପ୍ରଶିକ୍ଷକମାନେ ଆସିଛନ୍ତି। ସେମାନେ ପ୍ରଶିକ୍ଷଣ ଦେବେ। ୩୨୨ ଜଣ ବିଭିନ୍ନ ପର୍ଯ୍ୟାୟରେ ଯୋଗଦେବେ। ବିଶେଷ କରି ସୁପରଭାଇଜର ଓ ଏନୁମେରେଟରଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୧୦୦ ସୁପରଭାଇଜର ଓ ଏନୁମେରେଟେରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏନୁମେରେଟରମାନେ ଘର ଘର ବୁଲି କେଉଁଭଳି ଜନଗଣନା କରିବେ ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବେ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଉଥିବା ତହସିଲଦାର ପ୍ରକାଶ କରିଛନ୍ତି।

# ଚୋରାମଦ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଦଶରଥପୁର ବ୍ଲକ ଅଞ୍ଚଳର ଅଧିବାସୀ।

ଯାଜପୁର,ଟାଉନ,୨୫।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଚୋରା ମଦକୁ ବିରୋଧ କରି ଦଶରଥପୁର ବ୍ଲକ ଅଞ୍ଚଳର ଅଧିବାସୀ ବୁଧବାର ଯାଜପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦଶରଥପୁର ବ୍ଲକର କନ୍ୟାଁ, କମାରଡିହି ଓ ଖାନନଗର ପଞ୍ଚାୟତର ବିଭିନ୍ନ ଛକରେ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି। ଫଳରେ କେତେକ ସ୍କୁଲ, କଲେଜର ଛାତ୍ର ଏହି ନିଶାରେ ବୁଡ଼ି ରହୁଛନ୍ତି। ଛକ ବଜାରରେ ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ ବିକ୍ରି ହେବା ଦ୍ୱାରା ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ନିଶାସକ୍ତ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କୁ ମାନସିକ ନିର୍ଯାତନା ଦେବାକୁ ଦେଉଛନ୍ତି। ଏପରିକି ନିଜ ସ୍ତ୍ରୀଙ୍କୁ ବାଡ଼େଇବାକୁ ପଛାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମଦ୍ୟପଙ୍କ ଆଡ୍ଡା ଯୋଗୁ ସ୍କୁଲ, କଲେଜକୁ ଛାତ୍ରୀଛାତ୍ର ଯିବା ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ମହିଳାମାନେ ମଧ୍ୟ ପଦାକୁ ଗୋଡ଼ କାଢୁନାହାନ୍ତି। ଏଥିପ୍ରତି ବାରମ୍ବାର ଅଭିଯୋଗ କଲେ ଅବକାରୀ ବିଭାଗ ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଅଧିବାସୀ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଯଦି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ମଙ୍ଗଳପୁର ଥାନା ସମ୍ମୁଖରେ ନିଶାମୁକ୍ତ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ଶୁକ୍ରବାର ନୂତନ ଭତ୍ତା, ରାଶନ କାର୍ଡ ବଣ୍ଟନ କରାଯିବ

ଧର୍ମଶାଳା,୨୫।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ଭାବେ ଅନୁମୋଦିତ ହୋଇଥିବା ମଧୁବାବୁ ଭତ୍ତା ଏବଂ ରାଶନ କାର୍ଡ ଆସନ୍ତା ଶୁକ୍ରବାର ବଣ୍ଟନ କରାଯିବ। ଧର୍ମଶାଳା ବ୍ଲକ ମହୋତ୍ସବ ପଡ଼ିଆରେ ଅପରାହ୍ନ ୩ଟାରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା କରାଯିବ ବୋଲି ବିଡିଓ ଜ୍ୟୋତିର୍ମୟ କର ସୂଚନା ଦେଇଛନ୍ତି। ମଧୁବାବୁ ପେନସନ୍ ଯୋଜନାରେ ୧୭୧ ଜଣ ବାର୍ଦ୍ଧକ୍ୟ, ୯୪ ଜଣ ବିଧବା, ୬୧ ଜଣ ଭିନ୍ନକ୍ଷମ ମୋଟ ୩୨୬ ଜଣଙ୍କୁ ଏକ ମାସ ଓ ୨ମାସର ଭତ୍ତା ଟଙ୍କା ପ୍ରଦାନ କରାଯିବ। ଏଥିସହିତ ରାସନ କାର୍ଡରୁ ବଞ୍ଚିତ ୪୭୫ ପରିବାରର ୧୦୧୩ ଜଣଙ୍କୁ ନୂଆ ରାଶନ କାର୍ଡ ପ୍ରଦାନ କରାଯିବ ବୋଲି ଯୋଗାଣ ନିରୀକ୍ଷକ ତପସ୍ୱିନୀ ବିଶ୍ୱାଳ ସୂଚନା ଦେଇଛନ୍ତି। ହିତାଧିକାରୀ ମୁଣ୍ଡପିଛା ୫ କିଲୋ ଚାଉଳ ସହ ଅନ୍ୟ ସୁବିଧା ପାଇପାରିବେ ବୋଲି ଏବିଡିଓ ସୁରେଶ ପଣ୍ଡା ସୂଚନା ଦେଇଛନ୍ତି।

# ଅଭିମନ୍ୟୁଙ୍କ ପୀଠର ଉନ୍ନତୀକରଣ, ବାଞ୍ଛାନିଧିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ଭାଜପା ନେତା ଦେବେନ୍ଦ୍ର ଦାସ**

ବରୀ,୨୫।୩(ମହେନ୍ଦ୍ର ସ୍ୱାଇଁ):



ଭାଜପା ନେତା ଦେବେନ୍ଦ୍ର ଦାସ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି।

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ଓ କବି ବାଞ୍ଛାନିଧି ଦାଶଙ୍କ ବରୀ ଅଞ୍ଚଳରେ ଜନ୍ମ। ନିଜର କୃତିତ୍ୱ ପାଇଁ ଓଡ଼ିଶା ଇତିହାସରେ ସେମାନଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ମାତ୍ର ଦୀର୍ଘ ଦିନର ଦାବିପରେ ବି ବିଦଗ୍ଧ କବି ଅଭିମନ୍ୟୁଙ୍କ ପୀଠର ଉନ୍ନତୀକରଣ ହୋଇପାରିନାହିଁ। ସେହିପରି କବି ବାଞ୍ଛାନିଧିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିଟିଏ ବରୀ ଅଞ୍ଚଳରେ ସ୍ଥାପିତ ହୋଇପାରିନାହିଁ। ବୁଧବାର ବରୀ ଭାଜପା ନେତା ଦେବେନ୍ଦ୍ର ଦାସ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ଭେଟି ଅଭିମନ୍ୟୁ ପୀଠର ଉନ୍ନତୀକରଣ ଓ କବି ବାଞ୍ଛାନିଧିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦାବି କରିଛନ୍ତି। ଭାଜପା ନେତା ଦାସ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ବରୀ ଅଞ୍ଚଳର ସଂଗ୍ରାମୀ ଏବଂ ନିଜ କର୍ମ ପାଇଁ ଜନମାନସରେ ଉଜ୍ଜୀବିତ ହୋଇ ରହିଥିବା ମହାପୁରୁଷଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ସହ ପୀଠଗୁଡ଼ିକର ଉନ୍ନତୀକରଣ ପାଇଁ ଅନୁରୋଧ କରିଥିଲେ। ପୂର୍ବତନ ବିଧାୟିକା ସୁନନ୍ଦା ଦାସ କଳାମାଟିଆ ଶହୀଦ ପୀଠ ଏବଂ ସଂଗ୍ରାମୀ ସାଉଁଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା, ମାୟାଧର ଭୂୟାଁ, ଗୋପବନ୍ଧୁ ଦାସ, ରମାଦେବୀ ଚୌଧୁରୀ, ବାଞ୍ଛାନିଧି ଦାଶ ଓ ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ହାଇଲେଭଲ କେନାଲ ୨ ମାସ ହେଲା ଶୁଖିଲା

## ଶୋଷରେ ଆଉଟୁପାଉଟୁ ହେଉଛନ୍ତି ପ୍ରାଣୀ

ବଡ଼ଚଣା,୨୫।୩(ଦିଲୀପ କୁମାର ମହାନ୍ତି):



ହାଇଲେଭଲ କେନାଲ ଶୁଖିଯାଇଛି।

କଟକ ଜିଲାର ଜଗତପୁରଠାରୁ ବାହାରି ଯାଜପୁର ଜିଲାର ଧର୍ମଶାଳା ଦେଇ ବ୍ରାହ୍ମଣୀ ନଦୀରେ ମିଶିଥିବା ହାଇଲେଭଲ କେନାଲ ୨ ମାସ ହେଲା ଶୁଖିଲା ପଡ଼ିଛି। ୫୨କି.ମି. ଲମ୍ବା ଏହି କେନାଲ କଟକ, ଟାଙ୍ଗୀ, ବଡ଼ଚଣା, ଧର୍ମଶାଳା ଓ ରସୁଲପୁର ଦେଇ ଜେନାପୁର ପର୍ଯ୍ୟନ୍ତ ଯାଇଛି। କେନାଲରୁ ବଡ଼ଚଣାର ବୈରୀ, ସୋଲର, ଛତିଆ, ବନ୍ଧାଳ, ବନ୍ତଳା, ଚଣ୍ଡିତଳ, ଖଇରା, ବଡ଼ଚଣା, ଧାନମଣ୍ଡଳ ଓ ସୁଙ୍ଗୁଡା ଆଦି ପଞ୍ଚାୟତର ବିଲକୁ ପାଣି ଯାଇଥାଏ। ଏଥିସହିତ କେନାଲ କଡ଼ ଗ୍ରାମଗୁଡ଼ିକର ଗୋରୁ, ଛେଳି ମେଣ୍ଢା ଆଦି ପାଣି ପିଇଥାନ୍ତି। ବହୁ ଲୋକ ମଧ୍ୟ ଏହି କେନାଲ ପାଣିକୁ ବ୍ୟବହାର କରିଥାନ୍ତି। ଖାସକରି କେନାଲ କଡ଼ରେ ଥିବା ଲୋକଙ୍କ ଘରେ ଖରା ଦିନେ କୌଣସି କାରଣରୁ ନିଆଁ ଲାଗିଗଲେ ଅଗ୍ନିଶମ ବାହିନୀ ଏହି କେନାଲ ପାଣିକୁ ବ୍ୟବହାର କରି ନିଆଁ ଲିଭାଇଥାନ୍ତି।

ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ନାବାଡ଼ ସହାୟତାରେ ୯ କୋଟି ଟଙ୍କା ବ୍ୟୟବରାଦରେ କେନାଲ ଭିତର ଓ ଉଭୟ ପାର୍ଶ୍ୱକୁ ସମତୁଲ କରାଯାଇଥିଲା। ଏହି ହାଇଲେଭଲ କେନାଲରେ ପାଣି ଥିବା ସମୟରେ ଏହାର ବନ୍ଧ ରାସ୍ତାରେ ଯାଉଥିବା ଅଧିକାଂଶ ପଥଚାରୀ ଏହି ପାଣିକୁ ବ୍ୟବହାର କରିଥାନ୍ତି। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବାରୁ କେନାଲ ଉପର ମୁଣ୍ଡରୁ ପାଣି ଆସିବା ବନ୍ଦ ହୋଇଯାଇଛି। କେଉଁଠି କେନାଲ ପାଣି ଶୁଖି ମାଟି ଫାଟି ଆଁ କଲାଣି ତ ଅନ୍ୟ କେଉଁଠି ମୁନ୍ଦାଏ ମୁନ୍ଦାଏ ପାଣି ରହିଛି। ଲୋକେ ମାଛ ଧରି ପାଣି ଶୁଖାଇ ଦେଉଛନ୍ତି। ଫଳରେ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳର ଲୋକେ ଓ ପ୍ରାଣୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୈରୀଠାରୁ ସୁଙ୍ଗୁଡା ପର୍ଯ୍ୟନ୍ତ ହାଇଲେଭଲ କେନାଲ କଡ଼ରେ ତମ୍ବୁକରି ଶହଶହ ସଂଖ୍ୟାରେ ମଇଁଷି ରଖିଛନ୍ତି। କେନାଲର ବିଭିନ୍ନ ସ୍ଥାନରେ ପାଣି ଥିବା ସମୟରେ ମଇଁଷିଗୁଡିକ ଦିନ ତମାମ ପାଣିରେ ପଡି ରହିଥାନ୍ତି। ମାତ୍ର ଏବେ ପାଣି ନ ଥିବାରୁ ମଇଁଷିଗୁଡ଼ିକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଣ୍ଡିଖୋଲ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଓ କଟକ ଡିଭିଜନର ଜଳସେଚନ ବିଭାଗ ଉଚ୍ଚ ଅଧିକାରୀ ଏଥିପ୍ରତି ତୁରନ୍ତ ଧ୍ୟାନଦେଇ ହାଇଲେଭଲ କେନାଲରେ ତୁରନ୍ତ ପାଣି ଛାଡ଼ିବା ପାଇଁ ଚାଷୀମାନେ ଦାବି ଜଣାଇଛନ୍ତି। ପୂର୍ବରୁ ମେ'ସୁଦ୍ଧା ୩ଥର ପାଣି ଛଡ଼ାଯାଏ। ଚଳିତ ବର୍ଷ ୧ଥର ଆସିବାରୁ ଶାଖା କେନାଲରେ ପାଣି ସଙ୍କଟ ଦେଖାଯାଉଛି।

# ବନବିଭାଗର ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦକୁ ବିରୋଧ

## ଆମ ଘେରି ଭାଙ୍ଗିଲେ ବିଷ ପିଇଦେବୁ କହିଲେ ମହିଳା

**ରାଜନଗର, ୨୫।୩ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଅଞ୍ଚଳ ପଟାପାରିଆରୁ ବୁଧବାର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ବେଳେ ମହିଳାମାନେ ବନବିଭାଗକୁ ଯୋରଦାର ବିରୋଧ କରିଛନ୍ତି। ବନବିଭାଗ ଟିମ୍ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ପହଞ୍ଚିଥିବା ବେଳେ ମହିଳାମାନେ ଆମ ଜାଗା ଉପରେ ଆମେ ରହିବୁ, ଆପଣ ଆମକୁ ଏଠାରୁ ବାହାର କରିପାରିବେ ନାହିଁ କି ଘେରି ଭାଙ୍ଗି ପାରିବେ ନାହିଁ କହି ବିରୋଧ କରିଥିଲେ। ଏପରି କି ଆପଣ ଘେରି ଭାଙ୍ଗିଲେ ଆମେ ବିଷ ପିଇଦେବୁ କହିଥିଲେ। ମହିଳାମାନେ ବନବିଭାଗ ଟିମ୍ ନିକଟରେ ପହଞ୍ଚି ଘେରି ଭଙ୍ଗାକୁ ବିରୋଧ କରୁଥିବା ବେଳେ ଚିଙ୍ଗୁଡି ଚାଷୀ, ଫାଇନାନ୍ସର ଓ କେତେଜଣ ସ୍ଥାନୀୟ ନେତା ଘେରି ଭଙ୍ଗା ସ୍ଥାନର ୧୦୦ରୁ ୧୫୦ ମିଟର ଦୂରରେ ଏକଜୁଟ ହୋଇ ରହିଥିଲେ। ଯୋଜନାବଦ୍ଧ ଭାବେ ଚିଙ୍ଗୁଡି ଘେରି ମାଲିକଙ୍କ ବିରୋଧ ଫଳରେ ବନବିଭାଗ ପଛଘୁଞ୍ଚା ଦେବାକୁ ବାଧ ହୋଇଥିଲା। ଫଳରେ ବନବିଭାଗ ବୁଧବାର ଘେରି ଭାଙ୍ଗି ନ ପାରି ଫେରିଛି।

ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ବେଆଇନ ଚିଙ୍ଗୁଡି ଘେରି ପାଇଁ ନଷ୍ଟ ହେଉଛି। ସିଆର୍‌ଜେଡ୍ ଆଇନ ଅନୁସାରେ ନଦୀ ଓ ସମୁଦ୍ରରେ ଜୁଆର ମାଡୁଥିବା ସ୍ଥାନରେ ୫ଶହ ମିଟର ମଧ୍ୟରେ କୌଣସି ଚିଙ୍ଗୁଡି ଘେରି ରହିପାରିବ ନାହିଁ। ଇକୋ ସେନ୍‌ସେଟିଭ ଜୋନ ଆଇନ, ସିଆର୍‌ଜେଡ୍ ଆଇନ, ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲ୍ଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ


ଏକ ଚିଙ୍ଗୁଡ଼ିଘେରିରୁ ବନ ବିଭାଗ ପକ୍ଷରୁ ନିୟୋଜିତ ଶ୍ରମିକ ପାଣି ମୋଟର ଉପରକୁ ଆଣୁଛନ୍ତି।

ଭିତରେ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଗତ ୨୦ ତାରିଖରେ ୧୨ ଜଣଙ୍କର ୨୦ଟି ଘେରି ଓ ୨୪ ତାରିଖରେ ୧୧ ଜଣଙ୍କର ୨୧ଟି ଚିଙ୍ଗୁଡି ଘେରି ବନବିଭାଗ ଉଚ୍ଛେଦ କରିଥିଲା। ବୁଧବାର କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନବିଭାଗର ୫୦ଜଣ କର୍ମଚାରୀଙ୍କ ସମେତ ୩୦ଜଣ ଶ୍ରମିକ ଘେରି ଭାଙ୍ଗିବାକୁ ପଟାପାରିଆରେ ପହଞ୍ଚି ଥିଲେ। ମାତ୍ର ବନବିଭାଗ ଟିମ୍ ପହଞ୍ଚିବା ପୂର୍ବରୁ ବିରୋଧ ପାଇଁ ମହିଳା ଓ ଚିଙ୍ଗୁଡି ଘେରି ମାଲିକ ପ୍ରସ୍ତୁତ ହୋଇ ରହିଥିଲେ। ବିରୋଧ ଭିତରେ ବନବିଭାଗ ଟିମ୍ ଗୋଟିଏ ପମ୍ପ ଓ ୬ ଟି ଏରିଟର ଜବତ କରିଥିଲେ ମଧ୍ୟ ଗୋଟିଏ ବି ଘେରି ଭାଙ୍ଗି ପାରିନାହିଁ। ବନବିଭାଗ ଟିମ୍ ଦୀର୍ଘ ସମୟ ଧରି ସେଠାରେ ରହିଥିଲେ ମଧ୍ୟ ଯୋରଦାର ବିରୋଧ ଯୋଗୁ ବେଆଇନ ଘେରି ଉଚ୍ଛେଦ କରି ନ ପାରି ଫେରିଛି। ପଟାପାରିଆ ବାତ୍ୟା ଆଶ୍ରୟସ୍ଥଳରେ ଚିଙ୍ଗୁଡି ଚାଷୀ ଓ ଫାଇନାନ୍ସ କମ୍ପାନୀ ଏକାଠି ହୋଇ ଘେରି ଭଙ୍ଗା କାର୍ଯ୍ୟକୁ ଯୋରଦାର ବିରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ପେନ୍‌ସନ୍ ଆକ୍ଟକୁ ବିରୋଧ


ଅବସରପ୍ରାପ୍ତ କର୍ମଚାରୀମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି।

**କେନ୍ଦ୍ରାପଡା, ୨୫।୩ (ଜଗନ୍ନାଥ ଧଳ)**

କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ଭାଲିଡେଶନ ଆକ୍ଟ ଗତ ୨୦୨୫ରେ ପ୍ରଣୟନ କରିଛନ୍ତି। ଏହି ଆକ୍ଟକୁ କଳା ଆଇନ ଭାବେ ଅଭିହିତ କରି କେନ୍ଦ୍ରାପଡ଼ା ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ସଂଶୋଧନ କରିବା ଦାବିରେ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲା ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ସଂଘ ସଭାପତି ଅକ୍ଷୟ କୁମାର ନାୟକ ଏ ସମ୍ପର୍କରେ କହିଛନ୍ତି, ସରକାରୀ ଚାକିରି ବେଳେ ଜୀବନର ମହାର୍ଘ ସମୟ ବିତିଛି। ସରକାରଙ୍କ ସମସ୍ତ ନିର୍ଦ୍ଦେଶକୁ ପାଳନ କରି କାର୍ଯ୍ୟ କରାଯାଇଛି। ଅବସର ପରେ କର୍ମଚାରୀମାନେ ଆର୍ଥିକ, ମାନସିକ ଓ ସାମାଜିକ ସମସ୍ୟାରେ ଥାନ୍ତି। ଏଥିମଧ୍ୟରୁ ଆର୍ଥିକ ସମସ୍ୟା ଅତ୍ୟନ୍ତ ଗୁରୁତର ହୋଇଥାଏ। ତେବେ ପେନ୍‌ସନ୍ ଭାଲିଡେଶନ ଆକ୍ଟ ୨୦୨୫ ଏବେ ପେନ୍‌ସନଧାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ଆର୍ଥିକ ଅବସ୍ଥାକୁ ଦୁରାବସ୍ଥାରେ ପରିଣତ କରୁଛି। ଏପରିକି ଏଇଟ୍‌ଥ ପେ କମିଶନ ପେନ୍‌ସନଧାରୀଙ୍କ ସମସ୍ୟା ସୃଷ୍ଟି କରୁଛି। ଏହା ଏକ କଳା ଆଇନ ବୋଲି ସେ ମତ ରଖିଛନ୍ତି। ଦାବିପତ୍ର ପ୍ରଦାନ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇଥିଲେ।

# ବ୍ଲକ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା


ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ଅବସରପ୍ରାପ୍ତ କର୍ମଚାରୀ।

**ରାଜନଗର, ୨୫।୩ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ୍ ସମ୍ମୁଖରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ବୁଧବାର ଧାରଣାରେ ବସିଛନ୍ତି। କେନ୍ଦ୍ର ସରକାରଙ୍କ କର୍ମଚାରୀମାରଣ ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ସେମାନେ ବିରୋଧ କରିଥିଲେ। ଭାଲିଡେଶନ ଆକ୍ଟ-୨୦୨୫ ବାତିଲ କରିବା, ପେନ୍‌ସନ ରୁଲ୍ ଅପରିବର୍ତ୍ତିତ ରଖିବା ୨ଟି ଦାବି ନେଇ ଅବସରପ୍ରାପ୍ତ କର୍ମଚାରୀମାନେ ପୂର୍ବାହ୍ନ ୧୦ଟାରେ ଧାରଣାରେ ବସି ରହିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କହିଛନ୍ତି। ଏ ନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନକୁ ପ୍ରଦାନ କରିଛନ୍ତି। ଏହି ସମୟରେ ସଂଘର ସଭାପତି କୃପାସିନ୍ଧୁ ସାମଲ, ସମ୍ପାଦକ ବିଜୟ କୁମାର ଜେନାଙ୍କ ନେତୃତ୍ୱରେ ଲକ୍ଷ୍ମୀପ୍ରିୟା ପ୍ରଧାନ, ରଘୁନାଥ ପାଣି, ବିଷ୍ଣୁ ଚରଣ ରାଉତ, ଘନଶ୍ୟାମ ବଳ ପ୍ରମୁଖ ଶତାଧିକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଧାରଣାରେ ବସିଥିଲେ।

# ଗରଦପୁରର ବିଭିନ୍ନ ଗ୍ରାମରେ ବାସନ୍ତୀ ଦୁର୍ଗାପୂଜା

**ପାଟକୁରା, ୨୫।୩ (ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଚୈତ୍ର ଶୁକ୍ଳପକ୍ଷ ମଙ୍ଗଳବାର ଷଷ୍ଠି ଅବସରରେ ମା’ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇଛି। ବୁଧବାର ସପ୍ତମୀ ପୂଜା ଆରମ୍ଭ ହୋଇଛି। ବିଭିନ୍ନ ଗ୍ରାମର ପୂଜା ମଣ୍ଡପଗୁଡିକରେ ମା’ ବାସନ୍ତୀ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ରଙ୍ଗ ବେରଙ୍ଗର ଆଲୋକ ସଜ୍ଜାରେ ବେଶ ଆକର୍ଷଣୀୟ ଦେଖାଯାଉଛନ୍ତି। ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଭଜନ କୀର୍ତ୍ତନ କରାଯାଉଛି। ପଦ୍ମପୁର ପଞ୍ଚାୟତର ଭାଟପଡା (ମହାମୁଦା ) ଗ୍ରାମରେ ମା’ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଗ୍ରାମର ପ୍ରତ୍ୟେକ ଘର ଆଗରେ ପୂର୍ଣ୍ଣ କଳସ ବସିବା ସହିତ ଝୋଟି ପକାଯାଇଛି। ୫ ଦିନ ବ୍ୟାପି ଏହି ପୂଜା ସମୟ ମଧ୍ୟରେ ଗ୍ରାମ ମଧ୍ୟରେ ଆମିଷ ବାରଣ କରାଯାଇଛି। ସେହିପରି ବେଡାରୀ ଗ୍ରାମରେ ମା’ ବାସନ୍ତୀ ଦୁର୍ଗାପୂଜା


ଭାଟପଡା ପୂଜା ମଣ୍ଡପରେ ମା’ ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି।

ପାଇଁ ବୁଧବାର କଳସ ଶୋଭାଯାତ୍ରାରେ ୧୦୮ ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ ସହ ଚିତ୍ରୋତ୍ପଳା ନଦୀରୁ ପୂଜା ପାଠ ସହ କଳସ ଶୋଭାଯାତ୍ରାରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଛନ୍ତି। ଗରଦପୁର ପଞ୍ଚାୟତର ନୈନ୍ଦିପୁର ଗ୍ରାମରେ ମଧ୍ୟ ଆଡ଼ମ୍ବର ସହକାରେ ମା’ ବାସନ୍ତୀ ପୂଜା ଅନୁଷ୍ଠିତ ହେଉଛି। ପାଖଡ଼ ପଞ୍ଚାୟତର ଶୀତଳପାଟଣା ଓ ଚାଉଳିଆ ଗ୍ରାମରେ ଆଞ୍ଚଳିକ ଚାଉଳିଆ ବାମରା ମା’ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ବ୍ଲକର ବଙ୍ଗାଳପୁର ଗ୍ରାମରେ ମଧ୍ୟ ମା’ ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ପୂର୍ବତନ ମନ୍ତ୍ରୀ ତଥା ପାଟକୁରାର ପୂର୍ବତନ ବିଧାୟକ ବିଜୟ ମହାପାତ୍ର ବୁଧବାର ଦିନ ତମାମ ବିଭିନ୍ନ ପୂଜା ମଣ୍ଡପରେ ମା’ ବାସନ୍ତୀ ଦୁର୍ଗାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସମ୍ପୃକ୍ତ ଗ୍ରାମର ମୁରବୀମାନେ ସେଠାରେ ଉପସ୍ଥିତ ଥିଲେ।

# ଶ୍ରୀରାମ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ଡେରାବିଶ, ୨୫।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା-୨ସ୍ଥିତ ଶ୍ରୀରାମ ମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନରେ ନିକଟସ୍ଥ ଲୁଣାନଦୀରେ ପୂଜାର୍ଚ୍ଚନା ପରେ କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଆସି ଯଜ୍ଞସ୍ଥଳରେ ଘଟ ସ୍ଥାପନ କରିଛନ୍ତି। ୪ଦିନ ବ୍ୟାପି ଏହି ଯଜ୍ଞରେ ଗୁରୁବାର ସୂର୍ଯ୍ୟପୂଜା ଓ ଗୋପୂଜା ସହ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯିବା ସହ ପ୍ରଭୁ ଶ୍ରୀରାମଙ୍କ ନବଯୌବନ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରତ୍ୟେହ ସାଧୁସନ୍ଥ ସମ୍ମିଳନୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନଙ୍କ ସମେତ ପାଣିଓଳା-୨, କୁଲୁସାହି ଓ ହରିଅଙ୍କ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଗହୀରମଥାରୁ ଟ୍ରଲର ଜବତ: ୧୦ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୨୫।୩ (ଭାସ୍କର ରାଉତରାୟ)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ସୋନା ତାରିଣୀ-୨ ନାମକ ଟ୍ରଲରକୁ ଜବତ କରିଛି। ଏଥିରେ ଥିବା ୧୦ ମତ୍ସ୍ୟଜୀବୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ୍ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ବନ ବିଭାଗର କର୍ମଚାରୀ ଟ୍ରଲରଟିକୁ ଜବତ କରିଥିଲେ। ସେଥିରୁ ୧ ଜିପିଏସ୍, ୧ ଭିଏଚ୍‌ଏଫ୍, ୧୦ ଟ୍ରଲିଂ ନେଟ୍ ଓ ୪୫ କିଲୋଗ୍ରାମ୍ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫମାନେ ହେଲେ ଗୁରୁପଦ ପାତ୍ର, ଶିବଶଙ୍କର ପାତ୍ର, ଦୀପକ ମଣ୍ଡଳ, ସୁବାସ ଦାସ, ଶ୍ରୀକୃଷ୍ଣ ମଣ୍ଡଳ, ଶ୍ରୀମନ୍ତ କୁମାର ପ୍ରମୁଖ ୧୦ ମତ୍ସ୍ୟଜୀବୀଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛି।

# ଆଳି ଜାଭିଅର ଇଣ୍ଟରନ୍ୟାଶନାଲ ସ୍କୁଲ ଆଫିଲିଏଶନ ପାଇଲା


ସ୍କୁଲ ଅଧ୍ୟକ୍ଷ, ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନଙ୍କ ସହ ପିଲାମାନେ ଖୁସି ମନାଉଛନ୍ତି।

**ଆଳି ୨୫।୩ (ବନମାଳୀ ସେନାପତି )**

ଆଳି ନିଆଳସ୍ଥିତ ଜାଭିଅର ଇଣ୍ଟରନ୍ୟାଶନାଲ ସ୍କୁଲର ନବମ, ଦଶମ ଓ ଏକାଦଶ ଶ୍ରେଣୀକୁ ଦିଲ୍ଲୀ ସିବିଏସ୍‌ଇ ପକ୍ଷରୁ ଆଫିଲିଏଶନ ମିଳିଛି। ଏହି ଖବର ମିଳିବା ପରେ ସ୍କୁଲର ପରିଚାଳନା ପରିଷଦ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଏହା ପରେ ସ୍କୁଲ ପରିସରରେ ସମସ୍ତଙ୍କୁ ନେଇ ଏକ ଉତ୍ସବ ପାଳନ କରାଯାଇଥିଲା। ସ୍କୁଲର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ଏହି ଉତ୍ସବରେ ଯୋଗଦେଇ କହିଥିଲେ, ଆମ ବିଦ୍ୟାଳୟର ଶିକ୍ଷା ଉନ୍ନତମାନର ହେବା ଉଚିତ, ଯେପରି ଏହା ପିଲାମାନଙ୍କ ଶୈକ୍ଷିକ, ବୌଦ୍ଧିକ, ଶାରୀରିକ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିବ। ବିଦ୍ୟାଳୟର ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ମାନବ ସମ୍ବଳର ବିକାଶ ହେଲେ ଦେଶର ଉନ୍ନତି ହେବ। ଆମର ଲକ୍ଷ୍ୟ ରହିବ ଯେପରି ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମାଜରେ ଜଣେ ଜଣେ ଭଲ ମଣିଷ ହୋଇପାରିବେ। ଶିକ୍ଷା କେବଳ ପୁସ୍ତକରେ ଆବଦ୍ଧ ନ ହେଉ। ଏହାର ପରିସର ଏତେ ବ୍ୟାପକ ହେଉ ଯେପରି ଅନ୍ୟମାନେ ଏହା ଦ୍ୱାରା ପ୍ରଭାବିତ ହେବେ। ଏହି ଆଫିଲିଏଶନ ଦ୍ୱାରା ଛାତ୍ରୀଛାତ୍ରମାନେ ଏଠାରେ ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢିପାରିବେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ବୈଦ୍ୟନାଥ ମହାନ୍ତି, ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ଓ ସ୍କୁଲ ପ୍ରଶାସକ ସ୍ୱାଧୀନ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାସ୍ତା ଫାଟି ଆଁ, ଅଞ୍ଚଳବାସୀ ହୀନସ୍ତା

**ଡେରାବିଶ, ୨୫।୩ (ବେବର୍ତ୍ତା ଅଜୟ ଦାସ)**

ସରକାର ଗ୍ରାମାଞ୍ଚଳରେ ରାସ୍ତାଘାଟର ବିକାଶ ପାଇଁ ବିଭିନ୍ନ ଯୋଜନାରେ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତରେ। ଏହି ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରୁ ଖମୋଳ ଶୋରିମୁହଁ କେନାଲ ବନ୍ଧକୁ ସଂଯୋଗ କରୁଥିବା ରାସ୍ତାଟି ଫାଟି ଆଁ କରିଛି। ଫଳରେ ଅଞ୍ଚଳବାସୀ ହୀନସ୍ତା ଭୋଗୁଛନ୍ତି। ଏହି ଏକ କିଲୋମିଟର ରାସ୍ତାର ଉଭୟପାର୍ଶ୍ୱରେ ୧୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗ୍ରାମର ଜନସାଧାରଣ କଟକ-ଚାନ୍ଦବାଲି ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ଦୈନନ୍ଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ପ୍ରାୟ ୫ ବର୍ଷ ପୂର୍ବେ ଏହି ରାସ୍ତାଟି ପଞ୍ଚାୟତ ପକ୍ଷରୁ ପ୍ରଥମକରି ନିର୍ମାଣ କରାଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଏଥିପ୍ରତି ଦୃଷ୍ଟି ଦିଆ ନ ଯିବା ହେତୁ ଏହା ମରଣଯନ୍ତା ପାଲଟିଥିବା ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଜୟନ୍ତ କୁମାର ନାୟକ କହିଛନ୍ତି।



କୌତୂହଳର ବିଷୟ ପୂର୍ବ ସରକାର ଅମଳରେ ଏହି ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଘୋଷଣା କରାଯାଇଥିଲା। ଏପରିକି ନିର୍ବାଚନ ଆଉ ଅଳ୍ପଦିନ ବାକିଥିବାବେଳେ ତତ୍କାଳୀନ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ମାତ୍ର ଆଜିଯାଏ ରାସ୍ତାର ଅବସ୍ଥା ସୁଧୁରିପାରି ନ ଥିବାବେଳେ ଗ୍ରାମବାସୀଙ୍କ ଦୁଃଖ ବଢ଼ିଚାଲିଛି ବୋଲି ସମିତିସଭ୍ୟ ସୁରେନ୍ଦ୍ର ବେହେରା କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ସରପଞ୍ଚ ତୃପ୍ତିମୟୀ କରଙ୍କୁ ପଚାରିବାରେ ଏହି ରାସ୍ତାର ଉନ୍ନତୀକରଣ ପାଇଁ ପଞ୍ଚାୟତ ପାଣ୍ଠିରୁ ଅର୍ଥ ମଞ୍ଜୁର କରିଥିଲେ ହେଁ ବିଧାୟିକାଙ୍କ ଦ୍ୱାରା ରାସ୍ତାର ଶିଳାନ୍ୟାସ ଯୋଗୁ ଅର୍ଥ ବିନିଯୋଗ ହୋଇପାରି ନ ଥିବା କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜଗନ୍ନାଥ ସାହୁଙ୍କୁ ପଚାରିବାରୁ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନ ଥିବା କହିଛନ୍ତି। ତେବେ ରାସ୍ତା ଉପରେ ଗ୍ରାମ୍ୟ ଉନ୍ନୟନ ବା ବ୍ଲକ ପ୍ରଶାସନ କେହି ବି ଅଦ୍ୟାବଧି ଦୃଷ୍ଟି ଦେଉ ନ ଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ରାସ୍ତାଟି ଖୁବ୍‌ଶୀଘ୍ର ଯାତାୟାତ ଉପଯୋଗୀ କରା ନ ଯାଏ ତେବେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଶିକ୍ଷାବିତ୍ ଭକ୍ତ ରଞ୍ଜନ ନାୟକ ଚେତାବନୀ ଦେଇଛନ୍ତି।

# ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ, ୨୫।୩ (କଳ୍ପତରୁ ନାୟକ)**

ଓଡ଼ିଶାର ବିଶିଷ୍ଟ କବି ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସନାତନ ବେହୁରା (୯୭)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲରେ ଶିକ୍ଷକତା କରି ଦେଶ ବିଦେଶରେ ପ୍ରତିଷ୍ଠିତ ବହୁ ସଫଳ ଛାତ୍ର ସୃଷ୍ଟି କରିଛନ୍ତି। ରାଜନଗର ଥାନା ଫିରିକିଦାଣ୍ଡି ତାଙ୍କର ଜନ୍ମଭୂମି ଥିବାବେଳେ ପଟ୍ଟାମୁଣ୍ଡାଇ ପ୍ରହରାଜପୁର ତାଙ୍କର କର୍ମଭୂମି ଥିଲା। ସରକାରୀ ଚାକିରିରୁ ଅବସର ଗ୍ରହଣ ପରେ ସେ ଗାଁରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ପୁଷ୍କରିଣୀ ପୁନରୁଦ୍ଧାର, ରାସ୍ତା ନିର୍ମାଣ ଆଦି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଜଣେ ସାରସ୍ୱତ ସାଧକ ଭାବେ ବହୁ ସାମାଜିକ ଚେତନାଧର୍ମୀ ପୁସ୍ତକ ରଚନା କରି ଲୋକପ୍ରିୟତା ହାସଲ କରିଥିଲେ।


ସନାତନ ବେହୁରା

ବୟସାଧିକ କାରଣରୁ ବିଭିନ୍ନ ରୋଗରେ ପୀଡ଼ିତ ହୋଇ କଟକ ଜଗତପୁର ସଦ୍‌ଗୁରୁ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତଦେହ କଟକରୁ ଆସି ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ, ପୁରାତନ ଛାତ୍ର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଶୋଭାଯାତ୍ରାରେ ପ୍ରହରାଜପୁର ନିଆଯିବା ବାଟରେ କର୍ମସ୍ଥଳୀ ଏମ୍‌ଏନ୍ ହାଇସ୍କୁଲ ନିଆଯାଇଥିଲା। ସେଠାରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତଦେହ ଜନ୍ମମାଟି ଫିରିକିଦାଣ୍ଡି ନିଆଯାଇ ପରେ ପ୍ରହରାଜପୁର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ପ୍ରଭାତ ମୁଖାଗ୍ନି ଦେଇଥିଲେ।

# ମହାନଦୀ ଶାଖା ନଦୀରେ ସୋଲ ଭେଳାରେ ପାର ଉତାର

- ମାଛ, କଙ୍କଡ଼ା ଧରି ପରିବାର ପୋଷଣ କରୁଛନ୍ତି
- ବଟିଘର ଖୋଲା ନାଳରେ କୁମ୍ଭୀର ମାଳ ମାଳ

**ମହାକାଳପଡ଼ା, ୨୫।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ନଦୀ ନାଳଘେରା ବଟିଘର ଅଞ୍ଚଳ ମହାନଦୀ ଅବବାହିକା ଶାଖା ନାଳଗୁଡ଼ିକରେ କୁମ୍ଭୀର ମାଳ ମାଳ ଭାସୁଛନ୍ତି। ହେଲେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ପରିବାର ପ୍ରତିପୋଷଣ ପାଇଁ ଦୈନନ୍ଦିନ ନିକଟସ୍ଥ ଜଙ୍ଗଲ ତଥା ହେଟା ମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ, ସରଳିକୁଦ, ଯୋଗିଧାନକୁଦ, ହସିଣା କନ୍ଧା, କଂସାର ଡିଆ ଓ ନିପାଣିଆ ଜଙ୍ଗଲକୁ ଯାଇ ମାଛ କଙ୍କଡା ଧରି ନିକଟସ୍ଥ ବଜାରରେ ବିକ୍ରି କରି ଦୁଇ ପଇସା ରୋଜଗାର କରନ୍ତି। ଅପରପକ୍ଷରେ ଏହି ବଟିଘର ଅଞ୍ଚଳର ନାଳ ପାର ହେବା ପାଇଁ


ମତ୍ସ୍ୟଜୀବୀ ମହାନଦୀ ଶାଖା ନାଳକୁ ସୋଲ ଭେଳାରେ ପାର ହେଉଛନ୍ତି।

ସୋଲ ତିଆରି ଭେଳାରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଏହି ନାଳରେ ସାମୁଦ୍ରିକ ଜୁଆର ପାଣି ମାଡିଲେ ମାଳ ମାଳ କୁମ୍ଭୀର ଭାସୁଛନ୍ତି। ନଦୀରେ ମାଛ, କଙ୍କଡ଼ା ଧରିବା ସମୟରେ ଅସାବଧାନତା ଯୋଗୁ ଅନେକ ସମୟରେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି। ୨ବର୍ଷ ମଧ୍ୟରେ ୪ରୁ ୫ଜଣ କୁମ୍ଭୀର ଆକ୍ରମଣରେ ଶିକାର ହୋଇଥିବା ନଜୀର ରହିଛି। ଅପରପକ୍ଷରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ନଦୀରେ ପ୍ରବେଶକୁ ବାରଣ କରାଯାଇଛି। ହେଲେ ଲୋକମାନେ ଜୀବନ ଜୀବିକା ନିର୍ବାହ ପାଇଁ ନାଳ ପାର ହେବାକୁ ପଡେ ବୋଲି କେତେଜଣ ମହିଳା କହିଛନ୍ତି।

# ସାମାଜିକ ସମୀକ୍ଷା ଶିବିର: ଏଜେଣ୍ଡା ନ ଥିବା ବିଷୟ୍ ଆଲୋଚନା

**ମାର୍ଶାଘାଇ, ୨୫।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏବଂ ସମଗ୍ର ଶିକ୍ଷା ଅଭିଯାନରେ ବ୍ୟୟବରାଦ ଅର୍ଥ ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆର୍ଥିକ ବର୍ଷଗୁଡିକରେ ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ମାର୍ଶାଘାଇ ବ୍ଲକ ସଭା ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସମୀକ୍ଷା କାର୍ଯ୍ୟରେ ବିଭାଗ ସହ ଜନସାଧାରଣ କେତେ ମାତ୍ରାରେ ଉପକୃତ ହେଲେ ଏ ନେଇ ବ୍ଲକସ୍ତରରେ ଏଜେଣ୍ଡା ମୁତାବକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥାଏ। ୨୦୨୫-୨୬ ଆର୍ଥିକ ବର୍ଷର ୨୦୨୫ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କରାଯାଇଥିଲା। ପୂର୍ବ ପ୍ରସ୍ତୁତି ରିପୋର୍ଟ ପ୍ରଦାନ ହୋଇଥିବା ବିବରଣୀକୁ ପଞ୍ଚାୟତ ସମିତି ଭିଆର୍‌ପି ଅରବିନ୍ଦ


ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଦାସ ପାଠ କରିଥିଲେ। ଏଥିରେ ସମଗ୍ର ଶିକ୍ଷା ଅଭିଯାନରେ ଅଙ୍ଗୁଳାଇ କ୍ଲଷ୍ଟର ଜଗଦୀଶପୁର ବିଦ୍ୟାଳୟରେ ପାଚେରି, ଦୁମୁକା କ୍ଲଷ୍ଟର ବାପୁଜୀ ବିଦ୍ୟାପୀଠରେ ଖେଳ ପଡିଆ, ମାନ୍ତିରୀ କ୍ଲଷ୍ଟର ହିନ୍ଦୁଳିଆ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ରୋଷାଇ ଘର ନିର୍ମାଣ ଏବଂ ଏଥିରେ ଅର୍ଥ ବିନିଯୋଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଥିବାବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ, ମାଟି ରାସ୍ତା କାମ, ଚାରାରୋପଣ ସହ ଏଥିରେ ନିଯୁକ୍ତି ହୋଇଥିବା ଜବ୍‌କାର୍ଡଧାରୀଙ୍କ ପ୍ରାପ୍ୟ ଅର୍ଥ ପାଇବା ଉପରେ ପ୍ରସ୍ତାବ ଥିଲା। ମାତ୍ର ଏସବୁ ପ୍ରସ୍ତାବ ଉପରେ କୌଣସି ଆଲୋଚନା କରାଯାଇ ନ ଥିଲା। ସମଗ୍ର ବ୍ଲକ ଅଞ୍ଚଳର ହାତଗଣତି କେତେଜଣ ବ୍ଲକସ୍ତରୀୟ ଓ ପଞ୍ଚାୟତସ୍ତରୀୟ ଅଧିକାରୀ ଏବଂ ଅଳ୍ପ ସଂଖ୍ୟକ ସରପଞ୍ଚ ଉପସ୍ଥିତ ରହି ପୂର୍ବ ସରକାର ସମୟରେ ପଞ୍ଚାୟତରେ କରିଥିବା କାର୍ଯ୍ୟର ବକେୟା ବିଲ କିପରି ସରକାର ପ୍ରଦାନ କରିବେ ତାହା ଉପରେ ଆଲୋଚନାରେ ଶିବିର ଶେଷ ହୋଇଥିଲା। ସାମାଜିକ ସମୀକ୍ଷା ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲେ ଏଥିରେ କେତେମାତ୍ରାରେ ନିମ୍ନମାନର କାର୍ଯ୍ୟ ସହ ଅର୍ଥ ହେର୍‌ଫେର ହୋଇଛି ତାହା ଉପରୁ ସ୍ୱଷ୍ଟୀକରଣ ମିଳିଥାନ୍ତା। ମାତ୍ର ପୂର୍ବ ପ୍ରସ୍ତୁତି ଅନୁଯାୟୀ ସାମାଜିକ ସମୀକ୍ଷକ ଅଧିକାରୀମାନେ ଏସବୁ ଆଲୋଚନା ନ କରିବା ପାଇଁ ଯୋଜନା ପ୍ରସ୍ତୁତି କରିଥିବା ନେଇ ଆଲୋଚନା ଯୋର ଧରିଛି। ଏହି ଶିବିରରେ ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଏବିଡିଓ ଇତିଶ୍ରୀ ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା,ଏବିଓ ସୁଶାନ୍ତ ବେଉରା, ଭିଆରପି ରାଜଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏବିଡିଓ ଇତିଶ୍ରୀ ପଣ୍ଡାଙ୍କୁ ପଚାରିବାରେ ଏଜେଣ୍ଡା ଅନୁସାରେ ଆଲୋଚନା ହୋଇଛି। ମାତ୍ର କେତେଜଣ ସରପଞ୍ଚ ନିଜ ପଞ୍ଚାୟତ ସମ୍ପର୍କରେ କହିବାରୁ ଆଲୋଚନା ଦିଗ ବଦଳି ଯାଇଥିଲା।

## ସଂକ୍ଷେପରେ

### ଘୋଡ଼ାହାଡ଼ ନଦୀରୁ ଯୁବକଙ୍କ ମୃତଦେହ ଜବତ

ପାଟପୁର/ଦିଗପହଣ୍ଡି,୨୫।୩ (ସୀମାଞ୍ଚଳ ସାହୁ/ଅଶେଷ ନାଥ ମିଶ୍ର): ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ଜଣେ ଯୁବକଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ବୁଧବାର ସକାଳେ ବାହାର କରିଛନ୍ତି। ମୃତକ ହେଲେ ପାଟପୁର ବସଷ୍ଟାଣ୍ଡ ନିକଟ ଗଣେଶ ନଗରର ନାରାୟଣ ସିଙ୍ଗ (୩୫)। ସେ ମଙ୍ଗଳବାର ସନ୍ଧ୍ୟାରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ବିଳମ୍ବିତ ରାତି ଯାଏ ନାରାୟଣ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ବୁଧବାର ଭୋରରେ ଗ୍ରାମର କେତେଜଣ ଲୋକ ନଦୀକୁ ଗାଧୋଇ ଯାଇଥିବା ବେଳେ ପାଣିରେ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାହାକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ନଂ.୬/୨୬ ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ୨୦ରୁ ଊର୍ଦ୍ଧ୍ୱ ଭାଜପା, କଂଗ୍ରେସ କର୍ମୀ ବିଜେଡିରେ

ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ହାଇଟେକ ପ୍ଲାଜା ପରିସରରେ ବିଜେଡିର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି କିଭଳି ସଫଳତାର ସହ ପଞ୍ଚାୟତଗୁଡ଼ିକରେ ବିଜୟୀ ହେବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୨୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସମସ୍ତେ ଏକାଠି ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଉପସ୍ଥିତ ହାଇଟେକ ଗ୍ରୁପ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଡ. ତିରୁପତି ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଦଳରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀମାନଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ସମସ୍ତ ଜିଲ୍ଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ।

### ମହିଳା ନାମ ସଙ୍କୀର୍ତ୍ତନ ଦଳ ଗଠିତ

ଧରାକୋଟ,୨୫।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଜାହାଡା ଗ୍ରାମରେ ଶ୍ରୀଜଗନ୍ନାଥ ମହିଳା ସଙ୍କୀର୍ତ୍ତନ ଦଳ ଗଠନ ହୋଇଛି । ବିଭିନ୍ନ ଧାର୍ମିକ କାର୍ଯ୍ୟରେ ପ୍ରହରୀ ଅନୁଯାୟୀ ଏହି ମହିଳା ଦଳ ନାମ ଜପ କରୁଛନ୍ତି। ସଙ୍କୀର୍ତ୍ତନ ଦଳର ଗୁରୁ ରଙ୍କନିଧି ହୋଇଥିବା ବେଳେ,ଗାୟକ ନରେଶ ଜେନା, ଅଧିକାରୀ ନମିତା ବିଷୋୟୀ ଓ ଲୁଲୁ ପରିଡ଼ା ପରିଚାଳକ ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

### ଚାଷୀଙ୍କୁ ଆଗ୍ରୋ ଫରେଷ୍ଟ୍ରି ପ୍ରଶିକ୍ଷଣ

ଜି.ଉଦୟଗିରି,୨୫।୩(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠି): କଳିଙ୍ଗା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ଭୁବନେଶ୍ୱର କଳିଙ୍ଗ କୁସୁମ ଫାଉଣ୍ଡେଶନ ତରଫରୁ ଇନଫୋସିସ ସହାୟତାରେ କନ୍ଧମାଳ ଜିଲାରେ ଉଦ୍ୟାନ କୃଷି ପ୍ରଣାଳୀ (ଆଗ୍ରୋ ଫରେଷ୍ଟ୍ରୀ) ଉପରେ ଚାଷୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ହୋଇଯାଇଛି। ଶିବିରରେ ଜିଲାର ୭ ବ୍ଲକରୁ ୭୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ସେମାନଙ୍କୁ ଆଗ୍ରୋ ଫରେଷ୍ଟ୍ରୀ ପ୍ରଣାଳୀ ମାଧ୍ୟମରେ ପରିବେଶ ସୁରକ୍ଷା ସହିତ କିପରି କୃଷି ଉତ୍ପାଦନ ବୃଦ୍ଧି କରାଯିବ, ଆର୍ଥିକ ଆୟ ବୃଦ୍ଧି କରାଯିବ ଏବଂ ବୃକ୍ଷରୋପଣ କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କିପରି ମୁକାବିଲା କରାଯିବ ତାଲିମ ଦିଆଯାଇଥିଲା। କଳିଙ୍ଗା ଉଦ୍ୟାନ ବିଭାଗର ନିର୍ଦ୍ଦେଶିକା ଦିପ୍ତିମୟୀ ବସନ୍ତିଆ ଚାଷୀମାନଙ୍କୁ ବିଭିନ୍ନ ଉଦ୍ୟାନ ଚାଷ ପ୍ରଣାଳୀ, ଫଳଗଛ ରୋପଣ, ମାଟି ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ। କଳିଙ୍ଗ କୁସୁମ ଫାଉଣ୍ଡେସନ ପକ୍ଷରୁ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ, ପ୍ରକଳ୍ପ ସଂଯୋଜକ ନବ କୁମାର ପାଣିଗ୍ରାହୀ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ସହଯୋଗ କରିଥିଲେ।

# ଖରା, ବର୍ଷାରେ ପଡ଼ିରହିଛି ୨୦୦ କୁଇଣ୍ଟାଲ ଧାନ ବିହନ

- ଧରାଛୁଆଁ ଦେଉନି କିଣିବାକୁ ଚୁକ୍ତି କରିଥିବା କମ୍ପାନୀ
- ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଳ ଦେଖାଉଛି କୃଷି ବିଭାଗ



ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ଅନ୍ତର୍ଗତ ବଡଦେଉଳା ଗ୍ରାମାଞ୍ଚଳର ଚାଷୀଙ୍କ ଧାନ ବିହନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ । ଧାନ ଅମଳ ହୋଇ ପାଖାପାଖି ୪ମାସ ବିତିଯାଇଥିଲେ ମଧ୍ୟ ଏମାନଙ୍କ ୨୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିହନ ସେମିତି ପଡିରହିଛି । ଧାନ ବିହନ ନେବା ପାଇଁ ଚୁକ୍ତି କରିଥିବା କମ୍ପାନୀ ଏହା ନେଉ ନ ଥିବାରୁ ଚାଷୀଲାଗି ସମସ୍ୟା ଉପୁଜୁଛି। ଜିଲାରେ ଇତି ମଧ୍ୟରେ ଧାନମଣ୍ଡି ବନ୍ଦ ହୋଇଯାଇଥିବାରୁ ଏହା ଆଉ ବିକ୍ରି ହୋଇପାରିବ ନାହିଁ ବୋଲି ଅଞ୍ଚଳର ଚାଷୀ କହିଛନ୍ତି।

କୃଷି ବିଭାଗ, ମହେନ୍ଦ୍ର ଓ କନକ ଏଗ୍ରୋ କମ୍ପାନୀ ମାଧ୍ୟମରେ ଧାନ ବିହନ ବିକ୍ରି ପାଇଁ ଚୁକ୍ତି ହୋଇଥିଲା । ଗତବର୍ଷ ଠିକ ସମୟରେ କମ୍ପାନୀ ଧାନ ବିହନ କ୍ରୟ କରିନେଇଥିଲା । ହେଲେ ଚଳିତ ବର୍ଷ ଏଯାଏ ଧାନ ବିହନ କ୍ରୟ କରିନି। କମ୍ପାନୀ ପାଇଁ ରଖିଥିବା ଧାନବିହନ କମ୍ପାନୀ ନେଉ ନ ଥିବାରୁ ୪ ମାସ ହେଲା ଏହାକୁ ଜଗି ବସିଛୁ । କ୍ଷେତ ଖଳାରେ ଥିବା ଧାନ ବିହନ ନଷ୍ଟ ହେବାରେ ଲାଗିଛି। ବାରାହା ଉପଦ୍ରବ ସାଙ୍ଗକୁ ମୂଷା ଧାନଗୁଡିକୁ ନଷ୍ଟ କରୁଛି। କିଛି ଧାନ ଆଣି ନିଜ ନିଜ ଘରର ପିଣ୍ଡାରେ ରଖିଛୁ ବୋଲି ବଡଦେଉଳା ଗ୍ରାମର ଚାଷୀ କହିଛନ୍ତି। ଧାନ କ୍ରୟ ପାଇଁ ଚୁକ୍ତି କରିଥିବା କମ୍ପାନୀ ଆଜି କାଲି ଧାନ ନେବି, ଗାଡି ପଠାଉଛି କହି ଭୂଆଁ ବୁଲାଉଥିବା ସେମାନେ ପ୍ରକାଶ କରିଛନ୍ତି।

ଏନେଇ ବ୍ଲକ କୃଷି କାର୍ଯ୍ୟାଳୟଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଓ ଗୋଷାଣି ବ୍ଲକ ସଦରରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଜଣାଇ ଶୀଘ୍ର ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ପାଇଥିଲୁ। ଏ ପର୍ଯ୍ୟନ୍ତ କିଛି ସୁଫଳ ନ ମିଳିବାରୁ କେତେ ଜଣ ଚାଷୀ ଅତି ଶସ୍ତାରେ ଧାନବିହନ ବିକ୍ରି କରିଦେଇଛନ୍ତି। ଆଗାମୀ ଦୁଇ ତିନି ଦିନ ମଧ୍ୟରେ ଯଦି କମ୍ପାନୀ ନ କିଣେ ତେବେ ଆନ୍ଦୋଳନ କରିବୁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଏନେଇ ଜିଲ୍ଲା କୃଷି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ କେ.ସୁରଜ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏପରି କିସମ ଧାନ ବିହନ ରପ୍ତାନୀ ହୋଇଥାଏ। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଠିକ ଭାବେ ରପ୍ତାନୀ ହେଉନାହିଁ। ଧାନ ବିହନଗୁଡିକୁ ଚୁକ୍ତି କରିଥିବା କମ୍ପାନୀ ୪/୫ ଦିନ ମଧ୍ୟରେ ଯେପରି କ୍ରୟ କରି ନେବ ସେ ଦିଗରେ ଆମେ ପଦକ୍ଷେପ ନେବୁ। ଧାନ ନେବାକୁ ଚୁକ୍ତି କରିଥିବା କମ୍ପାନୀ କର୍ତ୍ତପକ୍ଷଙ୍କୁ ପଚାରିବାରୁ ଆମେ ଦୁଇ ତିନି ଦିନ ଭିତରେ ଧାନ ବିହନ କ୍ରୟ କରିନେବୁ ବୋଲି କହିଛନ୍ତି।

# ବଡ଼ବାଣପୁର ଜଗନ୍ନାଥ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଖଣ୍ଡପଡା,୨୫।୩(ଅଜୟ କୁମାର ମହାରଣା) ଖଣ୍ଡପଡା ବ୍ଲକ ବଡବାଣପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ମନ୍ଦିରର ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ପୀଠ ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଓ ଘୃତଯଜ୍ଞ ବୁଧବାରଠାରୁ ୨ ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ଏକ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ପୁରୁଷ ନିକଟସ୍ଥ ମହାନଦୀ ଘାଟରୁ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା ପରେ ପୀଠ ପରିସର ଯଜ୍ଞ ବେଦୀରେ ସ୍ଥାପନା କରିଥିଲେ। ମନ୍ଦିରରେ ଅଧିବାସ, ସୂର୍ଯ୍ୟପୂଜା, କଳସ ସ୍ଥାପନା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମ ଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୋହିତ ଭାବେ ପ୍ରଦୀପ କୁମାର କର ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ମନ୍ଦିରର ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ବାଣପୁର ଓ ଏହାର ଆଖପାଖ ଅଞ୍ଚଳର ଭାଗବତ ମଣ୍ଡଳୀ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ଯୁବ କଳାକାରଙ୍କ ଦ୍ୱାରା ସନ୍ତୋଷ କୁମାର ବାରିକଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ 'ବଦନାମ ଗଳିର ବାଦଶାହା' ପରିବେଷଣ କରାଯିବ ବୋଲି ଆୟୋଜକ କୃତାର୍ଥ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ

ମୋହନା, ୨୫।୩(ମନ୍ମଥ ମିଶ୍ର) ମୋହନା ଗୋଷ୍ଠୀ ସମ୍ବଳ ଦିବ୍ୟାଙ୍ଗ ସାଧନ କେନ୍ଦ୍ରଠାରେ ମୋହନା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଏକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ବିଇଓ ନରେନ୍ଦ୍ର ବେହେରା, ଏବିଇଓ ମଦନ କହଁର ଓ ପିମଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ବଳ ଶିକ୍ଷକ ପ୍ରକାଶ ସାହୁ, ସମ୍ବଳ ସାଧନ କର୍ମୀ ସୁମନ୍ତ ପ୍ରଧାନ ଏବଂ ଏମ.ରାଜେନ୍ଦ୍ର ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀ ଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ମ୍ୟୁଜିକାଲ ଚେୟାର, ସୁଇ ରେସ୍, ଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୬୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ୩ଜଣଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରେନ୍ଦ୍ର ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ବ୍ଲକ୍‌ରେ ଉନ୍ନୟନ ପ୍ରକଳ୍ପ ସମୀକ୍ଷା କଲେ ସିଡିଓ



ସିଡିଓ ଅର୍କିଡ ଉତ୍ପାଦନ ପ୍ରଣାଳୀ ସମ୍ପର୍କରେ ଏସ୍‌ଏଚ୍‌ଜି ସଭ୍ୟାଙ୍କଠାରୁ ବୁଝୁଛନ୍ତି।

ଗଞ୍ଜାମ,୨୫।୩ (ଅନାଥ ତରାଇ): ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ସମୀର କୁମାର ଜେନା ବୁଧବାର ଗଞ୍ଜାମ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସେ ଜିଲାର ମହିଳା ସଶକ୍ତୀକରଣ ଏବଂ ମତ୍ସ୍ୟ ଚାଷ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ସିଡିଓ ଜେନା ପ୍ରଥମେ ରାମଗଡସ୍ଥିତ ଡେଣ୍ଡ୍ରୋବିୟମ ଅର୍କିଡ ହାଇଟେକ ୟୁନିଟ ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କଠାରୁ ଅର୍କିଡ ଫୁଲର ଉତ୍ପାଦନ ପ୍ରଣାଳୀ ବିଷୟରେ ବୁଝିଥିଲେ। ଅର୍କିଡ ଚାଷ ମାଧ୍ୟମରେ ମହିଳାମାନେ କିଭଳି ଆହୁରି ଅଧିକ ରୋଜଗାରକ୍ଷମ ହୋଇପାରିବେ ଏବଂ ବଜାରରେ ଏହାର ବିକ୍ରୟ ପ୍ରଣାଳୀକୁ କିପରି ବ୍ୟାପକ କରାଯାଇପାରିବ ସେ ନେଇ ସମ୍ପୃକ୍ତ ଅଧିକାରୀ ଓ ମହିଳା ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ ସୁବଳୟା ପଞ୍ଚାୟତରେ ନିର୍ମାଣାଧୀନ ମଧୁର ଜଳ ମାଛ ଯାଆଁଳା କେନ୍ଦ୍ର କ୍ଲଷ୍ଟର ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ପ୍ରକଳ୍ପର ଅଗ୍ରଗତି ନେଇ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାରୁ, କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସିଡିଓ ସ୍ପଷ୍ଟ କରିବା ସହ ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ ଉପସ୍ଥିତ ରହି ପ୍ରକଳ୍ପର ବୈଷୟିକ ଦିଗ ଉପରେ ସୂଚନା ଦେଇଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

### ଆମ୍ବୁଲାନ୍ସ ନ ଆସିବାରୁ ଉତ୍ତେଜନା

ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଆଡାଗାଁ ଗ୍ରାମ ଛକଠାରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଆଡାଗାଁ ଗ୍ରାମର ଚନ୍ଦ୍ରମା ବେହେରା (୭୦)। ତେବେ ଦୁର୍ଘଟଣା ଘଟିବା ପରେ ତାଙ୍କୁ ଡାକ୍ତରଖାନା ନେବାକୁ ଲୋକେ ଆମ୍ବୁଲାନ୍ସ ପାଇଁ ବାରମ୍ବାର ଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ଆସିବାରୁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚନ୍ଦ୍ରମା ଆଡାଗାଁ ଛକକୁ ଯାଇ ନିଜ ଘରକୁ ଫେରୁଥିବା ସମୟରେ ଏକ ବାଇକ୍ (ଓଡି ୨୦ଏ-୭୫୧୪) ତାଙ୍କୁ ଧକ୍କା ଦେଇଥିଲା। ବାଇକ୍ ଚାଳକ ସୀମାଞ୍ଚଳ ପାଟଭୂଆଁ ଗୁରାଣ୍ଡି ଗ୍ରାମରୁ ମାଡବା ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଚନ୍ଦ୍ରମାଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ପଡିଥିବା ଚନ୍ଦ୍ରମାଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ଖବରପାଇ ଗୁରାଣ୍ଡି ଥାନା ଏସ୍‌ଆଇ ଅମ୍ବିକା ବେଣିଆ ଓ ଏଏସ୍‌ଆଇ ରାମକୃଷ୍ଣ ପାଣିଗ୍ରାହୀ ପହଞ୍ଚି ଚନ୍ଦ୍ରମାଙ୍କୁ ଉଦ୍ଧାର କରି ପୋଲିସ ଗାଡିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ସମୟରେ ଚନ୍ଦ୍ରମାଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ଚାଳକ ଦୁର୍ଘଟଣା ପରେ ଚନ୍ଦ୍ରମାଙ୍କ ସହ ଚିକିତ୍ସାଳୟକୁ ଆସିଥିଲେ। ଆମ୍ବୁଲାନ୍ସ ଚନ୍ଦ୍ରମାଙ୍କୁ ଚିକିତ୍ସାଳୟ ଆଣିଥିଲେ ତାଙ୍କର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

## ପେନ୍‌ସନର୍ସ ବିରୋଧୀ ଭ୍ୟାଲିଡେଶନ ବିଲ୍ ପ୍ରତ୍ୟାହାର ଦାବି

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର



ଛତ୍ରପୁର/ଭଞ୍ଜନଗର/ଆସିକା, ୨୫।୩(ଦିଲୀପ ସାମଲ/ବାବୁଲା ପ୍ରଧାନ/ସୁରେନ୍ଦ୍ରନାଥ ସାହୁ) ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଓ ତତ୍‌ଜନିତ ସୁବିଧାରୁ ବଞ୍ଚିତ କରି ଅଷ୍ଟମ ବେତନ କମିଶନ ସୁପାରିଶରୁ ବାଦ ଦେବାକୁ ୨୦୨୫ ମାର୍ଚ୍ଚ ୨୫ରେ କେନ୍ଦ୍ର ସରକାର ସଂସଦରେ ଏକ ଭ୍ୟାଲିଡେସନ ବିଲ୍ ପାରିତ କରି ପେନସନର୍ସମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି। ଏହା ବିରୋଧରେ ସମଗ୍ର ଦେଶର ରାଜ୍ୟ ପେନସନର୍ସଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସର୍ବ ଭାରତୀୟ ପେନସନର୍ସ ଫେଡେରେଶନ ନିଷ୍ପତ୍ତିରେ ଦେଶର ସବୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯିବ। ବୁଧବାର ଗଞ୍ଜାମ ଜିଲା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଆଜିର ଦିବସକୁ କଳାଦିବସ ରୂପେ ପାଳନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଉକ୍ତ ଭ୍ୟାଲିଡେଶନ ବିଲ ୧୯୮୨, ଡିସେମ୍ବର ୧୭ରେ ମାନ୍ୟବର ସୁପ୍ରିମକୋର୍ଟ ପେନସନର୍ସମାନଙ୍କ ସପକ୍ଷରେ ଦେଇଥିବା ଆଦେଶର ବିରୁଦ୍ଧାଚରଣ କରୁଛି। ସମ୍ପାଦକ ଶ୍ୟାମସୁନ୍ଦର ଖାଡଙ୍ଗାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା। ଗଞ୍ଜାମ ବ୍ଲକ ସଭାପତି ବାନାମ୍ବର ପୋଲାଇ, ସମ୍ପାଦକ ବାଳକୃଷ୍ଣ ମହାରଣା, ଭଗବାନ ଦାସ, ରବୀନ୍ଦ୍ର ଦାସ, ପ୍ରାଣବନ୍ଧୁ ପାତ୍ର, ବକ୍ତବ୍ୟ ରଖି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ଆସିକାରେ ହୋଇଥିବା କାର୍ଯ୍ୟକ୍ରମରେ ସଂଘ ସଭାପତି ପୀତବାସ ମହାପାତ୍ର, ଜିଲା ଶାଖା ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର, ଗଞ୍ଜାମ ଶାଖା ସହସଂପାଦକ ମିହିରକାନ୍ତ ମହାପାତ୍ର, ଆସିକା ଶାଖା ସଂପାଦକ ଉପେନ୍ଦ୍ର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଭଞ୍ଜନଗରରେ ଡେପୁଟି କଲେକ୍ଟର ରଚିତା ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ବିଭୂତି ଭୂଷଣ ଜେନା, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ଉପସଭାପତି ପର୍ଶୁରାମ ସ୍ୱାଇଁ, ଜଗବନ୍ଧୁ ଜେନା, ସୁବାସ ଚନ୍ଦ୍ର ତାରିଣୀ, ସନ୍ତୋଷ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବଣିକ ସଂଘର ନୂଆ କର୍ମକର୍ତ୍ତା

ମୋହନା,୨୫।୩(ମନ୍ମଥ ମିଶ୍ର)- ଗଞ୍ଜାମ ଜିଲା ସୋରଡ଼ା ନିକଟସ୍ଥ ପଦରଶୁଣି ଦେବୀ ପୀଠରେ ମୋହନାସ୍ଥିତ ଶ୍ରୀ ଗଣେଶ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବୃନ୍ଦାବନ ସାମନ୍ତରା, ଉପ ସଭାପତି ଆଲୋକ କିଶୋର ନାୟକ, ସମ୍ପାଦକ କୁନା ବିଷୋୟୀ, ସହ ସମ୍ପାଦକ ଅବିନାଶ ସୁଆର, କୋଷାଧ୍ୟକ୍ଷ ରୂପେ ସରୋଜ ଚୌଧୁରୀଙ୍କୁ ଚୟନ କରାଯାଇଛି। ଏଥିସହ ୧୧ଜଣଙ୍କୁ ନେଇ ଏକ କମିଟି ଗଠିତ ହୋଇଥିଲା।

## ଚୈତ୍ରର ନିଆରା ଗଣପର୍ବ ଗଜାମୁହାଁ



ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ବାର ମାସରେ ତେର ପରବ ବୋଲି କୁହାଯାଉଥିବା ଆମ ରାଜ୍ୟର ପ୍ରତି କୋଣ ଅନୁକୋଣରେ କିଛି ନା କିଛି ସ୍ଥାନୀୟ ପୂଜାପର୍ବ ପାଳନ କରାଯାଏ । ଏହିପରି ଏକ ନିଆରା ପର୍ବ ହେଉଛି ପରଳାଖେମୁଣ୍ଡିର ଗଣପର୍ବ ଗଜାମୁହାଁ । ଏଥିପାଇଁ ଚୈତ୍ର ମାସର ପ୍ରତିଟି ମଙ୍ଗଳବାରରେ ଉତ୍ସବମୁଖର ହୁଏ ସହରର ପ୍ରତ୍ୟେକ ସାହି। ବାହାରେ ରହୁଥିବା ପାରଳା ବାସିନ୍ଦାମାନେ ମଧ୍ୟ ଆସି ପର୍ବରେ ସାମିଲ ହୋଇଥାନ୍ତି । ଏହି ପର୍ବରେ ଗୁଡ଼ ପାଗ ହୋଇଥିବା ଲିଆର ଏକ ବିରାଟ ମୁହାଁରେ ମା'ଙ୍କ ପ୍ରତିମାକୁ ସ୍ଥାପନ କରି ପୂଜା କରାଯାଏ। ଶ୍ରଦ୍ଧାଳୁମାନେ ଏହି ପ୍ରତିମାକୁ ଧରି ପ୍ରତି ସାହି ନାଚି ନାଚି ବୁଲନ୍ତି। ସାହି ସାହି । ପ୍ରତି ଘର ପିଣ୍ଡାରେ ଗୃହିଣୀମାନେ ହଳଦୀ ପାଣିରେ ମୁହାଁଧାରୀଙ୍କ ଗୋଡ଼ ଧୋଇ ମା'ଙ୍କ ପୂଜାର୍ଚ୍ଚନା କରି ଶୀତଳ ଦେଇଥାନ୍ତି। କୁହାଯାଏ ଯେ ନଅଙ୍କ ଦୁର୍ଭିକ୍ଷ ସମୟରେ ମହାମାରୀ ଓ ଖାଦ୍ୟ ଅଭାବରୁ ରକ୍ଷା ପାଇବାପାଇଁ ଲୋକମାନେ ମା କଦମ୍ବଖଣ୍ଡିଙ୍କ ଶରଣ ପଶିବାରୁ ସେ ଏପରି ପୂଜା କରିବାକୁ ସପ୍ନାଦେଶ ଦେଇଥିଲେ। ଏହି ଅନୁସାରେ ପ୍ରଥମେ କଟିକା ସାହିରେ ଏହି ଗଜା ମୁହାଁ ଆରମ୍ଭ କରାଯାଇ ମା'ଙ୍କୁ ଶୀତଳ ପଣା ପ୍ରଦାନ କରାଯାଇଥିଲା। ପରେ ସବୁସାହିରେ ଏବେ ଏହି ପୂଜା ପାଳନ ହେଉଛି। ପାରଳାଖେମୁଣ୍ଡିରୁ ଆରମ୍ଭ ହୋଇଥିବା ଏହି ପର୍ବ ବାହାର ଜିଲା ଜୟପୁର, ଗୁଣୁପୁର, ବ୍ରହ୍ମପୁର ଅଞ୍ଚଳକୁ ବ୍ୟାପିଛି। ଏସବୁ ଅଞ୍ଚଳରେ ମଧ୍ୟ ମା'ଙ୍କ ପର୍ବ ପାଳିତ ହେଉଥିବା ଦେଖିବାକୁ ମିଳୁଛି।

## ରମେଶଙ୍କ ଚିକିତ୍ସାରେ ଅର୍ଥ ବାଧକ

ମୋହନା, ୨୫।୩(ମନ୍ମଥ ମିଶ୍ର) ମୋହନା ନିକଟସ୍ଥ ଲେକାପଦର ଗାଁର ରମେଶ ମଳିକ ଯକ୍ଷ୍ମା ରୋଗରେ ପୀଡିତ ହୋଇ ଅର୍ଥ ଅଭାବରୁ ନିଜର ଚିକିତ୍ସା କରିପାରୁନାହାନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଖରେ ଥାଇ ମଧ୍ୟ ଏବେ ଅଲୋଡ଼ା ହୋଇପଡିଥିବା ବେଳେ ଆୟୁଷ୍ମାନ କାର୍ଡ ଏପର୍ଯ୍ୟନ୍ତ ମିଳିନି ତାଙ୍କୁ। ରମେଶ ଦଶ ବର୍ଷ ତଳେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସିତ ହୋଇ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରୁ ଫେରିଥିଲେ। ଥିଲେ। ରମେଶଙ୍କ ପାଖରେ ଆୟୁଷ୍ମାନ କାର୍ଡ଼ ନ ଥିବାରୁ ସେ ମାଗଣା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ଏବେ ସେ ଅର୍ଥ ଅଭାବରୁ ଘରେ ପଡ଼ି ରହିଛନ୍ତି। ଘରେ ଆର୍ଥିକ ଅନାଟନ ଲାଗି ରହିଛି। ପୁଅ ସନାତନ ଡିପ୍ଲୋମା ପଢି ଚାକିରି ନ ପାଇ ଏବେ ଜଙ୍ଗଲରେ ଛେଳି ଚରାଇବା ସହ କୁଲି ମଜୁରି କରି ପରିବାର ଚଳାଉଛନ୍ତି। ସ୍ତ୍ରୀ ସୁଲୋଚନା ଜଙ୍ଗଲରୁ ଶୁଖିଲା କାଠ ଆଣି ବିଡ଼ା କରି ବିକ୍ରି କରିବା ସହ କୁଲି ମଜୁରି କରି ରମେଶଙ୍କ ସେବା କରିବା ସହ ଘର ଚଳାଉଛନ୍ତି। ଯଦି ସରକାର ରମେଶଙ୍କୁ ଭଲ ମେଡିକାଲରେ ଚିକିତ୍ସା କରାନ୍ତେ ସେ ଭଲ ହୋଇପାରନ୍ତେ ବୋଲି ଆଶା ରଖିଛନ୍ତି।

### ଦୁର୍ଘଟଣାଗ୍ରସ୍ତ ୨ଜଣଙ୍କୁ ସିଡିଏମ୍‌ଓ ପଠାଇଲେ ଡାକ୍ତରଖାନା

ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ଗୁମ୍ମା ବ୍ଲକରେ ବୁଧବାର ହୋଇଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଯୋଗ ଦେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶାନ୍ତନୁ ପାତ୍ରୀ ଫେରୁଥିବା ବେଳେ ପାର୍ଶମ୍ବା ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ଦୁର୍ଘଟଣାରେ ଗୁରୁତର ହୋଇ ଛଟପଟ ହେଉଥିବା ଦୁଇ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ଉଭୟ ଆହତଙ୍କ ନାମ ଠିକଣା ଏବଂ ଦୁର୍ଘଟଣାର କାରଣ ଜଣାପଡିନାହିଁ। ସିଡିଏମଓଙ୍କ ଏପରି କାର୍ଯ୍ୟକୁ ସାଧାଣରେ ପ୍ରଶଂସା କରାଯାଇଛି।

# ଭଞ୍ଜନଗର ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

### ଯାତ୍ରାରେ ଯୋଗଦେବେ ମୁଖ୍ୟମନ୍ତ୍ରୀ




ବୈଠକରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟ ଅଧିକାରୀମାନେ।

ଭଞ୍ଜନଗର,୨୫।୩(ବାବୁଲା ପ୍ରଧାନ): ଏପ୍ରିଲ ୨୬ରୁ ମେ ୨୦ ତାରିଖ ଯାଏ ଭଞ୍ଜନଗର ଠାକୁରାଣୀ ଯାତ୍ରା ହେବ। ଏଥିପାଇଁ ଯାତ୍ରା କମିଟିର ମୁଖ୍ୟ ଉପଦେଷ୍ଟା ତଥା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେବେ ବୋଲି ବିଧାୟକ କହିଥିଲେ। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ଯାତ୍ରାକୁ ଚଳିତ ବର୍ଷର ଆକର୍ଷଣୀୟ କରାଯିବ ବୋଲି ସୂଚନା ଦେଇଥିଲେ। ଉପ ଜିଲାପାଳ ଉମା ଶଙ୍କର ବେହେରା ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହ ହୋଇପାରିବ ସେନେଇ କହିଥିଲେ। ଗତ ଯାତ୍ରାରେ ହୋଇଥିବା ବାଣ ଏବଂ ବିଦ୍ୟୁତ ଦୁର୍ଘଟଣାର ଯେପରି ପୁନରାବୃତ୍ତି ନହେବ ସେଥିପ୍ରତି ଦୃଷ୍ଟି ଦିଆଯିବ। ମା'ଙ୍କ ଅସ୍ଥାୟୀ ମନ୍ଦିର ପାଇଁ ମୁଖ୍ୟ ସଡକର ଗୋଟିଏ ପାର୍ଶ୍ୱ ରାସ୍ତା ବନ୍ଦ ରହିବ। ପୁରୁଣା ଜେଲ ଏବଂ ଇନଡୋର ଷ୍ଟାଡିୟମ ପରିସରରେ ପାର୍କିଂ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଯାତ୍ରା ପୂର୍ବରୁ ମୁଖ୍ୟ ସଡକ, ରେଡକ୍ରସ ରୋଡ ଆଦି କେତେକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ହେବ। ଦେଶୀ ବେହେରାଙ୍କ ବାସଭବନ ସମେତ ସହରର ଅନ୍ୟାନ୍ୟ ଅଞ୍ଚଳରେ ଘୁଷୁରି ଚଳପ୍ରଚଳ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବ। ସହରର ବିଭିନ୍ନ ସ୍ଥାନରେ ଚିତ୍ର କରାଯିବ। ସଫେଇ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । ୨୪ ଘଣ୍ଟିଆ ସୁରକ୍ଷିତ ବିଦ୍ୟୁତ୍ ସେବା ପ୍ରତି ଧ୍ୟାନ ଦିଆଯିବ। ଅସାମାଜିକଙ୍କ ଉପରେ ନଜର ରହିବ। ଯାତ୍ରା ସମୟରେ ରନ୍ଧନ ଗ୍ୟାସ କିଭଳି ଉପଭୋକ୍ତାଙ୍କୁ ସୁବିଧାରେ ମିଳିପାରିବ ସେ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବିଡ଼ିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ମ୍ୟୁନିସିପାଲଟି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥି ନାୟକ, ଅତିରିକ୍ତ ସବ କଲେକ୍ଟର ତୁଲୀଅମା ପ୍ରଧାନ, ଡେପୁଟି କଲେକ୍ଟର ରଚିତା ମହାପାତ୍ର, ଏସଡିପିଓ ଡ. ଦୀପକ କୁମାର ମିଶ୍ର, ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥି,ଏମପି ପ୍ରତିନିଧି ସନ୍ତୋଷ ତିଆଡି, ସହକାରୀ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଫକୀର ଜ୍ୟୋତି ନାୟକ, ଚନ୍ଦ୍ରଗିରି ଗାୟତ୍ରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ନାୟକ, ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସମେତ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ, ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଫାୟାର ଅଫିସର ଚକ୍ରଧର କହଁର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ,(ପ୍ରଦୀପ୍ତ କୁମାର ପୃଷ୍ଟି): ରାସ୍ତାରେ ଯାଉଥିବାବେଳେ ବଜ୍ରପାତ ହେବାରୁ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଯାଜପୁର ଜିଲା ବଡ଼ଚଣା ଥାନା ଖଇରା ଗ୍ରାମରେ ଘଟିଛି ଏଭଳି ଅଘଟଣ। ମୃତକ ହେଲେ ଗ୍ରାମର ଲକ୍ଷ୍ମୀଧର ମହାରଣାଙ୍କ ବଡ଼ପୁଅ ବିଜୟ(୩୧)। ବିଜୟ ବୈରୀ-ଚଣ୍ଡିଖୋଲ ପୂର୍ତ୍ତ ବିଭାଗ ରାସ୍ତାର ହାଇଲେଭଲ କେନାଲବନ୍ଧ ଦେଇ ଯାଉଥିବାବେଳେ ରାତିରେ ବର୍ଷା ସହ ବଜ୍ରପାତ ଘଟିଥିଲା। ଫଳରେ ସେ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟିହୋଇଥିଲା।

# ବିରଜା ହାଟ କାର୍ଯ୍ୟର ଶିଳାନ୍ୟାସ ହୋଇପାରିଲାନାହିଁ

- ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଲେନାହିଁ ମନ୍ତ୍ରୀ
- ଅସନ୍ତୁଷ୍ଟ ଲୋକେ ଭାଙ୍ଗିଲେ ଫଳକ

ଯାଜପୁର,ଟାଉନ,୨୫ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ବିରଜା ଅଗ୍ନେଶ୍ୱର ହାଟର ଆଧୁନିକୀକରଣ ପ୍ରକଳ୍ପ କାର୍ଯ୍ୟର ଶିଳାନ୍ୟାସ କରିବାକୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଆସିନାହାହାନ୍ତି। ଫଳରେ ଏହାକୁ ନେଇ ସ୍ଥାନୀୟ ଯୁବକ ଓ ବ୍ୟବସାୟୀ ଅସନ୍ତୁଷ୍ଟ ପ୍ରକାଶ କରିବା ସହ ବୁଧବାର ଉଦ୍ଦିଷ୍ଟ ଫଳକକୁ ଭାଙ୍ଗିଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲା ମହୋତ୍ସବରେ ଯୋଗଦାନ କରିଥିବା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗତ ୨୩ ତାରିଖରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଏଥିପାଇଁ ବିରଜା ଅଗ୍ନେଶ୍ୱର ହାଟରେ ଏକ ସଭାର ଆୟୋଜନ କରାଯାଇଥିଲା। ମାତ୍ର ବିଧାନସଭା ଚାଲିଥିବାରୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ପାରି ନ ଥିଲେ। ତେଣୁ ଜିଲା ମହୋତ୍ସବର ଉଦ୍‌ଯାପନୀ ଦିବସ ଅର୍ଥାତ୍ ୨୪ ତାରିଖରେ ବିରଜା ହାଟ ସମ୍ପ୍ରସାରଣ ଶିଳାନ୍ୟାସ କରିବାକୁ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ମଧ ଯୋଗଦେଇଥିଲେ। ମାତ୍ର ବିରଜା ଅଗ୍ନେଶ୍ୱର ହାଟ ପ୍ରକଳ୍ପର ଶିଳାନ୍ୟାସ କରିବା ପାଇଁ ଯାଇ ନ ଥିଲେ। ଫଳରେ ସ୍ଥାନୀୟ ବ୍ୟବସାୟୀ ଓ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଥିଲା। ଜଣେ ପୂର୍ବତନ ବିଧାୟକଙ୍କ ଇଙ୍ଗିତରେ ଏହି କାର୍ଯ୍ୟକୁ କରାଯାଇପାରୁ ନାହିଁ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଲୋଚନା ହେଉଥିବା ଦେଖିବାକୁ ମିଳିଛି। ଏହି ଶିଳାନ୍ୟାସ ଉତ୍ସବ ୨ ଥର ପ୍ରସ୍ତୁତ ହୋଇଥିବାବେଳେ ମନ୍ତ୍ରୀ ବଳସାମନ୍ତ ସେହି ସ୍ଥାନକୁ ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗାମୀ ଦିନରେ ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚାଷୀ ଓ ବ୍ୟବସାୟୀ ଚେତାବନୀ ଦେଇଛନ୍ତି। ଏନେଇ ଜିଲାରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ସ୍ଥାନୀୟ ମନ୍ତ୍ରୀ ବିଜେଡିର ପ୍ରଭାବଶାଳୀ ନେତାଙ୍କ ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି ବୋଲି ଚାଷୀ ଓ ବ୍ୟବସାୟୀ ଭାଜପା ସଭାପତି ମନମୋହନ ସାମଲଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଯାଜପୁରସହରର ବିରଜା ମନ୍ଦିର ନିକଟରେ ଥିବା ସର୍ବପୁରାତନ ଏହି ହାଟ ଖୁବ୍ ସୁଖ୍ୟାତି ଅର୍ଜନ କରିଛି। ହାଟକୁ ଅତ୍ୟାଧୁନିକ ଢଙ୍ଗରେ ଗଢ଼ାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୬କୋଟି ଟଙ୍କା ବ୍ୟବବରାଦ କରାଯାଇଛି। ଏହା ଏକ ଚାଷୀ ହାଟ ରୂପେ ଦୀର୍ଘଦିନ ଧରି ଚାଲିଆସୁଛି। ଏଠାରେ ଯାଜପୁର ଜିଲା ସମେତ ଭଦ୍ରକ ଓ କେନ୍ଦ୍ରାପଡାର ଚାଷୀ, ବ୍ୟବସାୟୀ ଏବଂ ସାଧାରଣ ଲୋକ ନିର୍ଭର କରିଥାନ୍ତି। ହାଟରେ ପନିପରିବାଠାରୁ ଆରମ୍ଭ କରି ସମସ୍ତ ସାମଗ୍ରୀ ବିକ୍ରି କରାଯାଇଥାଏ। ପୂର୍ବ ସରକାର ସମୟରେ ଏହି ହାଟକୁ ନେଇ ବହୁ ବାଦବିବାଦ ଲାଗିରହିଥିବାବେଳେ ଏହାକୁ ସ୍ଥାନୀୟ ସନ୍ଥମାଧବଠାରେ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର ବହୁ ପୁରାତନ ଚାଷୀ ଓ ବ୍ୟବସାୟୀଙ୍କ ଭାବାବେଗ ସହିତ ଜଡ଼ିତ ହାଟଟିକୁ ନୂତନ ସ୍ଥାନକୁ ନ ନେବାପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ନିବେଦନ କରାଯାଇଥିଲା। ମାତ୍ର ତତ୍କାଳୀନ ବିଜେଡି ସରକାରଙ୍କ ଜିଦ୍‌ଖୋର ମନୋଭାବ ପାଇଁ ଚାଷୀ ଓ ବ୍ୟବସାୟୀ କିଛିଦିନ ପାଇଁ ନୂତନ ହାଟକୁ ବ୍ୟବସାୟ କରିବା ପାଇଁ ଯାଇଥିଲେ ମଧ ସେଠାରେ ବହୁ କ୍ଷତିର ସମ୍ମୁଖୀନ ହୋଇଥିଲେ। ହାଟକୁ ନୂତନ ସରକାର ସେହି ପୁରୁଣା ସ୍ଥାନରେ ଅତ୍ୟାଧୁନିକ ଢଙ୍ଗରେ ନିର୍ମାଣ କରିବା ପାଇଁ ବ୍ୟବବରାଦ କରିବା ପରେ ଟେଣ୍ଡର କାର୍ଯ୍ୟ ସମାପ୍ତ ହୋଇଛି। ଗତ ବର୍ଷ ଯାଜପୁର ଜିଲା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିରଜା ମନ୍ଦିର ପ୍ରକଳ୍ପ କାର୍ଯ୍ୟ, ବସ୍‌ଷ୍ଟାଣ୍ଡ ସମେତ ବିରଜା ଅଗ୍ନେଶ୍ୱର ହାଟ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଏ ସମ୍ପର୍କରେ ଯାଜପୁର ସବ୍‌ଡିଭିଜନ୍‌ର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ମାତ୍ର ବିରଜା ଅଗ୍ନେଶ୍ୱର ହାଟକୁ ସ୍ଥାନାନ୍ତର କରା ନ ଗଲେ ଉନ୍ନତୀକରଣ କାର୍ଯ୍ୟ କରିବା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ମନ୍ତ୍ରୀ ବଳସାମନ୍ତଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ଶିଳାନ୍ୟାସ ଫଳକକୁ ଉତ୍ୟକ୍ତ ଲୋକେ ଭାଙ୍ଗି ଦେଇଛନ୍ତି।

## କମାଗଡ଼ ମା’ ହିଙ୍ଗୁଳା ଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୨୫ା୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ କମାଗଡ଼ ଓ ଅଣ୍ଡିଆ ପଞ୍ଚାୟତ ପକ୍ଷରୁ କମାଗଡ଼ ହିଙ୍ଗୁଳା ପଡ଼ିଆରେ ଚାଲିଥିବା ମା’ ହିଙ୍ଗୁଳାଙ୍କ ୫୦ତମ ବାର୍ଷିକ ଯଜ୍ଞ ଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଉଭୟ ପଞ୍ଚାୟତର ଜନସାଧାରଣ ନିକଟ ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିବା ପରେ ଯଜ୍ଞ ଉତ୍ସବରେ ଅଗ୍ନି ସଂଯୋଗ କରାଯାଇଥିଲା। ୨୨ ତାରିଖରେ ଉଭୟ ପଞ୍ଚାୟତର ଶତାଧିକ ଝିଅଜାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୪ ତାରିଖ ମଙ୍ଗଳବାର ରାତ୍ର ୯ଟା୧୫ରେ ଯଜ୍ଞଉତ୍ସବର ପୂର୍ଣ୍ଣାହୁତି ହୋଇଥିଲା। ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରାଯାଇଥିଲା। କମିଟି ସଭାପତି ଦେବଚରଣ କର୍ମୀ, ସମ୍ପାଦକ ବିଜୟ ସାହୁ, ସହସମ୍ପାଦକ ଜଗନ୍ନାଥ ମହାରଣା, ବଳରାମ ପଣ୍ଡା, କୋଷାଧ୍ୟକ୍ଷ ଦୁର୍ଯ୍ୟାଧନ ପ୍ରଧାନ, ରାମେଶ୍ୱରୀ ପ୍ରଧାନ, ରତ୍ନଲତା ସାହୁ, ସଞ୍ଜୁଲତା ସାହୁ, ସେବ ସାହୁ, ସସ୍ମିତା ବଡ଼ୁଆ, ଅନ୍ନପୂର୍ଣ୍ଣା ରାଉତ, ନୟନୀ ବରାଳ, ବଉଳବାଳା ନାୟକ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ସହଯୋଗ କରିଥିଲେ। ଜନ ସମାଗମକୁ ଦୃଷ୍ଟିରେ ରଖି ଜେନାପୁର ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଥିଲା।

## ରେଲୱେ ଗଳିପୋଲ ବୁଡ଼ିଗଲା

ବ୍ୟାସନଗର,୨୫ା୩(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପବନ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା। ୨ଘଣ୍ଟା ବର୍ଷାରେ ସହରର ଜୀବନ ରେଖା କୁହାଯାଉଥିବା ଗୋପବନ୍ଧୁ ଛକ ନିକଟ ରେଲୱେ ଗଳିପୋଲ ମଧ୍ୟରେ ଚାରିଫୁଟ ବର୍ଷା ଜଳ ପ୍ରବେଶ କରିଥିଲା। ଫଳରେ ଗଳିପୋଲ ସମ୍ପୂର୍ଣ୍ଣ ବୁଡି ରହି ଯାତାୟାତ ଠପ ହୋଇଯାଇଥିଲା। ରେଲୱେ କର୍ମଚାରୀ ଗଳିପୋଲ ରାସ୍ତାକୁ ବାଉଁଶ ବାନ୍ଧି ଓ ପୋଲିସ ସାଇନ ବୋର୍ଡ ରଖି ଯାତାୟାତ ବନ୍ଦ କରିଛନ୍ତି। ଗଳିପୋଲ ନିର୍ମାଣ ପୂର୍ବରୁ ବିଭିନ୍ନ ଦିଗକୁ ତର୍ଜମା କରାଯାଇ ନ ଥିବା ଓ ତ୍ରୁଟି ପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ସହରବାସୀ ଅଭିଯୋଗ କରିଆସୁଛନ୍ତି।

## ଜଳସେଚନ ପାଇଁ ପରିଆ ପଞ୍ଚାୟତରେ ପଲ୍ଲିସଭା

ବଡ଼ଚଣା,୨୫ା୩(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ପାରିଆ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବେଣୁଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ପଲ୍ଲିସଭା ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ମଧୁସୁଦନ ପାଟଣାରୁ ବାହାରି ବ୍ରାହ୍ମଣୀ ନଦୀରେ ମିଶିବାକୁ ଥିବା ରେଙ୍ଗାଲି କେନାଲର ଦକ୍ଷିଣ ପାର୍ଶ୍ୱସ୍ଥିତ ବରୁଣିଆ ଅଞ୍ଚଳ କିପରି ଜଳସେଚିତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ଦାସ, ଗୌରୀ ଶଙ୍କର ପ୍ରସାଦ ନାୟକ ଆଲୋଚନାରେ ଭାଗ ନେଇଥିଲେ। ପିଇଓ ଅକ୍ଷୟ ବଳଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ନିଜ ଅଭିଯୋଗ ପ୍ରକାଶ କରିଥିଲେ।

# କାଳବୈଶାଖୀ ବର୍ଷାରେ ବ୍ୟାସନଗର ବେହାଲ


ରାସ୍ତାରେ ବର୍ଷା ପାଣି ଜମିରହିଛି।

- ରାସ୍ତା ଉପରେ ଆଣ୍ଠୁଏ ପାଣି, ସହର ଅନ୍ଧକାର

ବ୍ୟାସନଗର,୨୫ା୩ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରରେ ଚଳିତବର୍ଷ ପ୍ରଥମ କାଳବୈଶାଖୀର ପ୍ରକୋପ ବୁଧବାର ଅପରାହ୍ନରେ ଦେଖିବାକୁ ମିଳିଛି। ଦିନତମାମ ପ୍ରବଳ ଖରାସାଙ୍ଗକୁ ଗରମ ଅନୁଭୂତ ହୋଇଥିଲା। ଠିକ ଅପରାହ୍ନ ୪ରୁ୫ଟା ମଧ୍ୟରେ ଆକାଶ ଅନ୍ଧକାର ହୋଇ ବର୍ଷା ପବନ ମାଡିଆସିଥିଲା। ପ୍ରବଳ ବିଜୁଳି ଘଡଘଡି ସାଙ୍ଗକୁ କୁଆପଥର ମାଡ଼ହୋଇଥିଲା। ଫଳରେ ଚାରିଆଡେ ତାଟି କବାଟ ପଡ଼ି ଯାଇଥିଲା। ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ପାଖାପାଖି ୨ ଘଣ୍ଟା କାଳବୈଶାଖୀ ତାଣ୍ଡବ ରଚିଥିଲା। ପବନପ୍ରଭାବରେ ବିଭିନ୍ନସ୍ଥାନରେ ଗଛ ଡାଳ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡିବା ସହ ବିଜ୍ଞାପନ ହୋଡ଼ିଂଗୁଡିକ ରାସ୍ତା ଉପରେ ପଡିରହିବାରୁ ଯାତାୟାତରେ ବାଧା ଉପୁଜିଥିଲା। ଦେଖୁଦେଖୁ ସହରର ବିଭିନ୍ନ ରାସ୍ତାରେ ଆଣ୍ଠୁଏ ପାଣିର ସୁଅ ଛୁଟିଥିଲା। ଡ୍ରେନଗୁଡିକ ଉଛୁଳି ବର୍ଷାଜଳ ସହ ମିଶି ରାସ୍ତା ଉପରେ ଲହଡି ମାରୁଥିଲା। ରାସ୍ତାରେ ପାଣି ଜମି ରହିବା ଦ୍ୱାରା ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ୱାର୍ଡ ରାସ୍ତାଗୁଡ଼ିକ ଜଳାର୍ଣ୍ଣବ ହେବାସହ ଲୋକଙ୍କ ଘର ଓ ବସ୍ତି ଅଞ୍ଚଳ ଜଳମଗ୍ନ ହୋଇଥିଲା। ସହରର ଚୋରଦା ବାଇପାସ ରାସ୍ତା, କନ୍ହେଇପୁର, ଗୋପବନ୍ଧୁ ଛକ, ଷ୍ଟେସନ ବଜାର, ପୌର କାର୍ଯ୍ୟାଳୟ, ବ୍ୟାସନଗର ତହସିଲ କାର୍ଯ୍ୟାଳୟ ଓ ଦଳା ଛକ ଅରାଦିସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମିରହିଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ବ୍ୟାଘାତ ହୋଇଥିବାରୁ ସମଗ୍ର ସହର ଅନ୍ଧକାର ମୟ ହୋଇରହିଛି। ବର୍ଷା ପବନ କମିବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ବିଭିନ୍ନ ସ୍ଥାନରେ ଗଛଡାଳ ସଫା କାର୍ଯ୍ୟରେ ଲାଗିଥିବା ସୂଚନା ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସହରରେ ବିଦ୍ୟୁତ୍ ସରାବରାହ ସ୍ୱାଭାବିକ ହୋଇ ନ ଥିଲା।

## ପାରିବାରିକ କଳହରୁ ଘରେ ନିଆଁ ଲଗାଇ ଦେଲେ ପୁଅ

ଯାଜପୁର,ଟାଉନ,୨୫ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ପାରିବାରିକ କଳହରୁ ବୁଧବାର ଯାଜପୁର ବ୍ଲକ ମାର୍କଣ୍ଡପୁର ପଞ୍ଚାୟତ ଧନୀପୁର ଗାଁର ରଘୁନାଥ ଜେନାଙ୍କ ପୁଅ ଦିଲୀପ ଜେନା ଘରେ ନିଆଁ ଲଗାଇ ଦେଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଏହି ପରିବାରର ବଡ଼ପୁଅ ଓ ବଡ଼ ବୋହୂଙ୍କର କୌଣସି କାରଣରୁ କଳହ ଲାଗିଥିଲା। ମା’ କନକ ଜେନା ପ୍ରତିବାଦ କରିବାରୁ ତାଙ୍କ ବେକରେ ପୁଅ ଫାର୍ଶା ଲଗେଇ ମାରିଦେବାକୁ ଧମକ ଦେଇଥିଲେ। ବାପା ପ୍ରତିବାଦ କରିବାରୁ ତାଙ୍କୁ ମଧ ତଣ୍ଟିଆ ମାରି ତଳେ ପକେଇ ଦେଇ କେହି ଆମ କଥାରେ ମୁଣ୍ଡ ନ ପୁରେଇବାକୁ ଚେତାବନୀ ଦେଇଥିଲେ। ତଥାପି ବାପା ରଘୁନାଥ ପୁଅ ବୋହୂଙ୍କ ସଂସାର ସଜାଡ଼ିବାକୁ ଯାଇ ଆକଟ ପୂର୍ବକ ପ୍ରତିବାଦ କରିଥିଲେ। ମାତ୍ର କ୍ରୋଧିତ ପୁଅ ଦିଲୀପ ଘରେ ନିଆଁ ଲଗାଇ ଦୌଡ଼ି ପଳେଇ ଯାଇଥିଲେ। ଖରାର ପ୍ରଚଣ୍ଡ ତାପରେ ଶୁଖିଲା ଚାଳ ଘରଟି ମାତ୍ର ତିରିଶି ସେକେଣ୍ଡ ମଧ୍ୟରେ ଅଣାୟତ ହୋଇପଡିଥିଲା। ଘର ଉପରେ ଓ ପାର୍ଶ୍ୱବର୍ତ୍ତୀ ଜାଗାରେ ବହୁଳ ପରିମାଣର ବିଜୁଳି ରହିଥିବାରୁ ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ସାହସ କରି ପାରି ନ ଥିଲେ। ବିଦ୍ୟୁତ୍ ସଂଯୋଗ ଛିନ୍ନ ହେବାରୁ ଗାଁ ଲୋକେ ଏବଂ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ନଗଦ ଅର୍ଥ ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ଦିଲିପଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି।

# ଶୁଖିଲା ପଡ଼ିଛି ବ୍ରାହ୍ମଣୀ ନଦୀ

- ଚାଷକାର୍ଯ୍ୟ ପ୍ରଭାବିତ

ଧର୍ମଶାଳା,୨୫ା୩(ବଟକୃଷ୍ଣ ପରିଡ଼ା): ଓଡ଼ିଶାର ୨ୟ ବୃହତମ ନଦୀ ବ୍ରାହ୍ମଣୀ କେବେ ଚିରସ୍ରୋତା ହେବ ସେନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ଇଂରେଜ ସରକାର ସମୟରେ ନଦୀରେ ବ୍ୟାରେଜ୍ ନିର୍ମଣ କରାଯାଇ ଜଳ ସଂରକ୍ଷଣ କରାଯାଉଥିଲା। ମାତ୍ର ଏହି ବ୍ୟାରେଜ୍ ପୋତିହୋଇଯିବା ଫଳରେ ଏବେ ଜଳ ସଂରକ୍ଷଣ ହୋଇପାରୁନାହିଁ। ଫଳରେ ଜଳସଙ୍କଟ ଦେଖାଯାଇଛି। ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରେ ଯୋକଡ଼ିଆଠାରେ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରସ୍ତୁତ ହୋଇ ଅନୁମୋଦନ ଅପେକ୍ଷାରେ ରହିଥିବା ବେଳେ ଏହାକେବେ କାର୍ଯ୍ୟକାରୀ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏବେ ବୈଶାଖ ଆସିନି, ଗ୍ରୀଷ୍ମ ଆରମ୍ଭ ହୋଇନି। ମାତ୍ର ଧର୍ମଶାଳା ବ୍ଲକର ଅନେକ ଜାଗାରେ ବ୍ରାହ୍ମଣୀ ଶୁଖିଲାପଡ଼ିଛି। କେଉଁଠି ଧାରେ ପାଣି ସୁଅ ଚାଲିଛି ତ ପୁଣି କେଉଁଠି ନଦୀ ଶଯ୍ୟା ପୁରାଶୁଖିଲା। ଧର୍ମଶାଳା ବ୍ଲକ୍ ଓ ତାର ପାଖାପାଖି ଅଞ୍ଚଳରେ ଅନେକ ସ୍ଥାନରେ ଏପରି ଚିତ୍ର ଦେଖିବାକୁ ମିଳିଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ବିଭିନ୍ନ ଦିଗରୁ ପ୍ରଭାବିତ ହେଉଛି। ରବି ଫସଲକୁ ପାଣି ନାହିଁ। ମତ୍ସଜୀବୀଙ୍କ ଜାଲ ଆଉ ଫିଟୁନାହିଁ। ଲୋକଙ୍କ କହିବା ଅନୁସାରେ, ୧୦ରୁ୧୫ ବର୍ଷ ତଳେ ଗ୍ରୀଷ୍ମଦିନରେ ବି ନଦୀରେ ଯଥେଷ୍ଟ ପାଣି ରହୁଥିଲା। ସେହି ପାଣିରେ ଚାଷୀ ଖରାଟିଆ ପନିପରିବା ଚାଷ କରୁଥିଲେ। ନଦୀରୁ ପ୍ରଚୁର ମଧୁର ମାଛ ଧରାଯାଉଥିଲା।

ଏବେ ସ୍ଥିତି ପୂରା ବିପରୀତ। ନଦୀଶଯ୍ୟା ମରୁଭୂମି ସଦୃଶ, ଫସଲ ନାହିଁ କି ମାଛ ନାହାନ୍ତି। ଦିନରାତି ବାଲି ଖନନ ତଥା ଉପରମୁଣ୍ଡରେ ବିଭିନ୍ନ ଶିଳ୍ପସଂସ୍ଥା ନଦୀରୁ ପାଣି ଟାଣି ନେଉଛନ୍ତି। ଦୂଷିତ ଜଳକୁ ନଦୀରେ ଛାଡି ଦେଉଛନ୍ତି। ତେଣୁ ନଦୀରେ ଆଗ ଭଳି ମାଛ ମିଳୁନାହାନ୍ତି। ଦୈନିକ ଶହଶହ ଟ୍ରିପ୍ ବାଲି ଉତ୍ତୋଳନ କାରଣରୁ ନଦୀର ଗତିପଥ ଓ ଜଳପ୍ରବାହ ପ୍ରବାହିତ ହେଉଛି। ବ୍ରାହ୍ମଣୀ ନଦୀର ପାର୍ଶ୍ୱ ଗ୍ରାମ ଜେନାପୁର, ବାଉଁଶଅଣ୍ଡା, କୁସ୍ତିରା, ଇମାମନଗର, ଭୁବନ, ଦେଉଳିପାଳ, ଭାଲୁଖାଇ, କାଏମା, ମିର୍ଜାପୁର ଓ କୋତପୁର ଗ୍ରାମର ଚାଷୀଙ୍କ କହିବା କଥାହେଲା, ସେମାନେ ଖରାଦିନେ ନଦୀକୂଳରେ ଚିନାବାଦାମ, ତରଭୁଜ, ପୋଟଳ, କାକୁଡ଼ି ଆଦି ଚାଷ କରୁଥିଲେ। ନଦୀରେ ପାଣି ରହୁଥିବାରୁ ଜମିରେ ଆର୍ଦ୍ରତା ରହୁଥିଲା। ଫସଲ ଭଲ ଅମଳ ହେଉଥିଲା। ଏବେ ଅତ୍ୟଧିକ ବାଲି ଉତ୍ତୋଳନ ଯୋଗୁଁ ଭୂତଳ ଜଳସ୍ତର ଖସି ଖସି ଚାଲିଛି। ବର୍ଷା ନ ଥିବାରୁ ଫସଲ କ୍ଷତିଗ୍ରସ୍ତ ହେଉଛି। ଏଥର ଜଳାଭାବରୁ ଚିନାବାଦାମ ଗଛ ଶୁଖିବାରୁ ଚାଷୀ ବିପୁଳ କ୍ଷତି ସହିଛନ୍ତି। ବ୍ରାହ୍ମଣୀରେ ଜଳ ନ ରହିବାରୁ ଅଞ୍ଚଳରେ ଚାଷ ପ୍ରଭାବିତ ହେଉଛି। ତେବେ ଯୋକଡ଼ିଆଠାରେ ବ୍ୟାରେଜ୍ କେବେ ନିର୍ମାଣ ହେବ ସେନେଇ ରାଜକା ଜଳ ସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ ଓ ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବାର ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି।

# ଗ୍ରାମ୍ୟ ନିର୍ମାଣ ବିଭାଗ ଠିକାଦାରଙ୍କୁ ନୋଟିସ


ଅଚଳ ନଳକୂପ ମରାମତି କରାଯାଉଛି।

- ପାଣି ପାଇପ କାଟିବା ଘଟଣା
- ଅଚଳ ଦୁଇ ନଳକୂପ କାର୍ଯ୍ୟକ୍ଷମ

ଯାଜପୁର,୨୫ା୩(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲା ସୁକିନ୍ଦା ବ୍ଲକ ନାଳିଆଝର ଗ୍ରାମକୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ କାଟି ଜଳ ଯୋଗାଣ ବନ୍ଦ କରିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏଥିସହ ବୁଧବାର ନାଳିଆଝର ଗ୍ରାମରେ ଥିବା ଅଚଳ ୨ଟି ନଳକୂପ ସଜାଡି କାର୍ଯ୍ୟକ୍ଷମ କରାଯାଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର(ଆରଡବ୍ଲ୍ୟୁଏସଏସ) ଏସଡିଓଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ନିର୍ମାଣ ବିଭାଗର ସଂପୃକ୍ତ ଠିକାଦାରଙ୍କୁ ରିପୋର୍ଟ ତଲବ ହୋଇଥିବା ସୂଚନା ମିଳିଛି। ଏହି ଗ୍ରାମକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ସଂକ୍ରାନ୍ତରେ ସୁକିନ୍ଦା ବିଡିଓ ନିବେଦିତା ପୃଷ୍ଟି ବିଭାଗୀୟ ଯନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି।

ମଙ୍ଗଳବାର ପାଣି ପାଇଁ ଲୋକେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ପରେ ଅନ୍ୟ ଅଚଳ ଥିବା ନଳକୂପଗୁଡିକ ମଧ କାର୍ଯ୍ୟକ୍ଷମ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। କେଉଁ ପରିସ୍ଥିତିରେ ପାଇପ କାଟି ଲୋକଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଥିଲା ତାହାର ତଦନ୍ତ ଆରଡବ୍ଲ୍ୟୁଏସଏସ ଏସଡିଓ କରୁଥିବାବେଳେ ପାଇପ କାଟିଥିବା ଅଧିକାରୀଙ୍କ ବିରୋଧରେ ପିଇଓ ଆକ୍ଟରେ ମାମଲା ରୁଜୁ କରାଯିବାକୁ ପଦକ୍ଷେପ ନେବାକୁ ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷେ ନିର୍ମାଣ ବିଭାଗର ଯନ୍ତ୍ରୀ ଓ ଠିକାଦାର କେତେକ ରାଜନୈତିକ ବ୍ୟକ୍ତିଙ୍କୁ ଧରି ଘଟଣାକୁ ଚାପି ଦେବାକୁ କସରତ କରୁଥିବା ଅଭିଯୋଗ ହୋଇଛି। ଏଥିରେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାଳିଆଝର ଗ୍ରାମବାସୀଙ୍କ ସମେତ ମୂଳନିବାସୀ ଯୁବ ଛାତ୍ର ସାମ୍ମୁଖ୍ୟର ବିଭ୍ରାନ୍ତ ବିଶ୍ୱଜିତ, ରବୀନ୍ଦ୍ର ପାତ୍ର, ଲିଲୁ ଦାସ, ସ୍ଥାନୀୟ ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର ପ୍ରମୁଖ ଦାବି କରିଛନ୍ତି। ନଚେତ ପୁନର୍ବାର ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଆରଡବ୍ଲ୍ୟୁଏସଏସ୍ ଏସଡିଓ ଦାଶରଥୀ ନାଏକଙ୍କୁ ପଚାରିବାରେ ସେ କହିଛନ୍ତି, ଜଳ ଯୋଗାଣ ପାଇପ କାଟିଥିବା ସମ୍ପର୍କରେ ତଦନ୍ତ ଚାଲିଛି। ଗ୍ରାମ୍ୟ ନିର୍ମାଣ ବିଭାଗର ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କୁ ରିପୋର୍ଟ ମାଗିବା ସହ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ସଫଳ ଷ୍ଟ୍ରବେରି ଚାଷୀ ଭାଗୀରଥି

- ଇଞ୍ଜିନିୟରିଂ ଛାଡ଼ି ଚାଷକୁ ଆପଣାଇଛନ୍ତି

କାଳିଆପାଣି,୨୫ା୩(ଅସିତ ମହାନ୍ତ): ଯାଜପୁର ଜିଲା ସୁକିନ୍ଦା ବ୍ଲକ ପିଙ୍ଗଲ ପଞ୍ଚାୟତ ଅନ୍ତର୍ଗତ ରାଇଟିକର ଗ୍ରାମର ଭାଗୀରଥି ସ୍ୱାଇଁ ଇଞ୍ଜିନିୟରିଂ ବୃତ୍ତି ଛାଡ଼ି ଷ୍ଟ୍ରବେରି ଚାଷ କରି ସଫଳ ହୋଇଛନ୍ତି। ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଭାଗୀରଥି କୋଭିଡ୍-୧୯ ମହାମାରୀ ସମୟରେ ନିଜର ବୃତ୍ତି ଛାଡ଼ି ଏହି ଚାଷକୁ ଆପଣାଇଥିଲେ।

କୋଭିଡି ସମୟରେ ଜୀବନଜୀବିକାର ପରିଭାଷା ବଦଳି ଯାଇଥିବାବେଳେ ସେ ଚାଷକୁ ଏକ ନୂଆରୂପ ଦେବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ନିଜ ପରିବାରର ପ୍ରାୟ ୬ ଏକର ଜମିରେ ଭାଗୀରଥି ପୂର୍ବରୁ ଧାନ, ଚିନାବାଦାମ, ପୋଟଳ ଏବଂ ବିଭିନ୍ନ ପନିପରିବା ଚାଷ କରି ବାର୍ଷିକ ପ୍ରାୟ ୩ ଲକ୍ଷ ଟଙ୍କା ରୋଜଗାର କରୁଥିଲେ। କିନ୍ତୁ ପାରମ୍ପରିକ ଚାଷରୁ ବାହାରି କିଛି ନୂଆ ଓ ଅଧିକ ଲାଭଦାୟକ ସୁଯୋଗ ସନ୍ଧାନରେ ସେ ସବୁବେଳେ ରହୁଥିଲେ। ଏହି ସମୟରେ ଉଦ୍ୟାନ କୃଷି ବିଭାଗ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନ(ଟିଏସ୍‌ଏଫ୍) ମିଳିତ ସହଯୋଗରେ ସେ ଆଧୁନିକ କୃଷି ପ୍ରଣାଳୀ ସହ ପରିଚିତ ହୋଇଥିଲେ। ସେମାନଙ୍କ ମାର୍ଗଦର୍ଶନରେ ସେ ଅଞ୍ଚଳ ପାଇଁ ସମ୍ପୂର୍ଣ୍ଣ ନୂଆ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ଷ୍ଟ୍ରବେରି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ୪୮ ଡେସିମିଲ ଜମିରେ ଭାଗୀରଥି ପ୍ରାୟ ୧୦,୦୦୦ ଷ୍ଟ୍ରବେରି ଚାରାରୋପଣ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେଶନ ଏବଂ ସରକାରଙ୍କ ପକ୍ଷରୁ ତାଙ୍କୁ ଚାରା, ମଲ୍ଟିଂ ସିଟ ଏବଂ ଟ୍ରେଲିସ ନେଟ ପରି ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଥିଲା। ଏନେଇ ଭାଗୀରଥି କହିଛନ୍ତି, ସେ ସବୁବେଳେ ଚାଷରେ କିଛି ନୂଆ ପ୍ରୟୋଗ କରିବାକୁ ଚାହୁଁଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଏବଂ ଉଦ୍ୟାନ କୃଷି ବିଭାଗର ସହାୟତା ତାଙ୍କୁ ଏହି ପଦକ୍ଷେପ ନେବା ପାଇଁ ଆତ୍ମବିଶ୍ୱାସ ଦେଇଥିଲା। ଏହି ଚାଷରେ ଲାଭର ପରିମାଣ ବେଶ ଉତ୍ସାହଜନକ ରହିଛି। ୪୭ ହଜାର ଟଙ୍କା ନିବେଶ କରି ସେ ମାତ୍ର ଅଳ୍ପ ଦିନରେ ପ୍ରାୟ ୧ ଲକ୍ଷ ଟଙ୍କା ରୋଜଗାର କରିସାରିଲେଣି। ଚଳିତ ଅମଳ ଋତୁ ଶେଷ ସୁଦ୍ଧା ମୋଟ ୨.୫ ଲକ୍ଷରୁ ଅଧିକ ଟଙ୍କା ଲାଭ ପାଇବେ ବୋଲି ଆଶା ରଖିଛନ୍ତି। ବର୍ତ୍ତମାନ ସେ ଡୁବୁରି ଏବଂ ଦାନଗଦି ଭଳି ସ୍ଥାନୀୟ ବଜାରରେ କିଲୋଗ୍ରାମ ପ୍ରତି ୨୫୦ ଟଙ୍କାରେ ଷ୍ଟ୍ରବେରି ବିକ୍ରି କରୁଥିବାବେଳେ ମାସିକ ଆୟ ପ୍ରାୟ ୯୫ ହଜାର ଟଙ୍କା ଆୟ କରୁଛନ୍ତି। ତାଙ୍କର ଏହି ସଫଳତା ଏବେ ଅନ୍ୟ ଚାଷୀମାନଙ୍କ ପାଇଁ ଉଦାହରଣ ସାଜିଛି। ଟାଟାଷ୍ଟିଲ ଫାଉଣ୍ଡେଶନ ଦ୍ୱାରା ସହାୟତାପ୍ରାପ୍ତ ‘ମହାବୀର କୃଷକ ସଂଘ’ ମାଧ୍ୟମରେ ସେ ଏବେ ଅନ୍ୟ ଚାଷୀଙ୍କୁ ମଧ ଅଭିନବ ଚାଷ ଓ ଆଧୁନିକ ଜ୍ଞାନକୌଶଳ ଆପଣାଇବା ପାଇଁ ପ୍ରେରଣା ଦେଉଛନ୍ତି। ଏ ସମ୍ପର୍କରେ ଟାଟା ଷ୍ଟିଲ ଫାଉଣ୍ଡେଶନର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି, ଆମେ ଏଭଳି ଉଚ୍ଚ ମୂଲ୍ୟଯୁକ୍ତ ଚାଷକୁ ପ୍ରୋତ୍ସାହିତ କରୁଛୁ, ଯାହା ଚାଷୀଙ୍କ ଆୟ ବଢ଼ାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବ। ଆମେ ଶିଳ୍ପ ଏବଂ କୃଷି ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରି ବିକାଶ କରିବାକୁ ଲକ୍ଷ୍ୟ ରଖିଛୁ।


ଷ୍ଟ୍ରବେରି କ୍ଷେତରେ ଇଂ. ଭାଗୀରଥି ସ୍ୱାଇଁ।

## ଏରସମା : ବାସନ୍ତୀ ଦୁର୍ଗା ପୂଜା



ଏରସମା, ୨୫।୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଶ୍ରୀରାମପୁର ଗ୍ରାମରେ ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜାର ଷଷ୍ଠୀ ପୂଜା ଓ ବେଲବରଣୀ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଜଗନ୍ନାଥ ବିଶ୍ୱାଳ, ପାକିନା ବିଶ୍ୱାଳ କର୍ମ ସମ୍ପାଦନା କରୁଛନ୍ତି। ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହେଉଥିବା ଏହି ପୂଜାର ସପ୍ତମୀ ପୂଜା ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଅଶୋକାଷ୍ଟମୀ ତଥା ମହାଷ୍ଟମୀ ପୂଜା ଗୁରୁବାର ଅନୁଷ୍ଠିତ ହେବ। ଶୁକ୍ରବାର ନବମୀ, ଶନିବାର ଦଶମୀ ପୂଜା ସହ ସାର୍ବଜନୀନ ଦହି ପଖାଳ ପର୍ବ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ସନାତନ ବିଶ୍ୱାଳ କହିଛନ୍ତି। ଜ୍ୟୋତି ରଞ୍ଜନ କୁଅଁର, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସାଗର କୁମାର ବେଉରା, ସୁଶାନ୍ତ ବେଉରା, ଅନ୍ତର୍ଯ୍ୟାମୀ ଖଣ୍ଡୁଆଳ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# କାର୍ ଧକ୍କାରେ ଛାତ୍ରୀ ମୃତ: କଲେଜ ଫେୟାର୍‌ୱେଲ ଥିଲା ଅନ୍ତିମ ଯାତ୍ରା

## ଜଗତ୍‌ସିଂହପୁରରେ ପୁଣି ମର୍ମନ୍ତୁଦ ସଡକ ଦୁର୍ଘଟଣା

### ଉତ୍ତେଜନା ସହ କାର ଭଙ୍ଗାରୁଜା, ଧରାପଡ଼ିଲେ ମାଲିକ

ଜଗତ୍‌ସିଂହପୁର,୨୫।୩ (ପ୍ରମୋଦ କୁମାର ନାୟକ)

ମଙ୍ଗଳବାର ପରୀକ୍ଷା ସରିଲା। ବୁଧବାର ଥିଲା ବିଦାୟକାଳୀନ ଉତ୍ସବ (ଫେୟାର୍‌ୱେଲ)। ତେଣୁ ମନରେ ଥିଲା ଅପୁରନ୍ତ ଆନନ୍ଦ। ନୂଆ ଶାଢ଼ି ପିନ୍ଧି ସକାଳୁ କାଦୁଆପଡ଼ାସ୍ଥିତ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟକୁ ବାହାରି ଯାଇଥିଲେ ଜଗତ୍‌ସିଂହପୁର ନିକଟ ଅଲସୁଦା ଗ୍ରାମର ସୁରେନ୍ଦ୍ର ସାହୁଙ୍କ ଝିଅ ତୃପ୍ତିମୟୀ ସାହୁ। ସେ ଯୁକ୍ତ ୩ ତୃତୀୟ ବର୍ଷ ବିଜ୍ଞାନ (ପ୍ରାଣୀ ବିଜ୍ଞାନ ସମ୍ମାନ) ଛାତ୍ରୀ ଥିଲେ। କଲେଜରେ ପହଞ୍ଚିବା ପରେ ସାଙ୍ଗମାନଙ୍କ ନାଚଗୀତ ସାଙ୍ଗକୁ ଭରପୂର ମଜା କରିଥିଲେ। ଭୋଜି ସରିବା ପରେ ଅନ୍ୟମାନଙ୍କ ପରି ଘରମୁହାଁ ହୋଇଥିଲେ। ଅନ୍ୟ ଦିନ ପରି ପ୍ରଥମେ ବସ୍‌ରେ ଜଗତ୍‌ସିଂହପୁର ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ଏହାପରେ ସାଇକେଲ ଷ୍ଟାଣ୍ଡରୁ ସାଇକେଲ ନେଇ ଘରକୁ ଫେରଥିଲେ। ଏହାହିଁ ଥିଲା ତାଙ୍କ ଜୀବନର ଶେଷଯାତ୍ରା। ମାତ୍ର କିଛି ମିନିଟ୍ ଭିତରେ କାର୍ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଛି।

ଜଗତ୍‌ସିଂହପୁର ଜିଲା ବାଲିକୁଦାଠାରେ ଏକ ଟ୍ରକ୍ ଦୁର୍ଘଟଣାରେ ମଙ୍ଗଳବାର ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ଜିଲା ସଦର ମହକୁମାରେ ଆଉ ଏକ ଦୁର୍ଘଟଣା କେବଳ ତୃପ୍ତିମୟୀଙ୍କ ପରିବାର ନୁହେଁ, ଜଗତ୍‌ସିଂହପୁର ସହରରେ ଲୋକଙ୍କ ମନରେ ଗଭୀର ଦୁଃଖ ଦେଇଛି। ତୃପ୍ତିମୟୀ କଲେଜ ସାରି ଘରକୁ ସାଇକେଲ ଯୋଗେ ଫେରୁଥିବା ବେଳେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବିପରୀତ ଦିଗରୁ ହଠାତ୍ ଏକ କାର୍ (ଓଡି-୩୩-ଏବି-୪୮୯୩) ସାମ୍ନା ପଟୁ ଆସି ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନରେ ଲୋକାରଣ୍ୟ ହୋଇ ଯାଇଥିଲା। ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ କାରଟିକୁ ଭଙ୍ଗାରୁଜା କରିଦେଇଥିଲେ। କିନ୍ତୁ କାର୍‌ଚାଳକ ତଥା ମାଲିକ କୌଣସିମତେ ସେଠାରୁ ଖସି ଯାଇଥିଲେ। ଉତ୍ତେଜନା ବୃଦ୍ଧି ପାଇବା ଖବରପାଇ ଜଗତ୍‌ସିଂହପୁର ସଦର ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ଚେଷ୍ଟା କରିଥିଲେ। ପ୍ରାଥମିକ ପଦକ୍ଷେପ ସ୍ୱରୂପ ମୃତ ଛାତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିବା ସହ ପରେ ଦୁର୍ଘଟଣା ସ୍ଥଳରେ ପଡ଼ିରହିଥିବା ସାଇକେଲ ଓ କାରକୁ ଜେସିବି ସାହାଯ୍ୟରେ ଉଠାଇ ଥାନାକୁ ନେଇଥିଲେ। ଏଥିସହ ମୃତ ଛାତ୍ରୀଙ୍କ ବ୍ୟାଗରେ ଥିବା ପରିଚୟ ପତ୍ରରୁ ତାଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଥିଲା। ଖବରପାଇ ପରିବାର ସଦସ୍ୟ ଓ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୁଣ୍ଡ ହୋଇଯିବାରୁ ନିଆରା ପରିବେଶ ସୃଷ୍ଟି ହୋଇଥିଲା।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କ କହିବା ମୁତାବକ, କାରଟି ଏହା ପୂର୍ବରୁ ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟାଇଥିବା କୁହାଯାଉଛି। ଏ ସମ୍ପର୍କରେ ଆଇଆଇସି ସରୋଜକାନ୍ତ ସାମଲଙ୍କୁ ପଚାରିବାରୁ ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ମୋବାଇଲ ଟ୍ରାକିଂ କରି କାର୍‌ଚାଳକ ତଥା ମାଲିକଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଅଭିଯୋଗ ପରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।



ତୃପ୍ତିମୟୀ ସାହୁ

# ଜଳର ମହତ୍ତ୍ୱ ବୁଝିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଅନ୍ତର୍ଜାତୀୟ ଜଳ ଦିବସ ପାଳନ

ଜଗତ୍‌ସିଂହପୁର, ୨୫।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସଅଁରାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏଥିରେ ସିଜେଏମ୍ ନୀଳିମା ପଣ୍ଡା ପୌରୋହିତ୍ୟ କରି ଜଳ ହିଁ ଜୀବନ ଓ ଏହାର ମହତ୍ତ୍ୱ ବୁଝିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସବ୍‌ଜଜ ରାକେଶ କୁମାର ମୁଦୁଲି ଯୋଗଦେଇ ଜଳ ସଞ୍ଚୟ କରିବା ଏକ ମହତ୍ କାର୍ଯ୍ୟ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି. ଚନ୍ଦନା ଅଭିଭାଷଣରେ ଜଳ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳିତବର୍ଷ ବିଶ୍ୱ ଜଳ ଦିବସର ଥିମ୍ ଓ ଜଳ ସଞ୍ଚୟ ଉପରେ ୨ଟି ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଉକ୍ତ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ସିଲ୍ ଦିଆଯାଇଥିଲା। ସେହିପରି ବିଶ୍ୱ ଜଳ ଦିବସ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଧ୍ୟ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟ ସହକାରୀ ଶିକ୍ଷକ ଅତିଥି ପରିଚୟ ଓ ଶେଷରେ ସହକାରୀ ଶିକ୍ଷୟିତ୍ରୀ ପଦ୍ମିନୀ ଦାଶ ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

ରାହାମା, ୨୫।୩ (ଶ୍ରୀକାନ୍ତ ଦାସ)



ନିମାଇଁ ଚରଣ ଲେଙ୍କା

କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡ଼ା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଗଣେଶ୍ୱରପୁର ଗ୍ରାମର ମୁରବି ନିମାଇଁ ଚରଣ ଲେଙ୍କା (୭୭)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଏହି ଦୁଃଖଦ ଖବରରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଲେଙ୍କା ୧୯୯୭ରୁ ୨୦୦୧ ପର୍ଯ୍ୟନ୍ତ ତାଳପଡ଼ା ପଞ୍ଚାୟତ ସରପଞ୍ଚ ଭାବେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ରାହାମା ସାଇଲୋ ସେବା ସମବାୟ ସମିତି ସଭାପତି ପ୍ରଦୀପ ବେଉରା, ଆଇନଜୀବୀ ନିରଞ୍ଜନ ନାୟକ, ଜଗତ୍‌ସିଂହପୁର ଜିଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ଭାଲିଆପାଟଣା ଗ୍ରାମର ମୁରବି ବୈକୁଣ୍ଠ ଚରଣ ସେନାପତି ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଆଶୁତୋଷ ଲେଙ୍କା ମୁଖାଗ୍ନି ଦେଇଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ସମିତି କାର୍ଯ୍ୟାଳୟରେ ଚାବି ପକାଇ ଚାଷୀଙ୍କ ଧାରଣା



ସମିତି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଚାଷୀ।

## ଛପଡ଼ା ମଣ୍ଡିରୁ ଉଠୁନି ଧାନ

ରଘୁନାଥପୁର,୨୫।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଛପଡ଼ା କୃଷି ସମବାୟ ସମିତି ମଣ୍ଡିରୁ ଧାନ ଉଠୁନାହିଁ। ଏହାର ପ୍ରତିବାଦରେ ୩ ପଞ୍ଚାୟତର ଶତାଧିକ ଚାଷୀ ବୁଧବାର ପୂର୍ବାହ୍ନରେ ସମିତି କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀଙ୍କୁ ଚାବି ପକାଇ ବାହାରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ସମିତି ସଭାପତି ପ୍ରମୋଦ କୁମାର ମହାନ୍ତି ଓ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ସିଏସ୍‌ଓ ଓ ଡିଆରସିଏସଙ୍କୁ ଫୋନ ଯୋଗେ ଅବଗତ କରିଥିଲେ। ଉଭୟ ଅଧିକାରୀ ଫୋନ ଯୋଗେ ଚାଷୀଙ୍କ ସହ ଆଲୋଚନା କରି ଗୁରୁବାର ଧାନ ଉଠାଇବା ପାଇଁ ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଧାରଣା ପ୍ରତ୍ୟାହୃତ କରିଛନ୍ତି। ଯଦି ପ୍ରତିଶ୍ରୁତି ମୁତାବକ ଉକ୍ତଦିନ ଚାଷୀଙ୍କ ଧାନ କ୍ରୟ କରା ନ ଯାଏ, ତାହାଲେ ମାର୍ଚ୍ଚ ୨୭ରେ ସମସ୍ତ ଚାଷୀ କାର୍ଯ୍ୟାଳୟରେ ତାଲା ପକାଇ ଜଇପୁର ଜଗତ୍‌ସିଂହପୁର ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ନିକଟସ୍ଥ ତିର୍ତ୍ତୋଲ ଥାନା ପୋଲିସକୁ ଭେଟି ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି। ଅଦ୍ୟାବଧି ମଣ୍ଡିରେ ୨୧୩ ଜଣ ଚାଷୀଙ୍କ ୪୪୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଥିବାବେଳେ ସରକାରଙ୍କ ପକ୍ଷରୁ ଟାର୍ଗେଟ ଆସୁ ନ ଥିବାରୁ ଚାଷୀଙ୍କ ଧାନ ବିକ୍ରି ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଧାରଣାରେ ପ୍ରସନ୍ନ ସେଠୀ, ପ୍ରଜ୍ଞାଦିପ୍ତ ମହାନ୍ତି, ଦେବେନ୍ଦ୍ରନାଥ ସାହୁ, ଜଗବନ୍ଧୁ ଦାସ, ଚନ୍ଦ୍ରଶେଖର ଦଳାଇ, ଚିତ୍ତରଞ୍ଜନ ମହାନ୍ତି, ରାଜକିଶୋର ସ୍ୱାଇଁ ଓ ଭଗବାନ ନାୟକଙ୍କ ସହ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ବନ୍ଦର କର୍ମଜୀବୀ ମହିଳାଙ୍କ ଅନ୍ତର୍ଜାତୀୟ ମହିଳା ଦିବସ

ପାରାଦୀପ,୨୫।୩ (ଶରତ ରାଉତ)

।ପାରାଦୀପ ବନ୍ଦର କର୍ମଜୀବୀ ମହିଳା ସେଲ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ ମଧୁବନ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ହସ୍ପିଟାଲ ପ୍ରଫେସର ଅନୁପମା ବେହେରା, ଡା. ସୁମନ ଦାସ, ବନ୍ଦର ସଚିବ କ୍ରିଷ୍ଣା ବାପି ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଷୟ ଥିଲା ମହିଳାଙ୍କୁ ଲାଭ କରିବାକୁ ଦିଅ। ଏଥିରେ ପାରାଦୀପ ବନ୍ଦରର ମହିଳାମାନଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଅଧ୍ୟକ୍ଷ ହାରାନ୍ଧ କହିଥିଲେ। କାର୍ଯ୍ୟକ୍ରମକୁ ମହିଳା ସେଲ୍ ଅଧ୍ୟକ୍ଷା ଶ୍ରଦ୍ଧା ଓଝା ଓ ଅନ୍ୟମାନେ ସଂଚାଳନ କରିଥିଲେ।




କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟ ଅତିଥିମାନେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୨୫।୩ (ଶରତ ରାଉତ)

ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପାରାଦୀପରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ପରିବହନ ଅଧିକାରୀ ମନୋରମା ମାଝୀଙ୍କ ନେତୃତ୍ୱରେ ଅଠରବାଙ୍କି ଛକଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧିକାରୀ ବିଶ୍ୱନାଥ ବେହେରା, ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ନୀଳଚକ୍ର ୟୁଥ ଟ୍ରଷ୍ଟ, ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଙ୍ଗଠନ ପ୍ରମୁଖ ଉପସ୍ଥିତ ରହି ବାଇକ୍ କାର ଓ ଟ୍ରକ ପ୍ରଭୃତି ଗାଡ଼ିର ଚାଳକମାନଙ୍କୁ ସଚେତନ କରାଇଥିଲେ। ବାଇକ୍ ଚଳାଇବା ସମୟରେ ହେଲ୍‌ମେଟ ପିନ୍ଧିବା, କାର୍ ଏବଂ ବଡ ଗାଡ଼ି ଚଳାଇବା ସମୟରେ ସିଟ୍ ବେଲ୍ଟ ପିନ୍ଧିବା ଏବଂ ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା ପାଇଁ ଏହି ଅବସରରେ ପରାମର୍ଶ ଦିଆଯାଇଥିଲା।



ଯୁବକମାନେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରୁଛନ୍ତି।

# ଆରବିଆଇ ପକ୍ଷରୁ ଟାଉନହଲସ୍ତରୀୟ ବୈଠକ

ପାରାଦୀପ,୨୫।୩ (ଶରତ ରାଉତ)

ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ବୁଧବାର ଜୟଦେବ ଭବନରେ ଟାଉନହଲସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଜରିଆରେ ବ୍ୟାଙ୍କଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ପାରାଦୀପ ଅଞ୍ଚଳର ୧୫୦ରୁ ଅଧିକ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ଆରବିଆଇ କ୍ଷେତ୍ରୀୟ ନିର୍ଦ୍ଦେଶକ ଶାରଦା ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମହାପ୍ରବନ୍ଧକ ଅନୀତା ପଟ୍ଟନାୟକ, ୟୁକୋ ବ୍ୟାଙ୍କ ମହାପ୍ରବନ୍ଧକ ଗୌତମ ପାତ୍ର, ଏସ୍‌ବିଆଇ ମହାପ୍ରବନ୍ଧକ ବନ୍ଦନା ଅଗ୍ରୱାଲ, ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ମନୋରଞ୍ଜନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବାୟା ଅବଧୂତ ହାଇସ୍କୁଲର ୧୯୮୧ ବ୍ୟାଚ ବନ୍ଧୁମିଳନ

ତିର୍ତ୍ତୋଲ, ୨୫।୩ (ଗୌରାଙ୍ଗ ଚରଣ ସାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାୟା ଅବଧୂତ ହାଇସ୍କୁଲରେ ୧୯୮୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୫ ବର୍ଷ ପୂର୍ବେ ବିଦ୍ୟାଳୟ ଛାଡ଼ିଥିବା ବନ୍ଧୁମାନେ ଏକାଠି ହୋଇ ପିଲା ଦିନର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରଥମେ ସମବେତ ବନ୍ଧୁମାନଙ୍କ ମଧ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଭାରତୀ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅରବିନ୍ଦ କର ସଭା ପରିଚାଳନା କରିଥିଲେ। ବିକାଶ ମହାପାତ୍ର ବନ୍ଧୁମିଳନର ଆଭିମୁଖ୍ୟ ଓ ଆଗକୁ କିପରି ଏହା ସରସ ସୁନ୍ଦର ହୋଇପାରିବ, ସେ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ବନ୍ଧୁମାନଙ୍କ ମଧ୍ୟରେ ସନ୍ତୋଷ, ପ୍ରଦୀପ୍ତ, ନରେନ୍ଦ୍ର, ଚୈତନ୍ୟ, ଖୋକନ, ପ୍ରଭାତ, ରଂଯୁକ୍ତା, ମମତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜୟ ସିଂ ଧନ୍ୟବାଦ ଦେବା ପରେ ସଭା ସାଙ୍ଗ ହୋଇଥିଲା।



# ଦାନପୁର ପାକ୍ସରେ ଋଣମେଳା

ଡେରାବିଶ, ୨୫।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ବୁଧବାର ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମିତିର ସମ୍ପାଦକ ସୁବ୍ରତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଋଣମେଳାରେ ଶତାଧିକ ଚାଷୀ ଯୋଗଦେଇ ଋଣ ପରିଶୋଧ କରିବା ସହିତ ନୂତନ ଋଣ ମଧ୍ୟ ଉଠାଇଥିଲେ। ତେବେ ଏହି ସମିତିର ୨୦୨୪-୨୫ ଆର୍ଥିକ ବର୍ଷରେ ୩୫୫୩ ସଭ୍ୟ ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୭୬୩ ଜଣ କିଷାନ କ୍ରେଡିଟ୍ କାର୍ଡଧାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଖରିଫ୍ ଋତୁରେ ୬୪୨ ଜଣ ଚାଷୀ ଓ ରବିଋତୁରେ ୫୩୦ ଚାଷୀଙ୍କୁ ଋଣ ଲଗାଣ ହୋଇଥିବା ସମ୍ପାଦକ ନାୟକ ସୂଚନା ଦେଇଥିଲେ। ସେହିପରି ୬ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ମଧ୍ୟ ଋଣ ଯୋଗାଇ ଦିଆଯାଇଛି। ଏହି ଋଣମେଳାରେ ବହୁସଂଖ୍ୟାରେ ଚାଷୀ ଯୋଗଦେଇ ସେମାନଙ୍କ ଋଣ କାରବାର ସମ୍ପର୍କରେ ଅବଗତ ହେବା ସହ ଋଣ ପରିଶୋଧ ଓ ନୂତନ ଋଣ ପାଇଁ କାଗଜାତ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସଭାପତି ପର୍ଶୁରାମ ମଲ୍ଲ, ସହସମ୍ପାଦକ ତନ୍ମୟ କୁମାର ବେହେରା, ଡିଇଓ ସନ୍ତୋଷ କୁମାର ଦାସ ଓ କର୍ମଚାରୀ ଉମେଶ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଗ ୧ କୋଟି ୧୬ ଲକ୍ଷ, ଦୀପ ଦୋକାନ ୮୧ ଲକ୍ଷ ଟଙ୍କାରେ ନିଲାମ

## ଗୋରେଖନାଥ ପୀଠ ପରିସର ଦୋକାନ ନିଲାମ

ରଘୁନାଥପୁର,୨୫।୩ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ପରିସରରେ ଥିବା ଦୋକାନଗୁଡ଼ିକର ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଭୋଗ ଦୋକାନ ପାଇଁ ୪ ଜଣ ବ୍ୟକ୍ତି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସର୍ବୋଚ୍ଚ ମୂଲ୍ୟ ୧ କୋଟି ୧୬ ଲକ୍ଷ ଟଙ୍କାରେ ସ୍ଥାନୀୟ ଅଞ୍ଚଳର ରମେଶ ଚନ୍ଦ୍ର ସାହୁ ନିଲାମ ଧରିଛନ୍ତି। ସେହିପରି ଦୀପ ଦୋକାନ ପାଇଁ ୩ ଜଣ ବ୍ୟକ୍ତି ଫର୍ମ ପକାଇଥିବା ବେଳେ ଅନୁରୂପ ଭାବେ ରମେଶ ଚନ୍ଦ୍ର ସାହୁ ଏହାକୁ ୮୧ ଲକ୍ଷ ଟଙ୍କାରେ ନିଲାମ ପାଇଛନ୍ତି। ଜାଆଁବାଳ ପାଇଁ କୌଣସି ବ୍ୟକ୍ତି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ଫୁଲ ଦୋକାନ ପାଇଁ ୨ ଜଣ ଆବେଦନକାରୀଙ୍କ ମଧ୍ୟରୁ ସ୍ଥାନୀୟ ଅଞ୍ଚଳର କ୍ଷୀରୋଦ ଯୋଗାଣିଆ ସର୍ବୋଚ୍ଚ ମୂଲ୍ୟ ୫ ଲକ୍ଷ ୫ ହଜାର ଟଙ୍କାରେ ହାସଲ କରିଛନ୍ତି। ଏହାଛଡ଼ା ଶୌଚାଳୟ ପାଇଁ ୭ ଜଣ ଆବେଦନକାରୀଙ୍କ ମଧ୍ୟରୁ ସନ୍ଦୀପ ସିଂ ୧ ଲକ୍ଷ ୫୧ ହଜାର ଟଙ୍କାରେ ଶୌଚାଳୟକୁ ନିଲାମ ଧରିଛନ୍ତି। ପ୍ରତ୍ୟେକ ଦୋକାନ ନିଲାମପ୍ରାପ୍ତ ବ୍ୟକ୍ତି ଆସନ୍ତା ମାର୍ଚ୍ଚ ୩୦ ସୁଦ୍ଧା ସମସ୍ତ ନିଲାମି ମୂଲ୍ୟ ପ୍ରଭୁଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏହାର ରସିଦ ଦାଖଲ କରିବେ। ଏହି ସମୟସୀମା ମଧ୍ୟରେ କୌଣସି ନିଲାମଧାରୀ ଏଥିରୁ ବିଚ୍ୟୁତି ରହିଲେ ଟେଣ୍ଡର ନିୟମାବଳୀ ଅନୁଯାୟୀ ଦ୍ୱିତୀୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ଦୋକାନ ନେବାପାଇଁ ଆମନ୍ତ୍ରଣ କରାଯିବ ଏବଂ ଉକ୍ତ ବ୍ୟକ୍ତି ପରଦିନ ଅର୍ଥାତ୍ ମାର୍ଚ୍ଚ ୩୧ ସୁଦ୍ଧା ତାଙ୍କର ସମସ୍ତ ନିଲାମ ମୂଲ୍ୟ ପୈଠ କରି ଏପ୍ରିଲ ୧ରୁ ଦୋକାନ ଖୋଲିବେ। ଏହି ଟେଣ୍ଡର ପ୍ରକ୍ରିୟାରେ ଉପଜିଲାପାଳଙ୍କ ସହ ରଘୁନାଥପୁର ଓ ତିର୍ତ୍ତୋଲ ତହସିଲଦାର, ଦେବୋତ୍ତର ନିରୀକ୍ଷକଙ୍କ ସହ ପୋଲିସ ଅଧିକାରୀ ଓ ନିଲାମରେ ଅଂଶଗ୍ରହଣ କରିଥିବା ସମସ୍ତ ଆବେଦନକାରୀ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଏମ୍‌ଏସ୍ ଆପରେ ୨ୟ ପର୍ଯ୍ୟାୟ ଫଟୋ ଅପ୍‌ଲୋଡ୍ ହେଉନି

## ନାଉଗାଁ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା

ନାଉଗାଁ,୨୫।୩ (ସୁଧା ବେହୁରା)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ନାମ ପରିବର୍ତ୍ତନ ହୋଇ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ବିଭି ଜି-ରାମ-ଜୀ) ହୋଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏପ୍ରିଲ ୧ରୁ ନୂତନ ଯୋଜନା ଲାଗୁ ହେବାକୁ ଥିଲାବେଳେ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ହେଉଥିବା ପ୍ରକଳ୍ପ କାର୍ଯ୍ୟରେ ଏବେବି ବ୍ୟାପକ ଦୁର୍ନୀତି ଓ ପାଣ୍ଠିର ଅପବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଶ୍ରମିକ ବଦଳରେ ମେଶିନ ମାଧ୍ୟମରେ କାର୍ଯ୍ୟ କରାଯାଉଛି। ଏପରିକି ବ୍ଲକର ଅନେକ ପଞ୍ଚାୟତରେ ନାମକୁମାତ୍ର କାର୍ଯ୍ୟ କରାଯାଇ ଲକ୍ଷାଧିକ ଟଙ୍କାର ବିଲ୍ କରାଯାଉଥିବା ଦେଖାଯାଉଛି। ଏହି ଯୋଜନାକୁ ସଠିକ୍ ରୂପେ ପରିଚାଳନା କରାଯିବା ସହ ସ୍ୱଚ୍ଛତା ପାଇଁ ପ୍ରଶାସନିକସ୍ତରରେ ବିଭିନ୍ନ ପଦାଧିକାରୀ ନିଯୁକ୍ତ ରହିଥିବା ବେଳେ ତଦାରଖ ଅଭାବରୁ ଯୋଜନା ବାଟବଣା ହେଉଛି। ପ୍ରକଳ୍ପଗୁଡ଼ିକରେ ଯେତିକି ପରିମାଣର ମାଟି ପଡ଼ିବା କଥା, ତା'ର ୧୦ ଗୁଣା କମ୍ ମାଟି ଟ୍ରାକ୍ଟରରେ ପକାଯାଇ ବିଲ୍ କରାଯାଉଛି। ଏପରିକି ଅନେକ ପଞ୍ଚାୟତରେ କାର୍ଯ୍ୟ କରା ନ ଯାଇ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଫଟୋ ଅପ୍‌ଲୋଡ୍ କରାଯାଇ ବିଲ୍ ମଧ୍ୟ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏହି ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ କେତେକ ସ୍ଥାନରେ କାର୍ଯ୍ୟର ପ୍ରଥମ ଫଟୋ ଏହି ଆପ୍‌ରେ ଅପ୍‌ଲୋଡ୍ କରାଯାଉଥିବା ବେଳେ ୨ୟ ପର୍ଯ୍ୟାୟ ଫଟୋ କୌଣସି ପ୍ରକଳ୍ପରେ ଅପ୍‌ଲୋଡ୍ କରାଯାଉନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଶିଖର ପଞ୍ଚାୟତର ଅନନ୍ତ ଗୋସାଇଁ ପୀଠ ଓ ଅଙ୍ଗେଶ୍ୱରପଡ଼ା ଗ୍ରାମ୍ୟ ମନ୍ଦିର ପରିସରରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଅନନ୍ତ ଗୋସାଇଁ ପୀଠକୁ ସଂଯୋଗ କରୁଥିବା ରାସ୍ତାରେ ଯେତିକି ପରିମାଣର ମାଟି ପଡ଼ିବା କଥା, ତା'ଠାରୁ କମ୍ ମାଟି ପଡ଼ି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ କରାଯାଇଛି। ପ୍ରଶାସନିକସ୍ତରରେ କାର୍ଯ୍ୟ ତଦାରଖ କରିବା ପାଇଁ ଅଧିକାରୀମାନେ ନିଯୁକ୍ତ ରହିଥିଲେ ମଧ୍ୟ ଠିକ୍ ଭାବେ ତଦାରଖ କରାଯାଉ ନଥିବା ଜଣାଯାଇଛି। କେବଳ ଏହି ଗୋଟିଏ ପଞ୍ଚାୟତ ନୁହେଁ, ନାଉଗାଁ ବ୍ଲକର ଅଧିକାଂଶ ପଞ୍ଚାୟତରେ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ ନ ହୋଇ କିଛି ଜବ୍‌କାର୍ଡଧାରୀଙ୍କ ମୁହଁକୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ମାଧ୍ୟମରେ ଫଟୋ ଉତ୍ତୋଳନ କରାଯାଇ ଆପ୍‌ରେ ଅପ୍‌ଲୋଡ୍ କରାଯାଉଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ଜିଲାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକଙ୍କ ଠାରୁ ବ୍ଲକ ଏପିଓ ପର୍ଯ୍ୟନ୍ତ ଦାୟିତ୍ୱରେ ରହିଛନ୍ତି। କିନ୍ତୁ ପଞ୍ଚାୟତରେ ଏଡିଇଓ ଏବଂ ଗାଁ ସାଥୀମାନେ ବିନା କାର୍ଯ୍ୟ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରୁଛନ୍ତି। ଏହାସତ୍ତ୍ୱେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ବି ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ମନଇଚ୍ଛା କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ନାଉଗାଁ ବ୍ଲକର ଡାବର, ନୂଆଗାଁ, ଶିଖର, ତିରୁଣା ପଞ୍ଚାୟତରେ କାର୍ଯ୍ୟ ହେଉଛି। ଏସବୁ ପଞ୍ଚାୟତରେ ୬ଟି ପ୍ରକଳ୍ପ କାର୍ଯ୍ୟ ହେଉଥିବା ବେଳେ ୧୬ଟି ମଷ୍ଟରରୋଲରେ ୯୫ଜଣ ଜବ୍‌କାର୍ଡଧାରୀଙ୍କର ଉପସ୍ଥାନ ନିଆଯାଇଛି। ଏ ସଂକ୍ରାନ୍ତରେ ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।



ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ଅନନ୍ତ ଗୋସାଇଁ ପୀଠକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ।

# ପରୀକ୍ଷା ପୂର୍ବଦିନ ନୋଟିସ, ସମସ୍ୟାରେ ପରୀକ୍ଷାର୍ଥୀ

## ନୀଳମାଧବ ମହାବିଦ୍ୟାଳୟ

ଖଣ୍ଡପଡା,୨୫।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପରିଚାଳନା ଗତ ତ୍ରୁଟି ଯୋଗୁ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁସାରେ ଗୁରୁବାର ୨୦୨୬ ଯୁକ୍ତ ୩ ତୃତୀୟ ବର୍ଷ(୨୦୨୩ ଆଡମିସନ ବ୍ୟାଚ) ତଥା ବିଜ୍ଞାନ ଓ କଳା ଛାତ୍ରୀଛାତ୍ରଙ୍କ ୬ଷ୍ଠ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ହେବ। କିନ୍ତୁ ଏ ସମ୍ପର୍କରେ କଲେଜ ପକ୍ଷରୁ କୌଣସି ସୂଚନା ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ଜଣାନହୋଇ ବିଭାଗୀୟ ମଖ୍ୟ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ବୁଧବାର ମଧ୍ୟାହ୍ନ ୧୨.୧୯ରେ ଗ୍ରୁପ୍ ମେସେଜରେ ଜଣାଇ ଦିଆଯାଇଥିବା ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। ଗୁରୁବାର ପରୀକ୍ଷା ଥିବାରୁ ବିଭାଗୀୟ ଅଧ୍ୟାପକମାନେ ପିଲାମାନଙ୍କୁ ଜଣାଇବାରେ ସମସ୍ୟା ହେଉଛି। ଅନ୍ତତଃ ପିଲାମାନଙ୍କୁ ଗୋଟିଏ ଦିନ ପୂର୍ବରୁ ଅବଗତ କରିଥିଲେ ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥାନ୍ତେ। ଅପରପକ୍ଷରେ ପରୀକ୍ଷାର୍ଥୀମାନେ କିଏ କେଉଁଠି କିଛି ନା କିଛି କାର୍ଯ୍ୟରେ ବ୍ୟସ୍ତ ଥିବେ, ତାଙ୍କୁ କିପରି ଓ କେଉଁ ମାଧ୍ୟମରେ ଜଣାହେବ ସେ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ତେବେ ଏ ସମ୍ପର୍କରେ ଅନୁଷ୍ଠାନ ଅଧ୍ୟକ୍ଷା ଡ. ନନ୍ଦିତା ବାରିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳି ପାରି ନ ଥିଲା। ପ୍ରକାଶଯେ, ପରୀକ୍ଷାର୍ଥୀମାନଙ୍କ ୧୦୦ ମାର୍କ ମଧ୍ୟରୁ ୟୁନିଭରସିଟି ୮୦ ମାର୍କ ଦେବାର ବ୍ୟବସ୍ଥା ଥିବା ବେଳେ ଇଣ୍ଟରନାଲ ମାର୍କ ୨୦ ନମ୍ବର ସମ୍ପୃକ୍ତ ମହାବିଦ୍ୟାଳୟରୁ ସାମିଲ ହୋଇଥାଏ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ବେଳେ ଏଥିପ୍ରତି ନା ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନର ଅଂକୁଶ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



ନୀଳମାଧବ ମହାବିଦ୍ୟାଳୟ।


OFFICE OF THE PRINCIPAL
NEELAMADHAB MAHAVIDYALAYA, KANTILO
AT/PO- KANTILO, DIST- NAYAGARH PIN-752078 (ODISHA)
NAAC Accredited "C" Grade

Letter No............ Dated............

OFFICE ORDER

All HODs (Both Arts & Science) are hereby requested to conduct the +3 3rd Yr. (6th Semester) Internal Examination – 2026 (Regular – 2023 Adm. Batch) in their departments as per the scheduled given below –

| Date | 1st Sitting 10:00AM to 11:00AM | 2nd Sitting 11:30AM to 12:30PM |
|---|---|---|
| 26.03.2026 | Arts & Science – Core -13 | Arts & Science – Core -14 |
| 30.03.2026 | Arts & Science – DSE – 3 | -- |

-Sd-
Principal
N.M.Mahavidyalaya, Kantilo

Memo No- Ex-504/26 Dated- 25.3.26
Copy to Guard file of Teaching Staff/Prof. I/C Examination for information and necessary action.

Principal
N.M.Mahavidyalaya, Kantilo
24.3.26

ପରୀକ୍ଷା ପାଇଁ ଦିଆଯାଇଥିବା ନୋଟିସ୍।

# ରାଇପୁର ମଣ୍ଡିରେ ବେଆଇନ ଧାନ ବ୍ୟବସାୟ ଅଭିଯୋଗ


ସିଲ୍ କରାଯାଇଥିବା କଲ୍ୟାଣ ମଣ୍ଡପ।

ନୂଆଗାଁ, ୨୫।୩
(ଧନେଶ୍ୱର ସାହୁ)

- ସିଲ୍ ହେଲା ଧାନ ଗଚ୍ଛିତ କଲ୍ୟାଣ ମଣ୍ଡପ ଗୃହ
- ଅଧିକ ତଦନ୍ତ ହେବ ଆଜି

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ରାଇପୁର ପ୍ରାଥମିକ କୃଷି ସମବାୟ ସମିତିରେ ବେଆଇନ ଭାବେ ଧାନ ବିକ୍ରି କରାଯାଉଥିଲା। କେତେଜଣ ଅସାଧୁ ବ୍ୟକ୍ତି ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣି ମଣ୍ଡିରେ ଧାନ ବିକ୍ରି କରି ଲାଭବାନ ହେଉଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ମଣ୍ଡିରେ ବିକ୍ରି କରିବା ପାଇଁ ଧାନ ଗଚ୍ଛିତ ଥିବା ଅଭିଯୋଗ ପାଇ ବୁଧବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଧାନ ଗଚ୍ଛିତ ଥିବା କଲ୍ୟାଣ ମଣ୍ଡପ ଗୃହକୁ ସିଲ୍ କରାଯାଇଛି। ଗୁରବାର ଏହାର ଅଧିକ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

ରାଇପୁର କୃଷି ସମବାୟ ସମିତି ସମ୍ପାଦକ ମଦନ ମୋହନ ମହାପାତ୍ର ଭାଗ ଚାଷୀଙ୍କ ନାଁରେ ଧାନ କିଣି ନିଜେ ମଣ୍ଡିରେ ଧାନ ଦେଇ ବେପାର କରୁଛନ୍ତି। ୨୦୨୫/୨୬ରେ ଚାଷୀଙ୍କ ଜମିପଟ୍ଟାକୁ ଚଞ୍ଚକତା କରି ଭାଗ ଚାଷୀଙ୍କ ନାମରେ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ସମିତିର ୩୧୬ ଗୋଟି ଫର୍ମ ବିକ୍ରି ହୋଇଥିଲା ବେଳେ ୩୮୪ ରେଜିଷ୍ଟ୍ରେଶନ କରାଯାଇଛି। ଏଭଳି ଅଭିଯୋଗ ସମିତି ସଭାପତି ପ୍ରେମାନନ୍ଦ ବେହେରା ଜିଲାପାଳ, ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇ ଦାବି କରିଥିଲେ। ତେବେ ମଣ୍ଡିରେ ବେଆଇନ ଭାବେ ଧାନ ଦେବା ପାଇଁ ନବ ନିର୍ମିତ କଲ୍ୟାଣ ମଣ୍ଡପ ଗୃହରେ ୩ ଶହ ବସ୍ତା ଧାନ ଗଚ୍ଛିତ ଥିବା ଖବର ପାଇ ନୟାଗଡ଼ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ମହାନ୍ତି, ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ଜୀବନ କୁମାର ବେହେରା, ନୂଆଗାଁ ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକଙ୍କ ସମେତ ପୋଲିସ ପ୍ରଶାସନ ପହଞ୍ଚି ଅଭିଯୋଗର ସତ୍ୟତା ପରଖି ଥିଲେ। କାହା ଧାନ ଗଚ୍ଛିତ ଅଛି କୌଣସି ଠିକ୍ ପ୍ରମାଣ ନ ପାଇ ଧାନ ଗଚ୍ଛିତ ଥିବା କଲ୍ୟାଣ ମଣ୍ଡପ ଗୃହକୁ ସିଲ୍ କରି ଫେରିଛନ୍ତି। ଗୁରବାର ଏହାର ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଜଯିବ ବୋଲି ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ କହିଛନ୍ତି।

# ଘରୋଇ ଗ୍ୟାସ୍ ସିଲିଣ୍ଡରର ୨୨ଶହ ଟଙ୍କା

ନୟାଗଡ଼,୨୫।୩(ଲୋକନାଥ ମିଶ୍ର)

**ଗ୍ୟାସ୍ କିଲୋ ୨୦୦ରୁ ୩୦୦ ଟଙ୍କା କଳାବଜାରରେ ବିକ୍ରି**

ଆମେରିକା – ଇସ୍ରାଏଲ ଓ ଇରାନ ଯୁଦ୍ଧ ସମୟରୁ ଏଲପିଜି ଗ୍ୟାସ ସମସ୍ୟା ହୋଇଛି। ନୟାଗଡ଼ ଜିଲା ସଦର ମହକୁମାରେ ୧୪ କେଜି ୨୦୦ ଗ୍ରାମ ଘରୋଇ ଗ୍ୟାସ୍ ସିଲିଣ୍ଡର କଳାବଜାରରେ ୨୨ ଶହ ଟଙ୍କାରେ ବିକ୍ରି ହେଉଛି। ଗ୍ୟାସ ଡିପୋରୁ କେତେକ ଦଲାଲ ଆଣି ବିକ୍ରି କରୁଥିବାବେଳେ ଘରୋଇ ଉପଭୋକ୍ତା ବି ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେବେ ଗ୍ୟାସ୍ କିଲୋ ପିଛା ୨୦୦ ରୁ ୩୦୦ ଟଙ୍କା ବିକ୍ରି ହେଉଛି। ସମସ୍ତଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ନ ଥିବାରୁ କେଜି ପିଛା ୨୦୦ରୁ ୩୦୦ ଟଙ୍କାରେ କିଣି ରୋଷେଇ କରିବା କାଠିକର ପାଠ ହୋଇ ପଡୁଛି। କିଛି ଘରେ ଦିନକୁ ଗୋଟିଏ ବେଳା ରୋଷେଇ ହେଉଛି। ସେହିପରି କିଛି ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ହୋଇ ଯାଇଥିବାବେଳେ ଆଉ କେତେକ ହୋଟେଲ ଓ ଜଳଖିଆ ଦୋକାନ ଖାଦ୍ୟ ପଦାର୍ଥ କମାଇ ଦେଇଛନ୍ତି। ହୋଟେଲ ଓ ଜଳଖିଆ ଦୋକାନରେ ମଧ୍ୟ ଆଗ ଭଳି ଆଉ ଠିକେରେ ଖାଦ୍ୟ ମିଳୁନି। କାଁ ଭାଁ ହୋଟେଲ ଓ ଜଳଖିଆ ଦୋକାନକୁ ଛାଡିଦେଲେ ପ୍ରାୟତଃ ସବୁଠାରେ ଘରୋଇ ସିଲିଣ୍ଡର ବ୍ୟବହାର ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଚଢ଼ାଉ ନାହିଁ ବୋଲି ଅଭିଯୋଗ ଉଠିଛି।

# ୫ ଦଫା ଦାବି କାର୍ଯ୍ୟକାରୀ ପାଇଁ ସ୍ମାରକପତ୍ର

ନୟାଗଡ଼,୨୫।୩(ଲୋକନାଥ ମିଶ୍ର)

**ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ଭେଟିଲା ନାଗରିକ ମଞ୍ଚ**

ନୟାଗଡ଼ ଟାଉନ ରେଳ ଷ୍ଟେଶନଠାରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡର ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ବେହେରାଙ୍କୁ ନୟାଗଡ଼ ନାଗରିକ ମଞ୍ଚ କର୍ମକର୍ତ୍ତା ବୁଧବାର ସାକ୍ଷାତ କରି ରେଳସେବା ସମ୍ପର୍କିତ ୫ ଦଫା ଦାବି ସମ୍ପର୍କରେ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନାଗରିକ ମଞ୍ଚର ଦାବି ଅନୁସାରେ ଦଶପଲ୍ଲା–ଭୁବନେଶ୍ୱର ସେବା ଏକ୍ସପ୍ରେସ (୧୮୪୨୪/୧୮୪୨୩) ଟ୍ରେନ୍‌କୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଅନୁରୋଧ କରାଯାଇଛି। ସମ୍ପୃକ୍ତ ଟ୍ରେନ୍‌କୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ କଲେ ଜିଲାବାସୀ ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଏସ୍‌ସିବି ମେଡିକାଲ କଲେଜ ଏବଂ ହାଇକୋର୍ଟକୁ ସୁବିଧାରେ ଯିବା ଆସିବା କରିପାରନ୍ତେ। ସେହିପରି ଦିନକୁ ଦିନ ଯାତ୍ରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଟ୍ରେନ୍‌ଗୁଡ଼ିକରେ ଅଧିକ ବଗି ସଂଯୋଗ କରିବା ପାଇଁ ନାଗରିକ ମଞ୍ଚ ଅନୁରୂପ ଦାବି କରିଛି। ସକାଳ ୭.୩୦ରୁ ଅପରାହ୍ନ ୪.୩୦ ମଧ୍ୟରେ କୌଣସି ଟ୍ରେନ୍ ସେବା ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି।

ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ରୋଡରେ ଦୀର୍ଘ ୫ ଘଣ୍ଟା ଧରି ଅଟକି ରହୁଥିବା କେନ୍ଦୁଝର–ଖୋର୍ଦ୍ଧା ରୋଡ (୬୮୪୨୫/୬୮୪୨୬) ଲୋକାଲ ଟ୍ରେନ୍‌କୁ ନୟାଗଡ଼ ଟାଉନ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ଅଫିସ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରନ୍ତେ। ପୁଣି ନୟାଗଡ଼ ପ୍ଲାଟଫର୍ମ ନମ୍ବର ୨ ଏବଂ ୩ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ଯାତାୟାତ ପରିଚାଳନା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ସେହିଭଳି ଟ୍ରେନ୍ ବଗି ଭିତରେ ଏବଂ ଷ୍ଟେଶନ ପ୍ଲାଟ୍‌ଫର୍ମରେ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା ସହ ନିୟମିତ ତଦାରଖ କରାଯିବା ପାଇଁ ନାଗରିକ ମଞ୍ଚ ପକ୍ଷରୁ ଅନୁରୂପ ଦାବି କରାଯାଇଛି। ସମ୍ପୃକ୍ତ ସମସ୍ୟାଗୁଡ଼ିକ ଖୁବ୍ ଶୀଘ୍ର ସମାଧାନ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ବେହେରା ନାଗରିକ ମଞ୍ଚ ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ସମେତ ବରିଷ୍ଠ ସଦସ୍ୟ ତ୍ରିନାଥ ସାହୁ, ଦୁର୍ଯ୍ୟୋଧନ ସାହୁ, ଲକ୍ଷ୍ମୀଧର ମହାପାତ୍ର ଏବଂ ପ୍ରଦୀପ୍ତ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।


ନୟାଗଡ଼ ନାଗରିକ ମଞ୍ଚ କର୍ମକର୍ତ୍ତା ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ରେଳସେବା ସମ୍ପର୍କିତ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବଜ୍ରପାତରେ ୭ ଗୋରୁ ମୃତ

ନୂଆଗାଁ,୨୫।୩ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରି ପଞ୍ଚାୟତ ସୁରୁକାବାଡି ଗ୍ରାମରେ ବୁଧବାର ବଜ୍ରପାତରେ ୭ ଗୋରୁଙ୍କର ମୃତ୍ୟୁ ଘଟିଛି। ଅନେକ ସ୍ଥାନରେ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିବା ସୂଚନା ମିଳିଛି। ଗାତେରି ପଞ୍ଚାୟତ ସୁରୁକାବାଡି ଗ୍ରାମର କେତେକ ଗୋରୁ ବିଲରେ ଚରୁଥିଲେ। ଝଡ଼ ବର୍ଷା ଆସିବାରୁ ଗୋରୁ ଗଛ ନିକଟରେ ଆଶ୍ରୟ ନେବାକୁ ଆସୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଏକା ସାଙ୍ଗରେ ୭ ଗୋରୁଙ୍କର ମୃତ୍ୟୁ ଘଟିଥିଲା।

# ଜିଲାପାଳଙ୍କୁ ଭେଟିଲେ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି

ନୟାଗଡ଼,୨୫।୩(ଲୋକନାଥ ମିଶ୍ର)

**ନୂଆ ଚିନିକଳ ପାଇଁ ସ୍ଥାନ ସର୍ଭେ ପରେ ଜଣାଇଲେ କୃତଜ୍ଞତା**

ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ସଭ୍ୟମାନେ ମଙ୍ଗଳବାର ଜିଲାପାଳ ମଧୁମିତା ରଥଙ୍କୁ ଭେଟି ନୂଆ ଚିନିକଳ ପାଇଁ ସ୍ଥାନ ସର୍ଭେ କରାଯାଇଥିବାରୁ କୃତଜ୍ଞତା ଜଣାଇଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ମନୋଜ କୁମାର ସାହୁ, ଆବାହକ ସନ୍ତୋଷ କୁମାର ପ୍ରଧାନ, କୋଷାଧ୍ୟକ୍ଷ ବୈକୁଣ୍ଠ ନାଥ ରାଉତ, ସମ୍ପାଦିକା ଲଳିତା କୁମାରୀ ଦାସ, ଶ୍ରମିକ ସଙ୍ଗଠନ ସଭାପତି ଲକ୍ଷ୍ମୀଧର ସାହୁ, ସଭ୍ୟ କାଳୁ ଦଳ ବେହେରା, ରବୀନ୍ଦ୍ର ମହାରଣା ଓ ଅରୁଣ ସାହୁ ପ୍ରମୁଖ ଜିଲାପାଳଙ୍କୁ ସମ୍ମିଳନୀ କକ୍ଷରେ ଭେଟିଥିଲେ। ପାଣିପୋଇଲା ନିକଟସ୍ଥ ସାନହାମରା ସ୍ଥାନକୁ ଚିନିକଳ କରାଯିବାକୁ ପ୍ରାଧାନ୍ୟ ଦେବା ପାଇଁ ପୁଣି ଅନୁରୋଧ କଲେ। ସେହିପରି ଚାଷୀ ଓ ପୁରୁଣା ଚିନିକଳ ଶ୍ରମିକଙ୍କ ବକେୟା ପାଉଣା, ଆଖୁଚାଷ ପ୍ରତି ପ୍ରାଧାନ୍ୟ ଓ ପ୍ରୋତ୍ସାହନ ଦେବାକୁ ସରକାର ଚିନ୍ତା କରୁଥିବା ଜିଲାପାଳ କହିବା ପରେ ଏ ଦିଗରେ ଅନୁରୂପ ଗୁରୁତ୍ୱ ଦେବାକୁ ଅନୁରୋଧ କରିବା ସହ ନୂଆ ଚିନିକଳ ସମ୍ପର୍କରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ।


ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

# କ୍ଲଷ୍ଟରସ୍ତରୀୟ ବୈଠକ

ନୟାଗଡ଼୨୫।୩(ଲୋକନାଥ ମିଶ୍ର)

ଓଡ଼ଗାଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ୧୫ କ୍ଲଷ୍ଟରରେ ନବମ ତଥା ଚଳିତ ଶିକ୍ଷାବର୍ଷର ଅନ୍ତିମ ମାସିକ ବୈଠକ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ କୁରୁମବାଙ୍କତରାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ଟି କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଏଫଏଲଏନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। କ୍ଲଷ୍ଟର୍ ସିଆରସିସିଙ୍କ ଦ୍ୱାରା ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳାଫଳ, ଗ୍ରୀଷ୍ମ ବକାଶ ସମୟରେ ଛାତ୍ରୀଛାତ୍ରଙ୍କୁ ଘରୋଇ ଶିକ୍ଷାଦାନ ଓ ଆଗାମୀ ଶିକ୍ଷାବର୍ଷ ପାଇଁ ନୂତନ ନାମଲେଖା,ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ସିଆରସିସି ଯଶୋବନ୍ତ ପଟ୍ଟନାୟକ ବୈଠକ ପରିଚାଳନା କରିଥିବାବେଳେ ଦଶପଲ୍ଲା ଡିଭିଜନ ବନଖଣ୍ଡ ଅଧିକାରୀ ଆୟେଶା ଅଖତାରୀ ନିଶା,ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଓ ନୟାଗଡ଼ ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ, ସେବାର ସମ୍ପାଦକ ଉପସ୍ଥିତ ରହି ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପରିବେଶ ସୁରକ୍ଷା, ଚାରାରୋପଣ,ଔଷଧୀୟ ବଗିଚା, ଫୁଲଫଳ ତଥା ତୁଳସୀ ବଗିଚା ଏବଂ ଖରାଦିନେ ପକ୍ଷୀମାନଙ୍କ ପାଇଁ ଜଳ ଯୋଗାଣ ବ୍ୟବସ୍ଥା କିପରି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା ଅତିଥି।

# ବିଦ୍ୟୁତ୍ ଯୋଗଣ ବନ୍ଦ,ଲୋକ ହଇରାଣ

ଦଶପଲ୍ଲା, ୨୫।୩
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅଞ୍ଚଳରେ ବୁଧବାର ବିଦ୍ୟୁତ୍ ଯୋଗାଣ ବନ୍ଦ ଯୋଗୁ ଜନସାଧାରଣ ନାହିଁନଥିବା ହଇରାଣର ସମ୍ମୁଖୀନ ହୋଇଥିଲେ। ଅପରାହ୍ନ ୨ ଟାରୁ ଉକ୍ତ ଅଞ୍ଚଳରେ ବଦ୍ୟୁତ ଯୋଗାଣ ବନ୍ଦ ରହିଥିଲା। ସାମାନ୍ୟ ବର୍ଷା ହେଲା ପରେ ଏପରି ଅବସ୍ଥା ସୃଷ୍ଟି ହୋଇଛି। ନୟାଗଡ଼ରୁ ମହୀପୁର ମଧ୍ୟ ରେ ୩୩ କେଭି ଲାଇନ ଖରାପ ଯୋଗୁ ଏପରି ହୋଇଥିବା ବିଭାଗ ତରଫରୁ ମୋବାଇଲରେ ସୂଚନା ଦିଆଯାଇଥିବା ଜଣାଯାଇଛି। ତେବେ ଅପରାହ୍ନ ୨ଟାରୁ ଲାଇନ୍ କଟିଥିଲେ ମଧ୍ୟ ଭାଗ ତରଫରୁ ରାତି ୮.୩୦ ପର୍ଯ୍ୟନ୍ତ ମରାମତି କରିବାରେ ସକ୍ଷମ ହୋଇପାରିଥିଲେ। ତେବେ ସନ୍ଧ୍ୟା ସମୟରୁ ସମସ୍ତ ଅଞ୍ଚଳ ଅନ୍ଧାରରେ ରହିଥିଲା। ଏଥି ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଭଡ଼ାଘରେ ସେକ୍ସ ରାକେଟ:୨ ଯୁବତୀ ଉଦ୍ଧାର, ୩ ଯୁବକ ଅଟକ

ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ପୋଲିସ ବୁଧବାର ଭାବିନୀପୁର ଅମରାବତୀ ନଗରରେ ଏକ ଭଡ଼ାଘରେ ଚଢ଼ାଉ କରି ସେକ୍ସ ରାକେଟ ଠାବ କରିଥିଲା। ଅସଂଯତ ଅବସ୍ଥାରେ ଥିବା ୨ ଯୁବତୀଙ୍କୁ ଉଦ୍ଧାର କରିବା ସହ ୩ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ଯୁବତୀ ଦ୍ୱୟଙ୍କୁ ସଖୀ କେନ୍ଦ୍ରରେ ରଖାଯିବ ବୋଲି ପୋଲିସ କହିଛି। ଅଟକ ଯୁବକ ମଧ୍ୟରେ ୨ଜଣ ଆନ୍ଧ୍ରପ୍ରଦେଶ ହୋଇଥିବା ବେଳେ ଅନ୍ୟ ଜଣେ ସ୍ଥାନୀୟର ବୋଲି ଜଣାପଡ଼ିଛି।

# ସରକାରୀ ଜାଗାରେ ଥିବା ଦୋକାନ ଗୃହ ଉଚ୍ଛେଦ

ଦଶପଲ୍ଲା, ୨୫।୩ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବୁଧବାର ବିଭିନ୍ନ ସ୍ଥାନରେ ସରକାରୀ ଜାଗାରେ ଥିବା ବହୁ ଦୋକାନ ଘରଗୁଡିକୁ ପ୍ରଶାସନ ତରଫରୁ ଉଛେଦ କରାଯାଇଛି। ବ୍ରିଜ ନିକଟ ଏବଂ ଗଣେଶ ଜାର ନିକଟ ବାବୁ ବସା ପୋଖରୀ ନିକଟରେ ଥିବା ଦୋକାନଗୁଡିକୁ ଉଛେଦ କରାଯାଇଥିଲା। ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ପୋଲିସ ସହାୟତାରେ ଏହି ଉଛେଦ କାର୍ଯ୍ୟ କରିଥିଲେ।

# ଦରଦାଠାରେ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ

ଖଣ୍ଡପଡା,୨୫।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଦରଦା ଗ୍ରାମସ୍ଥିତ ମହିଷାକ୍ଷୁଣୀ ପୀଠରେ ବୁଧବାର ଚୈତ୍ର ସପ୍ତମୀଠାରୁ ୩ ଦିନ ବ୍ୟାପୀ ବାସନ୍ତିକ ଦୁର୍ଗାପୂଜା ପାରମ୍ପରିକ ରୀତି ତଥା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦରଦା ଗ୍ରାମବାସୀଙ୍କ ପକ୍ଷରୁ ୩ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ଥିବା ବେଳେ ପ୍ରଥମ ଦିନରେ ମା' ମହିଷାମର୍ଦ୍ଦିନୀ ଦୁର୍ଗା ଠାକୁରାଣୀଙ୍କ ଚଳନ୍ତି ପ୍ରତିମାକୁ ପାଟପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଯୁବ କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ 'କର୍ଣ୍ଣ ଖୋଜୁଛି ତାର ନିଜ ଠିକଣା' ପରିବେଷଣ କରାଯାଇଛି।

## ତୋଡ଼ିଗାଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ୪ ଦିନ ହେଲା ପଡ଼ିନି ଉପସ୍ଥାନ

ନୂଆଗାଁ,୨୫।୩ (ଧନେଶ୍ୱର ସାହୁ)

**୯ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଜଗିଛନ୍ତି ଜଣେ ଶିକ୍ଷକ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା ବିଭାଗରେ ଦୀର୍ଘ ଦିନ ହେଲା ବ୍ଲକ ଶିକ୍ଷାଧିକାରୀ ନ ଥିବାରୁ ବ୍ଲକ ଅଧୀନରେ ଥିବା ସ୍କୁଲଗୁଡିକରେ ନାନା ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହେଉଛି। ଏଠାରେ ନୂଆଗାଁ ବ୍ଲକ ବେରୁଆଁବାରୀ ପଞ୍ଚାୟତ ତୋଡିଗାଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବେରୁହାବାରି ପଞ୍ଚୟତ ତୋଡିଗାଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢାଇବା ପାଇଁ ୪ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। କିନ୍ତୁ ମଙ୍ଗଳବାର ବିଦ୍ୟାଳୟରେ ୪୫ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ ମଧ୍ୟ ସେମାନଙ୍କୁ ପଢାଇବା ପାଇଁ ମାତ୍ର ଜଣେ ଶିକ୍ଷକ ଥିଲେ। ଉପସ୍ଥିତ ଶିକ୍ଷକଙ୍କ ସୂଚନା ଅନୁସାରେ ଜଣେ ଶିକ୍ଷକ ବିଇଓ କାର୍ଯ୍ୟାଳୟକୁ ଯାଇଥିଲେ ଜଣେ ଟ୍ରେନିଂ ପାଇଁ ଆଉ ଜଣେ ପିଲା ଆସି ନ ଥିବାରୁ ତାଙ୍କୁ ଡାକିବାକୁ ଯାଇଛନ୍ତି ବୋଲି କହିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ୪ ଜଣ ଶିକ୍ଷକ ରହିଥିବା ବେଳେ ବୁଧବାର ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଅନୁପସ୍ଥିତ ଥିବା ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟରେ ଯାଇଥିଲେ, ଆଉ ଜଣେ ଶିକ୍ଷକ ଏକ ଟ୍ରେନିଂକୁ ଯାଇଥିଲେ ଏବଂ ଆଉ ଜଣେ ଶିକ୍ଷକ ଅନ୍ୟ ଏକ ବିଦ୍ୟାଳୟରେ ଶିକ୍ଷକ ଅନୁପସ୍ଥିତ ରହିଥିବାରୁ ସେଠାକୁ ଯାଇଥିବା ନେଇ ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଆଶ୍ଚର୍ଯ୍ୟର କଥା ଉକ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆ ଯାଉଥିଲେ ମଧ୍ୟ ୪ ଦିନ ହେଲା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପଡି ନ ଥିଲା କିମ୍ବା ୩ ଦିନ ହେଲା ଶିକ୍ଷକମାନେ ଉପସ୍ଥାନ ଖାତାରେ ଦସ୍ତଖତ କରି ନ ଥିବା ଦେଖିବାକୁ ମିଳିଥିଲା।

ଶିକ୍ଷକ ନ ଥିବାରୁ ଦିନ ୧୧ଟା ସୁଦ୍ଧା କୌଣସି କ୍ଲାସରେ ପାଠପଢା ଆରମ୍ଭ ହୋଇ ନ ଥିବା ଛାତ୍ରୀଛାତ୍ରମାନେ କହିଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ ଚୌକି ଖାଲି ପଡିଥିବାର ସୁଯୋଗ ନେଇ ଅନ୍ୟ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟ ଠିକ୍ ଭାବେ କରୁନାହାନ୍ତି କିମ୍ବା ସ୍କୁଲ ପରିଦର୍ଶନରେ ଯାଉନାହାନ୍ତି। ଅନେକ ସ୍କୁଲର ଏପରି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ଫଳରେ ଅଭିଯୋଗକୁ କେହି ଖାତିର କରୁ ନ ଥିବା ଅଭିଯୋଗକାରୀ କ୍ଷୋଭର ସହ କହିଛନ୍ତି। ତୋଡିଗାଡ଼ିଆ ସ୍କୁଲର ଏଭଳି ସମସ୍ୟା ସମ୍ପର୍କରେ ବ୍ଲକ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିବାରେ ଘଟଣାର ସତ୍ୟାସତ୍ୟ ତଦନ୍ତ କରିବା ପାଇଁ ସମ୍ପୃକ୍ତ ସିଆର୍‌ସିସିଙ୍କୁ ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ କହିଛନ୍ତି।



ତୋଡିଗାଡ଼ିଆ ସ୍କୁଲ।

# କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନରେ ରହିଯିବ

- ଆର୍ସେଲ ମିତ୍ତଲ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଆନ୍ଧ୍ରରେ ଭୂମିପୂଜା
- କାର୍ଯ୍ୟକାରୀ ହେଉ ନାହିଁ ମଞ୍ଜୁରୀପ୍ରାପ୍ତ ୯ ଶିଳ୍ପ ପ୍ରକଳ୍ପ
- ୨୦ ହଜାରରୁ ଊର୍ଦ୍ଧ୍ୱ ପାଇଥାନ୍ତେ କର୍ମନିଯୁକ୍ତି

**କେନ୍ଦ୍ରାପଡ଼ା, ୨୫।୩ (ଜଗନ୍ନାଥ ଧଳ):**

ଆନ୍ଧ୍ରପ୍ରଦେଶ ଅନାକାପଲ୍ଲୀ ଜିଲା ନାକାପଲ୍ଲୀ ମଣ୍ଡଳରେ ଆର୍ସେଲ ମିତ୍ତଲ ଷ୍ଟିଲ୍ ଇଣ୍ଡିଆର ପ୍ଲାଣ୍ଟ ପାଇଁ ଗତ ସୋମବାର ଶିଳାନ୍ୟାସ ହୋଇଛି। ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ୧.୬ ଲକ୍ଷ କୋଟି ଟଙ୍କାର ଏହି ପ୍ରକଳ୍ପର ଭୂମି ପୂଜନ କରିଥିଲେ। ଆର୍ସେଲ ମିତ୍ତଲର ଷ୍ଟିଲ ପ୍ଲାଣ୍ଟ ଏହାର ବହୁ ପୂର୍ବରୁ ଅର୍ଥାତ ୨୦୨୧ ମସିହାରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଶିଳାନ୍ୟାସ କରିବ ବୋଲି ତତ୍କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ। ଏପରିକି ଗତ ଫେବୃଆରୀ ୩ରେ କେନ୍ଦ୍ରାପଡ଼ାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆସନ୍ତା ବଜେଟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି କହିଥିଲେ। ଏହା ସତ୍ତ୍ୱେ ଷ୍ଟିଲ୍ ପ୍ଲାଣ୍ଟ ପାଇଁ କୌଣସି ଆଭାସ ମିଳୁନାହିଁ। ଏହାକୁ ଭିତ୍ତିକରି ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ରାଜ୍ୟ ସରକାରଙ୍କ ଶିଳ୍ପନୀତି ଉପରେ ଭୁବନେଶ୍ୱରରେ ପ୍ରଶ୍ନ ଉଠାଇଛନ୍ତି। ମହାକାଳପଡ଼ା ତଥା ଜିଲାବାସୀଙ୍କ ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନକୁ ଓ ଭାବାବେଗକୁ ନଷ୍ଟ କରାଯାଉଛି ବୋଲି କହିଛନ୍ତି। ଅପରପକ୍ଷରେ ୨୦୧୨ରୁ ୨୦୨୩ ପର୍ଯ୍ୟନ୍ତ ତତ୍କାଳୀନ ରାଜ୍ୟ ସରକାରଙ୍କ ମଞ୍ଜୁରୀ ଓ ବିଭିନ୍ନ କମ୍ପାନୀ ସହିତ ଏମ୍ଓୟୁ ସତ୍ତ୍ୱେ ୯ଟି ମଧ୍ୟରୁ ଗୋଟିଏ ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇପାରିନାହିଁ।

ଏ ସମ୍ପର୍କରେ ଖଡିଅଙ୍ଗର ସାମାଜିକ କର୍ମୀ ମନୋଜ ସିଂ, ବୁଦ୍ଧିଜୀବୀ ରାଧାକାନ୍ତ ସାମଲ, ଚିତ୍ତ ରଞ୍ଜନ ଦାସ, ସୁଶାନ୍ତ ନାୟକ, ଯୁବ ଶିଳ୍ପୋଦ୍ୟୋଗୀ ନୀହାର ରଞ୍ଜନ ପ୍ରଧାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାବାସୀଙ୍କ ଭାବାବେଗ ସହ ଖେଳି ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନ ଦେଖାଇ ବିଭିନ୍ନ ସମୟରେ ରାଜନେତା ଫାଇଦା ନେଉଛନ୍ତି।୨୦୦୯ରେ ବରୁଣେଇ ବନ୍ଦର ପ୍ରତିଷ୍ଠା ଓ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଦୁଇ ବନ୍ଦର ପାଇଁ ଅଦ୍ୟାବଧି ଭିତ୍ତିପ୍ରସ୍ତର ସ୍ଥାପନ ହୋଇପାରିନାହିଁ। ୨୦୧୨ ମସିହାରେ ମାର୍ଶାଘାଇ ବ୍ଲକ କଳାଗଡଠାରେ ଓଡ଼ିଶା ପାୱାର କନଷ୍ଟ୍ରକ୍ସନ ଲିମିଟେଡ ପକ୍ଷରୁ ୭୫୦ ମେଗା ୱାଟ ଗ୍ୟାସ୍ ବେସ୍ଡ ପାୱାର ପ୍ଲାଣ୍ଟ ପ୍ରକଳ୍ପକୁ ତତ୍କାଳୀନ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ଏଠାରେ ୮୨୫ ଏକର ଜମି ଅଧିଗ୍ରହଣ ହେବା ସହିତ କମ୍ପାନୀ ସହ ଏମ୍ଓୟୁ ହୋଇଥିଲା। ୨୦୧୭ରେ ଏହାର ଅବଧି ସରିଥିବା ବେଳେ ଅଧିଗ୍ରହଣ ହୋଇଥିବା ଜମି ଏବେ ପଡିଆ ପଡିଛି। ସେହିପରି ମହାକାଳପଡ଼ା ବ୍ଲକ ଯଦୁପୁରଠାରେ ଅଢ଼େଇ ଲକ୍ଷ ବର୍ଗଫୁଟର ୱେର ହାଉସ, ୫୦ ହଜାର ବର୍ଗଫୁଟର ଶୀତଳଭଣ୍ଡାର, ଟ୍ରକ୍ ପାର୍କିଂ ଆଦିର ପ୍ରକଳ୍ପ ପାଇଁ ଶ୍ରବଣ ଶିପିଂ ପ୍ରାଇଭେଟ ଲିମିଟେଡକୁ ୨୦୨୦ରେ ମଞ୍ଜୁରୀ ମିଳିଥିଲା। ମହାକାଳପଡ଼ାରେ ବୃହତ ଶିଳ୍ପ ଗଠନ ହେବ ବୋଲି ୨୦୨୧ରେ ଘୋଷଣା ସହିତ ଷ୍ଟିଲ୍ ଶିଳ୍ପ ପାଇଁ ୧୦୨,୨୭୫ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିପାଇଁ ଜିଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ତେବେ ଏହି ବୃହତ ଶିଳ୍ପ ପ୍ରତିଷ୍ଠା ଜିଲାବାସୀଙ୍କ ସ୍ୱପ୍ନ ଏବେ ବି ଅଧୁରା ରହିଛି। ଦୈନିକ ୨୦୦ କିଲୋଲିଟରର ଇଥାନଲ ଓ ୫ ମେଗାୱାଟ ପାୱାର ପାଇଁ ପ୍ଲାଣ୍ଟ ପ୍ରକଳ୍ପକୁ ୨୦୨୨ରେ ବ୍ରହ୍ମପୁତ୍ର ବାୟୋକେମିକାଲ ପ୍ରାଇଭେଟକୁ ମଞ୍ଜୁରୀ ମିଳିଛି। କେନ୍ଦ୍ରାପଡ଼ାରେ ଏହି ପ୍ରକଳ୍ପ ହେବ ବୋଲି ଜିଲାବାସୀ ଜାଣିଥିଲେ ମଧ୍ୟ ପ୍ରକଳ୍ପ ପାଇଁ କୌଣସି ପ୍ରୟାସ ନାହିଁ।ସେହିପରି ଅଏଲ ଇଣ୍ଡିଆକୁ ପାଟକୁରାଠାରେ ଏକ ପ୍ରକଳ୍ପ ପାଇଁ ସେହିବର୍ଷ ମଞ୍ଜୁରୀ ମିଳିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ। ଗତ୨୦୨୩ ଡିସେମ୍ବର ୭ରେ ଷ୍ଟେଟ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ୱେଲସ୍ପନ ଲିଭିଂ ଲିମିଟେଡର ଗ୍ରୀନ ଆମୋନିଆ ଓ ଗ୍ରୀନ ହାଇଡ୍ରୋଜେନ ପ୍ଲାଣ୍ଟ, ମାର୍ଶାଘାଇଠାରେ ଟେରି ଟାୱେଲ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏଥିସହ ଗ୍ରୋମାକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମାର୍ଶାଘାଇରେ ପ୍ଲାଷ୍ଟିକ୍ ସାମଗ୍ରୀ ଓ କୈବଲ୍ୟ ଲଜିଷ୍ଟିକ୍ସ ପ୍ରାଇଭେଟ ଲିମିଟେଡର ରେଳ ଭିତ୍ତିଭୂମି ପ୍ରକଳ୍ପକୁ ତତ୍କାଳୀନ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ଏହି ୯ ପ୍ରକଳ୍ପ ପାଇଁ ୨୦,୪୪୭ ଜଣ କର୍ମନିଯୁକ୍ତି ପାଇବେ ବୋଲି ସୂଚନା ମିଳିଥିଲା। ସେହିପରି ବର୍ତ୍ତମାନର ରାଜ୍ୟ ସରକାର ଜାହାଜ ନିର୍ମାଣ କାରଖାନା ହେବ ବୋଲି ଘୋଷଣା କରିଛନ୍ତି। ଅଦ୍ୟାବଧି ଏହାର ସ୍ଥିତି ସ୍ପଷ୍ଟ ହୋଇନାହିଁ। ଜିଲାରେ ସମ୍ପ୍ରତି ୫୪ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ କର୍ମନିଯୁକ୍ତି ପାଇଁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକରଣ କରିଛନ୍ତି। ଏଠାରେ ଶିଳ୍ପରେ ନିଯୁକ୍ତି ପାଇଁ କୌଣସି ଦକ୍ଷତା ଉନ୍ନତିର ଶିକ୍ଷାନୁଷ୍ଠାନ ନାହିଁ। ଏଥିସହ ଏଠାରେ କୃଷିଭିତ୍ତିକ ଓ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେବାକୁ ସେମାନେ ମତ ରଖିଛନ୍ତି।

ସେଲ୍ଫି କର୍ନରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ରଜତ


@ ଶକ୍ତିତନୟା


@ ନୀହାରିକା


@ ନୀଳାଞ୍ଚଳ


@ ସତ୍ୟପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଦୀରୁ ଡଙ୍ଗାରେ ବେଆଇନ ବାଲିଚାଲାଣ


ବ୍ଲକର ବଡିଘର ଖୋଳା ସେତୁ ସଂଲଗ୍ନ ଆମ୍ବୁଲାନ୍ସ ଘାଟଠାରେ ବାଲି ବୋଝେଇ ଡଙ୍ଗାରୁ ଟ୍ରାକ୍ଟର ଓ ଡାଲା ଅଟୋରେ ଚାଲାଣ କରାଯାଉଛି।

**ମହାକାଳପଡ଼ା, ୨୫।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲାର ମହାନଦୀ, ଲୁଣା, ଚିତ୍ରୋତ୍ପଳା, ପାଇକା ନଦୀ ଶଯ୍ୟା ବାଲି ସଇରାତ ନିଲାମ ନାହିଁ। ସେଥିପାଇଁ ଦୈନିକ ବହୁ ଶହ ବାଲି ବୋଝେଇ ହାଇୱା, ବଡ଼ ବଡ଼ ଡଙ୍ଗାରେ ବାଲି ବୋଝେଇ ହୋଇ ଦିନରାତି ଜଳପଥ ଓ ସ୍ଥଳପଥରେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଫଳରେ ବନ୍ୟା ସମୟରେ ନଦୀର ପ୍ରବାହିତ ବନ୍ୟା ଜଳ ଅନ୍ତସ୍ରୋତ ଯୋଗୁ ବନ୍ୟା ଜଳ କୂଳ ଲଂଘି ବ୍ୟାପକ ଭାବେ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି କରୁଥିବା କୁହାଯାଉଛି। ବନ୍ୟାର ପ୍ରଖର ସ୍ରୋତ ଗତିପଥ ପରିବର୍ତ୍ତନ ହେଉଥିବା ନେଇ କେତେଜଣ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁସାରେ, ମହାକାଳପଡ଼ା ନଦୀ ନାଳ ଘେରା ବଡିଘର ପଞ୍ଚାୟତରେ ବେଆଇନ ଭାବେ ଖୁଲମ୍‌ଖୁଲା ନଦୀରୁ ବଡ ବଡ ଡଙ୍ଗାରେ ବାଲି ବୋଝେଇ ହୋଇ ଖୋଳା ସେତୁ ସଂଲଗ୍ନ ଆମ୍ବୁଲାନ୍ସ ଘାଟଠାରେ ୨ଟି ବଡ ଡଙ୍ଗାରୁ ବାଲି ଶ୍ରମିକମାନେ ଟ୍ରାକ୍ଟର, ଡାଲା ଅଟୋରେ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଟ୍ରାକ୍ଟର ପିଛା ୩ରୁ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ ୨ ଜଣ ଶ୍ରମିକ ମତବ୍ୟକ୍ତ କରିଛନ୍ତି। ବ୍ଲକର ବଡିଘର, ଜମ୍ବୁ, ରାମନଗର, ଖରିନାସୀ, ବାହାକୁଦ, ଗୋଜାବନ୍ଧ, ମଙ୍ଗଳପୁର ଆଦି ସ୍ଥାନରୁ ଚାଲାଣ କରାଯାଉଛି। ଏ ସଂକ୍ରାନ୍ତରେ ଜିଲା ଲଘୁ ଖଣିଜ ଦ୍ରବ୍ୟ ଅଧିକାରୀ ଦିନେଶ କୁମାର ମହାପାତ୍ରଙ୍କୁ ପଚାରିବାରେ କେଉଁ କେଉଁ ସ୍ଥାନରେ ଡଙ୍ଗାରେ ବାଲି ଚାଲାଣ କରାଯାଉଛି, ତାହାର ଜିପିଏସ୍ ଟ୍ରାକିଂ କରାଯାଇ ଚଢାଉ କରାଯିବ ବୋଲି ସେ କହିଛନ୍ତି।

# ରାସ୍ତାରେ ଲାଗୁଛି ଅଞ୍ଚଳର ବିକୃତ ନାମ ହୋର୍ଡିଂ

**କେନ୍ଦ୍ରାପଡ଼ା, ୨୫।୩ (ଜଗନ୍ନାଥ ଧଳ):**

ଓଡ଼ିଆ ଭାଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଓଡ଼ିଆରେ ଲେଖାଯିବାକୁ ନିୟମ କରିବା ସହିତ ପ୍ରୋତ୍ସାହିତ କରୁଛନ୍ତି। ମାତ୍ର ଅଣଓଡ଼ିଆ ଠିକାଦାର ସଂସ୍ଥାର ଓଡ଼ିଆ ଭାଷା ପ୍ରତି ଆଗ୍ରହ ପ୍ରକାଶ ପାଉନାହିଁ। ଜିଲାର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଜାତୀୟ ରାଜପଥରେ ସ୍ଥାନୀୟ ଅଞ୍ଚଳର ନାମ ବିକୃତ କରି ହୋର୍ଡିଂ ଲଗାଇଛନ୍ତି। ଫଳରେ ବାହାର ଅଞ୍ଚଳବାସୀ ଏହି ଅଞ୍ଚଳକୁ ବିକୃତ ନାମରେ ଜାଣିବା ସହିତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ବିରୋଧ କରାଯାଇଛି। ଜିଲାପାଳଙ୍କୁ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ଟ୍ରଷ୍ଟ କର୍ମକର୍ତ୍ତା ତଥା କେନ୍ଦ୍ରାପଡ଼ା ବ୍ଲକ ବଗଡା ଗ୍ରାମର ଇଂ. ଅକ୍ଷୟ କୁମାର ପାଣି କହିଛନ୍ତି, ଅଣଓଡ଼ିଆ ଠିକାଦାରଙ୍କ ପାଇଁ ସ୍ଥାନୀୟ ଅଞ୍ଚଳର ବିକୃତ ନାମ ନଜରକୁ ଆସିବା ଦୀର୍ଘଦିନ ଧରି ଚାଲିଛି। ଏବେ ଚଣ୍ଡିଖୋଲ–ପାରାଦୀପ ଜାତୀୟ ରାଜପଥର ଉନ୍ନତୀକରଣ ନିର୍ମାଣ କାର୍ଯ୍ୟ ଚାଲିଛି। କେନ୍ଦ୍ରାପଡ଼ା ସହର ନିକଟ ଏହି ରାସ୍ତାର ବିଭିନ୍ନ ଅଞ୍ଚଳର ନାମ ଚିହ୍ନଟର ହୋର୍ଡିଂ ଲାଗିଛି। ତେବେ ଓଡ଼ିଆ ନାମକରଣ ଭୁଲ୍ ରହିଥିବା ବେଳେ କେତେକ ସ୍ଥାନରେ ଅଞ୍ଚଳର ନାମ ଭୁଲ୍ ରହିଛି। ବଗଡା ସ୍ଥାନରେ ବାଗାଡା, ବଡନାଇଁପୁର ବଦଳରେ ବଦନପୁର ଲେଖା ହୋଇଥିବା ହୋର୍ଡିଂ ସ୍ଥାପନ ହୋଇଛି। ଏପରିକି ଦୁତିଆଳ ଅଞ୍ଚଳରେ ପୁରୁଷୋତ୍ତମପୁର ହୋର୍ଡିଂ ଲାଗିଛି। ପୁରୁଷୋତ୍ତମପୁର ଏହି ଅଞ୍ଚଳଠାରୁ ଅନ୍ୟୂନ ୨ କିଲୋମିଟର ଦୂର। ରାଜ୍ୟ ସରକାର ନିକଟ ଅତୀତରେ ବିଭିନ୍ନସ୍ଥାନର ଇଂଲିଶ ଓ ଓଡ଼ିଆ ବନାନ ମଧ୍ୟରେ ଶୁଦ୍ଧୀକରଣ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। କେନ୍ଦ୍ରାପାରାରୁ କେନ୍ଦ୍ରାପଡ଼ା, ଅଉଲରୁ ଆଳି ଆଦି ପରିବର୍ତ୍ତନ ପାଇଁ ସୁପାରିସ ହୋଇଛି। ଓଡ଼ିଆ ଭାଷାର ଅସ୍ମିତାର ବଜାୟ ରଖିବା ପାଇଁ ଏହା ଆବଶ୍ୟକ ପଦକ୍ଷେପ। ମାତ୍ର କ୍ଷୋଭର ବିଷୟ ଯେ, ଅଣଓଡ଼ିଆ ଠିକାଦାରମାନେ ସ୍ଥାନୀୟ ଅଞ୍ଚଳ ପ୍ରତି ଆଦୌ ସମ୍ବେଦନଶୀଳ ନୁହନ୍ତି। ଜିଲା ପ୍ରଶାସନିକ ଅଧିକାରୀ ଏହି ରାସ୍ତା ମଧ୍ୟ ଦେଇ ଯାଉଥିଲେ ମଧ୍ୟ ଏପରି ସାଂଘାତିକ ତ୍ରୁଟିର ସଂଶୋଧନ ପାଇଁ ଚିନ୍ତିତ ନୁହନ୍ତି। ତୁରନ୍ତ ଏହି ହୋର୍ଡିଂଗୁଡିକ ବଦଳା ନ ଗଲେ ଟ୍ରଷ୍ଟ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ମାଧ୍ୟମରେ ଏଗୁଡିକ ଫୋପାଡି ଦିଆଯିବ। ଏଥିପାଇଁ ମାତ୍ର ୧୫ ଦିନ ସମୟ ଅବଧି ଦିଆଯାଇଥିବା ଟ୍ରଷ୍ଟ କର୍ମକର୍ତ୍ତା ପାଣି ପ୍ରକାଶ କରିଛନ୍ତି।



ରାସ୍ତା କଡ଼ରେ ଲାଗିଥିବା ଭୁଲ ଲେଖା ଥିବା ହୋର୍ଡିଂ ।

# ବଳିପର୍ବ ପାଇଁ ୧୦ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ

## ଚାଟରାଚକଡ଼ା ମା' ବାସନ୍ତୀଙ୍କ ପୀଠରେ ମହାଷ୍ଟମୀ ପୂଜା


ବଳି ସମୟର ଏକ ଦୃଶ୍ୟ।

**ଡେରାବିଶ, ୨୫।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡାଠାରେ ଥିବା ମା' ବାସନ୍ତୀଙ୍କ ପୀଠରେ ବୁଧବାର ମହାଷ୍ଟମୀ ପୂଜା ହୋଇଥିଲା। ଏହି ପୂଜାରେ ବଳିପର୍ବ ପାଇଁ ସନ୍ଧ୍ୟାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଚୈତ୍ରମାସ ଶୁକ୍ଳପକ୍ଷ ଷଷ୍ଠି ତିଥି ଅବସରରେ ସୋମବାରଠାରୁ ପୀଠରେ ମା' ବାସନ୍ତୀଙ୍କ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଡେରାବିଶ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ଏହି ପୀଠରେ ଅଷ୍ଟମୀ ତିଥି ଅବସରରେ ବ୍ଲକ ଅଧୀନ ଚାଟରାଚକଡା ସମେତ ୮ପଞ୍ଚାୟତର ପ୍ରତ୍ୟେକ ପରିବାରରେ ବ୍ରତଧାରୀମାନେ ଉପବାସ କରିଥିଲେ। ମା'ଙ୍କ ନିକଟରେ ଏହି ପଞ୍ଚାୟତଗୁଡ଼ିକର ଗ୍ରାମରୁ ଆସିଥିବା ବହୁ ସଂଖ୍ୟାରେ ପଣାହାଣ୍ଡି ନୈବେଦ୍ୟ ହେବା ପରେ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ସେବନ କରିଥିଲେ। ଏହି ପୀଠରେ ବଳି ପରମ୍ପରା ବହୁ ପ୍ରାଚୀନ। ପୂର୍ବରୁ ମାନସିକଧାରୀମାନେ ସେମାନଙ୍କର ମାନସିକ ପୂରଣ ହେବାପରେ ଅଷ୍ଟମୀ ତିଥିରେ ମା'ଙ୍କ ନିକଟରେ ଶତାଧିକ ବୋଦା ବଳି ଦେଉଥିଲେ। ତେବେ ବୁଦ୍ଧିଜୀବୀମାନଙ୍କ ହସ୍ତକ୍ଷେପ ଫଳରେ ୧୯୮୫ ମସିହାରୁ ବୋଦାବଳି ପରିବର୍ତ୍ତେ ପ୍ରତିକାତ୍ମକ ଭାବେ ଗୋଟିଏ ବୋଦାର କାନରୁ କିଛିଏ ରକ୍ତ ସଂଗ୍ରହ କରାଯାଇ ମା'ଙ୍କ ନିକଟରେ ଅର୍ପଣ କରାଯାଏ। ଏଥିସହ ପାଣିକଖାରୁ ବଳି ଦିଆଯାଇଥାଏ। ଏହି ବଳିପର୍ବର ଦୃଶ୍ୟ ଅତି ଆକର୍ଷଣୀୟ ଥିଲା। ପରମ୍ପରା ଅନୁଯାୟୀ, ବଳି ଦେଉଥିବା ବ୍ୟକ୍ତି ଶଶିକାନ୍ତ ରଣା ଏଥିପାଇଁ ଷଷ୍ଠୀ ତିଥିଠାରୁ ହବିସାଅନ୍ନ ସେବନ କରିବା ସହ ଅତିନିଷ୍ଠାର ସହ ଅଷ୍ଟମୀ ତିଥିରେ ମା'ଙ୍କ ନିକଟରେ ବଳିଦେବାପାଇଁ ଅଧିଆ ପଡିଥାନ୍ତି। ବଳିପର୍ବ ପରେ ପଣାହାଣ୍ଡି ଭୋଗ ନେବାପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭଜନ ସନ୍ଧ୍ୟା ଓ ଅପେରା ପ୍ରଦର୍ଶନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତାପମାତ୍ରାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଛତାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁମାଗୁରୁଜୀ ଓ ପିଲାମାନେ ମଙ୍ଗଳବାରଠାରୁ ଜଳଛତ୍ର କେନ୍ଦ୍ର ଖୋଲି ଶ୍ରଦ୍ଧାଳୁଙ୍କୁ ଜଳଦାନ କରୁଥିବା ଦେଖିବାକୁ ମିଳିଛି। ଡେରାବିଶ ଥାନା ପକ୍ଷରୁ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ମୁତୟନ ରହିଥିଲେ। ପୂଜା ଉତ୍ସବକୁ କମିଟି ପକ୍ଷରୁ ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, ସହସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, କୋଷାଧ୍ୟକ୍ଷ ଅରଜିତ ମିଶ୍ର, ଜୟନ୍ତ ବଳ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସଦସ୍ୟମାନେ ଏହି ପୂଜାକୁ ପରିଚାଳନା କରୁଛନ୍ତି।

# ରାସ୍ତାରେ ଲୁହାବୋଝେଇ ଟ୍ରକ୍‌ର ଆଗ ଟେକି ହୋଇଗଲା

**ବ୍ୟାସନଗର, ୨୫।୩ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରର ଚୋରଦା ଧବଳଗିରି ମୁଖ୍ୟ ରାସ୍ତାର କୋର୍ଟ ଛକରେ ବୁଧବାର ଏକ ଲୁହା ବୋଝେଇ ମିନିଟ୍ରକ ଭାରସାମ୍ୟ ହରାଇବାରୁ ରାସ୍ତା ଉପରେ ଗାଡ଼ିର ଆଗ ଟେକିହୋଇ ରହିଥିଲା। ଫଳରେ ଉକ୍ତ ରାସ୍ତାରେ ବହୁ ସମୟ ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ଜେସିବି ସାହାଯ୍ୟରେ ଦୁଇଚକା ଉପରକୁ ଉଠି ରହିଥିବା ଟ୍ରକକୁ ସିଧା କରିଥିଲେ। ଟ୍ରକ ଭିତରେ ଡ୍ରାଇଭର ସୁରକ୍ଷିତ ଥିଲେ। ଏହାପରେ ଯାଜପୁର ରୋଡ୍ ପୋଲିସ ଆସି ରାସ୍ତାରେ ଅଟକି ରହିଥିବା ଯାନବାହନଗୁଡ଼ିକୁ ନିୟନ୍ତ୍ରଣ କରିଥିଲା। ଏହି ମିନିଟ୍ରକ ଧବଳଗିରି ପଟୁଚୋରଦା ଆଡକୁ ଯାଉଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ହମ୍ପସରେ ଚଢି ମିନିଟ୍ରକର ଆଗଚକ ଦୁଇଟି କ୍ୟାବିନ ସହ ଉପରକୁ ଉଠିଯାଇଥିଲା। ଏହି ଘଟଣାକୁ କିଛି ଲୋକ ସୋସିଆଲ ମେଡିଆରେ ସେଆର କରିଥିଲେ।



# ଭାଙ୍ଗିଲା ଘର, ଉଡ଼ିଗଲା ସୁଭଦ୍ରା, ପଲ୍ଲିଶ୍ରୀ ମେଳା ଟେଣ୍ଟ


କାଳବୈଶାଖୀ ପ୍ରଭାବରେ ଭାଙ୍ଗି ପଡ଼ିଥିବା ସୁଭ୍ରା ଓ ପଲ୍ଲୀ ମେଳା ଟେଣ୍ଟ।

## ଯାଜପୁରରେ କାଳବୈଶାଖୀ

**ଯାଜପୁର ଟାଉନ ୨୫।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

କାଳବୈଶାଖୀ ପ୍ରଭାବରେ ବୁଧବାର ଅପରାହ୍ନରେ ବର୍ଷା ସହିତ ପବନ ହେବାରୁ ଯାଜପୁର ସହରରେ ବହୁ ଗଛ ଓ ଘର ଭାଙ୍ଗି ପଡ଼ିଛି। ସେହିପରି କୁସୁମା ସମ୍ମୁଖରେ ଚାଲିଥିବା ଜିଲା ମହୋତ୍ସବ ଯଯାତିର ସୁଭଦ୍ରା ଓ ପଲ୍ଲିଶ୍ରୀ ମେଳା ଟେଣ୍ଟଗୁଡ଼ିକୁ କାଳବୈଶାଖି ପବନରେ ଉଡ଼ିଯାଇଛି। ଏଠାରେ ଅସ୍ଥାୟୀ ଦୋକାନଗୁଡିକ ଭାଙ୍ଗିରୁଜି ଯାଇଛି। ଗତ ମଙ୍ଗଳବାର ଜିଲା ମହୋତ୍ସବ ଯଯାତି ଶେଷ ହୋଇଥିବା ବେଳେ ସୁଭଦ୍ରା ଓ ପଲ୍ଲିଶ୍ରୀ ମେଳାକୁ ଜିଲା ପ୍ରଶାସନ ପକ୍ଷରୁ ୨ ଦିନ ପାଇଁ ବଢ଼ା ଯାଇଥିଲା। ମାତ୍ର ତୁହାକୁ ତୁହା ବର୍ଷା ସହିତ ପ୍ରବଳ ପବନ ହେବା ଦ୍ୱାରା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ପଲ୍ଲିଶ୍ରୀ ମେଳାରେ ଥିବା ୨ଶହରୁ ଅଧିକ ଷ୍ଟଲର ଦୋକାନୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାସ୍ତାରେ ଥିବା ଅନେକ ଗଛ ଭାଙ୍ଗି ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଛି।


କାଳବୈଶାଖୀରେ ଏକ କଚ୍ଚା ଘର ଭୁଶୁଡ଼ିପଡିଛି।

ବୈଦ୍ୟରାଜପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ଚାଳ ଉପରେ ଏକ ବିରାଟ ଗଛ ପଡ଼ିଯାଇଛି। ବହୁ ସ୍ଥାନରେ ବଡ଼ବଡ଼ ଗଛ ରାସ୍ତା ଉପରେ ପଡ଼ିଥିବା ଖବର ମିଳିଛି। ସେହିପରି ଶିଶୁ ଭବନର ଛାତରେ ଲାଗିଥିବା ସିଲିଂଗୁଡ଼ିକ ମଧ୍ୟ ଖସି ପଡ଼ିଛି।

# ପରୀକ୍ଷା ଘୁଞ୍ଚାଇବା ପାଇଁ ରାସ୍ତାରୋକୋ

- କୋର୍ସ ଶେଷ ନ କରି ସେମିଷ୍ଟର ପରୀକ୍ଷାକୁ ବିରୋଧ
- ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ପରେ ମିଳିଲା ପ୍ରତିଶ୍ରୁତି
- ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ଅଶାନ୍ତ

**ନୟାଗଡ଼,୨୫।୩(ଲୋକନାଥ ମିଶ୍ର)**

କୋର୍ସ ଶେଷ ନ କରି ସେମିଷ୍ଟର ପରୀକ୍ଷାକୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ଓ ୨ୟ ବର୍ଷର ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ପରୀକ୍ଷା ଘୁଞ୍ଚାଇବା ପାଇଁ ଅଧ୍ୟକ୍ଷ ଲିଖିତ ପ୍ରତିଶ୍ରୁତି ନ ଦେବାରୁ ଛାତ୍ରୀଛାତ୍ର ଉତ୍ତେଜିତ ହୋଇ ମହାବିଦ୍ୟାଳୟରେ ବିକ୍ଷୋଭ କରିଥିଲେ। ଏପରିକି ନୟାଗଡ଼-ଭଞ୍ଜନଗର ରାସ୍ତା ଅବରୋଧ କରିଥିଲେ। ପରେ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରି ଅବରୋଧ ହଟାଇଥିଲା। ତେବେ ଛାତ୍ରୀଛାତ୍ର ପରୀକ୍ଷା ଘୁଞ୍ଚାଇବା ଦାବିକୁ ନେଇ ଅତିରିକ୍ତ ଜିଲାପାଳଙ୍କୁ ଭେଟିବା ପରେ ପରୀକ୍ଷା ଘୁଞ୍ଚିବା ସମ୍ପର୍କରେ ପ୍ରତିଶ୍ରୁତି ମିଳିଛି। ଅତିରିକ୍ତ ଜିଲାପାଳଙ୍କ ପ୍ରତିଶ୍ରୁତି ପାଇବା ପରେ ପ୍ରାୟ ୩ଦିନ ଧରି ମହାବିଦ୍ୟାଳୟ କ୍ୟାମ୍ପସରେ ଲାଗି ରହିଥିବା ଅଶାନ୍ତ ପରିବେଶ ହଟିଛି।

ସୂଚନା ଅନୁସାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ, ୨ୟ ବର୍ଷ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କର ପ୍ରଥମ, ତୃତୀୟ ଓ ପଞ୍ଚମ ସେମିଷ୍ଟର ପରୀକ୍ଷା ଡିସେମ୍ବରରେ ଶେଷ ହୋଇଛି। ପୁଣି ୨ୟ, ଚତୁର୍ଥ ଓ ଷଷ୍ଠ ସେମିଷ୍ଟର ପରୀକ୍ଷା ଏପ୍ରିଲରେ ହେବା ପାଇଁ ରହିଛି। କିନ୍ତୁ ଅଧିକାଂଶ କଲେଜରେ ଛୁଟି ପରେ ୨ୟ ଓ ୪ର୍ଥ ସେମିଷ୍ଟର ପରୀକ୍ଷା ହେଉଛି। ପୂର୍ବରୁ ନୟାଗଡ଼ ମହାବିଦ୍ୟାଳୟରେ ବି ହେଉଥିଲା। ପିଜି ପାଠପଢ଼ାକୁ ଦୃଷ୍ଟିରେ ରଖି ଯୁକ୍ତ ୩ ଛାତ୍ରୀଛାତ୍ରଙ୍କର ଷଷ୍ଠ ସେମିଷ୍ଟର ପରୀକ୍ଷା ଏପ୍ରିଲ ମାସରେ କରିବାକୁ ବାଧ୍ୟ। ମେ ସୁଦ୍ଧା ଷଷ୍ଠ ସେମିଷ୍ଟର ପରୀକ୍ଷାର ଫଳ ବାହାରିଥାଏ।


ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

ଚଳିତ ବର୍ଷ ନୟାଗଡ଼ ମହାବିଦ୍ୟାଳୟରେ ଏପ୍ରିଲ ୧୩ରେ ୨ୟ, ଚତୁର୍ଥ ଓ ଷଷ୍ଠ ସେମିଷ୍ଟର ପରୀକ୍ଷା କରାଯିବାକୁ ନୋଟିସ୍ ବାହାରିଛି। ପରେ ଯୁକ୍ତ ୩ ପ୍ରଥମ ବର୍ଷ ଓ ୨ୟ ବର୍ଷର ଛାତ୍ରୀଛାତ୍ର ପରୀକ୍ଷା ଘୁଞ୍ଚାଇବାକୁ ଅଧ୍ୟକ୍ଷଙ୍କୁ ବାରମ୍ବାର ଅବଗତ କରାଇଛନ୍ତି। ମହାବିଦ୍ୟାଳୟରେ କୋର୍ସ ଶେଷ ନ କରି କିପରି ସେମିଷ୍ଟର ପରୀକ୍ଷା କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ହେଲେ ସୁଫଳ ନ ମିଳିବାରୁ ପ୍ରାୟ ୩ଦିନ ହେଲା ମହା ବିଦ୍ୟାଳୟର କ୍ୟାମ୍ପସରେ ଉତ୍ତେଜନା ଲାଗି ରହିଛି। କ୍ୟାମ୍ପସ ଏକ ପ୍ରକାର ଅଶାନ୍ତ ହୋଇ ପଡିଛି। ଏ ନେଇ ଛାତ୍ରୀ ପାୟଲ ପ୍ରିୟଦର୍ଶିନୀ ପ୍ରଧାନ ଓ ଛାତ୍ର ଅବିନାଶ ମିଶ୍ର କୁହନ୍ତି, ସିଲାବସ୍ ଶେଷ ହୋଇନି। ୬ ମାସର ପାଠ ୩ ମାସରେ ଶେଷ କରାଯିବାକୁ ଉଦ୍ୟମ ଚାଲିଛି। ଏଯାବତ ୬୦ ପ୍ରତିଶତ କୋର୍ସ ପଢ଼ା ହୋଇନି। ରିମେଡିଆଲ କ୍ଲାସ କରାଯିବ କହି ପିଲାଙ୍କୁ ହଷ୍ଟେଲ ବାହାରକୁ ଯିବାକୁ ବାରଣ କରାଯାଉଛି। ପିଲାଙ୍କୁ ପାଠ ନ ପଢ଼ାଇ ତରବରିଆ ଭାବେ କୋର୍ସ ଶେଷ କରି ସେମିଷ୍ଟର ପରୀକ୍ଷା କରାଯିବ। ପାଠ ନ ପଢ଼ି ପରୀକ୍ଷା ଦେବା ପରେ ବ୍ୟାକ୍ ଲାଗିବ। ବ୍ୟାକ୍ ଲାଗିଲେ ଡିଷ୍ଟିଂସନ ହେବନି। ଆମେ ପରୀକ୍ଷା ଘୁଞ୍ଚାଇବା ପାଇଁ ୩ ଦିନ ହେଲା ଅଧ୍ୟକ୍ଷଙ୍କୁ ଭେଟିଛୁ। ହେଲେ ଲିଖିତ ଭାବେ ନ ଦେଇ ଘୁଞ୍ଚାଇବେ ବୋଲି ଦର୍ଶାଇ ପରୀକ୍ଷା କରିବାକୁ ଯୋଜନା କରୁଛନ୍ତି। ଏଣୁ ଛାତ୍ରୀଛାତ୍ର ବିକ୍ଷୋଭ କରିବା ସହ ଅତିରିକ୍ତ ଜିଲାପାଳଙ୍କୁ ଭେଟିଥିଲେ। ଅତିରିକ୍ତ ଜିଲାପାଳ ଛାତ୍ରୀଛାତ୍ରଙ୍କ ଅସୁବିଧାକୁ ଅନୁଧ୍ୟାନ କରି ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି।

ଅଧ୍ୟକ୍ଷ ବିପିନ ପଟ୍ଟନାୟକ କୁହନ୍ତି, ପ୍ରାୟ ୧୫୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେତେକ ନିର୍ଦ୍ଦିଷ୍ଟ ଛାତ୍ରୀଛାତ୍ର ଯୁକ୍ତି କରୁଛନ୍ତି, ୨ୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷା ଗ୍ରୀଷ୍ମ ଛୁଟି ପରେ ହେଉ। ଆସନ୍ତା ଶିକ୍ଷା ବର୍ଷରେ ସେମାନେ ଚଳିତ ଶିକ୍ଷାବର୍ଷର ପରୀକ୍ଷା ଦେବାକୁ ଦାବି ରଖିଛନ୍ତି। କୋର୍ସ ଶେଷ ହୋଇନି ଦର୍ଶାଇ ପରୀକ୍ଷା ଘୁଞ୍ଚାଯାଉ ବୋଲି ଦରଖାସ୍ତ ଦେଇଥିଲେ। ଦରଖାସ୍ତ ମିଳିବା ପରେ ଏଚ୍ଓଡିମାନଙ୍କର ବୈଠକ ମଙ୍ଗଳବାର ଡାକି ପରୀକ୍ଷା ସମ୍ପର୍କରେ ସମୀକ୍ଷା କରିଛୁ। ସମୀକ୍ଷା ବୈଠକ ଓ ଏଚ୍ଓଡିମାନଙ୍କର ମତାମତରୁ ଜଣାପଡିଛି ୯୦ ପ୍ରତିଶତ କୋର୍ସ ଶେଷ ହୋଇ ସାରିଛି। ଆଉ ଯେଉଁ ୧୦ ପ୍ରତିଶତ କୋର୍ସ ରହିଲା ଶେଷ କରିବା ପାଇଁ ରିମେଡିଆଲ୍ କ୍ଲାସ କରିବା ଉଦ୍ଦେଶ୍ୟରେ ବୁଧବାର ନୋଟିସ୍ ହୋଇଛି। ୨ ଓ ୪ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପାଇଁ ସକାଳ ୭ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୪ ଘଣ୍ଟା ୧ ଘଣ୍ଟା କରି ୪ଟି କ୍ଲାସ ପାଇବେ, ପରେ ପୁଣି ନିଷ୍ପତି ନିଆଯିବ ବୋଲି କହିଛନ୍ତି।

ଅତିରିକ୍ତ ଜିଲାପାଳ ରୋଜିନା ଦାସ କହିଛନ୍ତି, ଯୁକ୍ତ ୩ ପ୍ରଥମ ବର୍ଷ ଓ ୨ୟ ବର୍ଷର ଛାତ୍ରୀଛାତ୍ର ପରୀକ୍ଷା ଘୁଞ୍ଚାଇବା ଦାବି କରି ମୋତେ ଗୁରୁବାର ଭେଟିଥିଲେ। କ୍ଲାସ ଠିକ୍‌ରେ ହୋଇନି, କୋର୍ସ ଶେଷ ନ କରି ପରୀକ୍ଷା କରାଯିବାକୁ ଉଦ୍ୟମ ହୋଇଛି। ପାଠ ନ ପଢ଼ି ପରୀକ୍ଷା ଦେବାକୁ ଛାତ୍ରୀଛାତ୍ର ସାହସ କରି ପାରୁ ନାହାନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଡାକି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଆଲୋଚନା କଲି। ଆଲୋଚନା ବେଳେ ଜାଣି ପାରିଲି ସେମିଷ୍ଟର ପରୀକ୍ଷା ପାଇଁ ପାଠପଢ଼ା ଠିକ୍‌ରେ ହୋଇନି। ଏଣୁ ଏପ୍ରିଲ ମାସରେ କ୍ଲାସ କରି କୋର୍ସ ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଛି। କୋର୍ସ ଶେଷ ପରେ ପରୀକ୍ଷା ଘୁଞ୍ଚାଇବା ସମ୍ପର୍କରେ ପୁଣି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ପରୀକ୍ଷା ସମ୍ପର୍କରେ ପ୍ରକାଶିତ ନୋଟିସ୍‌କୁ ପ୍ରତ୍ୟାହାର କରି ନେବାକୁ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଛି ବୋଲି କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ରଜତ


@ ଶକ୍ତିତନୟା


@ ନୀହାରିକା


@ ନୀଳାଞ୍ଚଳ


@ ସତ୍ୟପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସିଧାମୂଳାରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ


କଳସ ଶୋଭାଯାତ୍ରା।

**ଖଣ୍ଡପଡା,୨୫।୩(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ସିଧାମୂଳାସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୈଦିକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ତ୍ରିଦିନାତ୍ମକ ଗୀତା ମହାଯଜ୍ଞ ବୁଧବାର ସପ୍ତମୀ ତିଥିରେ ଆରମ୍ଭ ହୋଇଛି । ଏ ଅବସରରେ ଅଧିବାସ କର୍ମ ଓ ପରେ ପରେ ଗ୍ରାମର ମହିଳା ଓ ପୁରୁଷମାନେ ମହାନଦୀ ଘାଟରୁ କଳସୀରେ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞବେଦୀ ସ୍ଥଳରେ ସ୍ଥାପନ କରିଥିଲେ। ସମାଜ ସଭାପତି ଗଙ୍ଗାଧର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ବୈଦିକ ବ୍ରାହ୍ମଣ ସମାଜର ସମସ୍ତ ସଦସ୍ୟଙ୍କ ଶ୍ରମ ଓ ଦାନରେ ଏହି କାର୍ଯ୍ୟ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ପଣ୍ଡିତ ଉଦ୍ୟନାଥ ମିଶ୍ର ଶର୍ମା ଓ ପୁସ୍ତକାଚାର୍ଯ୍ୟ ଭାବେ ପଣ୍ଡିତ ବନମାଳୀ ମିଶ୍ର ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଛନ୍ତି। ବ୍ରାହ୍ମଣ ସମାଜ ସଦସ୍ୟମାନେ ସାକଲ୍ୟ ଓ ସମିଧ କାର୍ଯ୍ୟ ସଂପାଦନ କରିଥିଲେ। ଆସନ୍ତା ୨୮ ତାରିଖ ଶନିବାର ଦଶମୀ ତିଥିରେ ପୂର୍ଣ୍ଣାହୁତି କାର୍ଯ୍ୟ ସଂପନ୍ନ ହେବ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ ସୂଚନା ମିଳିଛି ।

# ନୂଆଗାଁ ଡିଗ୍ରୀ କଲେଜ ଏନ୍‌ଏସ୍‌ଏସ୍ କ୍ୟାମ୍ପ ଉଦ୍‌ଯାପିତ

**ନୂଆଗାଁ, ୨୫।୩(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଯୁକ୍ତ ୩ ଡିଗ୍ରୀ କଲେଜ ତରଫରୁ ଜାତୀୟ ସେବା ସଂସ୍ଥା ଦ୍ୱାରା ୭ ଦିନ ଧରି ଚାଲିଥିବା ସଫେଇ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଗଠନ ସହ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ପାଇଁ ଅନେକ ଯୋଜନା କରି ବହୁ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ କଲେଜ ଛାତ୍ରୀଛାତ୍ରମାନେ ଗାଁ ଗାଁରେ କ୍ୟାମ୍ପ କରି ଲୋକଙ୍କୁ ସଚେତନ କରାଇବା ସହ ଗାଁର ବିଭିନ୍ନ ସ୍ଥାନ ସଫା ସୁତରା କରୁଛନ୍ତି। ନୂଆଗାଁ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଗୁରୁବାର ଏନ୍‌ଏସ୍‌ଏସ୍ କ୍ୟାମ୍ପର ଶୁଭାରମ୍ଭ କରାଯାଇଥିଲା। ୭ଦିନ ଧରି ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜର ପ୍ରାୟ ୫୦ ଜଣ ଛାତ୍ରୀଛାତ୍ର ଏକତ୍ରିତ ହୋଇ ରହିବା ସହ ପ୍ରତିଦିନ ସକାଳୁ ଗାଁର ବିଭିନ୍ନ ସ୍ଥାନ ସଫାସୁତରା କରୁଥିଲେ। ଗ୍ରାମବାସୀଙ୍କୁ ଏକତ୍ରିତ କରାଇ ସଡକ ସୁରକ୍ଷା, ପରିବେଶ ସୁରକ୍ଷା, ନିଶା ସେବନ କ୍ଷତିକାରକ, ବୃକ୍ଷ ରୋପଣ, ରକ୍ତଦାନ, ଜଙ୍ଗଲ ନିଆଁ ପ୍ରାଥମିକ ସ୍ୱାସ୍ଥ୍ୟ ଆଦି ଅନେକ ସଚେତନତାମୂଳକ ବାର୍ତ୍ତା ଦେଉଥିଲେ। ଉଦ୍‌ଯାପନୀ ସଭାରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ଖବରଦାତା ବିଶ୍ୱଜିତ ଖଣ୍ଡୁଆଳ, ଏନ୍‌ଏସ୍‌ଏସ୍ ୱିଙ୍ଗ ପୋଗ୍ରାମ ସଂଯୋଜିକା ଦେବକୀ ସାହୁ ଓ ଅଧ୍ୟାପକ ଦିଗମ୍ବର ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଯାପନୀ ଦିବସ ସଭାରେ ମଞ୍ଚାସୀନ ଅତିଥି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ, ଦାବିପତ୍ର ପ୍ରଦାନ


ଦାବିପତ୍ର ପ୍ରଦାନ କରାଯାଉଛି।

**ଦଶପଲ୍ଲା, ୨୫।୩ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପକ୍ଷରୁ ବୁଧବାର ଏକ ବୈଠକ ସ୍ଥାନୀୟ ପ୍ରାଥମିକ ଶିକ୍ଷକ ସଂଘ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସଂଘ ସମ୍ପାଦକ ଚରଣ ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଭାଲିଡେସନ ଆକ୍ଟ-୨୦୨୫ର ପ୍ରଭାବ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ଆକ୍ଟକୁ କାର୍ଯ୍ୟକାରୀ ନ କରିବା ପାଇଁ ସଂଘ ପକ୍ଷରୁ ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପ୍ରଦାନ ବେଳେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି, ସମ୍ପାଦକ ସମେତ ବସନ୍ତ କୁମାର ବେହେରା, ରଙ୍କନିଧି ସାହୁ, ବନମାଳୀ ପ୍ରଧାନ ଓ ଜୟଦେବ ମିଶ୍ର ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

# ପରୀକ୍ଷା ଦେଲେ ୬୨୨ ଛାତ୍ରୀଛାତ୍ର, ୪ ଅନୁପସ୍ଥିତ

**ଯୁକ୍ତ ୨ କଳା ଇଚ୍ଛାଧୀନ ପରୀକ୍ଷା ଶୃଙ୍ଖଳାର ସହ ସମ୍ପନ୍ନ**

**ଖଣ୍ଡପଡା,୨୫।୩(ଅଜୟ କୁମାର ମହାରଣା)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫେବୃୟାରୀ ୧୯ ତାରିଖ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ବୁଧବାର କଳା, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ତର୍କଶାସ୍ତ୍ର(ଲଜିକ) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଣ୍ଡପଡା ହବ୍‌କେନ୍ଦ୍ର ଅଧିନରେ ଥିବା ୫ ମହାବିଦ୍ୟାଳୟରେ ସମୁଦାୟ ୬୨୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪ ଜଣ ଅନୁପସ୍ଥିତ ଥିଲେ। ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା ହବ୍ କେନ୍ଦ୍ର ଦାୟିତ୍ୱରେ ଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କଠାରୁ ସୂଚନା ମିଳିଛି। ଯୁକ୍ତ ୨ କଳାରେ ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟରେ ୨୫୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ କେନ୍ଦ୍ରରେ ଲଜିକରେ ୯୨ ଓ ଧନ୍ଦାମୂଳକ(ଭୋକେସନାଲ)ରେ ୧୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେହିପରି ଖଣ୍ଡପଡା ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ୧୧୧ ଛାତ୍ରୀଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଭାପୁର ଆଞ୍ଚଳିକ ମହାବିଦ୍ୟାଳୟରେ ୫୩ ଜଣଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିଲେ। ସେହିପରି ପଦ୍ମାବତୀ ପ୍ରହଲ୍ଲାଦ ମହାବିଦ୍ୟାଳୟ କେନ୍ଦ୍ରରେ କଳା ବିଭାଗରେ ୮୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବା ହବ୍‌କେନ୍ଦ୍ର ଦାୟିତ୍ୱରେ ଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ରବୀନ୍ଦ୍ର ସାହୁଙ୍କଠାରୁ ପ୍ରକାଶ।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ନୟାଗଡ଼,୨୫।୩(ଲୋକନାଥ ମିଶ୍ର)**

ନୟାଗଡ଼ ପୁରୁଣା ସହରର ଦକ୍ଷିଣକାଳୀ ଖେଳପଡ଼ିଆଠାରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ - ୨୦୨୬ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଲକ୍ଷ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ଶିବିରରେ ନୟାଗଡ଼ ମଣ୍ଡଳର ୧୦ ବ୍ଲକରୁ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକୃତ ହୋଇଥିବା ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଠାରେ ମଣ୍ଡଳସ୍ତରୀୟ ଭଲିବଲ ଖେଳାଳି ଚୟନ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ଶାରୀରିକ ଶିକ୍ଷକ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଉମାକାନ୍ତ ମିଶ୍ର, ଅଶୋକ କୁମାର ପ୍ରଧାନ, ହେମନ୍ତ କୁମାର ସେଠୀ, ସରୋଜିନୀ ସାହୁ ଓ ବିଶ୍ୱରଞ୍ଜନ ସାହୁଙ୍କ ସମେତ ଅନ୍ୟାନ୍ୟ ସହଯୋଗୀମାନେ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।

# ଜଳ ସଙ୍କଟକୁ ମୁକାବିଲା ପାଇଁ ସଂରକ୍ଷଣ ଆବଶ୍ୟକ

**ଖଣ୍ଡପଡ଼ା,୨୫।୩ (ଅଜୟ କୁମାର ମହାରଣା)**

ବଣ ପାହାଡ଼ଘେରା ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଥିବା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ବର୍ଷ ତମାମ ପାନୀୟ ଜଳ ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ କରି ଆସୁଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ କିମ୍ବା ଲୋକ ପ୍ରତିନିଧିମାନେ ଆଦୌ ଧ୍ୟାନ ଦେଉ ନ ଥିବା ଜଣାପଡିଛି। ଖଣ୍ଡପଡା ଅଞ୍ଚଳ ଦେଇ ମହାନଦୀ ଓ ତା'ର ଶାଖା ନଦୀ କୁସୁମୀ, କଆଁରିଆ, ଡାହୁକା, ଲୁଣିଝରା, ଆମ୍ବନାଳ ଓ ସୁନାମୁହିଁ ଆଦି ପ୍ରବାହିତ ହେଉଛି। ଏତଦ୍ ବ୍ୟତୀତ ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ସୁନାମୁହିଁ, ମୋଡାନାଳ, କୋସକା ଓ ଗୋହିରିଆପଡା ସମେତ ଅନେକ ଛୋଟ ବଡ ଜଳଭଣ୍ଡାର ରହିଛି। ମହାନଦୀ ସମେତ ଶାଖା ନଦୀଗୁଡିକ ବର୍ଷାଋତୁ ସମୟରେ ମାତ୍ର ୨ରୁ ୩ ମାସକୁ ବାଦ ଦେଲେ ବାକି ସମୟ ଶୁଖିଲା ପଡୁଛି। ନଦୀର ଜଳଧାର ସମୟାନୁକ୍ରମେ ଶୁଖିଯିବା ସହ ବର୍ଷକୁ ବର୍ଷ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ନଦୀରୁ ଜଳସ୍ତର ଶୁଖିଯିବା ଯୋଗୁ ତଟବର୍ତ୍ତୀ ଗ୍ରାମଗୁଡିକରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେବା ସହ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ନଦୀର ଜଳଧାରଣ କ୍ଷମତା ବୃଦ୍ଧି ନିମନ୍ତେ ମହାନଦୀ ସମେତ ଶାଖାନଦୀଗୁଡିକରେ ଛୋଟ ବଡ ବ୍ୟାରେଜ ନିର୍ମାଣର ଆବଶ୍ୟକତା ଥିଲେ ହେଁ ଏଥିପ୍ରତି ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରତିବର୍ଷ ରାଜ୍ୟ ସରକାର ମାଳବନ୍ଧଗୁଡିକରେ ପଥର ପ୍ୟାକିଂ ସହ ଏହାର ଉନ୍ନତୀକରଣ ଦିଗରେ ବହୁ ଟଙ୍କା ବ୍ୟୟ କରୁଥିଲେ ହେଁ ବାସ୍ତବରେ ନଦୀ ଜଳ ସଂରକ୍ଷଣ ଦିଗରେ ଆଦୌ ଦୃଷ୍ଟି ନ ଦେବା ପରିତାପର ବିଷୟ। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ତା'ର ଶାଖା ନଦୀ ସମୂହରେ ଜଳ ସଂରକ୍ଷଣ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଗଲେ ଖଣ୍ଡପଡା ନିର୍ବାଚନମଣ୍ଡଳୀବାସୀ ବିଶେଷ ଉପକୃତ ହେବେ। ନଦୀ ଜଳ ସଂରକ୍ଷଣର ଆବଶ୍ୟକତାକୁ ଉପଲବ୍ଧି କରି ଏ ଦିଗରେ ପଦକ୍ଷେପ ଗ୍ରହଣ ଲାଗି ଜଳ ସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଜଳ ସଂରକ୍ଷଣ ପ୍ରକଳ୍ପଗୁଡିକର ପୁନରୁଦ୍ଧାର ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ସର୍ବୋପରି ଖଣ୍ଡପଡା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ନୟାଗଡ଼ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇଙ୍କୁ ପଚାରିବାରୁ ସରକାରୀସ୍ତରରେ ନିଷ୍ପତି ହୋଇ ନିର୍ଦ୍ଦେଶ ଆସିଲେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଏହାଛଡା କୁସୁମୀ ସୁନାଲଟିଠାରେ ନିର୍ମିତ ବ୍ୟାରେଜ ଇତି ମଧ୍ୟରେ ଶେଷ ହୋଇଯିବ। ଆଗାମି ଦିନରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଦଳେଇ ସୂଚନା ଦେଇଛନ୍ତି।


ମହାନଦୀ ଶୁଖିଲା ପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଓବାଦୀ ସାମ୍ରାଜ୍ୟର ପତନ

# ମୁଖ୍ୟଧାରାକୁ ଫେରିଲେ ଶୁକ୍ରୁ, ୪ ସହଯୋଗୀ



ଆତ୍ମସମର୍ପଣ କରିଥିବା ଶୁକ୍ରୁ ଏବଂ ତାଙ୍କ ୪ ସହଯୋଗୀଙ୍କୁ ପୋଲିସ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମାଜର ମୁଖ୍ୟସ୍ରୋତକୁ ସ୍ୱାଗତ କରାଯାଉଛି।

**ଫୁଲବାଣୀ,୨୫।୩(ରାକେଶ କୁମାର ରାଉତ)**

ରାଜ୍ୟ ପୋଲିସର ହିଟ୍ ଲିଷ୍ଟରେ ଥିବା ମାଓବାଦୀ ଶୁକ୍ରୁ ଗତ ମଙ୍ଗଳବାର ପୋଲିସ ଆଗରେ ଅସ୍ତ୍ର ସହ ଆତ୍ମସମର୍ପଣ କରିବା ପରେ କନ୍ଧମାଳ ଜିଲାରେ ମାଓବାଦୀ ସଙ୍ଗଠନର ପତନ ହୋଇଛି। ଅନ୍ୟ ଯେଉଁମାନେ ଅଛନ୍ତି ସେମାନେ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରନ୍ତୁ ବୋଲି ପୋଲିସ ଚେତାବନୀ ଦେଇଛି। ବୁଧବାର ଫୁଲବାଣୀ ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରୁ ଏବଂ ତାଙ୍କର ଅନ୍ୟ ୪ ସହଯୋଗୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟଧାରାରେ ସାମିଲ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରାଯାଇଛି। ଶୁକ୍ରୁଙ୍କୁ ତାଙ୍କ ମୁଣ୍ଡ ପାଇଁ ଥିବା ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଅତିରିକ୍ତ ୧୦ ଲକ୍ଷ ଏବଂ ଅସ୍ତ୍ରଶସ୍ତ୍ର ପାଇଁ ପ୍ରାୟ ୭ଲକ୍ଷ ଟଙ୍କା ମିଳିବ। ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ। ବୃତ୍ତିଗତ ତାଲିମ ପାଇଁ ପ୍ରତି ମାସରେ ୧୦ ହଜାର ଲେଖାଏ ୩ ବର୍ଷ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ଦିଆଯିବ। ସମସ୍ତଙ୍କୁ ସରକାରୀ ସ୍ୱାସ୍ଥ୍ୟ କାର୍ଡ ଏବଂ ରାଶନ ମିଳିବ। ବିବାହ ପାଇଁ ମଧ୍ୟ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ତେଣୁ ଅନ୍ୟ ମାଓବାଦୀମାନେ ତୁରନ୍ତ ଅସ୍ତ୍ର ଛାଡି ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅନୁରୋଧ କରୁଛୁ ବୋଲି ଏଡିଜି ସଞ୍ଜୀବ ପଣ୍ଡା ପ୍ରକାଶ କରିଛନ୍ତି।

କୋସା ସୋଡ଼ି ଓରଫ ଶୁକ୍ରୁ ୧୯୯୭ରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ (କେକେବିଏନ୍)ଡିଭିଜନରେ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ଓଡ଼ିଶା ଏବଂ ଛତିଶଗଡରେ ଶତାଧିକ ମାମଲା ରହିଛି। ସେହିପରି ଆତ୍ମସମର୍ପଣ କରିଥିବା ଶୁକ୍ରୁଙ୍କ ସହଯୋଗୀମାନେ ହେଲେ ଛତିଶଗଡ଼ ସୁକୁମା ଜିଲାର ସଞ୍ଜୟ ରାୱା, ବିଜାପୁର ଜିଲାର ରୋନି ପାଟାମି, କଳାହାଣ୍ଡି ଜିଲାର କୁନି ମାଝି ଓ ଦଶମତୀ ଓରଫ ଫୁଲମତୀ। ଏମାନେ ସମସ୍ତେ ସଙ୍ଗଠନରେ ରହି ବିଭିନ୍ନ ହିଂସା ଭିଆଉଥିଲେ। ପୋଲିସ ଆଗରେ ଗୋଟିଏ ଏକେ-୪୭ ରାଇଫଲ, ଗୋଟିଏ ଏସ୍‌ଏଲଆର, ୨ଟି ୩୦୩ ରାଇଫଲ, ଗୋଟିଏ ସିଙ୍ଗଲ ବନ୍ଧୁକ ସହ ବହୁ ପରିମାଣର ଗୁଳିଗୋଳା ରଖି ସମସ୍ତେ ଆତ୍ମ ସମର୍ପଣ କରିଥିଲେ। ଗତ ଡିସେମ୍ବରରେ କନ୍ଧମାଳରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଛି। ଏସ୍‌ଓଜି, ଡିଭିଏଫ, ସିଆରପିଏଫ, ବିଏସ୍‌ଏଫର ଜୋରଦାର ଅଭିଯାନ ଯୋଗୁ ମାଓବାଦୀ କୋଣଠେସା ହୋଇ ପଡିଛନ୍ତି। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ୮ରୁ ୯ ମଧ୍ୟରେ ରହିଛି। ଫୁଲବାଣୀ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଜି ଅପରେଶନ ଡ. ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ସିଆରପିଏଫ ଡିଆଇଜି ଦିଲୀପ ଅମ୍ରେଶ, ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, କନ୍ଧମାଳ ଏସ୍‌ପି ହରିଶ ବି‌ଶି, ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓବାଦୀ ଦମନ ଅପରେଶନରେ ୨୩୯ ସୁରକ୍ଷା କର୍ମୀ ଶହୀଦ

**ଫୁଲବାଣୀ,୨୫।୩ (ରାକେଶ କୁମାର ରାଉତ)**

ଓଡ଼ିଶାକୁ ମାଓବାଦୀ ମୁକ୍ତ କରିବା ପାଇଁ ଚାଲିଥିବା କୋମ୍ବିଂ ଅପରେଶନ ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚିଛି। ରାଜ୍ୟରେ ସକ୍ରିୟ ମାଓବାଦୀଙ୍କ ସଂଖ୍ୟା ୧ଅଙ୍କକୁ ଖସି ଆସିଛି। ମାଓବାଦୀ ନିପାତ ଅଭିଯାନରେ ୨୩୯ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି। ମାର୍ଚ୍ଚ ୩୧ ମାଓବାଦୀ ମୁକ୍ତ ଡେଡ୍‌ଲାଇନକୁ ଆଉ ଅଳ୍ପ ଦିନ ବାକି ଥିବାରୁ ଅନ୍ୟ ମାଓବାଦୀମାନେ ମଧ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ କରିଦିଅନ୍ତୁ ବୋଲି ମାଓବାଦୀ ନିରୋଧୀ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଟପ୍ ମାଓବାଦୀ କମାଣ୍ଡର ଶୁକ୍ରୁ ଓରଫ କଷା ସୋଡ଼ି ଏବଂ ତାଙ୍କ ୪ଜଣ ସହଯୋଗୀ କୁନି, ରୁନି, ଅନିଲା ଏବଂ ସଞ୍ଜୟ କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରିଥିବାରୁ ସେମାନଙ୍କୁ ଫୁଲ ତୋଡ଼ା ଦେଇ ବୁଧବାର ସ୍ୱାଗତ କରାଯାଇଛି।

# ପିଲାଙ୍କୁ ତରକାରିରେ ବିଷ ଦେଇ ମାରିବାକୁ ଉଦ୍ୟମ

■ଥାନାରେ ଅଭିଯୋଗ

■ଅଭିଯୁକ୍ତ ବଡ଼ବାପାଙ୍କୁ ଖୋଜୁଛି ପୋଲିସ

**ବାଲିଶଙ୍କରା,୨୫।୩(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ବନଡେଗା ପଞ୍ଚାୟତ କିଲକିଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବ୍ୟକ୍ତି ନିଜ ପୁଅ ସହ ସାନଭାଇଙ୍କ ୨ ପିଲାଙ୍କୁ ବିଷ ଦେଇ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ସୌଭାଗ୍ୟବଶତଃ ସେମାନେ ବଞ୍ଚିଯାଇଛନ୍ତି। ଗତ ୨୦ ତାରିଖରେ ଏପରି ଘଟଣା ଘଟିଥିଲେ ମଧ୍ୟ ବୁଧବାର ଏନେଇ ତଳସରା ଥାନାରେ ସାନଭାଇ ଅନିଲ ମିଞ୍ଜ୍‌ଙ୍କ ଅଭିଯୋଗ ପରେ କଥା ସାମ୍ନାକୁ ଆସିଛି। ପୋଲିସ ଏକ ମାମଲା (ନଂ.୧୮/୨୬) ରୁଜୁକରି ତନାଘନା ଚଳାଇଛି। ଅଭିଯୋଗ ପରେ ଏଭଳି କାଣ୍ଡ ଘଟାଇଥିବା ଫିଲିପ ମିଞ୍ଜ୍ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଅନିଲ, ତାଙ୍କ ସ୍ତ୍ରୀ ଲିଲିମା ମିଞ୍ଜ ଓ ଭାଉଜ ବିବିଆନା ମିଞ୍ଜ ବଡ଼ଭାଇ ଫିଲିପ୍‌ଙ୍କ ପାଖରେ ଛୁଆଙ୍କୁ ଛାଡି କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ବେଳେ ଫିଲିପ୍ ତାଙ୍କ ନିଜ ପୁଅ ସାହିଲ (୧୮) ଓ ଭାଇ ଅନିଲଙ୍କ ପୁଅ ଆଶିଷ (୧୫) ଓ ଝିଅ ଅନନ୍ୟା(୧୨)ଙ୍କ ତରକାରିରେ ବିଷ ମିଶାଇ ଖାଇବାକୁ ଦେଇଥିଲେ। ଖାଦ୍ୟ ଖାଇ ୩ ଭଉଣୀଭାଇ ଅସୁସ୍ଥ ହୋଇପଡ଼ିଥିଲେ। ଫିଲିପଙ୍କ ବଡ଼ଝିଅ ମାରିଆତା(୨୧) ମହୁଲ ସଂଗ୍ରହକରି ଘରକୁ ଫେରି ୩ ଜଣ ଅସୁସ୍ଥ ହୋଇପଡ଼ିଥିବା ଦେଖିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ମାରିଆତା ସମସ୍ତଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ବୁଧବାର ପିଲାମାନେ ସୁସ୍ଥ ହେବାପରେ ଡାକ୍ତରଖାନାରୁ ଫେରିଥିଲେ। ଏନେଇ ଅନିଲ ତଳସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# କୋମ୍ବିଂ ବେଳେ ଏସ୍‌ଓଜି ଯବାନ ଗୁରୁତର



ଆସିକା ମେଡ଼ିକାଲରେ ଗୁରୁତର ଯବାନ ସୁକାନ୍ତ ମାଝୀ।

**ଆସିକା,୨୫।୩(ସୁରେନ୍ଦ୍ର ନାଥ ସାହୁ)**

କନ୍ଧମାଳ ଜିଲା ରାଇକିଆ ଥାନା ଅଧୀନ କରଡ଼ା ଜଙ୍ଗଲରେ ମାଓବାଦୀ ଦମନ ପାଇଁ ବୁଧବାର ଅପରାହ୍ନରେ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ଜଣେ ଏସ୍‌ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁକାନ୍ତ ମାଝୀ (୨୭) ଓ ତାଙ୍କ ଘର କେନ୍ଦୁଝର ଜିଲା ହରିପୁର ଗ୍ରାମରେ ବୋଲି ଜଣାପଡିଛି। ତାଙ୍କ ଛାତିର ବାମପାର୍ଶ୍ୱରେ ଗୁଳି ବାଜିଛି। ଚିକିତ୍ସା ଲାଗି ସୁକାନ୍ତଙ୍କୁ ପ୍ରଥମେ ସୋରଡ଼ା ଓ ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ସୁକାନ୍ତ ଆହତ ହୋଇଥିବା କୁହାଯାଉଥିଲେ ମଧ୍ୟ କେଉଁ ପରିସ୍ଥିତିରେ ତାଙ୍କ ଶରୀରରେ ଗୁଳି ବାଜିଛି ତାହା ସ୍ପଷ୍ଟ ହୋଇନାହିଁ। ଆସିକା ମେଡିକାଲରେ ଭଞ୍ଜନଗର ଓ ଆସିକା ଏସ୍‌ଡିପିଓ, ବଡ଼ଗଡ଼, ସୋରଡ଼ା ଓ ଆସିକା ଥାନା ଅଧିକାରୀ ଗୁରୁତର ଯବାନଙ୍କୁ ଭେଟିଥିଲେ।

# କୋଟିଏ ଟଙ୍କାର ସୁନା ଅଳଙ୍କାର ଚୋରି ଅଭିଯୋଗ

## ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲା ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ୭ ଲାଇନରେ ରହୁଥିବା ବ୍ୟବସାୟୀ ପି. ରାଜପ୍ରଭାକର ରାଓଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଗ୍ରୀଲ ତାଲା ଭାଙ୍ଗି ସେମାନେ ଘରେ ଥିବା ୨ଟି ଆଲମିରାରୁ ପ୍ରାୟ କୋଟିଏ ଟଙ୍କାର ସୁନା ଅଳଙ୍କାର, ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ନେଇଯାଇଥିବା ଗୃହକର୍ତ୍ତା ବୁଧବାର ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୦୨/୨୬ରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି।

ରାଜ୍ ପ୍ରଭାକର ରାଓ ସପ୍ତାହେ ହେଲା ଘରେ ଏକାକୀ ରହୁଥିଲେ। ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିଲେ। ପ୍ରତିଦିନ ଭଳି ପ୍ରଭାକର ବୁଧବାର ପ୍ରାତଃଭ୍ରମଣରେ ଯାଇ ପୂର୍ବାହ୍ନ ୧୦ଟାରେ ଘରକୁ ଆସିବାରେ କେହି ତାଙ୍କ ଗ୍ରୀଲ ତାଲା ଭାଙ୍ଗି ଅନ୍ୟ ଏକ ତାଲା ପକାଇ ଚାଲିଯାଇଥିବା ଦେଖିଥିଲେ। ପ୍ରଭାକର ଉକ୍ତ ତାଲା ଭାଙ୍ଗି ଘର ଭିତରକୁ ଯିବା ପରେ ୨ଟି ଆଲମିରା ଭଙ୍ଗା ଯାଇଥିବା ଦେଖି ୧୧୨କୁ ଫୋନ କରିଥିଲେ। ପରେ ବଡବଜାର ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ଘର ଭିତରକୁ ଯାଇ ଦେଖିବାରୁ ଆଲମୀରା ଭିତରେ ଥିବା ପ୍ରାୟ ୧ କେଜିର ସୁନା ଗହଣା, ଲକ୍ଷାଧିକ ଟଙ୍କା ଗାୟବ ଥିବା ଜଣାପଡିଥିଲା। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପଚାରିବାରୁ ସେ କହିଛନ୍ତି, ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରୁଛି। ଖୁବଶୀଘ୍ର ଲୁଟେରା ଦଳକୁ ଧରାପଡ଼ିବେ ବୋଲି ଏସ୍‌ପି କହିଛନ୍ତି।



ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚାଲିଛି।

## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ଯୋଡ଼ା,୨୫।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ମୁରୁଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିଚିକଲା ଧୁବୁଲାବେଡ଼ା ଅଞ୍ଚଳର ଚିତ୍ରସେନ ନାଏକ। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ଗତ ୨୨ ତାରିଖ ଅପରାହ୍ନରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଚିତ୍ରସେନ ନାଏକଙ୍କ ସହିତ ବଡ଼ବିଲ ଷ୍ଟେଶନରୁ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ନାବାଳିକା ଚିତ୍ରସେନଙ୍କ ସହିତ ଦୀର୍ଘ ଏକ ବର୍ଷ ହେବ ସମ୍ପର୍କରେ ରଖିଥିଲେ। ଯୁବକ ଜଣକ ନାବାଳିକାଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଖବର ପରିବାର ଲୋକେ ଜାଣିବା ପରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଯୋଡ଼ା ପୋଲିସ ମାମଲା(ନଂ.୧୨୧/୨୦୨୬) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।

## ଟାଙ୍ଗୀ ଥାନାରେ ପୋଲିସ ଉପରକୁ ପଥର ମାଡ଼

**ଟାଙ୍ଗୀ,୨୫।୩(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ପରିସରରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କୁଞ୍ଜୁରି ପଞ୍ଚାୟତ ଆଡ଼ିଆପଡ଼ା ଗ୍ରାମର ବସନ୍ତ ମହାରଥୀଙ୍କ ଗିରଫ ପ୍ରତିବାଦରେ ଉକ୍ତ ଗ୍ରାମର କେତେଜଣ ମହିଳା ଥାନା ପରିସରରେ ପହଞ୍ଚି ପୋଲିସ ଉପରକୁ ଢେଲାପଥର ମାଡ଼ କରିଥିଲେ। ଫଳରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାପରେ ପୋଲିସ ଉତ୍ତ୍ୟକ୍ତ ମହିଳାଙ୍କୁ ଘଉଡ଼ାଇବାକୁ ଯାଇ ଲାଠି ଚାଳନା କରିଥିଲା। ଏଥିରେ ୧୨ଜଣ ଆହତ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ଥିବା ଜଣାପଡ଼ିଛି।


# Classified Everyday 0674-2580101, 9692975378



## REAL ESTATE

## SALE

Limited CDA and RERA (RP/07/2023/01069) Approved Plot Available Near K.V-3 & CISF Munduli with All Infrastructure Development. Contact- 7008513309. D-3746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

## LOST

ଏତଦ୍ୱାରା ମୁଁ, ଶ୍ରୀ ଅଭିରାମ ପାତ୍ର, ପିତା- ବାବାଜୀ ପାତ୍ର, ସା/ପୋ- କରଙ୍ଗାମାଳ, ଥାନା- ବୋଡେନ୍, ଜିଲ୍ଲା- ନୂଆପଡ଼ା, ବର୍ତ୍ତମାନର ଠିକଣା: ସା- କୁନ୍ଦପୁର, ପୋ- ମଦନପୁର, ଥାନା- ପଟ୍ଟାମୁଣ୍ଡାଇ ସଦର, ଜିଲ୍ଲା- କେନ୍ଦ୍ରାପଡ଼ା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଉ ଅଛି କି ଯେ ମୋ ନାମରେ ଖର୍ଦ୍ଦି କବଲା ନଂ.- ୧୦୯୭୧୯୦୦୫୨୯ ତା.୨୦।୦୫।୨୦୧୯ରିଖ ଯାହାକି ମୌଜା- ସଂସାରଫଳ, ଖାତା ନଂ.- ୬୬୭/୯୩, ପ୍ଲଟ୍ ନଂ.- ୨୦୭୦/୨୦୦୦ ଏ୦.୦୫୦ ସମ୍ପର୍କିତ, ଉକ୍ତ କବଲାଟି ମୌଜା- କୁନ୍ଦପୁର ଓ ସଂସାରଫଳ ବଜାର ମଧ୍ୟରେ ହଜି ଯାଇଅଛି ଏବଂ ଆମ୍ଭେ ତାହା ଖୋଜି ପାଉନାହୁଁ। ଉକ୍ତ କବଲାକୁ ଆମ୍ଭେ କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ନିକଟରେ ବନ୍ଧା ରଖି ଋଣ ଆଣିନାହୁଁ। ଯଦି ତାହା କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ପାଖରେ ମହଜୁଦ୍ ଥାଏ ତେବେ ଏହି ପ୍ରକାଶନର ୩୦ ଦିନ ମଧ୍ୟରେ ଆମ୍ଭେ ଆବେଦନ କରିଥିବା ସେଣ୍ଟ୍ରାଲ ବ୍ୟାଙ୍କ୍, ସାନବଡ଼ ଗୋପାଳପୁର ଶାଖା, ରାଜନଗରଙ୍କୁ ଜଣାଇବେ, ଅନ୍ୟଥା ଆମ୍ଭେ ଉକ୍ତ କବଲାର ସହିମୋହର ଦଖଲ ବନ୍ଧକ ରଖି ଋଣ ଗ୍ରହଣ କରିବୁ। ଧ-୩୭୪୨

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

I, Laxman Pradhan, R/o. At- Sarapal, P.O.- Bansajal, P.S.- Charmal, Dist.- Sambalpur, Odisha have changed my minor daughter's name from Teasty Pradhan to Tanvika Pradhan for all future purposes vide affidavit dated 20.03.2026 sworn before Sri S.K. Purohit, Notary Public, Rairakhol. I have complied with all legal requirements in this regard. D-3745

By virtue an affidavit sworn before Executive Magistrate, Dhenkanal dtd.- 19.3.2026, I, Jaykrushna Sahoo, S/o.- Late Hadibandhu Sahoo, At/P.O.- Kakudibhag, P.S.- Sadar, Dist.- Dhenkanal, PIN- 759015, Odisha declare that I have changed my minor son's name from Prakash Prasad Sahoo to Rakesh Prasad Sahoo. Henceforth, he shall be known as Rakesh Prasad Sahoo for all purposes. Jaykrushna Sahoo. D-3747

By virtue of an affidavit sworn before Notary Public, Borigumma, dated 23.02.2026, I, SONIA PANI, Address: At- K. Jhalarsing, P.O.- Khajuripada, P.S.- Serang, Dist.- Gajapati Odisha- 761214 declare that I have changed my name from SANYA PANI to SONIA PANI. Henceforth, I shall be known as SONIA PANI for all purposes. D-3743

By virtue of an affidavit sworn before Notary Public, Borigumma, dated 20.03.2026, I, CHHITA MAHALI, Address: At- Borigumma, P.O.- Borigumma, P.S.- Borigumma, Dist.- Koraput, Odisha- 764056 declare that I have changed my name from CHITA BASKE to CHHITA MAHALI. Henceforth, I shall be known as CHHITA MAHALI for all purposes. D-3744

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.- 3011, dtd.- 16.12.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନ୪ମ୍ବର,
ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୧୮୬୦/୨୦୧୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ରାମକୃଷ୍ଣ ମିଶ୍ର ........ବାଦୀ/ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ତରଫ ସେଟେଲମେଣ୍ଟ ଅଫିସର, ଯୋବ୍ରା, କଟକ ଓ ଅନ୍ୟମାନେ ........ ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-

ପ୍ରତିବାଦୀ ନଂ.୨. ସୁପ୍ରିୟା ରାଣୀ ପାତ୍ର, ପିତା- ୰ କେ. ଅରକ୍ଷିତ ପାତ୍ର, ସା- କବିସୂର୍ଯ୍ୟନଗର, ଜିଲ୍ଲା- ଗଞ୍ଜାମ, ବର୍ତ୍ତମାନ ଠିକଣା: ଘର ନ. ଯେ.ଏ.- ୩୦ମ୍ବର, ଶକ୍ତି ନଗର, ରାଉରକେଲା, ପିନ୍- ୭୬୯୦୧୪, ଓଡ଼ିଶା। ପ୍ରତିବାଦୀ ନଂ.୫- ମଙ୍ଗଳା ମାଝି, ପିତା- ୰ ମନ୍ଦୁ ମାଝି, ଠିକଣା: ସା- ପ୍ଲଟ୍ ନ୭ମ୍ବର, ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪, ଓଡ଼ିଶା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.୪୦, ମୌଜା: ପଥରଗାଡ଼ିଆ

ସାବକ: ଖାତା ନଂ.- ୨୩୭, ପ୍ଲଟ୍ ନଂ. ୬୪୫ (ଅଂଶ), କିସମ- ବଗାୟତ- ୨, ରକବା- ଏ.୩.୪୭୦ ଡେସିମିଲ ସ୍ୱଧରୁ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନଂ.- ୨୦୮୫, ପ୍ଲଟ୍ ନଂ.- ୩୧୩୬, କିସମ- ପତିତ, ରକବା- ଏ.୦.୦୮୫ ଡେସିମିଲକୁ ବର୍ଦ୍ଧିତ ମତେ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର

ଧ-୩୭୩୫

ଅପେରା ହାଲ୍‌ଚାଲ୍

## ଲକ୍ଷ୍ମୀଧର ଯାହା ଭାବୁଥିଲେ...

ଆସନ୍ତା ଯାତ୍ରା ସିଜନ ପାଇଁ ଏକ ଭିନ୍ନ ସ୍ୱାଦର ନାଟକ 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ' ପ୍ରସ୍ତୁତି ଚାଲୁ ରହିଛି। ଏଭଳି କାମରେ ଏବେ ବ୍ୟସ୍ତ ଅଛନ୍ତି ଅଧ୍ୟାପକ-କମ୍-ନାଟ୍ୟକାର ଲକ୍ଷ୍ମୀଧର ସେଠୀ। ଅନ୍ୟତମ ଆଗଧାଡ଼ିର ଅପେରା


ଲକ୍ଷ୍ମୀଧର

ସଂସ୍ଥା 'ଯାତ୍ରା ସ୍ୱର୍ଣ୍ଣମହଲ' ଦ୍ୱାରା ଏହା ପରିବେଷିତ ହେବ। ଉକ୍ତ ନାଟକର ନିର୍ଦ୍ଦେଶନା ଦେବେ ଆଗଧାଡ଼ିର ନିର୍ଦ୍ଦେଶକ ପ୍ରଦୀପ ବେହେରା। ଏ ବିଷୟରେ ବାଲିପାଟଣାସ୍ଥିତ ଶିଶୁଅନନ୍ତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ କାର୍ଯ୍ୟରତ ଲକ୍ଷ୍ମୀଧର କହନ୍ତି, ''ପିଲାଟି ଦିନରୁ ନାଟକ ରଚନା ପ୍ରତି ଆଗ୍ରହ ଥିଲା। ଅନେକ ଡ୍ରାମା ନାଟକ ଲେଖିବା ପରେ ମୋତେ ଜଲିଉଡ୍‌ରେ ସୁଯୋଗ ମିଳିଲା। ଧଉଳି ଗଣନାଟ୍ୟର 'ପୀରତି ହାଟରେ ପ୍ରେମ ମାଗଣା'ର ସଫଳତା ମୋର ନାଟ୍ୟକାର ହେବାର ନିଶାକୁ ନୂଆମୋଡ ଦେଇଥିଲା। 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ'ର କାହାଣୀ ଯେଉଁଭଳି ରହିଛି ତାହା ଦର୍ଶକଙ୍କୁ ଏକ ଭିନ୍ନ ଧରଣର ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ନାଟକରେ ସାମ୍ପ୍ରତିକ ଘଟଣାର ପ୍ରତିଫଳନ ରହିବା ଦରକାର। ନାଟକ ରଚନା ବେଳେ ମୁଁ ସବୁଦିଗ ପ୍ରତି ଦୃଷ୍ଟି ଦେଇଥାଏ। ''

ରିଲିଜ ଅପେକ୍ଷାରେ...

## ପୁୟୋଦକମ୍

ଯେତେବେଳେ ସମାଜରେ ପାପର ଭାର ଅଧିକ ହୁଏ ସେତେବେଳେ ମା' ଶାରଳା କିପରି ତାହାକୁ ଲାଘବ କରୁଛନ୍ତି ତାହା 'ପୁୟୋଦକମ୍' ଫିଲ୍ମରେ ଦେଖିବାକୁ ମିଳିବ। ଏହି ଶବ୍ଦଟି ଗରୁଡ ପୁରାଣରୁ ଉଦ୍ଧୃତ। ପାପ ବିରୋଧରେ ସବୁବେଳେ ପୁଣ୍ୟର ଜୟ ହୋଇଛି। ତେବେ ମା' ଶାରଳାଙ୍କ କୃପାରୁ ଏହା କିପରି ସମ୍ଭବ ହୋଇଛି ତାହାର ଝଲକ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ପୁୟୋଦକମ୍' ଫିଲ୍ମର ପୋଷ୍ଟର

ଚଳଚ୍ଚିତ୍ରର ଗୀତଗୁଡ଼ିକରେ କାରୁଣ୍ୟମୟ ପାରିବାରିକ ନିର୍ଯ୍ୟାତନା ଓ ମା' ଶାରଳାଙ୍କ ଘଟଯାତ୍ରାର ଆଧ୍ୟାତ୍ମିକ ଦୃଶ୍ୟ ସ୍ଥାନ ପାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଗୁନୁଗୁନ୍ ଏବଂ ରୀନା ଜେନା। ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିବ ପ୍ରସାଦ ମହାନ୍ତି। ଗୀତଗୁଡ଼ିକୁ ରଚନା କରିଛନ୍ତି ଡା. ନିର୍ମଳ ନାୟକ ଏବଂ ଡ. ପଞ୍ଚାନନ ନାୟକ। ସ୍ୱର ଦେଇଛନ୍ତି ବିପିନ ବାରିକ ଏବଂ ଗୌରବ ଆନନ୍ଦ। କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପାଣ୍ଡା, ସତ୍ୟଜିତ ପ୍ରଧାନ, ରୂପକ ପରିଡା ଓ ରାମକୃଷ୍ଣ ବେହେରା। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଗୁନଗୁନ୍, ଅଭିଷେକ ଗିରି, ଶ୍ରୀତମ ଦାସ ଏବଂ ଶୁଭ୍ରାଂଶୁ ନାୟକ ଅଭିନୟ କରିଛନ୍ତି।

## ଯେତେବେଳେ ଅବସର ମିଳେ...


ସଲମାନ୍

ବଲିଉଡ୍‌ରେ ସଲମାନ ଖାନ୍ ଓରଫ ସଲ୍ଲୁ ମିଆଁ ଏବେ ମଧ୍ୟ ଅଭିନୟ ଜାରି ରଖିଛନ୍ତି। ତାଙ୍କ ଅଭିନୀତ 'ମାତୃଭୂମି'ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ସଲମାନଙ୍କର ଏକ ଭଲ ଅଭ୍ୟାସ ରହିଛି। ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କାମ କରିବାକୁ ବସି ପଡନ୍ତି। ଏପରିକି ଶୁଟିଂ ସେଟ୍‌ରେ ଟିକେ ଫୁରସତ ମିଳିଲେ ସେ ଏଥିପ୍ରତି ଦୃଷ୍ଟି ଦେଇଥାଆନ୍ତି। ତେବେ ତାହା କ'ଣ ଜାଣିବେନି? ସଲମାନଙ୍କୁ ଅବସର ମିଳିଲେ ସେ ଚିତ୍ର ଆଙ୍କିବାକୁ ଭଲ ପାଆନ୍ତି। ''ଚିତ୍ର ଆଙ୍କିବା ମୋର ଏକ ଅଭ୍ୟାସ। ଏବେ ମଧ୍ୟ ସମୟ ମିଳିଲେ ମୁଁ ନିଜକୁ ଏଥିରେ ନିୟୋଜିତ ରଖିଥାଏ। ମୋ ମନକୁ ଯଦି କୌଣସି ନୂଆ କନସେପ୍ଟ ଆସେ ତେବେ ତାହାକୁ କିପରି ଚିତ୍ରର ରୂପ ଦେବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ।'' ତାଙ୍କର ଆଉ ଏକ ଭଲ ଅଭ୍ୟାସ ମଧ୍ୟ ରହିଛି। ନବାଗତମାନଙ୍କୁ ବଲିଉଡ୍‌ରେ ସୁଯୋଗ ଦେବା ପଛରେ ତାଙ୍କର ଅନେକ ଅବଦାନ ରହିଛି। ତା'ସହ ସେମାନେ କିପରି ଆକ୍ଟିଂ ବିଷୟରେ ଅଧିକ ଜାଣିପାରିବେ ସେ ନେଇ ନିଜ ପକ୍ଷରୁ ଯେତେ ସମ୍ଭବ ସହଯୋଗ କରିଥାଆନ୍ତି। ୧୯୯୩ରେ ତାଙ୍କୁ ଏକ ଭଲ ଅଫରଟିଏ ମିଳିଥିଲା। ଗଣେଶ ଜୈନଙ୍କ ପ୍ରଯୋଜିତ ଏବଂ ଆବାସ-ମସ୍ତାନଙ୍କ ନିର୍ଦ୍ଦେଶିତ 'ବାଜିଗର'ର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ପ୍ରଥମେ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ଶାହରୁଖ ବାଜି ମାରିନେଇଥିଲେ ଏବଂ ଫିଲ୍ମଟି ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।

## ମଡେଲିଂରୁ ଅଭିନୟ

ୟାମି ଗୌତମ ଇତିମଧ୍ୟରେ ଘର ସଂସାର କରିସାରିଛନ୍ତି। ବିଶିଷ୍ଟ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କର ଏହି ଧର୍ମପତ୍ନୀ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପ୍ରଥମେ ମଡେଲିଂ ସହ ଜଡ଼ିତ ଥିଲେ। ୨୦୧୨ରେ ତାଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ମିଳିଥିଲା, ଆଉ ତାଙ୍କର ଡେବ୍ୟୁ ଫିଲ୍ମଟିର ଟାଇଟଲ ଥିଲା 'ଭିକି ଡୋନର'। ଏଥିରେ ତାଙ୍କର ନାୟକ ସାଜିଥିଲେ ଆୟୁଷ୍ମାନ ଖୁରାନା। ମାତ୍ର ଚାରିକୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମଟିର ବକ୍ସ ଅଫିସରେ ୬୮କୋଟି ଆୟ କରିବାରେ ସଫଳ ହୋଇଥିଲା। କିନ୍ତୁ ୨୦୧୦ରେ ସେ ପ୍ରଥମେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। 'ଉଲ୍ଲାସ ଉତ୍ସାହ' ଟାଇଟଲବିଶିଷ୍ଟ ଏକ କନ୍ନଡ ଫିଲ୍ମ ତାଙ୍କୁ ଏହି ସୁଯୋଗ ଦେଇଥିଲା। ଗତ ବର୍ଷ ତାଙ୍କ ଅଭିନୀତ 'ହକ୍' ବେଶ୍ ଦର୍ଶକାଦୃତ ହୋଇଥିଲା। ନିକଟରେ ରିଲିଜ ହୋଇଥିବା ତଥା ତାଙ୍କ ସ୍ୱାମୀ ଆଦିତ୍ୟଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଧୁରନ୍ଧର-ଦ ରିଭେଞ୍ଜ'ରେ ୟାମି ଏକ କେମିଓ ରୋଲ୍‌ରେ ଅଭିନୟ କରିଛନ୍ତି। ନିଜ କ୍ୟାରିୟର ବିଷୟରେ ୟାମି କହନ୍ତି, ''ମୋ ବାପା ମୁକେଶ ଗୌତମ ଜଣେ ନିର୍ଦ୍ଦେଶକ। ତେଣୁ ଜଣେ ଅଭିନେତ୍ରୀ ହେବାର ଆଶା ମୋର ପିଲାଟି ଦିନରୁ ଥିଲା। ପୁଣି ଏପରି ସଂଯୋଗ ଜଣେ ନିର୍ଦ୍ଦେଶକଙ୍କ ସହ ମୁଁ ମଧ୍ୟ ଘର ସଂସାର କରିଛି।''


ୟାମି

## ଦୋଛକିରେ ପୂଜା

ପୂଜା ହେଗଡେ ଏବେ ଦୋଛକିରେ ପଡିଛନ୍ତି। ଗୋଟିଏ ବିଷୟରେ ନେଇ ସେ କି ନିଷ୍ପତ୍ତି ନେବେ ତାହା ଜାଣିପାରୁନାହାନ୍ତି। କଥା କ'ଣ କି ପୂଜାଙ୍କୁ ନିକଟରେ ଏକ ନୂଆ ଅଫର ମିଳିଛି। ଏଥିରେ ତାଙ୍କୁ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ତେବେ ଏନେଇ ସେ ଟିକେ ଦ୍ୱନ୍ଦ୍ୱରେ ପଡିଛନ୍ତି। କାରଣ ତାଙ୍କୁ ଏ ବିଷୟରେ ଶୀଘ୍ର ପ୍ରାକ୍-ପ୍ରସ୍ତୁତି ହେବାକୁ ପଡିବ। ''ମୋତେ ନିକଟରେ ଏକ ଭଲ ଅଫର ମିଳିଛି। ଏଥିରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ହେବ। ସେ ନେଇ ମୁଁ ଟେନ୍‌ସନ୍‌ରେ ଅଛି। ଏହି ନୂଆ ପ୍ରୋଜେକ୍ଟରେ ମୋତେ ଘୋଡା ଉପରେ ବସି ଫାଇଟ୍ କରିବାକୁ ପଡିବ। ହେଲେ ଅସଲ କଥା ହେଲା ଘୋଡା ଚଢ଼ିବାକୁ ମୋତେ ଟିକେ ଡର ଲାଗେ। କାରଣ ପିଲାଦିନେ ମୁଁ ଏକଦା ଘୋଡା ଉପରେ ବସୁ ବସୁ ପଡିଯାଇଥିଲି। ସୌଭାଗ୍ୟ ବଶତଃ ମୋର କିଛି କ୍ଷତି ହୋଇ ନ ଥିଲା। ତେଣୁ ବର୍ତ୍ତମାନ ମୋର ବଡ ଟେନସନ ହେଉଛି ଘୋଡା ଚଢ଼ିବା। କିନ୍ତୁ ଆଶା ରଖିଛି ଦୃଢ଼ ମନରେ ଘୋଡା ଚଢ଼ି ଶଟ୍‌ଟି ଦେବି। ଏ ନେଇ ମୋତେ ଟିକେ ଅଭ୍ୟାସ କରିବାକୁ ପଡିବ। ଏ କ୍ଷେତ୍ରରେ ସବୁ ପ୍ରକାର ସହଯୋଗ କରିବାକୁ ଆମର ଆକ୍ସନ ମାଷ୍ଟର ମୋତେ କହିଛନ୍ତି।'' ତେବେ ପୂଜାଙ୍କର ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। କେବଳ ସେତିକି ନୁହେଁ, ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆସନ୍ତା ସପ୍ତାହରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ପୂଜା

## ଗୋଟିଏ ଫୁଲ କୋଟିଏ କଥା

ଫୁଲ ଭିତରେ ମଧ୍ୟ ଅନେକ କଥା ଲୁଚି ରହିଛି। ପୁଣି ସେହି କଥାଗୁଡିକ ସାମାଜିକ ବାର୍ତ୍ତା ବହନ କରିଥାଏ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଦ୍ୱିଭାଷୀ (ଓଡ଼ିଆ-ଇଂଲିଶ) କ୍ଷୁଦ୍ର ଚଳଚ୍ଚିତ୍ର 'ଗୋଟିଏ ଫୁଲ କୋଟିଏ କଥା'। ଓଡ଼ିଆ ସିନେମା ଜଗତର ବରିଷ୍ଠ କ୍ରିଟିକ ଦିଲୀପ ହାଲି ଏହାର ପ୍ରଯୋଜନା କରିଛନ୍ତି। ଖାସ୍ କଥା ହେଲା ଚିତ୍ରଟି ନିକଟରେ ଷଷ୍ଠ ଶ୍ରୀଲଙ୍କା ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବର କେତେକ କାଟେଗୋରିରେ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଫିଲ୍ମଟିକୁ ଶ୍ରେଷ୍ଠ ପ୍ରଯୋଜକ, ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ କାହାଣୀ, ଚିତ୍ରନାଟ୍ୟ ବିଭାଗରେ ପୁରସ୍କାର ମିଳିଛି। ଫିଲ୍ମ ବିଷୟରେ ଦିଲୀପ କହନ୍ତି, ''ଏଭଳି ଏକ କଥାବସ୍ତୁକୁ ନେଇ ଶର୍ଟ ଫିଲ୍ମଟିଏ ନିର୍ମାଣ କରିବାକୁ ଚିନ୍ତା କଲି। ତା'ପରେ ତାହାକୁ କିପରି ଠିକ୍ ଭାବରେ


ରାଜଗୋପାଳ ସିଂ


ଦିଲୀପ ହାଲି

ଦୃଶ୍ୟାୟନ କରାଯାଇପାରିବ ସେ ବିଷୟରେ ଏହାର ନିର୍ଦ୍ଦେଶକ ଏବଂ ସିନେମାଟୋଗ୍ରାଫର ରାଜଗୋପାଳ ସିଂ (ମଣ୍ଟୁ ଦା')ଙ୍କ ସହ ଆଲୋଚନା କଲି। ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଫିଲ୍ମଟି ନିଶ୍ଚୟ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କାର ହାସଲ କରିବ। ଯାହାହେଉ ଏହା ସତରେ ପରିଣତ ହୋଇଛି। ଏହି ଫିଲ୍ମରେ ସାମ୍ପ୍ରତିକ ସମାଜ ପାଇଁ ଅନେକ ବାର୍ତ୍ତା ରହିଛି। '' ଏହି ଶର୍ଟ ଫିଲ୍ମର ଅବଧି ରହିଛି ମାତ୍ର ୧୦ ମିନିଟ୍। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ସ୍ୱରକାର ବିକାଶ ଦାସ । ଦିଲୀପ ହାଲିଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା କରିଛନ୍ତି ଶୁଭେନ୍ଦୁ ମହାନ୍ତି। ଏହାର ବ୍ୟାକ୍‌ରାଉଣ୍ଡ ଭଏସ ଇଂଲିଶରେ ସୁଲଗ୍ନା ଦେଇଥିବା ବେଳେ ଓଡ଼ିଆ ଦାୟିତ୍ୱ ତୁଲାଇଛନ୍ତି ସରିତା ସାହୁ। ସୂଚନାଯୋଗ୍ୟ ଏହି ଫିଲ୍ମଟି ମଧ୍ୟ ଗୋଆ ଏବଂ କେରଳରେ ଆୟୋଜିତ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପୁରସ୍କୃତ ହୋଇଛି।

## ବ୍ୟସ୍ତ ଅଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ବ୍ୟସ୍ତ ଅଛନ୍ତି। କେହି କେହି ହୁଏତ ଭାବୁଥିବେ ଯେ, ସେ କୌଣସି ସିନେମାର ଶୁଟିଂକୁ ନେଇ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଏବେ ସେ ନିଜକୁ ଏକ ନୂଆ କାମରେ ନିୟୋଜିତ ରଖିଛନ୍ତି। ତାହା ହେଲା କାହାଣୀ ଖୋଜିବା। ଶୁଣିବାକୁ ମିଳୁଛି ଯେ ବଲିଉଡ୍‌ର ଏକ ବଡ ବ୍ୟାନର ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତା'ସହ ସେ ଏହାର ଲିଡ୍ ରୋଲ୍‌ରେ ମଧ୍ୟ ଅଭିନୟ କରିବେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଏକଥା ସତ ଯେ ମୁଁ ଏବେ ଏକ କାହାଣୀ ସନ୍ଧାନରେ ରହିଛି। ଅସଲ କଥା ହେଲା, ବର୍ତ୍ତମାନ ସମାଜରେ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏଥିରେ ଜଣେ ମହିଳାଙ୍କର ଭୂମିକା କ'ଣ ରହୁଛି ତାହା କଥାବସ୍ତୁର ମୁଖ୍ୟ ପ୍ରସଙ୍ଗ ରହିବ। ତେବେ ସେଭଳି ବିଷୟକୁ ନେଇ କାହାଣୀଟିଏ ଖୋଜୁଛି। ଆଶା ରଖିଛି ମୋର ଏହି ମିଶନ ଖୁବ୍ ଶୀଘ୍ର ଶେଷ ହେବ। ହେଲେ ଏ ବିଷୟରେ ସବିଶେଷ କଥା ଜାଣିବାକୁ ଆଉ କିଛି ସପ୍ତାହ ଅପେକ୍ଷା କରିବାକୁ ପଡିବ। ଏହାକୁ ନେଇ ଏଣୁତେଣୁ ଅନେକ କଥା ଆଲୋଚନା ହେଉଛି। ହେଲେ ତା'ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ଏହା ସିନେମାର ରୂପ ନେଲେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିବି।'' ତେବେ ପ୍ରିୟଙ୍କା କିପରି କାହାଣୀଟିଏ ଚୟନ କରୁଛନ୍ତି ଆଉ ତାହା ସିନେମାର ରୂପ ନେବା ପରେ ଦର୍ଶକ କେତେ ପ୍ରଭାବିତ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା

ଧରିତ୍ରୀ DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ Bhubaneswar, Thursday, March 26/ 2026









ମହିଳା ହାଇଜମ୍ପ ଇଭେଣ୍ଟର ପଦକ ବିଜେତା।



ମହିଳା ୪୦୦ ମିଟର ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ବିଜେତା ଓଡ଼ିଶାର ସୁଖୀ ବାସ୍କି (ବାମରୁ ତୃତୀୟ)।

## ମହିଳା ୪୦୦ ମି.: ସୁଖୀଙ୍କୁ ରୌପ୍ୟ

ଓଡ଼ିଶାର ସୁଖୀ ବାସ୍କି ମହିଳା ୪୦୦ ମି. ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ସେ ୫୫.୬୭ ସେ. ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉତ୍ତର ପ୍ରଦେଶର କୁମାରୀ ସଲୋନି ଏନ୍(୫୩.୭୩ ସେ.) ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ୪୦୦ ମି. ଦୌଡ଼ରେ ଆର୍ଯ୍ୟନ ଏକ୍କା (୪୯.୮୫) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ୨୦ ବର୍ଷରୁ କମ୍ ମହିଳା ୪୦୦ ମି. ଇଭେଣ୍ଟରେ ଅର୍ପିତା ପ୍ରିୟଦର୍ଶିନୀ (୧:୦୦.୪୮ ସେ.) ରୌପ୍ୟ ପଦକ ହାତେଇଛନ୍ତି।

## ସ୍ୱାଧୀନଙ୍କୁ ହାଇଜମ୍ପ୍ ଟାଇଟଲ

ପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଓଡ଼ିଶାର ସ୍ୱାଧୀନ କୁମାର ମାଝୀ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ପୁରୁଷ ହାଇଜମ୍ପ୍ ଇଭେଣ୍ଟରେ ୨.୧୮ ମି. ଉଚ୍ଚତା କ୍ଲିୟର କରିଥିଲେ। ୨.୨୦ ମି. ଉଚ୍ଚତା କ୍ଲିୟର କରିବାରେ ବିଫଳ ହେବା ସତ୍ତ୍ୱେ ସେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଫେଭରାଇଟ ସର୍ଭେଶ କୁଶାରେ(୨.୧୫ ମି.) ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

# ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଉଦ୍‌ଯାପିତ

**ଭୁବନେଶ୍ୱର,୨୫।୩ (ଅନାଦି କର)**

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଅନ୍ତିମ ଦିନରେ ଓଡ଼ିଶାର ଆଥଲେଟ୍‌ମାନେ ୨ ସ୍ୱର୍ଣ୍ଣ ଓ ୫ ରୌପ୍ୟ ସହ ମୋଟ ୯ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୫ରେ ପହଞ୍ଚିଛି। ପଦକ ତାଲିକାରେ ୪ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୩ ବ୍ରୋଞ୍ଜ ରହିଛି। ପ୍ରତିଯୋଗିତାରେ ମୋଟ ୩୬ ଇଭେଣ୍ଟରେ ୨୭୮ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୧୩ ମହିଳାଙ୍କ ସମେତ ୩୩ ଆଥଲେଟ୍ ଭାଗ ନେଇଥିଲେ।



୪୦୦ ମିଟର ଦୌଡ଼ ବିଜେତା ମହମ୍ମଦ ସିନାନ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ସମରକଳା ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାର୍ଲ୍ଡ ଆଥଲେଟିକ୍ସ ଉପ ସଭାପତି ଆଡିଲ ସୁମାରିୱାଲା, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଷ ଟ୍ରିପଲ ଜମ୍ପ୍: ନରେଶଙ୍କୁ ବ୍ରୋଞ୍ଜ୍

ଚଳିତ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପ୍ ଇଭେଣ୍ଟରେ ଓଡ଼ିଶାର ନରେଶ ରୋହିଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ବୁଧବାର ଅନୁଷ୍ଠିତ ଫାଇନାଲରେ ୧୩.୯୨ ମିଟର ଦୂରତା ହାସଲକରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ନେଭିର ବିମଲ ମୁକେଶ ଥାମିଝ ୧୫.୪୧ ମି. ଦୂରତା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତାମିଲନାଡୁର ରବିନସନ ଏସ୍ (୧୪.୬୭ ମି.) ରୌପ୍ୟ ପଦକ ଅକ୍ତିଆର କରିଥିଲେ।



ପୁରୁଷ ଟ୍ରିପଲ ଜମ୍ପ୍‌ରେ ବ୍ରୋଞ୍ଜ ପଦକ ପାଇଥିବା ଓଡ଼ିଶାର ନରେଶ ରୋହିଦାସ (ବାମରୁ ତୃତୀୟ)।

## ୨୦ ବର୍ଷରୁ କମ୍ ୩୦୦୦ ମି: ସ୍ୱର୍ଣ୍ଣ ଜିତିଲେ ଦୋଳମଣି

ଓଡ଼ିଶାର ଦୋଳମଣି ଚିରଗୁନ ୨୦ ବର୍ଷରୁ କମ୍ ପୁରୁଷ ୩୦୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଏହି ଇଭେଣ୍ଟକୁ ୮:୩୯.୧୩ ସେ. ଟାଇମିଂ ସହ ଫିନିଶ୍ କରି ପୋଡିୟମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ କେରଳର ବିଟୋ ଯୋଶେଫ୍(୮:୪୦.୩୨ ସେ.) ରୌପ୍ୟ ପଦକ ଜିତିଛନ୍ତି।

## ନିରାଶ କଲେ ଅନିମେଶ, ଲାଲୁଙ୍କୁ ରେକର୍ଡ ସହ ରୌପ୍ୟ

**ପୁରୁଷ ୬୦ ମି. ଫାଇନାଲରେ ହାଇଡ୍ରାମା**

ଜାତୀୟ ଇନଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୁରୁଷ ୬୦ ମିଟର ଦୌଡ଼ ଇଭେଣ୍ଟ ଫାଇନାଲରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ହୁଟର ବାଜିବା ପୂର୍ବରୁ ଦୌଡ଼ିବା ପାଇଁ ୩ ଧାବକଙ୍କୁ ଡିସକ୍ୱାଲିଫାଏ କରାଯାଇଥିଲା। ଡିସକ୍ୱାଲିଫାଏ ହୋଇଥିବା ଧାବକଙ୍କ ମଧ୍ୟରେ ଜାତୀୟ ରେକର୍ଡଧାରୀ ତଥା ହୋମ ଫେଭରାଇଟ୍ ଅନିମେଶ କୁଜୁର ମଧ୍ୟ ରହିଥିଲେ। ୩ ଧାବକ ଡିସକ୍ୱାଲିଫାଏ ହେବାରୁ ୩ ପଦକ ଲାଗି ୪ ଧାବକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଓଡ଼ିଶାର ଲାଲୁ ପ୍ରସାଦ ୬.୬୫ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଥିବା ବେଳେ ରିଲାଏନ୍ସର ଗୁରିନ୍ଦରବୀର ସିଂ (୬.୬୦ ସେ.) ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଦୁହେଁ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ପୂର୍ବରୁ ଏହି ରେକର୍ଡ କାଜଲ ହିରାବାଇ (୬.୬୭ ସେ.)ଙ୍କ ନାମରେ ଥିଲା।

**୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼**

## ଓଡ଼ିଶାକୁ ସ୍ୱର୍ଣ୍ଣ ସହ ଦୁଇ ପଦକ

ଚଳିତ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ତଥା ବୁଧବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ ଇଭେଣ୍ଟରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଓଡ଼ିଶାର ମଳୟ ବାରିକ ସ୍ୱର୍ଣ୍ଣ ଓ ବାପି ହାଂସ୍‌ଦା ବ୍ରୋଞ୍ଜ୍ ପଦକ ଅକ୍ତିଆର କରିଛନ୍ତି। ମଳୟ ୪୮.୯୮ ସେକେଣ୍ଡ ଟାଇମିଂ ସହ ପୋଡିୟମରେ ଶୀର୍ଷରେ ରହିଥିବା ବେଳେ ବାପି ୪୯.୨୭ ସେ.ରେ ରେସ୍ ଶେଷକରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଏହା ବାପିଙ୍କ ଲାଗି କୌଣସି ଜାତୀୟସ୍ତରର ଇଭେଣ୍ଟରେ ପ୍ରଥମ ପଦକ। ଏହାପରେ ସେ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ରେ ୪୯.୨୭ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଛନ୍ତି।

# ଏଲ୍‌ଏଲ୍‌ସିସି ବିଜୟୀ

**ଭୁବନେଶ୍ୱର,୨୫।୩(ଅନାଦି କର)**

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଏଲ୍‌ଏଲ୍‌ସିସି ୨୧ ରନ୍‌ରେ ସୋଲାର କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ୩୫ ଓଭରରେ ୧୯୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପାଇଁ ପୁପୁନ ବେହେରା ୬୪ ଓ ରୋହିତ ବିଭାର ୫୦ ରନ୍ କରିଥିଲେ। ବୋଲିଂରେ ବୀରଭଦ୍ର ସାହୁ ୪ ଓ ଆକାଶ ଟୁଡୁ ୨ ଉଇକେଟ ନେଇଥିଲେ। ଜବାବରେ ସୋଲାର କ୍ରିକେଟ କ୍ଲବ୍ ୩୧.୨ ଓଭରରେ ୧୭୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ରାଉତ ୪୦ ଓ ଶାଶ୍ୱର ଗିରି ୩୨ ରନ୍ କରିଥିଲେ। ବିଜୟୀ ଦଳ ପାଇଁ ଆର୍ଯ୍ୟନ ପାଇଶାଣୀ ଓ ମୋହିତ ପଙ୍କଜ ସାହୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ ପାଇଁ ମୋହିତ ପଙ୍କଜ ସାହୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।



ପ୍ଲେୟର ଅଫ୍ ଦି ମ୍ୟାଚ୍ ମୋହିତ ପଙ୍କଜ ସାହୁଙ୍କୁ ପୁରସ୍କୃତ କରାଯାଉଛି।

## ଭାରତ କ୍ୟାମ୍ପ୍‌ରେ ନେପାଳ ଡିଫେଣ୍ଡର ଅବନୀତ

**ନୂଆଦିଲ୍ଲୀ, ୨୫।୩ (ପି.ଟି.):** ହଂକଂ ବିପକ୍ଷ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର ପୂର୍ବରୁ କୋଚିଠାରେ ଭାରତୀୟ ସିନିୟର ପୁରୁଷ ଫୁଟ୍‌ବଲ ଦଳର ଏକ କୋଚିଂ କ୍ୟାମ୍ପ୍ ଆୟୋଜନ କରାଯାଇଛି। ଏଥିରେ ନେପାଳଜନ୍ମିତ ଡିଫେଣ୍ଡର ଅବନୀତ ଭାରତୀ ଯୋଗଦାନ କରିଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ବୁଧବାର ସୂଚନା ଦିଆଯାଇଛି। ର୍ୟାନ୍ ୱିଲିୟମ୍ସଙ୍କୁ ଦଳରେ ସାମିଲ କରିବାର ଦିନକ ପରେ ଏକଥା ନଜରକୁ ଆସିଛି। ବର୍ତ୍ତମାନ ପ୍ରଥମଥର ଭାରତୀୟ ଦଳରେ ଦୁଇ ବିଦେଶଭିତ୍ତିକ ଖେଳାଳି ସ୍ଥାନ ପାଇଛନ୍ତି। ୨୭ ବର୍ଷୀୟ ଡିଫେଣ୍ଡର ଅବନୀତ ଏବଂ ୩୨ ବର୍ଷୀୟ ୱିଙ୍ଗର ୱିଲିୟମ୍ସ ନିକଟରେ ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଫିଫା କ୍ଲିୟରାନ୍ସ ହାସଲରେ ବିଳମ୍ବ ଯୋଗୁ ୱିଲିୟମ୍ସ ବାଂଲାଦେଶ ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ବେଙ୍ଗାଲୁରୁ ଏଫ୍‌ସିର ଏହି ଖେଳାଳି ମାର୍ଚ୍ଚ ୩୧ରେ ହଂକଂ ବିପକ୍ଷରେ ଭାରତ ତରଫରୁ ତାଙ୍କର ପ୍ରଥମ ପଦାର୍ପଣ ମ୍ୟାଚ୍ ଖେଳିବେ। ମାତ୍ର ସାଉଦି ଆରବରେ ହେବାକୁଥିବା ୨୦୨୭ ଏଫ୍‌ସି ଏସିଆନ୍ କପ୍ ଦୌଡ଼ରୁ ଭାରତ ବାଦ୍ ପଡ଼ିସାରିଛି।

# ନିଶାନ୍ତଙ୍କ ଶତକ; ରୟାଲ କ୍ଲବ୍ ବିଜୟୀ

**କଟକ,୨୫।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ କ୍ଲବ ଲିଗ୍‌ରେ ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରୟାଲ କ୍ଲବ ୮ ଉଇକେଟରେ ମଙ୍ଗଳା କ୍ଲବକୁ ପରାସ୍ତ କରିଛି। ଟସ୍ ହାରିଥିବା ମଙ୍ଗଳା କ୍ଲବ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିଲା। ଗୁରୁଦୀପନ ଜେନାଙ୍କ ୬୦ ରନ୍ ସହାୟତାରେ ଦଳ ସମସ୍ତ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ରୟାଲ ପକ୍ଷରୁ ଶାନ୍ତନୁ ମିଶ୍ର ସର୍ବାଧିକ ୩ ଉଇକେଟ ଦଖଲ କରିଥିଲେ। ତେବେ ୨୩.୩ ଓଭରରେ ୨ ଉଇକେଟ ହରାଇ ରୟାଲ କ୍ଲବ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ନିଶାନ୍ତ କୁଶ୍‌ୱା ୫୯ ବଲ୍‌ରୁ ୧୪୪ ରନ୍‌ର ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ୍ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶାନ୍ତନୁ ୫୦ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୯ ଉଇକେଟରେ ରାଇଜିଂ ଷ୍ଟାର୍‌କୁ ପରାସ୍ତ କରିଥିଲା। ରାଇଜିଂ ଷ୍ଟାର୍‌ର ଇନିଂସ୍ ୧୪୭ ରନ୍‌ରେ ସୀମିତ ରହିଥିଲା। ଜୁଭେନାଇଲ ପକ୍ଷରୁ ତରଣୀ ସ' ଏବଂ ସୁମିତ ଶର୍ମା ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ରାକେଶ ପଟ୍ଟନାୟକ ୩୬ ବଲ୍‌ରୁ ୮୯ ରନ୍ ସଂଗ୍ରହକରି ଜୁଭେନାଇଲକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ବାରବାଟୀ କଲ୍‌ଚରାଲ ୟୁନିୟନ ୮ ଉଇକେଟରେ ଟାଉନ କ୍ଲବ୍‌କୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ କ୍ଲବ ୧୭୬ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁଭମ୍ ସାସ୍‌ମଲ ସର୍ବାଧିକ ୪୯ ରନ୍ କରିଥିଲେ। ବାରବାଟୀ କଲ୍‌ଚରାଲ ୟୁନିୟନ୍‌ର ଅନିରୁଦ୍ଧ ଶ୍ରୀବାସ୍ତବ ୨୨ ରନ୍ ବ୍ୟୟକରି ୫ଟି ଉଇକେଟ ଅକ୍ତିଆର କରିଥିଲେ। ମରୋଜୁ ପ୍ରଶାନ୍ତ(୩୭ ବଲ୍‌ରୁ ୮୭ ରନ୍) ଏବଂ ଜସ୍‌ମିତ ନୈନ(୨୦ବଲ୍, ୫୮ ରନ୍) ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ୧୨.୫ ଓଭରରେ ବାରବାଟୀ କଲ୍‌ଚରାଲ ୟୁନିୟନ୍‌କୁ ଜିତାଇଥିଲେ। ୫ ଉଇକେଟ ସଫଳତା ପାଇଥିବା ଅନିରୁଦ୍ଧ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ବୁଧବାର ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୬ ଉଇକେଟରେ କିଶୋର କ୍ଲବ୍‌କୁ ହରାଇ ଦେଇଛି।

**ଓସିଏ କ୍ଲବ ଲିଗ୍**




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୁମିତ କୁମାରଙ୍କୁ ପୁରସ୍କୃତ କରାଯାଉଛି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ